Split by PDF Splitter



# INCOME TAX

## FORM M.

GENERAL NOTICE UNDER SECTION 18, SUB-SECTION 1, CLAUSE (b).

( RULE 19. )

The public are hereby informed that Act II of 1886, an Act for imposing a tax on income derived from sources other than agriculture, continues in operation during the year 19 19 , and that all incomes derived from sources other than agriculture will be liable to taxation. Every person chargeable under Part IV of the second schedule of the Act is invited to deliver, or cause to be delivered to the Collector, on or before the a return in form IIB below, giving details of his income according to the instructions on the return.

The form of return can be obtained free of cost at the Collector's office.

B. K RAHA
Collector.

## FORM IIB

*Return under section 18, sub-section (1), clauses (b) and (c) of income accruing and arising in British India.*

( RULE 19. )

| 1 | 2 | 3 | 4 | 5 | 6 | 7 |
|---|---|---|---|---|---|---|
| Name | Number of municipal premises and name of street in which the residence or place of business is situated. | Sources of income chargeable under Part IV. | Amount of income. | Period during which the income has actually accrued. | Name of sharers (if any) in the income in column 4, with specification of their shares. | REMARKS |
| | | | | | | |

I ______ declare that the income shown in the return is truly estimated on all the sources mentioned, that it has actually accrued within the period stated, and that I have no other sources of income.

Signature________

---

## M ଫାରମ ।

ଆଇନର ୧୮ ଧାରାର ୧ ପ୍ରକରଣର (ଖ) ଦଫାନୁସାରେ ସାଧାରଣ ନୋଟିସ ।

( ରୁଲ୍‌ର ୧୯ ଧାରା )

ସାଧାରଣଙ୍କୁ ଏତଦ୍ୱାରା ଏହି ସମ୍ବାଦ ଦିଆଯାଉଅଛି ଯେ କୃଷି ଛଡ଼ା ଅନ୍ୟ ଉପାୟରେ ଯେଉଁ ଆୟ ହୁଏ ତହିଁ ଉପରେ କରର ନିର୍ଦ୍ଧାରଣାର୍ଥ ୧୮୮୬ ସାଲର ୨ ଆଇନ ୧୯୦୯-୧୦ ସାଲ ମଧ୍ୟରେ ପ୍ରଚଳିତ ରହିବ ଏବଂ କୃଷି ଛଡ଼ା ଅନ୍ୟ ଉପାୟରେ ଯେଉଁ ସବୁ ଆୟ ହେବ ତାହା କର ଯୋଗ୍ୟ ହେବ । ଆଇନର ୪ର୍ଥ ଭାଗ ଅନୁସାରେ କରଯୋଗ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରତି ଅନୁରୋଧ ଏହି ଯେ ସେ ଏପ୍ରେଲ ମାସ ୧ ତାରିଖରେ ବା ତହିଁ ପୂର୍ବେ ନିମ୍ନଲିଖିତ ୨B ଚିହ୍ନିତ ଫାରମରେ ଫର୍ଦ୍ଦ ରିଟର୍ଣ୍ଣରେ ସେହି ରିଟର୍ଣ୍ଣ ଲିଖିତ ଆଦେଶାନୁଯାୟୀ ଆପଣା ଆୟର ସବିଶେଷ ବୃତ୍ତାନ୍ତ ଲେଖି ତାହା କଲେକ୍ଟର ସାହେବଙ୍କ ନିକଟରେ ଅର୍ପଣ କରିବେ ବା କରାଇବେ ।

ରିଟର୍ଣ୍ଣର ଫାରମ ବିନାଶୁଲ୍କରେ କଲେକ୍ଟରଙ୍କ ଅଫିସରେ ମିଳି ପାରିବ ।

B. K. RAHA
*Collector.*

---


# ବିଜ୍ଞାପନ ।

୬ ଅ ନିଅ ସ୍ୱରଗଲ୍ପ ପଢ଼ି ଦେଖ ମଜା

ନୂତନ ପୁସ୍ତକ ।

| | |
|---|---|
| ( ୧ ) ଦଶଙ୍କ ଭାଗ | ଟ ୦ ।୬ |
| ( ୨ ) ସ୍ୱାମୀପ୍ରାପ୍ତି | ଟ ୦ ୧୬ |
| ( ୩ ) ବୁଢ଼ୀ ମା | ଟ ୦ ୧୬ |
| ( ୪ ) କେଉଁଠିକୁ | ଟ ୦ ୧୬ |
| ( ୫ ) ଦୁଇବାର ସ୍ୱାମୀପ୍ରାପ୍ତି | ଟ ୦ ୧୬ |
| ( ୬ ) ବୋହୁ ଗୋ | ଟ ୦ ୧୬ |
| ( ୭ ) ମହାପାତ୍ରଙ୍କ ବ-ହଠ | ଟ ୦ ୧୬ |
| ( ୮ ) ପଦ୍ମପାତ୍ରଙ୍କ ମିଳନ | ଟ ୦ ୧୬ |
| ( ୯ ) ଅମୂଲ୍ୟଧନ | ଟ ୦ ୧୬ |
| ( ୧୦ ) ଚପଳା ବୋହୂଣୀ | ଟ ୦ ୧୬ |
| ( ୧୧ ) ବୋହୂଣୀ | ଟ ୦ ୧୬ |

ଗଳ୍ପ ଓ ପଦ୍ୟ, ଅତି ସୁନ୍ଦର ଖାଣ୍ଟି ଓଡ଼ିଆ ଗ୍ରାମ୍ୟ ଭାଷା କୌତୁକ ରହସ୍ୟ ପ୍ରତି ଛନ୍ଦରେ ପୂର୍ଣ୍ଣ । ପଢ଼ି ବସିଲେ ବହି ଶେଷ ନ କରି ଛାଡ଼ି ପାରିବ ନାହିଁ ।

ପ୍ରାପ୍ତି ସ୍ଥାନ କଟକ ପ୍ରିଣ୍ଟିଂକମ୍ପାନୀ ।

# ନୂତନପୁସ୍ତକ ।

| | |
|---|---|
| ସୁଲକ୍ଷଣା | ଟ ୦ ୩ |
| ଜ୍ୟୋତିଷ୍କଗୀତା | ଟ ୦ ୵ |
| ସମ୍ପାଦ୍ୟଗୀତ ନୂତନ ସଂସ୍କରଣ | ଟ ୦ ।⁄ |
| ଦୋରେଖମ୍ପାଙ୍ଗ | ଟ ୦ । |
| ରାମାୟଣ ( ସୁନ୍ଦରକାଣ୍ଡ ) | ଟ ୦ ⁄ |
| ,, ଅଯୋଧ୍ୟାକାଣ୍ଡ | ଟ ୦ ⁄ |
| କଥାଲହରୀ | ଟ ୦ ୩ |
| ନୃସିଂହପୁରାଣ ୨ଖଣ୍ଡ ଏକତ୍ରବନ୍ଧାଇ | ଟ ୨ ୧ |
| ବହ୍ମାଣ୍ଡଭୂଗୋଳ | ଟ ୦ ୵ |
| ଶ୍ରୀମଦ୍ଭାଗବତ ( ୧ମ ସ୍କନ୍ଧ ଶେଷ ) | ଟ ୦ । |
| ,, ( ୨ୟ ସ୍କନ୍ଧ ଶେଷ ) | ଟ ୦ ⁄ |
| ଚକ୍ରଯାତ୍ରା | ଟ ୦ |
| ପୁଷ୍ପଶ କୌଶଳ | ଟ ୦ ⁄ |

ପ୍ରାପ୍ତି ସ୍ଥାନ କଟକ ପ୍ରିଣ୍ଟିଂକମ୍ପାନୀ ।

# ଭାରତ ଇନସିଓରେନ୍ସ କୋମ୍ପାନୀ, ଲିମିଟେଡ.

ହେଡ଼ ଅଫିସ—ଭାରତ ବିଲ୍‌ଡିଙ୍ଗ୍, ଲାହୋର ।
( ଯାଦ୍ଦ୍ୟୋନ୍ନତିର ସ୍ୱଦେଶୀଅଫିସ )

ବ୍ରାଞ୍ଚ ଅଫିସ :—ଲାହୋର, ରାଓଲପିଣ୍ଡି, ସକ୍କର, ନାଗପୁର, ଅଜମିର, ଅହମଦାବାଦ ମାନ୍ଦ୍ରାଜ, ହାଇଦରାବାଦ, ଢେକାନ

ଚିଫ ଏଜେନସି :—କଲିକତା ଓ ବମ୍ବାଇ ।

ଚେୟାରମ୍ୟାନ :—ଅନରେବଲ ମିଷ୍ଟର ହରକିସନ୍ ଲାଲ ଓକିଲ, ଲାହୋର

ବାର୍ଷିକ ଆୟ :—ଟ ୪୦୦୦୦୦ ଙ୍କାର ଉର୍ଦ୍ଧ୍ୱ ।

ସାଧାରଣ ଦାନ, ବାଣିଜ୍ୟ, ବିବାହ ଓ ଶିକ୍ଷା, ପୁରସ୍କାର ଓ ପେନସନ୍ ଓ ଟଙ୍କ ବାକସାୟ, ସ୍ୱାସ୍ଥ୍ୟପରୀକ୍ଷା ବିନା ଯାଇ ଜୀବନର ବୀମା କରାଯାଏ ।

୧ ବୀମା କୌଣସି ପ୍ରକାରେନଷ୍ଟ ହୁଏ ନାହିଁ ।
୨ ଦେୟ ମୂଲ୍ୟ ସ୍ଥିର ଥାଏ ।
୩ ବୀମାକାରୀମାନେ କମ୍ପାନୀର ଲାଭରୁ ଅଂଶ ପାଇ ପାରନ୍ତି ।
୪ ଦାବୀ ଟଙ୍କା ନିଯୁକ୍ତ ସମୟରେ ଦିଆଯାଏ
୫ ସମସ୍ତ ପ୍ରକାର ସୁବିଧା ଦିଆଯାଏ ଏ ଜାମିନ ସଙ୍ଗେ ରେଟର ସମାନ ଅନୁପାତ

ଭାରତର ସମସ୍ତ ପରୀକ୍ଷକମାନଙ୍କଦ୍ୱାରା ଏବଂ ପୃଷ୍ଠପୋଷିତ ବ୍ୟବସାୟମାନଙ୍କ ଦ୍ୱାରା ଉତ୍ସାହିତ କରାଯାଏ ।

ବିଶେଷ ବିବରଣ ସକାଶେ ନିମ୍ନଲିଖିତ ଠିକଣାରେ ଆବେଦନ କର ।

ଲକ୍ଷପତି ରାୟ ସାହି
ମେନେଜର


Digitized by srujanika@gmail.com

## NOTICE.

As I am leaving Bombay on the 23rd April for a trip to England and shall be absent for about six months, all official correspondence may be addressed to my Superintendent at Cuttack, private letters being sent to me Care of Thos. Cook & Son, 10 Ludgate Circus, E. C, London.

Talegraphic address, C/o Coupon, London

Cuttack,
12-4-1910
R. N. BHANJA DEO,
Rajah of Kanika.

## NOTICE

Wanted a competent Assistan
t Head master on Rs. 30. P. M. for the Middle English school with training classes at Bhawani-Patna the Head quarters station of the Kalahandy State. None need apply who has not passed the Matriculation Examination of the Calcutta University and does not possess good knowledge of Uriya literature and ability to manage a Middle English School. Preference will be given to those who have passed the Master-ship Examination in English according to the Bengal System. Applications with copies of testimonials will be received by the undersigned till 30th April 1910.

2—4—1910
J. K Tripathi
Superintendent
Kalahandy State
P. O Bhawanipatna
Via Sambalpur.

Wanted a Lady either Brahmo or Native Christian between 35 and 45 years of age to act as Matron in charge of Lady Medical students Pay Rs. 2с per mensem with free quarters.

Applications with testimonials and certificates of moral character will be received by the undersigned up to the 30th instant.

Cuttack
9—4—1910
R. P. Wilson
Major I. M. S.,
Superintendent, Orissa
Medical School, Cuttack.

## NOTICE.

Wanted a Jailor for the Ranpur State Jail on Rs. 9- (nine) a month with free quarters. An Uriya knowing man with little knowledge in English to fill up the English forms will be preferable for the post. Applications with testimonials will be received by the undersigned up to 30th April 1910.

Ranpur
6-4-10
Raja of Ranpur
Satate.

Wanted a plucked F. A. Additional master with experience in teaching on Rs 25 per mensem for the Dhenkanal H. E. School. Preference will be given to one who knows drill and gymnastics. Applications with testimonials should reach the undersigned on or before the 25th April.

Head Master's office,
Dhenkanal
Feudatory State
Orissa
Anukul Ch. Ghose,
B. A.
Secretary managing
Comit. Dhenkanal,
H. E. School

## ବିଜ୍ଞାପନ ।

ସ୍ୱଳ୍ପ ମୂଲ୍ୟରେ ରସାମୃତ ।

ସୁପ୍ରଚଳ ଭକ୍ତ କବି ଶ୍ରୀ ଦୀନବନ୍ଧୁ ଦାସଙ୍କ ପ୍ରଣୀତ ଦ୍ରୁତଙ୍କାର ପ୍ରଥମଖଣ୍ଡ ପ୍ରକାଶିତ ହୋଇଅଛି । ଏହାର ଭାଷା ଅତି ସରଳ; ସ୍ତ୍ରୀ ଓ ବାଳକମାନେ ଅକ୍ଲେଶରେ ବୁଝିପାରିବେ । ଶ୍ରୀକୃଷ୍ଣଙ୍କ ବ୍ରଜଲୀଳା ଏଥିରେ ମନୋହରଭାବରେ ବର୍ଣ୍ଣିତ ହୋଇଅଛି, ଶ୍ରୀ ଶ୍ରୀ ଗୌରାଙ୍ଗ ମହାପ୍ରଭୁ ଶ୍ରୀମଦ୍ ଭାଗବତର ତାତ୍ପର୍ଯ୍ୟ ଏହି ଜଗତରେ ଯେପ୍ରକାରରେ ପ୍ରଚାର କରନ୍ତି, ଭକ୍ତ କବି ସେହି ଅମୃତ ସର୍ବସାଧାରଣରେ ବିତରଣ କରିବାପାଇଁ ଏ ପୁସ୍ତକ ନାନା ଛନ୍ଦରେ ଲେଖି ଅଛନ୍ତି । ପୁସ୍ତକର ଆକାରକୁ ଚାହିଁଲେ (ବଡ଼ ଆକାରରେ ୧୫୦ ପୃଷ୍ଠା ) ଏହାର ମୂଲ୍ୟ ଟ୧।ଙ୍କା ହେବାର ଉପଯୁକ୍ତ । ସାଧାରଣର ସୁବିଧାପାଇଁ ଏହାର ମୂଲ୍ୟ ୫୦ଏ ରଖାଯାଇଥିଲା କିନ୍ତୁ ଅଧିକ ସୁବିଧାପାଇଁ ଏହା ବର୍ତ୍ତମାନ ଡାକମାସୁଲ ଛଡ଼ା ୫୦ ୯୬ ହ୍ରାସ କରାଗଲା । ଯେଉଁମାନେ ପାଞ୍ଚଖଣ୍ଡ କମ୍ବା ତହିଁରୁ ଅଧିକ ଏକ ସମୟରେ କ୍ରୟ କରିବେ ସେମାନଙ୍କୁ ଶ୍ରେଣି ଟ୦।ରେ ଦିଆଯିବ । ଡାକମାସୁଲ ସ୍ୱତନ୍ତ୍ର ।

ପୁସ୍ତକ ନିମ୍ନ ଠିକଣାରେ ପ୍ରାପ୍ତବ୍ୟ ।

୨୫।୩।୧୦
ଢେଙ୍କାନାଳ
ପ. ବଂଶୀ ଚରଣ ଦାସ
ଏସିଷ୍ଟାଣ୍ଟ ଦେଓ୍ୱାନ
ଢେଙ୍କାନାଳ

ପୁରାତନ ଗ୍ରନ୍ଥ ନୂତନମୁଦ୍ରିତ

## ସୁଲକ୍ଷଣା ।

ଅଷ୍ଟଶମ୍ଭୁ ନିବାସୀ କବି କରସିଂହ ପଟ୍ଟନାୟକଙ୍କଦ୍ୱାରା ନାନା ଛନ୍ଦରେ ବିରଚିତ । ଏଥିର ଉପେନ୍ଦ୍ର ଭଞ୍ଜଙ୍କ ରଚନାଠାରୁ କୌଣସି ଗୁଣରେ ଊଣା ନୁହେ । ଲାବଣ୍ୟବତୀ ଓ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରଭୃତି ଭଞ୍ଜ କବିତା ପରି କାଞ୍ଚିର ଦେଶର ମନ୍ତ୍ରୀକନ୍ୟା ସୁଲକ୍ଷଣାର ଚରିତ ଅବଲମ୍ବନରେ ଏହି ଗ୍ରନ୍ଥ ଲିଖିତ । ମୂଲ୍ୟ ଟ୦। ପ୍ରାପ୍ତିସ୍ଥାନ—କଟକ ପ୍ରିଣ୍ଟିଂକମ୍ପାନୀଙ୍କର ପୁସ୍ତକ ଦୋକାନ ଦରଘାବଜାର କଟକ

## NOTICE.

## Cheap and Fresh.

The undersigned begs to inform the public that he has opened a Dispensary at Choudhury Bazar, Cuttack styled "The cheap Allœpathic Pharmacy" ( near Goureesanker Babu's house) stocked with all sorts of surgical instruments, and fresh medicines (Officials, Non-officials and Patent) including preparations of Cocaine, Morphia and Opium.

The rates are much cheaper than those of the Bazar. Mofussil orders are executed with care.

Trial orders once solicited.

*Dr.* S. C. CHANDER.
*Cheap Alloepathic Pharmacy*
Choudhury Bazar
Cuttack.

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଜଣାଇ ଦେଉଅଛୁଁ କି ଆମ୍ଭେ ଚୌଧୁରୀବଜାର ବାବୁ ଗୌରୀଶଙ୍କର ରାୟଙ୍କ କୋଠାଘର ନିକଟରେ "ସସ୍ତା ଏଲୋପାଥିକ ଫାରମେସି" ନାମରେ ଗୋଟିଏ ଡାକ୍ତରଖାନା ଖୋଲିଅଛୁଁ । ଏଠାରେ ସମସ୍ତପ୍ରକାର ଡାକ୍ତରୀ ଯନ୍ତ୍ର ଓ ନୂତନ ଅସମାନ୍ୟ ଔଷଧମାନ ଓ କୋକେନ, ମରଫିଆ ଅଫିମ ପ୍ରସ୍ତୁତ ଦ୍ରବ୍ୟ ମିଳେ । ବଜାର ଅପେକ୍ଷା ଏଠାରେ ସସ୍ତାଦରରେ ଔଷଧମାନ ଦିଆଯାଏ । ମଫସଲର ଲୋକମାନେ ପତ୍ର ଲେଖିଲେ ଔଷଧ ଯୋଗାଇବାକୁ ପ୍ରସ୍ତୁତ ଅଛୁଁ । ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ ।

ଡାକ୍ତର ସତେଶ ଚନ୍ଦ୍ର ଚନ୍ଦ
ସସ୍ତା ଏଲୋପାଥିକ ଫାରମେସି
ଚୌଧୁରୀବଜାର
କଟକ

WANTED a Compounder for the *Cheap Alleopathic Pharmacy.* The candidate must be bonafide under the rules. Pay according to qualifications. Hindu candidate is preferable. Apply to

*Dr.* S. C. CHANDER.
*Cheap Allœpathic Pharmacy.*
Choudhury Bazar
Cuttack.

## ବିଜ୍ଞାପନ ।

ଏତଦ୍ୱାରା ସଦର ଲୋକେଲ ବୋର୍ଡ଼ର ସର୍ବସାଧାରଣଙ୍କୁ ଅବଗତ କରାଇଦିଆ ଯାଉଅଛି ଯେ ସଦର ଲୋକେଲ ବୋର୍ଡ଼ର ସେ ମୌଜାରେ ଲୋକେଲ ବୋର୍ଡ଼ ଅଧୀନସ୍ଥ ଡିସ୍ପେନସେରି

Split by PDF Splitter

Digitized by srujanika@gmail.com

Split by PDF Splitter



ମାପ ଓ ଚୁକ୍ତିର ନମୁନା ଓ ସାଧାରଣ ସ୍ୱାସ୍ଥ୍ୟ ରକ୍ଷାର୍ଥେ ନୂତନ କୂପ ଖନନ ଓ ପୁରାତନ ସଂସ୍କାର ଆବଶ୍ୟକୀୟ ବିଶେଷ ଅପେକ୍ଷିତ ତାହା ସଦର ଲୋକେଲ ବୋର୍ଡ଼ର ସେକ୍ରେଟେରୀ ସାହେବଙ୍କ ସମୀପେ ଚଳିତ ଅପ୍ରେଲ ମାସ ମଧ୍ୟରେ ଦରଖାସ୍ତ କଲେ ଉକ୍ତ ବୋର୍ଡ଼ କର୍ତ୍ତୃକ ବିବେଚିତ ହୋଇପାରିବ।

N, C Mitter,
*Chairman.*

# ବିରାଟ୍ ମହାଭାରତ ସମ୍ପୂର୍ଣ୍ଣ ଛାପା ହୋଇଅଛି

ଅତି ସୁଲଭ, ଅତି ସୁଲଭ
୧୮ର ପର୍ବର ମୂଲ୍ୟ ଟ ୪/
ଅଚ୍ୟୁତ ପଣ୍ଡା, ବମ୍ବେ ଦେଶ

ଉତ୍କଳର ଅନ୍ୟତମ ବିଖ୍ୟାତ କବି ବିଶ୍ୱନାଥ ଖୁଣ୍ଟିଆଙ୍କ ବିରଚିତ ମହାଭାରତ ଉତ୍କଳସାହିତ୍ୟର ଯେ ମହତ ଉପକାର କରିଯାଇଅଛନ୍ତି ଏହା ସମସ୍ତେ ଜାଣନ୍ତି। ଏହାଙ୍କ ରଚିତ ମହାଭାରତ ଉତ୍କଳର ସାଧାରଣ ଲୋକେ ଅନାୟାସରେ ପାଇପାରିବେ ଏହି ଅଭିପ୍ରାୟରେ ଉକ୍ତ ମହାଭାରତକୁ ନାନା ପୋଥିରୁ ସମସ୍ତ କରି ଯଥାଶକ୍ତି ସଂଶୋଧନ କରି ଛାପା କରାଇଅଛୁଁ ଏହି ପୁସ୍ତକ ଯେଉଁପରି ସୁନ୍ଦର ହୋଇଅଛି ତାହା କହିବା ବାହୁଲ୍ୟ ମାତ୍ର। ଗୋଟିଏ ପର୍ବ ପଢ଼ି ସାରିଲେ ଅନ୍ୟ ଗୋଟିଏ ପର୍ବ ନିଶ୍ଚୟ ପଢ଼ିବାକୁ ଇଚ୍ଛା ହେବ। ପ୍ରତ୍ୟେକ ଖଣ୍ଡର ମୂଲ୍ୟ ନିମ୍ନରେ ଦିଆଗଲା।

ଆଦିପର୍ବ ଟ ୦ ୯ ମଧ୍ୟପର୍ବ ଟ ୦।/ ସଭାପର୍ବ ଟ ୦ ୨ ବନପର୍ବ ଟ ୦ ୨ ବିରାଟପର୍ବ ଟ ୦ ୨/ ଦ୍ରୋଣପର୍ବ ଟ ୦। ଉଦ୍ଯୋଗପର୍ବ ଟ ୦ ୨ ଭୀଷ୍ମପର୍ବ ଟ ୦। ଓ ବାକି ଦଶପର୍ବ ଟ ୦।୵ ଅଠରପର୍ବର ସର୍ବମୋଟ ମୂଲ୍ୟ ଟ ୪/ ମାତ୍ର ସମଦାୟ ପର୍ବ ଏକାବେଳେ ନେଲେ ଟ ୪/ ସ୍ଥଳେ ଟ ୩ ୯ ପଡ଼ିବ। ଡାକମାସୁଲ ନେଲେ ଟ ୦। ଟଙ୍କା ଅଧିକ ପଡ଼ିବ। ଅର୍ଥାତ୍ ସର୍ବମୋଟ ମୂଲ୍ୟ ଟ ୪୧ ଙ୍କ କମିଶନ ଟ ୧ ୯ ବାଦ ଟ ୩ ପଡ଼ିବ। ଏତେ ସୁଲଭ ମୂଲ୍ୟରେ ଓଡ଼ିଶାରେ ମହାଭାରତ କେହି ଛାପି ନାହାନ୍ତି। ପ୍ରତି ଖଣ୍ଡ ନେଲେ ସୁଦ୍ଧା କମିଶନ ଦିଆଯିବ।

କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି।

# ସହଜ ଇଂରାଜୀ ଶିକ୍ଷା

ବିଶେଷ ସୁବିଧା।

ଏହି ପୁସ୍ତକ ପାଠ କଲେ ଅତି ଅଳ୍ପ ସମୟରେ ଇଂରାଜୀ ଶିକ୍ଷା କରିପାରିବ। ବିଶେଷତଃ ଯେଉଁମାନେ ସ୍କୁଲରେ ପଢ଼ି ପାରନ୍ତି ନାହିଁ ସେମାନେ ଏହି ପୁସ୍ତକଦ୍ୱାରା ଇଂରାଜୀ ଭାଷା ଶିକ୍ଷା କରି ଚିଠି ପତ୍ର ଓ କଥାବାର୍ତ୍ତା ନିତ୍ୟ ଅଳ୍ପ ସମୟ ମଧ୍ୟରେ କରିପାରିବେ।

ଏହି ପୁସ୍ତକରେ ପ୍ରଥମେ ବ୍ୟାକରଣ, ଦ୍ୱିତୀୟରେ ଓ୍ୱାର୍ଡବୁକ, ତୃତୀୟରେ ଫ୍ରେଜ ଓ ଇଡିୟମ, ଚତୁର୍ଥରେ ଅନୁବାଦ, ପଞ୍ଚମରେ ପତ୍ରଲିଖନ ଏହି ବିଷୟମାନ ଦିଆ ହୋଇଅଛି। ଏହି ପୁସ୍ତକଟିର ମୂଲ୍ୟ ଟ ୦। ମାତ୍ର।

ଯେଉଁମାନେ ଏକେଥର ୫ ଖଣ୍ଡ ପୁସ୍ତକ ନେବେ ସେମାନଙ୍କୁ ଏକଖଣ୍ଡ ପୁସ୍ତକ ବିନା ମୂଲ୍ୟରେ ଦିଆଯିବ। ଡାକ ଟିକଟ ଟ ୦।/ ପଠାଇଲେ ଏକଖଣ୍ଡ ପୁସ୍ତକ ଡାକ ଯୋଗରେ ପଠାଯାଏ।

ପ୍ରୋପ୍ରାଇଟର
ମେନେଜର
ମଦନ ମୋହନ ପ୍ରେସ, ପୁରୀ।

ବିଜ୍ଞାପନ।

ଶ୍ରୀ ଉଦ୍ଧବ ଦାସ କବିରାଜ।
ସରସ୍ୱତୀ। ଆୟୁର୍ବେଦୀୟ ଔଷଧାଳୟ
ଗ୍ରୀ ଧରକୋଟ କଟକ।

### ଶ୍ରୀ ମଦନାନନ୍ଦ ମୋଦକ।

ଏହା ସେବନ କଲେ ଶୁକ୍ରତାରଲ୍ୟ, ସ୍ୱପ୍ନଦୋଷ, ସ୍ୱପ୍ନଦୋଷ ଶୁକ୍ର ତରଳତା, ଅଜୀର୍ଣ୍ଣ ଶୁକ୍ରସ୍ଖଳନ, ମେହ ପ୍ରଭୃତି। ଶରୀର ମାଟିପରି ବୋଧ ହେବା, କୋଷ୍ଠ ପରିଷ୍କାର ନ ହେବା, ପେଟରେ ବାୟୁ ହେବା, ଶରୀର କୋମଳ ଦାହ ହେବା, ଅମତ ବାଥା ହେବା, ମୁଣ୍ଡ ବୁଲାଇବା, ଅଳ୍ପ ପରିଶ୍ରମ କଲେ ବିଶେଷ କ୍ଳାନ୍ତି ବୋଧ ହେବା ପରିସ୍ରା ପରିଷ୍କାର ନ ହେବା, ପରିଶ୍ରମରେ ଅକ୍ଷମ ହେବା, କ୍ଷୁଧା ନହେବା, ଅଳ୍ପ ଥଣ୍ଡା ଲାଗିଲେ ଦେହ ଗରମ ହେବା, ସ୍ତ୍ରୀ ସହବାସ ସମୟରେ ଅତି ଶୀଘ୍ର ସ୍ଖଳନ ହେବା, ଗର୍ଭପାତ ହେବା, ବନ୍ଧ୍ୟା ସ୍ତ୍ରୀମାନଙ୍କ ସନ୍ତାନ ହେବା, ବନ୍ଧ୍ୟା ଅମ ଉତ୍ତାପ ହୋଇ ବମି ହେବା, ଛାତି ପୋଡ଼ିବା, ପଟଳା ଝାଡ଼ା ହେବା, କିମ୍ବା ରକ୍ତ ପଡ଼ିବା କିମ୍ବା ପେଟ ହେବା, ଦରଧା ସହିତ ଝାଡ଼ା ପଦାର୍ଥ ନିର୍ଗତ ହେବା, ବାମୁକନାର ପେଟରେ ଦରଜ ହେବା, କିମ୍ବା ପେଟ ଫାମ୍ପିବା, ସ୍ୱପ୍ନ ଦୋଷ ହେବା, ଶୀଘ୍ର ଆରୋଗ୍ୟ ହୁଏ। ସେ ୧ ର ମୂଲ୍ୟ ଟ ୮ ଡାକମାସୁଲ ସ୍ୱତନ୍ତ୍ର।

## NOTICE.

*Cuttack Jewellery Works.*

ଏତଦ୍ୱାରା ଅମ୍ଭେମାନେ ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଯେ ନର୍ତ୍ତମାନ ଅମ୍ଭମାନଙ୍କର ଦୋକାନର ବାହିଡ଼ ନୂତନ ହେଉଥିବା ଯୋଗୁଁ ଅମ୍ଭେମାନେ ଦେଶୀୟ ଜିନିଷମାନ କମଦରରେ ବିକ୍ରୀ କରୁଅଛୁଁ। ଅତଏବ ଗରୁ ସ୍ୱର୍ଣ ଇଚ୍ଛୁକ ବ୍ୟକ୍ତିମାନେ ଏ ସୁଯୋଗ ଛାଡ଼ିବେ ନାହିଁ। ପ୍ରକାଶ ଥାଉ ଏ ସୁଯୋଗ ଅଳ୍ପଦିନ ନିମନ୍ତେ କରାଯାଇଅଛି। ଇତି।

| | |
|---|---|
| Baxibazar<br>Cuttack<br>28—3—10 | Parmanand Prusty<br>Manager<br>G. C. Prusty. &. Co |

# କର୍ମଖାଲି।

ମାଲଦର ପାଠ ଧର ନଂ ଦାଖି ଓ ମହାଜନୀ ସେରସ୍ତାରେ ପାରଦର୍ଶୀ ଲୋକ ଦରକାର, ଶିକ୍ଷିତ ଜାତି, ବୟସ ବ ୨୫ ରୁ ବ ୩୫, ସୁସ୍ଥ ଓ ସବଳ, ଟ ୧୦୦ ପ୍ରତିଭୂସ୍ୱରୂପ ଜାମିନ ଦେଇ ପାରିବା ବ୍ୟକ୍ତିର ମାସିକ ବେତନ ସମ୍ଭବ ଟ ୧୦ ରୁ ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି ହେବ। ଅପ୍ରେଲ ତା ୨୫ ରଖ ପୂର୍ବରୁ ନିଜ ହସ୍ତଲିପିଦ୍ୱାରା ଆବେଦନ କର।

| | |
|---|---|
| ଜାଲଗିର<br>ତା ୧।୪।୧୦ | ଶ୍ରୀ କୃଷ୍ଣପ୍ରସାଦ ଭୂୟାଁ ଜମିଦାର<br>ଜାମୁଗାଡ଼ିଆ ଗ୍ରାମ ପୋଃ ଥାନା ଜାଲେଶ୍ୱର<br>ଗଡ଼। ଜି। ବାଲେଶ୍ୱର |

ଶ୍ରୀ ବନମାଳୀଙ୍କ ଗସ୍ତ କର୍ତ୍ତୃକ ପ୍ରକାଶିତ

# ଯଜୁର୍ବେଦ ସଂହିତା।

(ପ୍ରଥମଖଣ୍ଡ।)

ଏଥିରେ ଯଜୁର୍ବେଦର ମୂଳମନ୍ତ୍ର, ସଂସ୍କୃତ ଟୀକା ଏବଂ ସହଜ ସରଳ ଓଡ଼ିଆ ଅନୁବାଦ ପ୍ରକାଶିତ ହୋଇଅଛି ସୁଲଭମୂଲ୍ୟରେ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି। ମୂଲ୍ୟ ପାଞ୍ଚଅଣା ଏବଂ ମେଘ-ସଲିଲୁ ଡାକମାସୁଲ ଅଧିକ ଦୁଇପଇସା ଲାଗିବ।

# ଉତ୍କଳ ଦୀପିକା।

ଗତ ତା ୭ ରିଖରେ ଶେଷହେବା ସପ୍ତାହରେ ଆସାମ ପ୍ରଦେଶରେ ବିଶେଷ ଓ ବଙ୍ଗ, ପଞ୍ଜାବ ଏବଂ ଦକ୍ଷିଣରେ ସାମାନ୍ୟ ବର୍ଷା ହୋଇଥିଲା। ଏଥିମଧ୍ୟରେ ସିଲେଟରେ ୩.୪୫ ଇଞ୍ଚ ଚେରାପୁଞ୍ଜିରେ ୩.୬୦ ଇଞ୍ଚ ସର୍ବାପେକ୍ଷା ଅଧିକ ଥିଲା। ଦକ୍ଷିଣରେ ତିନାବେଲିରେ ୧ ଇଞ୍ଚରୁ କିଛି ଅଧିକ ବୃଷ୍ଟି ହୋଇଥିଲା।

ଗତ ତା ୨୧ ରଖରେ ଶେଷହେବା ସପ୍ତାହରେ ସମସ୍ତ ଭାରତରେ ପ୍ଲେଗ ରୋଗରେ ୨୫୧୬୦ ମୃତ୍ୟୁ ହୋଇଥିଲା ଯେ ତହିଁମଧ୍ୟରେ ଯୁକ୍ତପ୍ରଦେଶ ଓ ପଞ୍ଜାବର ମୃତ୍ୟୁ ଅତ୍ୟନ୍ତ ଅଧିକ ଓ ଯଥାକ୍ରମେ ୧୧୩୯ ଓ ୮୬୫୫ ଓ ବଙ୍ଗଦେଶର ମୃତ୍ୟୁ ୩୦୨୧ ଥିଲା। ଏହି ବଙ୍ଗଦେଶ ଓ ବ୍ରହ୍ମ, ମଧ୍ୟପ୍ରଦେଶ ଏବଂ ରାଜପୁତାନାରେ ପୂର୍ବସପ୍ତାହଠାରୁ ବୃଦ୍ଧି ହୋଇଥିଲା। ପୂର୍ବ ସପ୍ତାହର ମୃତ୍ୟୁ ୨୨୧୯୮ ଥିଲା।

Digitized by srujanika@gmail.com

Split by PDF Splitter



## SALE FOR ARREARS OF REVENUE.

THE COLLECTOR OF CUTTACK has issued the following order dated the 14th March 1910:—

"The Revenue sales begin to-day and as I intend to enforce the law with more strictness than has been customary in past years in Cuttack, I think it desirable to record my reasons. My decision has been made after due consideration.

The numbers of defaults and sales during the past 5 years in Cuttack have been as follows:—

| | Defaults | Sales |
|---|---|---|
| 1904-5 ... | 419 ... | 14 |
| 1905-6 ... | 987 ... | 22 |
| 1906-7 ... | 748 ... | 29 |
| 1907-8 ... | 1126 ... | 6 |
| 1908-9 .. | 3711 ... | 31 |
| 1909-10 (1 kist) | 1145 | |

This kist 650 estates were advertised for sale. Payments with penalty were accepted up to March 12 (yesterday being Sunday). There are still about 170 estates in arrears. The amount of extra work caused in my office by this habitual defaulting is enormous and the result is inconvenience to the Public through other work being neglected. It can not be allowed to continue.

At the last sale day I accepted payments from all who were ready to pay; I did so because at that time the people were just beginning to recover from the results of a season of distress and because I had not given any warning of increased strictness. During the sale in September 1909 notices were hung up in the Cutchery warning Zemindars that in future payments would not be accepted on the sale date.

In October 1909, I issued notices to all Presidents of Panchayats asking them to warn Zemindars that no arrears would be accepted after the kist day without penalties and that penalties would increase with delay.

On March 8, I put up a notice in the Cutchery stating that no petitions would be accepted after March 11 and that payments would have to be made by March 12. Out of about 170 estates in arrears now I find that approximately the number of times the estates have been advertised for sale during the last 4 kists is as follows:—

| | | |
|---|---|---|
| Nil | .. | 33 |
| Once | ... | 47 |
| Twice | ... | 42 |
| Thrice | ... | 27 |
| Four times | ... | 20 |

Warnings have had no effect and I am convinced that they will have none, there is no means of stopping this except by selling some estates. I do not therefore intend to accept payment (without special reason) from those estates which have been advertised thrice and four times, and any others which I think fit will be sold".

From the above it is clear that year after year the number of defaulting estates are on an increase. How is it that the Orissa Zemindars fall into arrears and subject themselves to the payment of penalty imposed by the Collector for their defaults? It is an open secret that they have to contract loans at a high rate of interest for the payment of the Revenue. Are these defaults all due to carelessness or caprice on the part of the Zemindars or are they due to some other cause? We have not the least doubt that the condition of the landlords of Orissa has been changed and changed for the worse since after the last Settlement.

The subject is higly important and interesting and requires a thorough and shifting inquiry. We shall revert to it in our future issue.

---

ଗତ ଉତ୍କଳ ସଭ୍ୟାସମ୍ମିଳନୀର ଶ୍ରୀଯୁକ୍ତ ଗୌରୀଶଙ୍କର ରାୟଙ୍କ ସଭାପତିତ୍ୱରେ ନୃତ୍ୟଗୋପାଳ ଦକ୍ଷିଣ ଖଣ୍ଡ ଭାଗୀରଥୀଙ୍କ ଏକ ବିଶେଷ ଅଧିବେଶନ ହୋଇଥିଲା । ସଭାର ୧°ଖୋଷଣା ନିୟମାବଳୀ ଏହି ଅଧିବେଶନରେ ଧାର୍ଯ୍ୟ ହୋଇଅଛି । ପ୍ରତ୍ୟେକ ସଭ୍ୟ ବର୍ଷମଧ୍ୟରେ ଚାନ୍ଦା ହୋଇ ଟ ୦। ପ୍ରବେଶିକା ଫିସ ଓ ସଭ୍ୟ ମାସିକ ଚାନ୍ଦା ଅନ୍ତତଃ ୮ ୦ / ଦେବ ଓ ସଭା ଆଇନାନୁଯାୟୀ ରେଜେଷ୍ଟ୍ରି ହେବ।

---

ଅମ୍ଭମାନଙ୍କର ଜଜ ହାଟେଲ ସାହେବ ମହୋଦୟ ବିଲାତରେ ପରଲୋକ ଗମନ କରିଥିବା ବିଷୟ ଅମ୍ଭେମାନେ ଗଭୀର ଦୁଃଖସହକାରେ ପାଠକମାନଙ୍କୁ ଜଣାଉଅଛୁଁ । ଏ ମହାଶୟ ସଜ୍ଜନର ଅମାୟିକତାହେତୁ ସର୍ବସାଧାରଣରେ ଅତିଶୟ ଶ୍ରଦ୍ଧାର୍ହ ହୋଇ କାଳ କଟାଉଥିଲେ । ମାତ୍ର ସର୍ବଶକ୍ତିମାନ ସମସ୍ତ ଦେଖି ତାହାଙ୍କ କାର୍ଯ୍ୟ ସାଧନ କଲେ ! ଏ ଯେମନ୍ତ ବିଚକ୍ଷଣ ବିଚାରକ ତେମନ୍ତ ସୁଚରିତ୍ର ଥିଲେ ଏବଂ ଏହାଙ୍କ ଦୟାପୂର୍ଣ୍ଣ ସ୍ୱଭାବରେ ଏଠା ଲୋକେ ଯେ ଅତ୍ୟନ୍ତ ଥିଲେ ବୋଲିବା ବାହୁଲ୍ୟ । ଈଶ୍ୱର ଏହାଙ୍କ ଆତ୍ମାର ସଦ୍ଗତି ଓ ଶୋକସନ୍ତପ୍ତ ପରିବାରର ସାନ୍ତ୍ୱନା ବିଧାନ କରନ୍ତୁ ଏହିକ ପ୍ରାର୍ଥନା ।

---

ଏଠା କଲେଜର ଶ୍ରୀଯୁକ୍ତ ଏ, ଜି, ନିକଲ୍ସ ସାହେବ ଗତ ମଙ୍ଗଳବାରଦିନରେ ସପରିବାର ବିଲାତକୁ ଗମନ କରିଅଛନ୍ତି । ବଙ୍ଗଳାଦେଶର ପ୍ରଧାନ ସେକ୍ରେଟେରୀ ମାନ୍ୟବର ଅନେକ ସାହେବ ଅବସର ନେବାରୁ ତାହାଙ୍କ ସ୍ଥାନରେ ବର୍ତ୍ତମାନମନ୍ତ୍ରୀ ନିଯୁକ୍ତ ହୋଇଥିବାର ଶୁଣାଯାଏ ତାଙ୍କ ଅନୁପସ୍ଥିତିକାଳରେ ଏଠା କଲେଜର ଶ୍ରୀଯୁକ୍ତ ବରଲି ସାହେବ ପ୍ରିନ୍ସିପାଲକାର୍ଯ୍ୟ ଚଳାଇବେ । ଅତଏବ ଅତ୍ୟନ୍ତ ଦୁଃଖର ସହିତ ଅଧୀନର ହେଲୁଁ ଯେ ସାମ୍ନାରେ ଅନେକ ମହୋଦୟ ଗତ ଲୁଧିଆନା ସମ୍ମେଳନ ପ୍ରାୟ ହୋଇଅଛନ୍ତି ଏବଂ ମାନ୍ୟବର ଲେଫ୍ଟେଣ୍ଟର ତାହାଙ୍କର ଗୁଣାବଳୀ ବର୍ଣ୍ଣନପୂର୍ବକ ଏହି ଶୋକସମ୍ବାଦ ପ୍ରକାଶ କରିଅଛନ୍ତି । ଗେଜେଟରେ ପ୍ରଚାର କରିଅଛନ୍ତି

—୦※୦—

ବଙ୍ଗଳାର ପ୍ରଥମ ଅଫିମ ବିକ୍ରୟ ଗତ ମାସ ତା ୬ ରିଖରେ ହୋଇଥିଲା । ତହିଁରେ ପ୍ରଥ ବାକିଷ ଟ ୩୮୨୬ ଙ୍କାରେ ବିକ୍ରୟ ହେଲା । ଅମ୍ଭମାନଙ୍କ ଗଞ୍ଜାମ ସହର ବାକିସହ ୮୧୬୩୦ ଙ୍କା ହେବାରେ ଗଣନା ହୁଏ ବଜେଟରେ ଅଙ୍କ ବସାଇଥିଲେ ମଧ୍ୟ ୧୮ ଅଧିକ ଟଙ୍କା ଲାଭ ହେବା ଅବଶ୍ୟ ସୌଭାଗ୍ୟର ବିଷୟ । ସେହିପରି ୩୭୦୦୦ ବାକିସ ଅଫିମ ବିକ୍ରୟ ହେଲା । ସୁତରାଂ ଗବର୍ଣ୍ଣମେଣ୍ଟଙ୍କର ପ୍ରାୟ ଧାର୍ଯ୍ୟ ୬୮ ଲକ୍ଷ ଟଙ୍କା ଅଧିକା ଆୟ ହେଲା । ଏହି ମାସରେ ଏରୂପ ହେଲେ ବଙ୍ଗଳା ଅଠକୋଟିରୁ ଅଧିକ ଟଙ୍କା ଉଦ୍ବର୍ତ୍ତ ହେବ । ଅଧିକା ଟଙ୍କା ସ୍ୱାସ୍ଥ୍ୟ ସାଧନ ଓ ଶିକ୍ଷା ବିସ୍ତାରରେ ବ୍ୟୟହେବା ସରକାରେ ସାଦରନିଷ୍ଟ ହେବ ବାଞ୍ଛନୀୟ ।

—※—

ପୂର୍ବବଙ୍ଗର ଶ୍ରୀଯୁକ୍ତ ଅରବିନ୍ଦ ଘୋଷଙ୍କ ନାମରେ କର୍ମଯୋଗୀ ନାମକ ପତ୍ରିକାରେ ରାଜଦ୍ରୋହସୂଚକ ପ୍ରବନ୍ଧ ଲେଖିବା ଅପରାଧରେ ଗ୍ରେପ୍ତାରି ବାହାର ଅଛି । ପୁଲିସ ଗ୍ରେପ୍ତାରୀ ଯେ କର୍ମଯୋଗୀ ଅଫିସ ତଲ୍ଲାସି କରି ଦେଖିଲେ କାଗଜ ପତ୍ର ସେଠାରୁ ଯାଉଅଛନ୍ତି । ହବଡାଠାରେ ରାଜଦ୍ରୋହସୂଚକ ପ୍ରବନ୍ଧ ଲେଖିବାହେତୁ ସେଠାର ମନୁଥନାଥ ଘୋଷ ନାମ ୬ ସ ନାରାୟଣ ଓ ଏକ ସହସ୍ର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇଥିଲେ ସେ ମଧ୍ୟ ଏଥିରେ ଲିପ୍ତ ଥିବା ଅପରାଧରେ ଧୃତ ହୋଇଅଛନ୍ତି ।—ଗବର୍ଣ୍ଣମେଣ୍ଟଙ୍କ ଏତେ ଚେଷ୍ଟାରେ ଯେବେ ଲୋକେ ସତର୍କ ନ ହେବେ ତେବେ ଉପାୟ କଣ ? ଅରବିନ୍ଦ ବାବୁ ଚନ୍ଦନନଗରେ ଅଛନ୍ତି ଚିହ୍ନା ମିଳୁନାହିଁ ।

—※—

କଲିକତାର ଜାତୀୟ ଶିକ୍ଷା ବିଦ୍ୟାଳୟ ଗୃହରେ ଗତ ମାସ ତା ୬ ରିଖର ଏକ ସଭାରେ ବାବୁ, ଯତୀନ୍ଦ୍ରନାଥ ସେନ ଗୁପ୍ତଙ୍କ 'ଆୟୁର୍ବେଦ ଓ ତହିଁର ଅଧିକାର' ସମ୍ବନ୍ଧରେ ବକ୍ତୃତା ଦେବାକାଳରେ ପ୍ରକାଶ କଲେ ଯେ ପୂର୍ବକାଳର ଆୟୁର୍ବେଦରେ ଶବଚ୍ଛେଦ ବିଦ୍ୟା, ଧାତ୍ରୀବିଦ୍ୟା, ଅସ୍ତ୍ରଚିକିତ୍ସା ପ୍ରଭୃତି ସମସ୍ତ ବିଷୟ ଥିଲା ମାତ୍ର କାଳକ୍ରମେ ସେ ସବୁ ନଷ୍ଟ ହୋଇଅଛି । ସର୍ବସାଧାରଣଙ୍କ ସହାୟତାରେ ପୁଣି ବିଦ୍ୟାଳୟ ଓ ଚିକିତ୍ସାଳୟମାନ ସ୍ଥାପିତ ହେଲେ

Digitized by srujanika@gmail.com

କହିଁର ସୁତରୁଡ଼ାର ହୋଇପାରିବ । ଏ ସଭାରେ ଅନେକ ଶିକ୍ଷିତ ଉପସ୍ଥିତ ଥାଇ ବକ୍ତବ୍ୟ ବିଷୟରେ ବାଦାନୁବାଦ କରିଥିଲେ । ଆୟୁର୍ବେଦରେ ଅନେକ ଚିକିତ୍ସା ରୋଗର ଉପଯୋଗ ବ୍ୟବସ୍ଥା ଅଛି । ଲୋକେ ତଦ୍ଦ୍ୱାରା ଅଳ୍ପ ବ୍ୟୟରେ ଯଥେଷ୍ଟ ଉପକାର ଲଭିବେ ।

—※—

ଗତ ଚୈତ୍ରମାସରେ ବଙ୍ଗଦେଶୀୟ କାୟସ୍ଥ ସଭାର ଗୋଟିଏ ବିରାଟ ବାର୍ଷିକ ଅଧିବେଶନ ବନବନ୍ଦପୁରଠାରେ ହୋଇଥିଲା । ଅନ୍ୟୂନା ସମିତିର ସଭ୍ୟନ ଜନ ଓ ଯୁକ୍ତ କରଦାତାଗଣ ଦିଗ୍ ଦେଶଦୂରଦୂରାନ୍ତରୁ ସଭାରେ ଉପସ୍ଥିତ ହୋଇ ନ ପାରିବାରୁ ସ୍ଥାନୀୟ ସବ ଜଜ ସଭାର ଉଦ୍ବୋଧନ କରିଥିଲେ । ସଭାର କାର୍ଯ୍ୟାନୁସାରେ ସମ୍ପାଦକ କାର୍ଯ୍ୟାବଳୀ ଓ ସଭାପତି ଅଭିଭାଷଣ ପାଠ କଲା ଉତ୍ତାରେ ପ୍ରସ୍ତାବମାନ ଉପସ୍ଥାପିତ ହୋଇ ସର୍ବବାଦିସମ୍ମତ ଗୃହୀତ ହୋଇଥିଲା । ଦ୍ୱିତୀୟ ସନ୍ଧ୍ୟାରେ କାୟସ୍ଥଜାତିର ପ୍ରତାପାଦିତ୍ୟ ସେ ମନ୍ତବ୍ୟ ଗୃହୀତ ହୋଇ ଥିଲା ତାହା ପୂଜନୀୟ ଏହି ସଭାରେ ଅନୁମୋଦିତ ହୋଇଥିଲା । ସଭାର କାର୍ଯ୍ୟ ଅତି ଉତ୍ସାହପୂର୍ଣ୍ଣ ହୋଇଥିଲା ଓ ସମ୍ମିଳନ ଓଜସ୍ୱିନୀ ବକ୍ତୃତା-ଦ୍ୱାରା ସମସ୍ତ ବ୍ୟକ୍ତିମାନଙ୍କର ହୃଦୟ ଆକର୍ଷଣ କରିଥିଲେ । ହାଇକୋର୍ଟର ମହାମାନ୍ୟ ଜଜ ଶାରଦାଚରଣ ମିତ୍ର ମହାଶୟ ପ୍ରମୁଖ ବହୁଲ ସମ୍ମାନରେ ଅଭିନନ୍ଦିତ ହୋଇ କାୟସ୍ଥସଭାର ବହୁତ ଉପକାର କରିଥିଲେ ।

———

ଗ୍ରାଣ୍ଟ ବ୍ୟବସ୍ଥାପକ ସଭାରେ ବଜେଟ ସମାଲୋଚନା ହେଉଥିବା ସମୟରେ ଭାରତର ଭିନ୍ନ ପ୍ରଦେଶରେ ବୈଜ୍ଞାନିକ ଶିକ୍ଷାର ବିଦ୍ୟାଳୟ ତଥା ଗୋଟିଏ ବଡ଼ ବୈଜ୍ଞାନିକ ବିଦ୍ୟାଶିକ୍ଷାର କଲେଜ ସ୍ଥାପନ ସକାଶେ ମାନ୍ୟବର ଗୋଖେଲ ଓ ମଧୋଲକର ମହାଶୟମାନେ ପ୍ରସ୍ତାବ ଆଗତ କରିଥିଲେ । ମାତ୍ର ଏ ବିଷୟପ୍ରତି ଭାରତ ଗଭର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ଥିବା ଓ ପ୍ରାଦେଶିକ ଗଭର୍ଣ୍ଣମେଣ୍ଟମାନେ ଯଥାସାଧ୍ୟ ଚେଷ୍ଟା କରୁଥିବା ଓ କରିବାକୁ ଭରସା ପାଇ ସେ ପ୍ରସ୍ତାବମାନ ଉଠାଇ ନେଇଅଛନ୍ତି । ସାଧାରଣ ଓ ବୈଜ୍ଞାନିକ ଶିକ୍ଷାସମ୍ବନ୍ଧରେ ଯେଉଁ ବିସ୍ତାରିତ ସମାଲୋଚନା ହୋଇଗଲା ପ୍ରସ୍ତାବମାନ ଉଠି ଗଲେ ହେଁ ତାହା ଗଭର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ନିଶ୍ଚୟ ବିଶେଷରୂପେ ଆକର୍ଷିତ ହେବାରୁ ଶୀଘ୍ର ସୁଫଳ ଲାଭ ହେବାର ଆଶା ଅଛି । ଏ ଯୋଗ୍ୟ ପ୍ରସ୍ତାବକମାନେ ଜନସାଧାରଣଙ୍କ ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

———

କଲିକତାର ମୂକ ଓ ବଧିର ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ସଭା ଗତ ମାର୍ଚ୍ଚମାସ ତା ୨୯ ରାତିରେ ହୋଇଥିଲା । ବର୍ତ୍ତମାନର ମହାରାଜାଧିରାଜ ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ବିଶପଙ୍କ ପତ୍ନୀ ହୋମଉଡ଼ ମହୋଦୟଙ୍କ ପତ୍ନୀ ମହୋଦୟା ସ୍ୱ ହସ୍ତରେ ପୁରସ୍କାର ବିତରଣ କରିଥିଲେ । ସଭାସ୍ଥଳରେ ଯେଉଁ ରିପୋର୍ଟ ପାଠ ହେଲା ତହିଁରୁ ଜଣାଗଲା ଯେ ଗତ ଡିସେମ୍ବରମାସ ତା ୩୧ ଯାଏରେ ଏହି ବିଦ୍ୟାଳୟରେ ଜ ୫୦ ଣ ଛାତ୍ର ଏବଂ ଜ ୩ ଣ ଛାତ୍ରୀ ଥିଲେ ଏବଂ ଏମାନଙ୍କମଧ୍ୟରେ ଜ ୩ ଣ ମୁସଲମାନ, ଜଣେ ଖ୍ରୀଷ୍ଟାନ ଏବଂ ଅବଶିଷ୍ଟ ହିନ୍ଦୁ । ବିଦ୍ୟାଳୟ ସଂଲଗ୍ନ ଛାତ୍ରାବାସରେ ଜ ୩୭ ଣ ବାସ କରନ୍ତି । ବୈଜ୍ଞାନିକ ବିଦ୍ୟାଶିକ୍ଷା ଦେବା-ପାଇଁ ସ୍ୱାଲୟ ନ ଥିବାରୁ ପିଲାମାନଙ୍କ ଉପ-ବିଷୟକ ବିଦ୍ୟାଳୟକୁ ପଠାଇ ଦିଆଯାଏ ମାତ୍ର ସେଠାରେ ସେମାନଙ୍କର ପଢ଼ିବାରେ ନାନାନ୍ତ ଅସୁବିଧା ଘଟେ । ରିପୋର୍ଟ ପାଠାନ୍ତେ ବିଦ୍ୟାଳୟର ଅଧ୍ୟକ୍ଷ ଯେ, ଏନ୍, ବାନାର୍ଜ୍ଜୀ ମହାଶୟ ଅଙ୍ଗୁଳିସଙ୍କେତଦ୍ୱାରା ଯେଉଁ ପ୍ରଶ୍ନ କଲେ ତାହା ପିଲାମାନେ ବୁଝି ତହିଁର ଉତ୍ତର ବୋର୍ଡରେ ଲେଖି ଦେଲେ ଏବଂ ଜଣେ ପିଲା ଅଙ୍ଗୁଳି-ନିର୍ଦ୍ଦେଶ ଦ୍ୱାରା ସୁନ୍ଦରରୂପେ ବଙ୍ଗଭାଷା ଶିଖିଗଲା । ଏ ସବୁ ଦେଖିବାକୁ ବଡ଼ କୌତୂହଳଜନକ ହୋଇଥିଲା । ପୁରସ୍କାର ବିତରଣାନ୍ତେ ସଭାପତି ମହୋଦୟ ଅଧ୍ୟକ୍ଷ ମହାଶୟଙ୍କୁ ତାଙ୍କର ପ୍ରଗାଢ଼ ପରିଶ୍ରମ ଓ ଯତ୍ନ ଦେଖି ଧନ୍ୟ-ବାଦ ଦେଇ କହିଲେ ଯେ ଆମ୍ଭମାନଙ୍କର ଭୂତପୂର୍ବ ଛୋଟଲାଟ ମାନ୍ୟବର ଫ୍ରେଜର ସାହେବ ଗାଇ ଥିଲେ ସତ କହିଲେ ଯେ ବଧିର ଓ ମୂକ-ମାନଙ୍କ ନିମିତ୍ତ ସମୁଦାୟ ଭାରତବର୍ଷମଧ୍ୟରେ ଏହା ଏକମାତ୍ର ବିଦ୍ୟାଳୟ । ଏଠାର ଅଧିକାଂଶ ଲୋକେ ଦୁଃଖୀ ଏବଂ ତାଙ୍କର ବଧିର ଓ ମୂକ ପିଲା ବୋଝସ୍ୱରୂପ । ଏ ପିଲାମାନେ ସହଜ ଉପାୟରେ ଅର୍ଜନ କରିବାକୁ ଶିଖିଲେ ବିଶେଷ ଉପକାର ହେବ । ମୂକ ଓ ବଧିର ବାଳକମାନେ ଭଲ କାରିଗର ଏବଂ ଚିତ୍ରକର ହେବାର ଦେଖା ଯାଏ । ଏଠା ପିଲାମାନେ ନାନାପ୍ରକାରରେ ବୈଜ୍ଞାନିକଶିକ୍ଷା କରୁଥିଲେ ମାତ୍ର ତାହା ବନ୍ଦ ହେବାକୁ ଏହା ଉଚିତ ହୋଇଅଛି । ଛାପାକର୍ମ, ଶିଳ୍ପକର୍ମ ଏବଂ ଚିତ୍ରାଙ୍କନ ସକାଶେ ଏ ବିଦ୍ୟା-ଳୟରେ ଶ୍ରେଣୀ ଖୋଲିବା ବିଶେଷ ପ୍ରୟୋଜନ ଏବଂ ବିଦ୍ୟାଳୟକୁ ଆମ୍ଭମାନଙ୍କର ଷ୍ଟେଟ ମହୋଦୟ ୫ ୨୫୦ ଟଙ୍କା ଏବଂ ମାନ୍ୟବର ବର୍ଦ୍ଧ-ମାନର ମହାରାଜାଧିରାଜ ଓ ମାନିକ ଚନ୍ଦ ସାହେବ ମଧ୍ୟ ପ୍ରତ୍ୟେକେ ୧ ୨୦୦ ଟଙ୍କା ଲେଖାଏ ଦାନ କରିଥିବାର ପ୍ରକାଶ କଲେ । ଉତ୍ତରନ୍ତର ମାନ୍ୟ-ବର ଉଡ଼ନ ସାହେବ ମହୋଦୟଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା । ଉଡ଼ନ ସାହେବଙ୍କ କଥାରୁ ମୂକ ଓ ବଧିର ପିଲାମାନଙ୍କ ସକାଶେ ବିଦ୍ୟାଳୟର ପ୍ରୟୋଜନୀୟତା ବୁଝିବାକୁ ଆଉ ବାକି ରହିଲା ନାହିଁ । ଏ ବିଦ୍ୟାଳୟ ଯେ ସମସ୍ତ ଭାରତବାସିଙ୍କର ସାହାଯ୍ୟର ପାତ୍ର ଏଥିରେ ସନ୍ଦେହ ନାହିଁ ।

———

ବସନ୍ତୋତ୍ସବ ।

ବସନ୍ତକାଳ ଅତିବ ରମଣୀୟ । ଏହି-ବେଳେ ଯେଣିକି ଶସ୍ୟ ଅତି ଅମଳ ହୋଇ ଘରେ ରଖାଯାଇଥିବାରୁ ସବୁଦେଶରେ ତାହା ଆନନ୍ଦର ସମୟ ଅଟଇ । ପ୍ରକୃତି ମଧ୍ୟ ଏହି-ବେଳେ ନୂତନ ବେଶ ଧାରଣ କରେ । ଯଜୁ-ର୍ବେଦର ତ୍ରୟୋଦଶ ଅଧ୍ୟାୟର ପଚିଶଗୋଟି ମନ୍ତ୍ର-ରେ ବସନ୍ତ ଋତୁର ଯେଉଁ କଥା ଅଛି ତହିଁ ବଳ ଆଉ କିଛି ବୋଲାଯାଇ ନ ପାରେ । ଯଥା-

ମଧୁଶ୍ଚ ମାଧବଶ୍ଚ ବାସନ୍ତିକାବୃତୂ ଅଗ୍ନେରନ୍ତଃ-ଶ୍ଳେଷୋଽସି କଳ୍ପେତାଂ ଦ୍ୟାବାପୃଥିବୀ । ୨୬ । ମଧୁମନ୍ନୋ ବନସ୍ପତି ର୍ମଧୁମାଁ ଅସ୍ତୁ ସୂର୍ଯ୍ୟଃ । ମାଧ୍ୱୀର୍ଗାବୋ ଭବନ୍ତୁ ନଃ । ୨୯ ।

ଅର୍ଥାତ୍ ବସନ୍ତଋତୁରେ ବାୟୁ ପ୍ରବାହିତ ହୋଇ ଜଳ ପ୍ରାୟ ଶରୀର ଶୀତଳ କରେ, ନଦୀ ବା ସମୁଦ୍ର ମଧ୍ୟ ବୃଷ୍ଟି କରେ, ଔଷଧି ଆଦି ମଧୁରରସ-ଯୁକ୍ତ ହୁଏ, ଦିନମାନ ଓ ରାତିମାନ ସୁଖକର ହୁଏ, ପୃଥିବୀର ରଜ ମଧୁର ତଥା ଅନ୍ତରୀକ୍ଷ ମଧୁରଗୁଣଯୁକ୍ତ ହୋଇ ପିତା ପ୍ରାୟ ପାଳନ କରେ, ଅଶ୍ୱତ୍ଥାଦି-ବନସ୍ପତି ପତ୍ର ପୁଷ୍ପ ଫଳାଦିରେ ମଧୁରଗୁଣଯୁକ୍ତ ହୁଏ, ସୂର୍ଯ୍ୟର ପ୍ରକାଶ ମଧୁର ଏବଂ ତହିଁର କିରଣ ଯେନ ପ୍ରାୟ ଅମ୍ଭମାନଙ୍କର ହିତକାରୀ ହୁଏ ।

ବେଦର କଥା କେବଳ କଥାମାତ୍ର ନୁହେ ପରନ୍ତୁ ଏତଦ୍ଦ୍ୱାରା ବସନ୍ତକାଳରେ ଭ୍ରମଣ ଓ ଦୋଳରେ କ୍ରୀଡ଼ା କରିବା ମନୁଷ୍ୟମାନଙ୍କ ପକ୍ଷେ ପଥ୍ୟରୂପେ ନିର୍ଦ୍ଦିଷ୍ଟ ହୋଇଅଛି । ପାଠକମାନଙ୍କ 'ବସନ୍ତେ ଭ୍ରମଣଂ ପଥ୍ୟଂ' କଥାଟି ଲୋକୋକ୍ତିରୂପେ ଜଣା-ଅଛି । ତାହା ଯେ ବେଦସମ୍ମତ ଏଥିରେ ଆଉ କାହାର ସନ୍ଦେହ ରହିବ ନାହିଁ । ଉକ୍ତଙ୍କ କଥା ଯାଇ ଏହି ସମୟରେ ଭ୍ରମଣ ଓ କ୍ରୀଡ଼ା କରିବା ପ୍ରଶସ୍ତ ଓ ଶରୀରର ହିତକାରୀ ବୋଲି ସବୁଦେଶରେ ତାହା ପ୍ରଚଳିତ ଅଛି । ଏଦେଶ-ରେ ମାଘ ମାସରେ ବସନ୍ତ ଆରମ୍ଭ ହୁଏ । ସୁତରାଂ ତଦନୁଯାୟୀ ମାଘ ପୂର୍ଣ୍ଣିମାର ପରଦିନ ଅର୍ଥାତ୍ ଶ୍ରୀପଞ୍ଚମୀଠାରୁ ଫାଲ୍‌ଗୁନ ପୂର୍ଣ୍ଣିମାପର୍ଯ୍ୟନ୍ତ ଏହି ଉତ୍ସବକାଳ ନିର୍ଦ୍ଦିଷ୍ଟ ହୋଇ ଅଛି ।

ଭ୍ରମଣ ବା କ୍ରୀଡ଼ାର ପ୍ରଶସ୍ତ ସ୍ଥାନ ଉଦ୍ୟାନ। ସେହି ହେତୁ ଉଦ୍ୟାନରେ ବସନ୍ତୋତ୍ସବ ହୁଏ। ଉଦ୍ୟାନ ସଂରକ୍ଷଣ ମଧ୍ୟ ଏହି ହେତୁରୁ ଲୋକମାନଙ୍କର କର୍ତ୍ତବ୍ୟ। ପୌରାଣିକ ସମୟରୁ ଉଦ୍ୟାନମାନଙ୍କ ଠାକୁର ବେଢ଼ାଯିବାର ପ୍ରଥମ ସମୟ ଶ୍ରୀପଞ୍ଚମୀ। ତତ୍ପରେ ଦୋଳସମୟରେ ନାନାସ୍ଥାନର ଉଦ୍ୟାନକୁ ଠାକୁର ଯେନ ବନ୍ଧୁଜନମାନଙ୍କରେ ଭ୍ରମଣ ଏବଂ କ୍ରୀଡ଼ା କରିବା ନିର୍ଦ୍ଦିଷ୍ଟ ହେଲା। ଲୋକେ ଆପଣାର ସମସ୍ତ ଠାକୁରଙ୍କଠାରେ ଅର୍ପଣ କଲ ପ୍ରାୟ ଦୋଳାରେ କ୍ରୀଡ଼ା କରିବା କଥାଟା କେବଳ ଠାକୁରଙ୍କଠାରେ ରଖି ଆଜିକାଲି କେବଳ ଭ୍ରମଣ ସଙ୍ଗେ ରାତ୍ରି ଜାଗରଣ ଓ ଅଶ୍ଳୀଳ କଥା ଉଚ୍ଚାରଣ ଦ୍ୱାରା ଆପଣାର ସ୍ୱାସ୍ଥ୍ୟ ଓ ମନୁଷ୍ୟତ୍ୱର ହାନି କରୁଅଛନ୍ତି। ହୋଲି ପର୍ବ ପ୍ରକୃତ ଦୋଳଯାତ୍ରା ଥିବାବିଷୟରେ ଆଉ ସନ୍ଦେହ ହୋଇ ନ ପାରେ ଏବଂ ନମସ୍ତ ବଶିଷ୍ଠରୁ ଯେଉଁମାନେ ଶ୍ରୀପଞ୍ଚମୀ ଦିନ ଠାକୁର ବେଢ଼ାଯାନ୍ତି ସେମାନଙ୍କ ବସନ୍ତୋତ୍ସବର କଥା ସ୍ମରଣ କରାଇଦେବାର ପ୍ରୟୋଜନ ନାହିଁ। ଏହି ବସନ୍ତୋତ୍ସବରେ ବସନ୍ତକାଳର ବେଦମାର୍ଗ ଅନୁସରଣ କରି ଲୋକେ ଭ୍ରମଣ ଓ ଦୋଳାଦିରେ କ୍ରୀଡ଼ା କରି ଆପଣାର ଶରୀର ଓ ମନର ଉନ୍ନତି ସାଧନ କରିବା କର୍ତ୍ତବ୍ୟ। ଏ ହେତୁ ଲୋକେ ନାନାଦି ଅଶ୍ଳୀଳ କଥା ଓ ଶରୀରର ଅହିତକରରୂପ ଅଧର୍ମ କାର୍ଯ୍ୟ ଛାଡ଼ି ପ୍ରକୃତ ଧର୍ମାଚରଣରେ ରତ ହେଲେ ଅମ୍ଭେମାନେ ସୁଖୀ ହେବୁଁ। ଧର୍ମ ସର୍ବଦା ଦର୍ଶନ ଓ ବିଜ୍ଞାନ ସମ୍ମତ। ଯେଉଁ ଠାକୁରଙ୍କୁ ମଙ୍ଗଳମୟ ଇଷ୍ଟଦାତା ପରମ ପବିତ୍ର ପରମେଶ୍ୱର ବୋଲି ପୂଜା କରୁଁ ତାଙ୍କ ଆଗରେ ଅପବିତ୍ର ଅଶ୍ଳୀଳକଥାର ଉଚ୍ଚାରଣ ଅଥବା ଶରୀରର ଅହିତକାରୀ କାର୍ଯ୍ୟ କରିବା କେମନ୍ତ ଅନ୍ୟାୟ ବୁଦ୍ଧିମାନ ପାଠକେ ବିବେଚନା କରିବେ।

---

## ଚିତ୍ରପଟୋଦ୍‌ଘାଟନ ସଭା।

ରେଭେନ୍‌ସାକଲେଜର ଭୂତପୂର୍ବ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିପିନବିହାରୀ ଗୁପ୍ତ ମହୋଦୟଙ୍କ ଚିତ୍ରପଟ-ଉଦ୍‌ଘାଟନ କରିବାକାରଣ କଲେଜଗୃହରେ ଗତ ରବିବାର ପ୍ରାତଃକାଳରେ ଗୋଟିଏ ସଭା ହୋଇଥିଲା। ଶ୍ରୀଯୁକ୍ତ କମିଶନର ଲେଭିଞ୍ଜ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ। ସଭାସ୍ଥଳରେ କଲେଜର ଅଧ୍ୟକ୍ଷ, ଅଧ୍ୟାପକ ଏବଂ ଛାତ୍ରବୃନ୍ଦ ଛଡ଼ା ଅନେକ ଦେଶୀୟ ଭଦ୍ରଲୋକ ସମୁପସ୍ଥିତ ଥିଲେ। ସଭାପତି ବରଣ ହେଲାପରେ କଲେଜର ସଂସ୍କୃତ ଅଧ୍ୟାପକ ଶ୍ରୀଯୁକ୍ତ ଭୂଷଣ ବନ୍ଦ୍ୟୋପାଧ୍ୟାୟ ସ୍ୱ ରଚିତ ନିମ୍ନଲିଖିତ ସଂସ୍କୃତ କବିତା ସୁମିଷ୍ଟସ୍ୱରରେ ପାଠ କଲେ ଯଥା—

ଯଃ ପ୍ରାସ୍ଫୁଲ୍ଲସୁକଲେବରଳସୁଧୋଷେ ହୃଦ୍ଦି ବିଦ୍ୟାର୍ଥିବଃ, ସୁପ୍ରେମ୍ଣେ ପ୍ରଥିତୋ ଗୁଣେନ କରୁଣାକ୍ଷ୍ୟ ସ୍ୱାଶ୍ରୟୋଧର୍ମବିତ୍। ଅସ୍ମିନ୍ ବେଦଗୃହୋପଚାରପରତାଂଶ୍ଚ ପ୍ରଜାନନ୍ ସଦା, ଗୌର୍ଯ୍ୟା ମୂର୍ତ୍ତିମତାନ୍ ସ ଗୁରୁଃ ସ୍ୱସ୍ମରଃ ସର୍ବୈସ୍ତିରଂ ସ୍ମର୍ଯ୍ୟତାମ୍।

ତତ୍ପରେ ସଭାପତିଙ୍କ ଅନୁରୋଧରେ ମାନ୍ୟବର ମଧୁସୂଦନ ଦାସ ସି ଆଇ ଇ ବାର୍ହୋଷ୍ଟନ୍‌ପୂର୍ବକ ବିପିନବାବୁଙ୍କ ଅଗାଧ ବିଦ୍ୟାବତ୍ତା ଓ ଅଦମ୍ୟ ଉତ୍ସାହ ଏବଂ କଲେଜର ଉନ୍ନତିପକ୍ଷେ ନିରନ୍ତର ଯତ୍ନ ଇତ୍ୟାଦିର ଉଲ୍ଲେଖ କରି ବାଲକବୃନ୍ଦକୁ କହିଲେ ଯେ ଓକାଲତି ଏବଂ ଡେପୋଟିକାର୍ଯ୍ୟକୁ ଏକା ଲକ୍ଷ ରଖି ପାଠାଭ୍ୟାସରେ ମନୋଯୋଗୀ ହେବା କର୍ତ୍ତବ୍ୟ ନୁହେ। ଓକାଲତିରେ ପ୍ରଥମଶ୍ରେଣୀର ବୁଦ୍ଧିର ପ୍ରୟୋଜନ ହୁଏ ନାହିଁ। ସେ କହିଲେ ପୂର୍ବେ ଅଧ୍ୟାପକ ଥିଲେ ଏବଂ ତାହା ଛାଡ଼ି ଅବିବାସନମୟର ଶଯ୍ୟାଧୀନ ବାଲକ ଅକୃତ୍ରିମ ସ୍ନେହଜନକ ଅଶ୍ରୁପାତ ଅଦ୍ୟାପି ତାଙ୍କ ମନରେ ଜାଗରୂକ ଅଛି। ଚରିତ୍ରଗଠନହିଁ ଯୁବକମାନଙ୍କର ପ୍ରଧାନ କର୍ତ୍ତବ୍ୟ ଏବଂ ତାହା କେବଳ ଉପଯୁକ୍ତ ଶିକ୍ଷକଙ୍କ ଯୋଗୁଁ ସମ୍ପାଦିତ ହୁଏ। ପିତା ଜନ୍ମ ଦେଇ ଶରୀର ଗଢ଼ିଦିଅନ୍ତି ସତ୍ୟ ମାତ୍ର ଶିକ୍ଷକ ଦ୍ୱାରା ତାହାର ମନୁଷ୍ୟତ୍ୱ ଲାଭ ଏବଂ ଶିକ୍ଷକଙ୍କ ଯୋଗୁଁ ଘଟେ। ବିପିନବାବୁ ଚରିତ୍ରବାନ୍ ଲୋକ ଥିଲେ। ତାଙ୍କର ଶିକ୍ଷାଗୁଣରୁ ଯେ ମନୁଷ୍ୟ ହେବେ ସେ ତାଙ୍କୁ ସର୍ବଦା ସ୍ମରଣ କରିବେ ଏବଂ ସେ ତାହା ମନରେ ରଖି ଯେତେଲୋକଙ୍କୁ ମନୁଷ୍ୟ କରି ଗଢ଼ିବେ ସେମାନେ ମଧ୍ୟ ତାଙ୍କୁ ସ୍ମରଣ କରିବେ। ଏହି ମୃତ ପ୍ରକୃତ ମୂର୍ତ୍ତିମାନ୍ ତଥାପି ଚିତ୍ରପଟ ସମ୍ମୁଖରେ ଥିଲେ ତଦ୍ୱାରା ସେହି ଲୋକର କାର୍ଯ୍ୟାବଳୀ ସ୍ମୃତିପଥରେ ଆବିର୍ଭୂତ ହୋଇ ତାହା ହୃଦୟର କାର୍ଯ୍ୟରେ ପଥପ୍ରଦର୍ଶକ ହୁଏ। ସେ ଚିତ୍ରପଟ ପୂଜା ନ ଥିଲେହେଁ ତଦ୍ୱାରା ଜନ୍ମାଙ୍ଗ ତଥା ଦୋଷାବଳୀ ପ୍ରଦର୍ଶିତ ନ ହୋଇ ଯାହା ହୃଦୟ ଓ ମନର ପ୍ରକୃତ ସ୍ମୃତି ଅବଲମ୍ବନ କରଣାର୍ଥ ବକ୍ଷଃସ୍ଥଳ ଓ ମସ୍ତକର ପ୍ରତିକୃତି ଅଙ୍କିତ ହୁଏ ତେବେ ସାର୍ଥକ। ଏହାପରେ ସାର କଥାମାନ କହି ଆସନ ଗ୍ରହଣକଲାରୁ ରାୟ ମଧୁସୂଦନ ରାଓ ବାହାଦୁର ମହାଶୟ ବିପିନବାବୁ ସଦାଶୟ ଓ ସଚ୍ଚରିତ୍ର ଲୋକ ଥିବାହେତୁ ତାଙ୍କର ଗୁଣାବଳୀ ବର୍ଣ୍ଣନ କଲେ। ଅତଃପର ସଭାପତି ମହାଶୟ ବିପିନବାବୁଙ୍କ ଯୋଗେ କଲେଜର ଅନେକ ଉନ୍ନତି ହୋଇଥିବା ଓ ସେ ତାଙ୍କର ବନ୍ଧୁ ଥିବା ବିଷୟ ପ୍ରକାଶପୂର୍ବକ ମଞ୍ଚୋପରି ରକ୍ଷିତ ହୋଇଥିବା ନବବସ୍ତ୍ରାଚ୍ଛାଦିତ ଚିତ୍ରପଟ ସର୍ବସମକ୍ଷରେ ଉଦ୍‌ଘାଟନ କଲେ। ଚିତ୍ରଟି ଦେଖିବାକୁ ଅତିବ ସୁନ୍ଦର ହୋଇଅଛି। ଉପସ୍ଥିତ ଦର୍ଶକବୃନ୍ଦ ଉକ୍ତ ଚିତ୍ରରେ ବିପିନବାବୁଙ୍କ ମୁଖାବୟବ ଅତି ସୁନ୍ଦରରୂପେ ପ୍ରତିଫଳିତ ହୋଇଥିବାର ଦେଖି ଏକମତରେ ପ୍ରଶଂସା କଲେ। ତତ୍ପରେ କଲେଜର ଇଂରେଜୀ ଅଧ୍ୟାପକ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ଗାଙ୍ଗୁଲି ସଭାପତି ସାହେବ ମହୋଦୟ ମା ୭ ସ ଦେଲେ ଏହାପର ଆଉଗୋଟିଏ ଚିତ୍ରପଟୋଦ୍‌ଘାଟନ କ୍ରିୟା ସୁସମ୍ପନ୍ନ କରିଥିବା ଓ ଏଭଳି କାର୍ଯ୍ୟରେ ତାଙ୍କର ଅତ୍ୟନ୍ତ ଗୁରୁତର କାର୍ଯ୍ୟର ଭିଡ଼ରେ ସ୍ୱୟଂ ସମୟ କରି ଆସିଥିବାହେତୁ ତାଙ୍କର ଶ୍ରଦ୍ଧା ଏବଂ ଦୟାଭୃତ୍ୟନ୍ତଃକରଣର ନିଦର୍ଶନ ପାଇ ତାଙ୍କ ଧନ୍ୟବାଦ ଦେଇ ବିପିନବାବୁ ତାଙ୍କର ଅଧୀନସ୍ଥ ଅଧ୍ୟାପକମାନଙ୍କ ସହିତ ଶିଷ୍ଟାଚାରଯୁକ୍ତ ସହୃଦୟ ବ୍ୟବହାର କରିଥିବାର ବ୍ୟକ୍ତ କଲେ। ଏଥିଉତ୍ତାରୁ ସଭା ଭଙ୍ଗ ହେଲା। ଅମ୍ଭେମାନେ ଏପରିର କାର୍ଯ୍ୟାବଳୀ ସୁନ୍ଦରରୂପରେ ସମାହିତ ହୋଇଥିବାର ଦେଖି ଅତୀବ ଆନନ୍ଦିତ ହୋଇଅଛୁଁ। ବିପିନବାବୁ ଯେମନ୍ତ ଚରିତ୍ରବାନ୍ ସେମନ୍ତ କାର୍ଯ୍ୟରେ ଏକନିଷ୍ଠ, ଯେମନ୍ତ ବିଦ୍ୟାର୍ଥୀ ତେମନ୍ତ ବନ୍ଧୁବତ୍ସଳ ଏବଂ ଯେମନ୍ତ ଉଚ୍ଚପଦାରୂଢ଼ ସେମନ୍ତ ସୁନିଷ୍ଠାଭାଷୀ ଥିଲେ। ଏତେଗୁଡ଼ିଏ ଗୁଣ ଏକାଧାରରେ ମିଳିବା ଦୁର୍ଲଭ। ଏମନ୍ତ ଲୋକଙ୍କ ଚିତ୍ରପଟ ରକ୍ଷାକରିବା ଯେ ଏକାନ୍ତ କର୍ତ୍ତବ୍ୟ ତହିଁରେ ସନ୍ଦେହ ନାହିଁ ଏବଂ ଯେଉଁ ଶିକ୍ଷକ ଓ ଛାତ୍ରବୃନ୍ଦ ଏଥିରେ ସହଯୋଗ ହୋଇ ସାମାନ୍ୟ ବ୍ୟୟର କାର୍ଯ୍ୟ ହେଲେହେଁ ଉଦାରହୃଦୟର ମହତ୍ତ୍ୱ ଦେଖାଇ ଅଛନ୍ତି ସେମାନେ ସମସ୍ତ ଏହା ଅମ୍ଭମାନଙ୍କର କାହିଁକି ସମସ୍ତଦେଶ ଲୋକଙ୍କର ଧନ୍ୟବାଦର ପାତ୍ର ଅଟନ୍ତି। ଅମ୍ଭେମାନେ ଆଶା କରୁଁ କଲେଜ ଓ ବିଦ୍ୟାଳୟର ଛାତ୍ରବୃନ୍ଦ ସର୍ବଦା କୃତଜ୍ଞହୃଦୟବାନ୍, ସାଧୁ ଓ ସଚ୍ଚରିତ୍ର ଅତଏବ ବିପିନବାବୁଙ୍କ ମନେ ରଖି ଆପଣାର ଚରିତ୍ର ଗଠନରେ ମନୋଯୋଗୀ ହେବେ।

---

## ଉତ୍କଳସାହିତ୍ୟ ସମାଜ।

ଶୀର୍ଷଲିଖିତ ସମାଜର ସପ୍ତମବାର୍ଷିକ ଅଧିବେଶନ ଗତ ବୁଧବାରଦିନ ସନ୍ଧ୍ୟା ସମୟରେ ଏଠା ଟାଉନ୍ ଲାଇବ୍ରେରିହଲରେ ସମ୍ପାଦିତ ହୋଇଥିଲା। ସୁରଙ୍ଗୀରାଜା ଶ୍ରୀଯୁକ୍ତ ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦ୍ଦେବ ସଭାପତିର ଆସନ ଗ୍ରହଣ କରିଥିଲେ। ସଭାଗୃହଟି ଭଦ୍ରମଣ୍ଡଳୀରେ ପରିପୂରିତ ହୋଇଥିଲା ଏବଂ ତହିଁମଧ୍ୟରେ ଗଞ୍ଜାମଜିଲ୍ଲାରୁ ଅନେକ ଲୋକେ ଆସି ଯୋଗଦେବା ପ୍ରତି

ଚତୁର ସଭାମହୋଦୟଙ୍କୁ ସମୁପସ୍ଥିତ ଥିବାର ଦେଖି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଗୋଟିଏ ସଙ୍ଗୀତ ଓ ଗଦ୍ୟ ସ୍ୱାମୀନନ୍ଦନାଥ ବାହାଦୁରଙ୍କ ରଚିତ ସମାଗତ ସଦସ୍ୟମଣ୍ଡଳୀଙ୍କର ସ୍ୱାଗତ ସମ୍ଭାଷଣ ଦ୍ୱାରା କାର୍ଯ୍ୟାରମ୍ଭ ହେଲାରୁ ପ୍ରଥମରେ ସଭାପତି ନିର୍ବାଚନପରେ ସଭାପତି ଆସନର ବକ୍ତୃତା ପାଠ କଲେ । ସଭାପତି ମହାଶୟଙ୍କ ସୁମିଷ୍ଟ ଉଚ୍ଚାରଣ ଏବଂ ଅବଚନର ତେଜୋଦ୍ଦୀପକ ସମସ୍ତଙ୍କର ଚିତ୍ତ ହରଣ କରିଥିଲା । ବକ୍ତୃତାଟି ଯେମନ୍ତ ଉକ୍ତ ଗୀତ ତେମନ୍ତ ସମୟୋଚିତ ହୋଇଥିଲା । ସେ ଲକ୍ଷ୍ମୀସରସ୍ୱତୀଙ୍କ ବିବାଦକୁ ଉପେକ୍ଷା କରି ଲେଖକମାନଙ୍କ ଦୃଷ୍ଟି ହିତ ଦରିଦ୍ରନାରାୟଣ ରଜା ଓ ଧନୀଲୋକମାନଙ୍କ ହାତରେ ଗୋଟିଏ ପବିତ୍ର ଭାରପୂର୍ବକ ତାଙ୍କର ଲକ୍ଷ୍ମୀସ୍ୱରୂପର ପ୍ରସ୍ତାବ କଲ ଅଯଥାଳଙ୍କାର ଗ୍ରନ୍ଥସ୍ତା ସୌନ୍ଦର୍ଯ୍ୟବର୍ଦ୍ଧିନୀ ଦର୍ପଣସ୍ପର୍ଶିନୀ ପୁସ୍ତକ ରଚନା ପରିବର୍ତ୍ତେ ଦନ୍ତଧାବନ ଚୂର୍ଣ୍ଣ ଶ୍ରୁତିମଧୁର ଶବ୍ଦ ଧାତ୍ୟସମ୍ପୂର୍ଣ୍ଣା ଲାବଣ୍ୟାର୍ଦ୍ଧ୍ୟର ରଚନାଦ୍ୱାରା ଭାଷାର ଉନ୍ନତିସାଧନର ପରାମର୍ଶ ଦେଲେ । ମାସିକପତ୍ରିକାମଧ୍ୟରେ କେବଳ ଉତ୍କଳସାହିତ୍ୟର ଦାମୋଦରପୂର୍ବକ ତାହା ପୁଣି ଅସହାୟ ଅବସ୍ଥାରେ ପଡ଼ିଥିବା ଏବଂ ଗ୍ରାହକମାନେ ମୂଲ୍ୟ ନ ଦେବାହେତୁ ସମ୍ପାଦକମାନେ ଅକାଳମୃତ୍ୟୁରେ ପଡ଼ୁଥିବାରୁ ଉତ୍କଳସାହିତ୍ୟସମାଜର ଅଧିବେଶନ ଦିନ ଦିନ ଉନ୍ନତିର ନିମନ୍ତେ ଜଣ ଜଣେ କରିବା ଓ ପ୍ରସ୍ତାବ ପ୍ରେରଣପୂର୍ବକ ଶାଖାସଭା ଓ ସ୍ଥାନୀ ସଂଗ୍ରହକରିବାର କହି ଆପଣାର ବକ୍ତବ୍ୟ ଶେଷ କଲେ । ପୁଣି ଗୋଟିଏ ସଙ୍ଗୀତ ହୋଇ ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ନନ୍ଦଙ୍କ ରଚିତ ସମାଜର କାର୍ଯ୍ୟବିବରଣ ପାଠ ହେଲା । ତହିଁରୁ ଜଣାଗଲା ଯେ ସମାଜର ବର୍ଷମଧ୍ୟରେ କେବଳ ଏକଗୋଟି ଅଧିବେଶନ ହୋଇଅଛି । ସମାଜର ଆୟବ୍ୟୟର ହିସାବ ଅଥବା ସଦସ୍ୟଙ୍କ ନାମ ଓ କାର୍ଯ୍ୟାବଳୀ ପ୍ରକାଶିତ ହୋଇ ନ ଥିବାର ଦେଖି ଅମ୍ଭେମାନେ ଦୁଃଖିତ ହୋଇଅଛୁଁ । ଅତଃପର ଆଗାମୀବର୍ଷ ନିମିତ୍ତ କର୍ମଚାରୀ ଓ କାର୍ଯ୍ୟନିର୍ବାହକ ସମିତିର ନିଯୋଗ ହୋଇ ବାବୁ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗୋଟିଏ କବିତା ଲିଖିତ ଅନ୍ୟ ବାବୁଙ୍କ ପଦ ଏବଂ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ କାବ୍ୟତୀର୍ଥଙ୍କ ପଠିତ ରଚନାହେତୁ ନାଟକର ସଙ୍ଗୀତ ପ୍ରଦତ୍ତ ନଗଦ ୪୦ ଙ୍କା ପୁରସ୍କାର ଦିଆଗଲା । ଏଥି ଉପରୁ ଅମ୍ଭମାନଙ୍କର ସ୍ନେହାସ୍ପଦ ସଖ୍ୟ ମଧୁସୂଦନ ରାଓ ବାହାଦୁର "ଅତୀତର ଯୁଗର ସାହିତ୍ୟଚର୍ଚ୍ଚା" ବିଷୟରେ ଗୋଟିଏ ବକ୍ତୃତା କଲେ । ବକ୍ତୃତାସମ୍ବନ୍ଧରେ ଅମ୍ଭମାନଙ୍କର କେତେକ ମତ ପାର୍ଥକ୍ୟ ଥିଲେହେଁ ତାହା ମୋଟରେ ଅତୀବ ସୁନ୍ଦର ହୋଇଥିଲା । ବକ୍ତା ଯଥାର୍ଥ କହିଲେ ଯେପରି ଶସ୍ୟଦ୍ରବ୍ୟର ଆମଦାନି ରପ୍ତାନିଦ୍ୱାରା ଦେଶର ଅବସ୍ଥାର ଶ୍ରୀବୃଦ୍ଧି ତେମନ୍ତ ଭାବର ଆମଦାନି ରପ୍ତାନିଦ୍ୱାରା ସାହିତ୍ୟର ଶ୍ରୀବୃଦ୍ଧି ହୁଏ । ପଶ୍ଚିମଖଣ୍ଡର ଲୋକେ ତାହାହିଁ କରି ଉନ୍ନତ ହୋଇଅଛନ୍ତି ଏବଂ ଅମ୍ଭେମାନେ ତାହା ନ କରି ଅବନତ ଅବସ୍ଥାରେ ପଡ଼ି ରହିଲୁଁ । ତାଙ୍କ ମତରେ କାବ୍ୟ, ଉପନ୍ୟାସ ଓ ନାଟକ ସାହିତ୍ୟର ଅଙ୍ଗ, ସଙ୍ଗୀତ ତାଦୃଶ ଅଙ୍ଗ ନୁହେ । ତତ୍ପରେ ମହାମହୋପାଧ୍ୟାୟ ପଣ୍ଡିତ ଯାଦବେଶ୍ୱର ତର୍କରତ୍ନ ମହାଶୟ ବଙ୍ଗଳାରେ ପୁରାତନ ଋଷିମାନଙ୍କ ପ୍ରଦର୍ଶିତ ପଥରେ ଚଳି ଉନ୍ନତିସାଧନ କରିବା ମର୍ମରେ ଗୋଟିଏ ହୃଦୟଗ୍ରାହୀ କ୍ଷୁଦ୍ର ବକ୍ତୃତା କଲାରୁ ସଭାପତିଙ୍କି ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା । ଅମ୍ଭେମାନେ ଏବର୍ଷର କାର୍ଯ୍ୟାବଳୀ ସୁଚାରୁରୂପେ ସମାହିତ ହେବାର ଦେଖି ବାସ୍ତବରେ ଆନନ୍ଦିତ ହୋଇଅଛୁଁ । ମଧୁବାବୁଙ୍କର ବକ୍ତୃତାଙ୍କଠାରୁ ସଙ୍ଗୀତ ସାହିତ୍ୟର ଅଙ୍ଗ ନ ଥିବାର ଶୁଣି ପ୍ରକୃତରେ ଅମ୍ଭମାନଙ୍କୁ ଅଦ୍ଭୁତ ଲାଗିଅଛି । ତାଙ୍କ ମତରେ ଅବର କବି ଈଶ୍ୱର ଏବଂ ଅବତାରଙ୍କ ବେଦବାଣୀ ସଙ୍ଗୀତାନୁସାରଣୀ ହୋଇ ସାହିତ୍ୟର ଉଚ୍ଚସ୍ଥାନ ଅଧିକାର କରି ରହିଅଛି । କବିମାନେ ଜଗତର ସୃଷ୍ଟିକର୍ତ୍ତା ହୋଇ ଛନ୍ଦୋବନ୍ଧରେ କବିତା ସବୁ ଦେଶରେ ଗାଇଅଛନ୍ତି ଓ ଗାଉଅଛନ୍ତି । ଏମନ୍ତ ସ୍ଥଳେ ସଙ୍ଗୀତ ଯେ ସାହିତ୍ୟର ପ୍ରଧାନ ଅଙ୍ଗ ତହିଁରେ ସନ୍ଦେହ ନାହିଁ । ତେବେ ଆଜି କାଲି ଯୁବକମାନେ ରୁଚିଭ୍ରଷ୍ଟ ହୋଇ ସଙ୍ଗୀତକୁ ଛାଡ଼ିଛନ୍ତି ଏବଂ ତର୍କରତ୍ନ ପଣ୍ଡିତପ୍ରବରଙ୍କ କଥାମତେ ଯଦି କର୍ଣ୍ଣ ବକ୍ର ଘଟିଥାଏ ତେବେ ଏବଂ ତହିଁର ଔଷଧ ପ୍ରୟୋଗ ଆବଶ୍ୟକ । ଫଳତଃ ସଙ୍ଗୀତର ଅନାଦରଯୋଗୁଁ ସାହିତ୍ୟର ଉନ୍ନତିରେ ବିସ୍ତାରିତ ବାଧା ଉପସ୍ଥିତ ହୋଇଅଛି । ଦ୍ୱିତୀୟତଃ କବିମାନଙ୍କ କବିତାରେ ଅଯଥାଳଙ୍କାର ବା କଦର୍ଯ୍ୟତା ଥିବାହେତୁ ସଭାପତି ମହାଶୟ ତାହାର ଯେତେ ସରଳ ନିନ୍ଦା କଲେ ଅମ୍ଭେମାନେ ତାହା ଅନୁମୋଦନ କରି ପାରିଲୁଁ ନାହିଁ । ସେ କବିତାରେ ଶବ୍ଦକାଠିନ୍ୟ ଥିଲେହେଁ ସୁକୋମଳ ପ୍ରେମଭାବର ପରକାଷ୍ଠାଦ୍ୱାରା ନାରକେଳ ଫଳ ସଦୃଶ ଭାବୁକ ଏବଂ ଚରିତ୍ରବୋଧକତାର । ତାହା ପଣ୍ଡିତ ରସିକମାନଙ୍କ ସହାଶେ ରସ ବହୁଳ ହୋଇ କଠିନାବରଣରେ ଉଦିତ ହୋଇଅଛି ଏବଂ କବି ସ୍ୱତଃସିଦ୍ଧ ରସିକ ହୋଇଥିଲେହେଁ ଅଶ୍ଳୀଳତା ପରିତ୍ୟାଗ ଓ ସାଧୁତା ପାଳନପୂର୍ବକ ସୃଷ୍ଟି ହୋଇପାରନ୍ତି । ଅଶ୍ଳୀଳତା ପୂର୍ବକାଳର ଲୋକମାନଙ୍କର ଦୋଷ ଏବଂ ସେ ଦୋଷ ବର୍ତ୍ତମାନ ରୁଚିଗ୍ରାହୀ କାଳିଦାସ ସୁଦ୍ଧା ପରିହାର କରିପାର ନାହାନ୍ତି । ମଧୁବାବୁ ଯଥାର୍ଥ କହିଲେ ଯେ ପୁସ୍ତକ କବିମାନଙ୍କ କବିତାମାନ ଅନୁବାଦ କରି ଭାଷାରେ ଦେବା ଆବଶ୍ୟକ ମାତ୍ର । ଯେମନ୍ତ ବଙ୍ଗଳାର କବି ମାଇକେଲ ପାଶ୍ଚାତ୍ୟ ଖଣ୍ଡରୁ ଭାବଲହରୀ ନେଇ ଅମ୍ଭମାନଙ୍କ ଦେଶୀୟ କବିତା ସମୁଦ୍ରକୁ ଆଲୋଡ଼ନପୂର୍ବକ ଲୋକମାନଙ୍କ ହୃଦୟରେ ମନୋମୁଗ୍ଧକର ଛାପ ମାରି ଯେରୂପ ଆପଣାର ନାମ ଚିରସ୍ଥାୟୀ ମାତୃଭାଷାକୁ ବନ୍ଧୁ ହୋଇ ଅସଳରେ ପ୍ରତିଷ୍ଠିତ କରିଗଲେ ଅଧୁନାତନ ପ୍ରତ୍ୟେକ କବିମାନଙ୍କର ସେହି ବାଟ ଅନୁସରଣୀୟ । ତାହା କଲେ ଲକ୍ଷ୍ମୀ ସରସ୍ୱତୀଙ୍କ ବିବାଦ ରହିବ ନାହିଁ । ଶିକ୍ଷିତ ଲୋକମାନଙ୍କ କର୍ତ୍ତୃକ ଭାଷାର ଅନାଦରହିଁ ଭାଷାର ଅବନତିର କାରଣ ହୋଇଅଛି । ରଜା, ଜମିଦାର ପ୍ରଭୃତିଙ୍କ ସହାୟତା ଆବଶ୍ୟକ ହେଲେହେଁ ସର୍ବଦା ତାଙ୍କର ମୁଖାପେକ୍ଷା କରି ରହିବା କର୍ତ୍ତବ୍ୟ ନୁହେ ଏବଂ ସେମାନଙ୍କର ସ୍ୱଭାବ ଧନର ଧାରା ଅଛି । ପାଶ୍ଚାତ୍ୟ ଖଣ୍ଡରେ ପୁସ୍ତକ ଖଣ୍ଡିଏ ଛପା ହେଲା ବୋଲି ଲୋକେ ଆଗ୍ରହ ହୋଇ କିଣି ପାଠ କରନ୍ତି । ତଦ୍ୱାରା ଆପଣାର ଆନନ୍ଦର ସଙ୍ଗେ ଲେଖକଙ୍କର ଉପଯୁକ୍ତ ସହାୟତା ହୁଏ । ଯଦି ଏଦେଶ ଲୋକେ ଅନ୍ତତଃ ଶିକ୍ଷିତ ଲୋକମାନେ ଛପାହେବା ପୁସ୍ତକମାନ କିଣିବା ଓ ପଢ଼ିବାପାଇଁ ଯତ୍ନବାନ୍ ହୁଅନ୍ତି ତାହା ହେଲେ ଲେଖକଙ୍କର ବର୍ତ୍ତମାନ ଅଭାବ ରହିବ ନାହିଁ । ତହିଁ ଉପରେ ରଜା, ଜମିଦାର, ଧନୀଲୋକମାନଙ୍କୁ ଅମ୍ଭେମାନେ କେତେକ ଖଣ୍ଡ ପୁସ୍ତକାଳୟ ବା ପୁରସ୍କାର ଦେବା ନିମନ୍ତେ କିଣିବାପାଇଁ ପରାମର୍ଶ ଦେଉଅଛୁ । ଏହାଦ୍ୱାରା ଯେମନ୍ତ ଉପଯୁକ୍ତ ସାହାଯ୍ୟ ତେମନ୍ତ ମୁଦ୍ରିତ ପୁସ୍ତକର ବ୍ୟବହାର ହୋଇପାରିବ । ଓଡ଼ିଆଭାଷା ପ୍ରଚଳିତ ଭୂମିଖଣ୍ଡର ଅପୂର୍ବ ଅଳ୍ପ ପୁଣି ସେ ଭାଷା ଲେଖି ପଢ଼ି ପାରିବା ଲୋକସଂଖ୍ୟା ଅତ୍ୟନ୍ତ ଊଣା ଓ ସେମାନଙ୍କ ମଧ୍ୟରେ ଅଧିକାଂଶ ଗରିବ । ତଥାପି ଯେଉଁମାନେ ବଳ ଗ୍ରନ୍ଥ ମୁଦ୍ରାଣ କରୁଅଛନ୍ତି ସେମାନଙ୍କର ଘମ ବିଫଳ ହେଉ ନାହିଁ । ପ୍ରକୃତରେ ଦେଶର ଅବସ୍ଥାରେ ଭାଷା ଅଧିକ ଲାଭ ହେଉଅଛି । ଯାହା ତାହା ଛପା କରି କହିବ ନ ହେଲାବୋଲି ଦୁଃଖ କରି ଜନସାଧାରଣଙ୍କ ନିନ୍ଦା କରିବା ଓ ଲକ୍ଷ୍ମୀ ସରସ୍ୱତୀଙ୍କ ବିବାଦ କଥା ପକାଇବା ଭଲ ନୁହେ । ସରଳ ଚିତ୍ତରେ ଭାବିଲେ ଲକ୍ଷ୍ମୀ ସରସ୍ୱତୀଙ୍କ ବିବାଦ ନାହିଁ । ସରସ୍ୱତୀଙ୍କ ସେବା କଲେ ଲକ୍ଷ୍ମୀ ଆପେ

Split by PDF Splitter



ପ୍ରଣାମ ହୋଇ ବର ହଅନ୍ତି ପରନ୍ତୁ ସରସ୍ୱତୀର ଅନାଦର ଯେଉଁଠାରେ ସେଠାରେ ଲକ୍ଷ୍ମୀ ଉପସ୍ଥିତ ହୁଅନ୍ତିନାହିଁ । ଶିକ୍ଷା ଅଭାବରେ ଏ ଦେଶର ଦରିଦ୍ରତା କ୍ରମେ ବଢ଼ୁଅଛି ଏବଂ ଅନ୍ୟ ଦେଶର ବଣିକମାନେ ପ୍ରତିଯୋଗିତାରେ ଆମ୍ଭମାନଙ୍କ ଉନ୍ନତି ଷଡାଇ ଦେଉଅଛନ୍ତି । ନୂଆ ଏ ଘଟଣା ଦେଖି ଉପଯୁକ୍ତ ଶିକ୍ଷା ଲାଭ ଓ ତାହା କାର୍ଯ୍ୟରେ ଲଗାଇବାପାଇଁ ଚେଷ୍ଟା ଯେଉଁଠାରେ ସେଠାରେ ସାହିତ୍ୟର ଉନ୍ନତି ସମ୍ଭବ କି ? ପରନ୍ତୁ ଏ ପରେ ମୃତ୍ତପ୍ରାୟ ଦେଶରେ ଖଣ୍ଡ ମସିହ ଯନ୍ତ ଓଳିଅରେ ପ୍ରସ୍ତୁତ ହେଉ ଥିବାସ୍ଥଳେ ସମ୍ପାଦକ ଏହା ଉତ୍କଳ ସାହିତ୍ୟର ଉନ୍ନତି କରିବାକାରଣ ବୁଝିପାରନ୍ତି ନାହିଁ ।

—✻—

## ପଶୁ ଯନ୍ତ୍ରଣା ନିବାରଣୀ ସଭା ।

ମାନ୍ଦ୍ରାଜର ଅଧିବେଶନ ହେବାରୁ କଲିକତାଠାରେ ଗତ ମାର୍ଚ୍ଚମାସ ତା ୨୫ ଦିନରେ ଶୀତ-ଲକ୍ଷିତ ହଲ ଅଧିବେଶନ ହୋଇଥିଲା । ଏ ସଭାରେ ମହାରାଜା ସାର ପ୍ରଦ୍ୟୋତକୁମାର ଠାକୁର ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ଖାସ ବାହାନ୍ତି ମହୋଦୟ ପ୍ରଧାନ ବକ୍ତୃତା ଦେଇଥିଲେ । ସେ କହିଲେ ଯେ ଏ ଦେଶରେ ପୂର୍ବକାଳରୁ ଗୋରୁ ମାନେ ସ୍ନାନ ଅଧିକାର କରଅଛି ଏବଂ ଲୋକେ ମାତା ବୋଲି ତାଙ୍କୁ ପୂଜା କରନ୍ତି । ଏଣୁ ଏ ଦେଶବାସିଙ୍କି ଗୋରୁର ଆବଶ୍ୟକତା ବୁଝାଇବାର ପ୍ରୟୋଜନ ନାହିଁ । ସହରର ଗଡ଼-ମୋଡଙ୍କର ଗୋରୁ ଦେଖିଲେ ସେମାନଙ୍କ ପେଟ ପୁରି ଖାଇବାକୁ ଦିଅଯାଉ ନ ଥିବାର ବୁଝାଯିବ, ସେହିପରି ଗଉଡ଼ିଆମାନେ ମଧ୍ୟ ପେଟପୁରି ଖାଇବାକୁ ପାନ୍ତି ନାହିଁ । ସଗଡ଼ମାନଙ୍କରେ ଅତିରିକ୍ତ ବୋଝ ଲଦା ଯାଇ ଗୋରୁଙ୍କୁ କଷ୍ଟ ଦେବାର ଦେଖାଯାଏ । ୧୮୬୯ ମସୀହାରେ ବାବୁ ସୂର୍ଯ୍ୟନିଜ ନିଜ କଲୁମାନଙ୍କପ୍ରତି ନିଷ୍ଠୁର ବ୍ୟବହାର ସମ୍ବନ୍ଧରେ ଅନେକ ପ୍ରଚଳିତ କରିଥିବାରୁ ଏହା ଅନେକାଂଶରେ ନିବାରିତ ହୋଇଅଛି । ସହର-ମଧ୍ୟରେ ଦୁର୍ବଳ ଗାଈମାନଙ୍କ ଉପ ଗୁହାଳରେ ରଖା ଯାଏନାହିଁ । ଯେଉଁ ଦୁଧ ମନୁଷ୍ୟର ପ୍ରଧାନ ଖାଦ୍ୟ ଏବଂ ଯହିଁ ଉପରେ ଲୋକଙ୍କର ସ୍ୱାସ୍ଥ୍ୟ ନିର୍ଭର କରେ ସେହି ଦୁଧ ଦେଉଥିବା ଗୋରୁଙ୍କ ଉପ ସରେ ରଖିବା ସର୍ବତୋଭାବେ କର୍ତ୍ତବ୍ୟ, କସାଇମାନଙ୍କ ବାଛୁରୀ ବଳ ଗୋରୁର ସମସ୍ତ ଦୁଧ ଅପହାର କରିବା ପ୍ରଥା କଲିକତାରେ ବିଶେଷ ଦେଖାଯାଏ ଏହା ଅତିବ ନିଷ୍ଠୁର କାର୍ଯ୍ୟ । ଯୁବରାଜ ମହୋଦୟ ଭାରତକୁ ଆସିଥିବା ସମୟରେ ତାଙ୍କ ଗଡଣରେ ଥିବା ଡାକ୍ତର ମହା ଶ୍ୱେତା ଓ ଜେନେରେଲ ବାଟ୍ସନ ସାହେବ ଖାସ ମହୋଦୟଙ୍କ ଭାରତରେ ଯୁରୋପୀୟ ଏବଂ ମୁସଲମାନମାନେ ଗୋ ମାଂସ ନ ଖାଇବା ସମ୍ବନ୍ଧରେ ସଭା ସ୍ଥାପନ କରିବା କଥା ପକାଇଥିଲେ । ଜନ-ରେଲ ସାହେବ କହିଲେ ଯେ ହିନ୍ଦୁମାନଙ୍କ ମନରେ ଦୁଃଖ ନ ଦେବା ଅଭିପ୍ରାୟରେ ସୈନିକ ବିଭାଗର ଅଧିକାଂଶ ଗୋମାଂସ ଭୋଜନ ତ୍ୟାଗ କରିବାକାରଣ ପ୍ରସ୍ତୁତ ଅଛନ୍ତି । ମାନ୍‌ଚେଷ୍ଟର ସାହେବ ଯୁକ୍ତ ପ୍ରଦେଶର ଲେଫ୍‌ଟେନାଣ୍ଟ ପଦରେ ଥିବାସମୟରେ ଗୋମାଂସ ଅଦୌ ନ ଖାଇ ଦେଇ ନାହାନ୍ତି ଏବଂ ଏହା ହେବାର ଲୋକମାନଙ୍କ ମନୋରଞ୍ଜନ ହେଉ କରିଥିଲେ, ଅପଗାନ ସ୍ଥାନର ଅମୀର ଏ ଦେଶକୁ ଆସିଥିବା ସମୟରେ ଭାରତରେ ଗୋବଧ ସମ୍ପୂର୍ଣ୍ଣ ନ ଥିବାର କହି ଯାଇଅଛନ୍ତି କାରଣ ତଦ୍ୱାରା ଲୋକଙ୍କ ମନକୁ ବାଧିବ । ଭାରତରେ ଗୋହତ୍ୟା ନିବାରିତ ହେଲେ ଦେଶର ନାନାପ୍ରକାର କଲ୍ୟାଣ ସାଧିତ ହେବ । ଏତଦ୍ୱାରା ଗୋବଂଶ ବୃଦ୍ଧିପ୍ରାପ୍ତ ହେବ ଏବଂ ଦୁର୍ଭିକ୍ଷ ଯୋଗେ ଗୋରୁ କଷ୍ଟ ଦେବାହେତୁ କୃଷକ ଆର୍ଯ୍ୟ ସହାୟେ ଗୋରୁ ଯାହା ଅପ୍ରାପ୍ତହୋଇଅଛି ତାହା ନିବାରିତ ହେବ । କସାଇମାନଙ୍କ ଦରିଦ୍ରକରିବାକାରଣ ଗୋରୁ ହତ୍ୟା କରିବା ନିଷିଦ୍ଧ ହେଲେ ସୁଦ୍ଧା ଅନେକ ଉପକାର ହେବ । ଏହିରୂପେ ନାନା ସଂକଳ୍ପ କଥା କହି ଖାସ ମହୋଦୟ ଆସନ ଗ୍ରହଣ କଲାରୁ ପଶୁ ଯନ୍ତ୍ରଣା ନିବାରଣ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାୟୀ ସଭା ସଂଗଠିତ ହେଲା । ପଶୁଙ୍କ ଯନ୍ତ୍ରଣା ଦେବା ଯେ ନିଷ୍ଠୁର କାର୍ଯ୍ୟ ଏଥିରେ ସନ୍ଦେହ ନାହିଁ । ଯେଉଁ ଜୀବର ମୁଖରୁ କଥା ନ ବାହାରେ ତାହାପ୍ରତି ସମ୍ପୂର୍ଣ୍ଣ ସଦୟଭାବେ ବ୍ୟବହାର କରିବା କର୍ତ୍ତବ୍ୟ ଏବଂ ଲୋକେ ନାନାପ୍ରକାରରେ ଉପକାର ପାଇ ସୁଦ୍ଧା ଯେ ଗୋରୁଙ୍କୁ କଷ୍ଟ ଦଅନ୍ତି ଏତଠାରୁ କୃତଘ୍ନର କାର୍ଯ୍ୟ ଅଉ କିଛି ଅଧିକ ହୋଇ ନ ପାରେ । ମାତ୍ର ଏମନ୍ତ ଜୀବକୁ ମାରି ଖାଇବା ସର୍ବାପେକ୍ଷା ଅଧିକ ଯନ୍ତ୍ରଣା ଓ ଅମନୁଷ୍ୟତାର କାର୍ଯ୍ୟ । ଧାରଣାକରିବା ଯେମନ୍ତ ପାପ ମାରିବାପାଇଁ କସାଇଙ୍କି ଦେବା ମଧ୍ୟ ତେମନ୍ତ ପାପ । ଏହା ନିଷିଦ୍ଧ ହେଲେ କୃଷିକାର୍ଯ୍ୟ ସହାୟେ ଯେମନ୍ତ ଗୋରୁ ଅପ୍ରାପ୍ତ ନ ହେବେ ତେମନ୍ତ ଅପର୍ଯ୍ୟାପ୍ତ ଘିଅ ଦୁଧ ପାଇ ଲୋକଙ୍କର ଦଶା ଫେରିଯିବ । ନବପ୍ରତିଷ୍ଠିତ ସଭାଦ୍ୱାରା ଗୋବଧ ନିବାରିତ ହେଲେ ଆମ୍ଭେମାନେ କଲ୍ୟାଣରୁ ଆଗତ ଖାସ ଶ୍ରୀଲାଟଙ୍କ ଯାହାଙ୍କ ଉପରେ ଶୀଘ୍ର ଅଧ୍ୟବସାୟ ହେଉ ଏ ସଭା ସ୍ଥାପିତ ହେଲା ତଥା ଖାସ ବାହାନ୍ତିଙ୍କଠାରେ ଚିର କୃତଜ୍ଞତା ପାଶରେ ଆବଦ୍ଧ ହୋଇ ରହିବୁ । ଗୋବଧ ଦେଶର ବଡ଼ ଅବସ୍ଥାର ପ୍ରଧାନ କାରଣ ଏଥିରେ ସନ୍ଦେହ ନାହିଁ । ପରନ୍ତୁ ଏ ଦେଶର ଗୋରୁଙ୍କମାଂସ ଖାଦ୍ୟର ଅନୁପଯୁକ୍ତ । ଆମ୍ଭେ-ମାନେ ପୂର୍ବେ କହିଅଛୁଁ ଭଲାଜ ଏବଂ ଅଷ୍ଟ୍ରେଲିଆର ମାଂସଭୋଜନ ନିମିତ୍ତ ଗୋରୁ ବହାନ୍ତି ଏବଂ ସେଠାରୁ ଅତି ସହଜରେ ଗୋମାଂସ ଭୋଜନ ରପ୍ତାନି ପରିତୃପ୍ତ କରାଯାଇ ପାରେ । ମାତ୍ର ଯହିଁରେ ଦେଶର ସମୂହ ଅନିଷ୍ଟ ଘଟୁଅଛି ତାହା ନିବାରଣ କରିବା ଯେମନ୍ତ ଗଭର୍ଣ୍ଣମେଣ୍ଟ ତେମନ୍ତ ଲୋକ-ଙ୍କର ପ୍ରଧାନ କର୍ତ୍ତବ୍ୟ କାର୍ଯ୍ୟ । ମାଂସ ଖାଇବା-ମାଏ ଲୋକେ ଭୋଜ ସମ୍ବରଣ କରି ପାରନ୍ତେ-ନାହିଁ ମାତ୍ର ଥରେ ଅଭ୍ୟାସ ହୋଇ ଗୋହତ୍ୟା ନିବାରିତ ହେଲେ ସିଦ୍ଧ ତଟ ହୁଟିଯିବ ଏବଂ ତାହା ହେବା ଉଚିତ ।

———

## ଗ୍ରନ୍ଥ ପ୍ରାପ୍ତି ସ୍ୱୀକାର ।

ଭାଗବଧର୍ମ ।—ଶ୍ରୀ ବାସୁଦେବ ରଥ ଭାଗବ ଶଙ୍କରଦାସ ପ୍ରଣୀତ ଓ ଶ୍ରୀ ବୈଦ୍ୟନାଥ ସିଂହଙ୍କ ଦ୍ୱାରା ପୁରୀ ମଦନମୋହନ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ । ଏହା ପୃ ୧୫ ଖଣ୍ଡ ବ୍ୟାପୀ ଗୋଟିଏ କ୍ଷୁଦ୍ର ପୁସ୍ତକ ଓ ଏହି ପଦ୍ୟାକାରରେ ସମୁଦାୟ ଲୋକଙ୍କ ଆଚରଣୀୟ ଧର୍ମ ବର୍ଣ୍ଣିତ ହୋଇଅଛି ପ୍ରଣେତା ଏହା ସର୍ବସ୍ୱପ୍ରାପକ ଭାଗବତ ଗ୍ରନ୍ଥରୁ ସଂଗୃହୀତ ଏବଂ ଅନୁବାଦିତ ହୋଇଥିବାର ଲେଖିଅଛନ୍ତି ମାତ୍ର ମୂଳ ପ୍ରକାଶ କରି ନାହାନ୍ତି । ତେଣୁ ଅନୁବାଦ ବା ସଂଗ୍ରହ ଠିକ୍ ହୋଇଥିବା ବିଷୟରେ ଅନେକେ ସନ୍ଦିହାନ ହେବେ । ନିତାନ୍ତ "ଦୁଷ୍ପାପ୍ୟ," "ସ୍ୱଣସ୍ୱର," "ଭାଦ୍ରବ୍ର" ଓ "ମନ୍ମଥ" ଖରିବ ଦେବତା ମଣି ପୂଜା କରିବା, ଘୃତ ବନ୍ଧ୍ୟାଙ୍କୁ ଅଗ୍ନିରେ ହୋମ ଦେବା, ଯେଉଁ ଥିବା ବଟରୁ ପାଣ ଜାମଫଳ ଅସିଲେ ତାକୁ ଦରହୋଇ ପାଶେଷ ଅତି ପାଦ ଘଷାଇ ସେ ଜଳ ପିଲେ ଲଗାଇ ଆସନେ ବସାଇ ଶମ ଦଇ କଥିରେ ସଜାଇବାଲୁ ଯାଇ ଖାଇ ସାର ପଡଲି ସୁଆରତା ଯେତେ ଗୃହକର୍ମ ସବୁ ଶତ ସ୍ୱାମୀ ଭକ୍ତ ମାତ୍ରେ ଦାସୀ ପ୍ରାୟ ତାଙ୍କ ଆଜ୍ଞାନୁବର୍ତ୍ତିନୀ ହୋଇ ତାଙ୍କ "ଉଚ୍ଛିଷ୍ଟ ଅନ୍ନ ଫଳ ମୂଳ" ଛଡ଼ା ଅନ୍ୟ କିଛି ନ ଖାଇବା, ବିଧବା ହେଲେ ଶାଶୁ ପାଖରେ ସୁଦ୍ଧା ନ ଯାଇ "ଏକାଦଶୀ ଜନ୍ମଦିନେ ଜଳି ପୁହାଇବା" ଏବଂ "ଦନ୍ତ ମାର୍ଜନ" ସୁଦ୍ଧା ନ କରିବା ଆଦ ହେତେକ ଅନୁଶାସନ ନିତାନ୍ତ ଅସ୍ୱାଭାବିକ । ଅବଶ୍ୟ ପତିସେବା ସ୍ତ୍ରୀଧର୍ମ ଏବଂ ସେହିପରି ସ୍ତ୍ରୀ ସେବା ମଧ୍ୟ ପତିର ଗୋଟିଏ ଧର୍ମ ଗୃହସ୍ଥକୁ ସଂସାରରେ ରହିବା ସହାଯେ ବ୍ରହ୍ମଚର୍ଯ୍ୟଠାରୁ ଗୃହସ୍ଥର ସବିଶେଷ ଗୁରୁତ୍ୱ ବେଦରେ ନିଜେ ଏବଂ

Digitized by srujanika@gmail.com

ବେଦର ସଂସ୍କୃତରୁ ମୂଳ ଏବଂ ଅନୁବାଦ ସହିତ ଆର୍ଯ୍ୟଧର୍ମ ସଂକଳନ କରି ଦେଖାଇଥିଲେ ପ୍ରଣେତା ଅବଶ୍ୟ ପ୍ରଶଂସାର୍ହ ହୋଇଅଛନ୍ତି । ଅନେକସ୍ଥଳେ ଦେଖାଯାଏ ତାହା ବଳରୁ ସ୍ୱାର୍ଥ ହୋଇ ଅସି ଓଡ଼ୁ ସ୍ତ୍ରୀଲୋକଙ୍କୁ ସ୍ତ୍ରୀ ସଙ୍ଗ ବାଛି ରଖି ଦେଇଥିଲେ, ସେ ସ୍ତ୍ରୀକୁ ଗାଳି ମନ୍ଦ ଅବା ପ୍ରହାର ପର୍ଯ୍ୟନ୍ତ କରେ ଏବଂ କେତେ ମାର ଖଡ଼ାଇ ଦଣ୍ଡପାଇ ବାଧ୍ୟ ମୋକଦ୍ଦମା ଯାଇଅଛନ୍ତି । ଏମନ୍ତ ସ୍ଥଳେ ପ୍ରଣେତାଙ୍କ ଉଚିତ ଧର୍ମ ଅନୁରୂପ ହେବ କାହିଁ ? ସ୍ୱାମୀ ଉଚ୍ଚାରିରେ ଛାଡ଼ିବା ଦଣ୍ଡନୀୟ ଥିବା କଥା ଅବଶ୍ୟ ଲେଖକଙ୍କ ଜଣା ଅଛି । ସୁତରାଂ ତାହା ତାଙ୍କର ଧର୍ମ ବୋଲି ପ୍ରକାଶ କରିବା ଅଶ୍ଳୀଳ-ସୂଚକ । କେବେ କେବେ ସ୍ପଷ୍ଟ ଭଲ କଥା ଏଥିରେ ଲେଖା ଅଛି । ପ୍ରକାଶକ ସହୃଦୟ ଅନ୍ତରଙ୍ଗ କଥା କାଟିଦେଇ ପ୍ରକୃତ ଧର୍ମ ପ୍ରକାଶ କରିଥିଲେ ଆମ୍ଭମାନେ ସୁଖୀ ହୋଇ-ଥାନ୍ତୁ ।

ସହଜ ଇଂରାଜୀଶିକ୍ଷା [An easy Grammar] ଶ୍ରୀବୈଦ୍ୟନାଥ ସିଂହଙ୍କ କର୍ତ୍ତୃକ ପ୍ରଣୀତ ଓ ପୁରୀ ମଦନମୋହନ ପ୍ରେସରେ ମୁଦ୍ରିତ । ଏହା ଗୋଟିଏ କ୍ଷୁଦ୍ର ଇଂରାଜୀ ଭାଷାର ବ୍ୟାକରଣ । ଏଥିରେ ଇଂରାଜୀଭାଷାର ବ୍ୟାକରଣର ନିୟମମାନ ସହଜ ଓଡ଼ିଆଭାଷାରେ କଥା ଯାଇଅଛି ମଧ୍ୟ ଅଭ୍ୟାସଯୋଗ୍ୟ ପଦାର୍ଥାଦିର ଇଂରାଜୀ ନାମ ଓ କେତେ ଇଂରାଜୀ ପଦାବଳୀର ପ୍ରୟୋଗ ଏବଂ ଅର୍ଥ ମଧ୍ୟ ଅନୁବାଦର ପ୍ରକ୍ରିୟା ସହିତ ପକ୍ଷ ଲେଖିବାର କେତେକ ନିୟମ ମଧ୍ୟ ପ୍ରକାଶିତ ହୋଇଅଛି । ପିଲାମାନଙ୍କ ସକାଶେ ଉକ୍ତଗ୍ରନ୍ଥ ଯେ ଅତୀବ ଉପାଦେୟ ହୋଇଅଛି ଏଥିରେ ସନ୍ଦେହ ନାହିଁ ଏବଂ ସେ ଯୋଗଁ ଲେଖକଙ୍କ ଶ୍ରମ ସଫଳ ହୋଇଥିବାର ବୋଲାଯିବ । ମାତ୍ର 'duck' ta 'dock,' ଓଉ [ dove] ର ଉଚ୍ଚାରଣକୁ " ଡୋଭ୍, " cinemon କୁ "cinemon" cardamone to " ca· damone" ଇତ୍ୟାଦି ଲେଖିବା ସମୀଚୀନ ନୁହେ । ଓଡ଼ିଆ ବା ବଙ୍ଗଳା ଲେଖିଲବେଳେ ଲେଖକମାନେ ଶୁଦ୍ଧ କରି ଲେଖିବାପ୍ରତି ଦୃଷ୍ଟି ରଖନ୍ତି ନାହିଁ ମାତ୍ର ଇଂରାଜୀରେ ଅଶୁଦ୍ଧ ଲେଖିବା ଉଚିତରେ ସୁଦ୍ଧ ଅସାଧ୍ୟ । ତଥାପି ଯେ କୌଣସି ଭାଷା ହେଉ ପିଲାଙ୍କୁ ଶିକ୍ଷା ଦେବାକୁ ହେଲେ ଶୁଦ୍ଧରୂପ ଶିଖାଇବା ଉଚିତ ଏବଂ ଇଂରାଜୀଭାଷାଭିଜ୍ଞଲୋକେ ମୋଫସଲରେ ଭଣାଥିବା ଏବଂ ଅଭିଧାନାଦିର ଅଭାବଥିବା ହେତୁ ଉପରେକ୍ତ ପ୍ରକାର ଦୋଷ ପୁସ୍ତକରେ ରହିବାଦ୍ୱାରା କୁଫଳ ଲାଭ ହେବ । ଭରସାକରୁଁ ପ୍ରକାଶକ ତାହା ସଂଶୋଧନ କରିବା ପ୍ରତି ସହୃଦୟ ହେବେ ।

—✲—

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ୍ ।

କଟକର ସବ୍ଡେପୁଟି ମା: ଓ କଲେକ୍ଟର ମି: ଏସ ସେ, ନ, ଭିଏର ମେମନସିଂହ ଜିଲ୍ଲା ବାଚି ସବ-ଡିଭିଜନର ଭାର ପାଇଲେ ।

କଟକର ଡେ, ମା: ବାବୁ ହରିଭୂଷଣ ଉପାଧ୍ୟାୟ ମାଂଶେଣୀ ମାଜିଷ୍ଟ୍ରେଟର କ୍ଷମତା ପାଇଲେ ।

ଅସ୍ଥାୟୀ ଯାଜପୁର ଟ୍ରେନିଙ୍ଗ ସ୍କୁଲ ଇନ୍ସପେକ୍ଟର ବାବୁ ବଙ୍କିମଚନ୍ଦ୍ର ଘୋଷ ଦେଡ଼ମାସ ଛୁଟି ପାଇଲେ ।

ମୌଲବୀ ବଦରୁଦ୍ଦୀନ ମହମ୍ମଦ ସନ ୧୯୦୮ ସନର ତା ୨୮ ରେ ଉଦୟ କଟକର ସବ ଅଫିସ୍ ଡେପୁଟି ପଦରେ ବାହାଲ ହେଲେ ।

ବାଲେଶ୍ୱରର ସ୍କୁଲ ସବ ଇନ୍ସପେକ୍ଟର ବାବୁ ରମାକାନ୍ତ ଦାସ ମା ୧୧୮ ଦିନ ଛୁଟି ନେବାରୁ ସେହି ଜିଲ୍ଲାର ସ୍କୁଲ ସବ ଇନ୍ସପେକ୍ଟର ବାବୁ ରମାପ୍ରସାଦ କର୍ଣ୍ଣ ତାଙ୍କ କାର୍ଯ୍ୟରେ ନିଯୁକ୍ତ ହେଲେ ।

ପେନସନ ପ୍ରାପ୍ତ ସିଭିଲ ଡାକ୍ତର ଆସିଷ୍ଟାଣ୍ଟ ଓ ହୃଦୟ ଗୋପାଳ ଘୋଷ ସମ୍ବଲପୁର ମାଜିଷ୍ଟ୍ରେଟ ବାବୁ ଅନନ୍ତ ଚରଣ ଘୋଷ ଉଭୟ ସାଧାରଣ ଡକ୍ଷାଳୟର କାର୍ଯ୍ୟ ନିର୍ବାହକ ସମିତିର ସଭ୍ୟ ହେଲେ ।

ଗତ ତା ୧୧ ରିଖରେ ଶେଷହେବା ସପ୍ତାହରେ ବୃଷ୍ଟିର ପରିମାଣ କଟକରେ ସେ ୧୪୮, ବାଲେଶ୍ୱରରେ ସେ ୧୫୧, ସମ୍ବଲପୁରରେ ସେ ୧୬୩, ପୁରୀରେ ସେ ୧୩୮ ଓ ସମ୍ବଲପୁରରେ ସେ ୧୭ ଗଞ୍ଜାମ ଜିଲ୍ଲାର ଅଙ୍ଗୁଳରେ ସେ ୨୯ ଓ ସବ ଜିଲ୍ଲା ଥଟମପୁରରେ ସେ ୧୬ ।

ଗତ ତା ୧୧ ରିଖରେ ଶେଷହେବା ସପ୍ତାହରେ ସମସ୍ତ କଙ୍ଗପ୍ରଦେଶରେ କେବଳ ପାଟନାରେ ଅତି ସାମାନ୍ୟ ବସନ୍ତ ଦେଖାଯାଇଥିଲା ।

---

## ସ୍ଥାନୀୟ-ସମ୍ବାଦ ।

ଗତ ମଙ୍ଗଳବାର ଓ ଗୁରୁବାର ମେଘ ବାହାର ଏ କତ-କରେ ଜଳ ପାତ ହୋଇଥିଲା । ଚାରିଆଡ଼େ ବର୍ଷା ହେବାର ଲକ୍ଷଣ ଦେଖାଯାଉଅଛି ।

ମିଳମିଳା, ଡାଡ଼ଫୋଟ ଓ ଜ୍ୱର ଏ ନଗରର ଲୋକଙ୍କୁ ସେବଣିଆସ କରୁଅଛି ।

ପାରଦ ଅଧିକ ଏ ନଗରରେ ବସନ୍ତ ହେବାର ଆରମ୍ଭ ହୋଇଅଛି । ସରକାର ସାବଧାନ ହଉ ।

ଗତ ବୁଧବାର ସନ୍ଧ୍ୟାରେ ଚଉକିର ସଭା ଏବଂ ଗୁରୁବାର ସନ୍ଧ୍ୟାରେ ଯୁବକ ସଭା ଏ ନଗରରୁ ପ୍ରସ୍ଥାନ କରିଅଛନ୍ତି ।

କଲିକତା ସଭା ଅନୁସାରେ ତା ୨୩ ରିଖରେ କଟକ ପାଣି କମିଶନର ଓ ଜେନେରାଲ ମା ୭ ଘ ଓଡ଼ିଆର ବଙ୍ଗଳାର ଶାସନ-ରେ ପ୍ରକାଶିତ ହେବ । ଏଣୁ ପାଠକମାନେ ସମସ୍ତ ଅବଗତ ହେବେ ।

୧୦ ବେଳାର ପରିଷଦ ଉମ୍ମେଦ୍ୱାରଙ୍କ ଭିତରେ ୬ । ଏ ଡିସେମ୍ବର ଶାସନରେ ପାଇବାକୁ ଚେଷ୍ଟା କରୁଥିବା ମେମ୍ବର ଭଦ୍ରଲୋକ ପୂର୍ବାବଧି କଟକରେ ବସି ରହିଥିଲେ ପୁଣି ତଦନ୍ତର ଅବସରରେ ସାହେବ ମହାଶୟ ମେମ୍ବର ହେଲେ ଏବଂ ସେମାନଙ୍କୁ ଆଶ୍ୱାସନା ଦେବାରୁ ଅଣଣିମାନେ ଉତ୍ସବ ପାଳୁଅଛନ୍ତି ।

ଚତୁର୍ଦ୍ଦଶ ଲଳିତଲାଲ ଓ ଚନ୍ଦ୍ରନାଥ ଥଇଥାନର ମୋକଦ୍ଦମା କରୁଥିବାହେତୁ ଗୋଟିଏ ମୋକଦ୍ଦମା ଚାଲୁଅଛି

ଗତ ସୋମବାର ଦିନ ସ ହେବାର ସେଥିର ବାଳକରେ ଉପା-ନୁମେ ବ ୫ ୮ ଓ ୧୮ ମାସ ଜନ୍ମରଣ ଅଦେଶ ହୋଇ-ଅଛି ।

ଗତ ଥର ପରିବା ବୋଲବୋଲ ଚଳାଇବା ପୂର୍ବ ତାହାର ଗାମା ବିନିଗା ଅନସାଇଥିବା ଓ ତାହାର ଗୋ ୩ ଟି ସୁଜ ଏକପାଖେ ଏବଂ ନଉପିବା ଏ ସହଂ ଜଣ ନ ପାଇ ପର ତା ୯ ରଖେ ବଲତେ ବୃଦ୍ଧ ଗାଉଗଣ ବର୍ତ୍ତମାନ ।

ଓମାପତା ଘର ସଲନ୍ତ ଯଶାନାସ ପୋଡ଼ଶିବା ଓ ସେଠା-ରେ ୧୨ । ୩ ଜ ସକାଳେ ବଣା: କରିବା ବ୍ୟାପାର ଚିଷତର ସାଉକତ ଅସାବଧାନତା ହେତୁ ଏହି ଅଗ୍ନିକାଣ୍ଡ ଘଟିବାର ଲୋକେ ଅନୁମାନ କରୁଅଛନ୍ତି ।

ପୁରୀ ଗୋବର୍ଦ୍ଧନ ମଠର ମହନ୍ତ ଶ୍ରୀ ମଧୁସୂଦନ ତୀର୍ଥସ୍ୱାମୀ ବେଳେଭ ପାସ ହେବା ଯୋଗରେ ବାହାର ଯାଇଥିଲେ । ନାନା ସ୍ଥାନ ଭ୍ରମଣ କରି ମଠକୁ ଫେରି ଆସିଅଛନ୍ତି । ତାହାଙ୍କର ଅନୁଷ୍ଠାନ ଓ ସୁନ୍ଦର ପରିବେଶ ହେତୁ ବୃଦ୍ଧି ନ ପାଇ ସେବେ ବ୍ୟସ୍ତ ପ୍ରକାର ମାନାଇଲ ସ୍ୱ ସ୍ୱ ଲେଖି ଅଛନ୍ତି । ଭରସା କରୁଁ ମହନ୍ତ ତାହା ବୁଝାଇ ଦେବେ ।

## ଦର୍ପଣ-ସମ୍ବାଦ ।

ବର୍ତ୍ତମାନ ଏ ବସ୍ତିରେ ଅକ୍ଟେଷ୍ଟେସନ କାର୍ଯ୍ୟ ଚଳିଅଛି । ପ୍ରଜାମାନେ ଅଗ୍ରାଳ କତା ଛଳ କରି ନମ୍ବର ବ୍ୟସ୍ତ ହେଲେ ପ୍ରକାର କଳହର ଉତ୍ପତ୍ତି, କ୍ଷତି ଓ ଅର୍ଥ ବ୍ୟୟାଦି ହେଉଅଛି ତାହାର ଇୟତ୍ତା ନାହିଁ । ଏ କାର୍ଯ୍ୟପାଇଁ ଜଣେ ଲୋକ ରହିଅଛି ସେ ଗୋଟିଏ ଲୋକ ବଳ କରୁଅଛି ଇତ୍ୟାଦ୍ୟ ପୁରର ବଞ୍ଚିଥିବା ବାବୁ ଜଗନ୍ନାଥ ମହାନ୍ତି ଅ: ଷ୍ଟେଟଲମେଣ୍ଟ ଅଫିସର ଏ ବ୍ୟାପାର ପ୍ରଚାର ଅଛନ୍ତି । ତାଙ୍କର ଧୀର, ଚିର ଓ ନିରପେକ୍ଷ ବ୍ୟବହାର ପ୍ରଜାମାନେ ସନ୍ତୋଷ ପ୍ରକାଶ କରୁଅଛନ୍ତି । ଏ ମହାଶୟ ଅତ୍ୟନ୍ତ ସହୃଦୟ-ସହିତ ସମସ୍ତ ବିଷୟର ତତ୍ତ୍ୱ ଉଦ୍ଧାର କରି ମୋକଦ୍ଦମା ମାନ ଫଇସଲ କରନ୍ତି ! ବିଶେଷତ: ଏହାଙ୍କର ସ୍ମରଣଶକ୍ତି ଅସାଧାରଣ । ଥରେ କୌଣସି ବିଷୟ ଶୁଣିଲେ ତାହା ଭୁଲିବାର ନାହିଁ । ଏହାହିଁ ତାଙ୍କ ପଦୋନ୍ନତିର ଅନ୍ୟତମ କାରଣ ।

ବସ୍ତିରେ ଗ୍ରୀଷ୍ମ ପ୍ରବଳତା ଦେଖାଦେଇ ଅବର୍ତ୍ତିତ ହେଉଅଛି ।

ଧାନ ଚାଉଳରେ କ୍ରମଶ: କମିବାର ଦେଖ ଯାଉଅଛି ।

## ଯାଜପୁର ସମ୍ବାଦ ।

ଗତ ଚୈତ୍ର ମାସ ତା ୬ ରଖ ଗୁରୁବାର ମହାବିଷୁବ ସଂକ୍ରାନ୍ତିରେ ଯୋଗ ଶୁଭ ପଡ଼ିବାହେତୁ ମହାବାରୁଣୀ ଯୋଗ ପଡ଼ିଥିଲା ମାତ୍ର ଏଠାର ଲୋକମାନେ ଶୁକ୍ରବାର ବାରୁଣୀଯୋଗ ପଡ଼ିବାର ମଫସଲରେ ପ୍ରକାଶ କରିଥିଲେ । ତେଣୁ ବୈତରଣୀନଦୀ ବରାହକ୍ଷେତ୍ର ଘାଟରେ କେତେ ଲୋକ ଗୁରୁବାର ଓ ଅଧିକାଂଶ ଲୋକ ଶୁକ୍ରବାର ସ୍ନାନ କରିଥିଲେ । ଶୁକ୍ରବାରଠାରୁ ମେଳା ବସିଅଛି ଅନ୍ୟାନ୍ୟ ବର୍ଷଠାରୁ ଏ ବର୍ଷ ପାଣି ଓ ଲୋକଙ୍କ ସଂଖ୍ୟା କମ ଅଛି ।

ଏ ଅଞ୍ଚଳରେ ଅନେକ ଲୋକ ମିଳମିଳା ରୋଗ ଭୋଗ କରୁଅଛନ୍ତି ।

ଏ ବର୍ଷ ଆମ୍ବ ଫଳ ଅତ୍ୟନ୍ତ କମ ଅଛି ଯାହା, କୌଣସି ଗଛରେ ଯେ ଆମ୍ବ ହୋଇଥିଲା ତାହା ବଡ଼ଶା ବାୟୁବେଗରେ ପଡ଼ିଯାଉଛି ଓ କେତେ ପାଣ କରୁଅଛି ଏବଂ ଗଛରେ ଯାହା ରହିଛି ଲୋକେ ତାହା ପୁଣି ଆମ୍ବ ପାଇଥିବା ହେତୁ କଷାର ଗଛ କରୁଅଛନ୍ତି ।

ଜଳ କଷ୍ଟ ଅଛିରେ ଅଛନ୍ତି ନଈଗାର ଲୋକେ ଜଳ ଏଣିକର ଋଷିମାନେ ମହା ସଙ୍କଟରେ କାଳ କଟାଉ ଅଛନ୍ତି ।

ଜାଜିପୁରର ମହାଦେବଙ୍କ ମଠର ସେବାଏତଙ୍କ ଅଧୀନ ସ୍ୱର୍ଣ ମୌଜାର ସହିତ ୮।୯ଟା ମଧ୍ୟରୁ ଏକ ଗଣ ଗଡ଼ ଏଠାରେ ମୌଜାର ନାମ ଦେ ଓ ସେହି ମୌଜାର ଧନ ଖାତୁ ଓ ବାଲେଶ୍ୱର ଖାତୁମାନ ଗଡ଼ ମଙ୍ଗଳବାର ଛୁଟି ଦେବ କରୁଥିଲେ । ସଞ୍ଜ ଉମାକାନ୍ତ ହିବି ଖାନ ଉଠବାର ହେଲେ ବୋଧ ହୁଏ ସେମାନେ ହିବି ଖାନ ଉଠବାର ମାଭେ ଭାଷ ଇଙ୍ଗିତ ସହିତ ପ୍ରବଳ ଏହପରେ ସାଙ୍ଗ ଉଭ ସେମାନଙ୍କ ଦେବାରୁ ଉକ୍ତ ବଜେଶ ନେଉଥା ପାଞ୍ଚଦ କାର୍ଯ୍ୟ ସାର ସନ୍ଦ୍ର ଯାଇ ବେହୋସ ହୋଇ ପଡ଼ିଲେ ଗ୍ରାମବାସୀମାନେ ତାହା ଜାଣିବାରୁ ଓ ତେଣୁ ଦେଲେ ମଧ୍ୟ ଧାନ ଦୂର ହୁଏ ମଙ୍ଗଳବାର ସମୟରେ ମହାଜନଙ୍କ ଓ ତାଙ୍କ ପୁତ୍ରଙ୍କର ଅବସ୍ଥା ଶୋଚନୀୟ ଅଟେ । ପୁଲିସ ତଦନ୍ତ ହେଲେ ସମସ୍ତ ଭାବ ପ୍ରକାଶ ହେବ ।

## ଅନୁକୂଳ ସମ୍ବାଦ ।

ଅନୁକୂଳରେ ତଉମୂଳ ଗୋଷ୍ଠୀ ଗୁଆନ ଗ୍ରାମ, ଏ ଗ୍ରାମରେ ଖାତକ ୨୫୦ ଘର ଏକ ପଠର ଗଣ୍ଡା ପ୍ରସ୍ତର ବର୍ତ୍ତମାନକୁ ୫୦୦ ପର୍ଯ୍ୟନ୍ତ ଘର ଓ ୨୫ ଗଣ୍ଡା ପୁସ୍ତରୀ ଅଛି ଏମାନଙ୍କ ମଧ୍ୟରେ ଶ୍ରୀ ଶ୍ରୀ ଦେବ ଈଶ୍ୱର ମହାଦେବଙ୍କ ପୁଷ୍କରିଣୀ ଗ୍ରାମର ଦକ୍ଷିଣ ଓ ବଡ଼ ଅଟେ ଏ ପୁଷ୍କରିଣୀର ଜଳ ଦ୍ୱାରା ଗ୍ରାମବାସୀମାନଙ୍କର ସବୁ କାମ ଚଳୁ ଅଛି ବର୍ତ୍ତମାନକୁ ଅଳ୍ପ ପୁଷ୍କରିଣୀରେ ପ୍ରାୟ ୩୦ ଫୁଟ ଓ ପଙ୍କଯୁକ୍ତ ଜଳ ପ୍ରାୟ ୪ ଫୁଟ ପର୍ଯ୍ୟନ୍ତ ଅଛି ସେ ଜଳ ନେହୁ ବ୍ୟବହାର କରୁଅଛନ୍ତି ଏ ଦର ଦୁର୍ଭିକ୍ଷ ସମୟରେ ଗଙ୍ଗେ ... ... ଗୋଷ୍ଠୀ ପୁଷ୍କରିଣୀର ଏକ ଏକର ଜମିରେ ପ୍ରାୟ ୫ ଫୁଟ ପର୍ଯ୍ୟନ୍ତ ଜଳ ଅଛି ସେହି ଜଳ ପାନୀୟ ଜଳ ସ୍ୱରୂପ ଗ୍ରାମବାସୀମାନଙ୍କର ବ୍ୟବହାର ହେଉଅଛି । ସେ ଜଳ ଅଳ୍ପ ଦିନ ମଧ୍ୟରେ ଶେଷ ହେବ । ଗ୍ରାମବାସୀମାନଙ୍କର ଜଳ କଷ୍ଟର ସୀମା ରହିବ ନାହିଁ ।

ଗତ ତଉମୂଳ ମୌଜାର ସଦର ଥାନ ହେବିଡେଭ ନେଉଥିବ ଗୋଷ ଓ ବହୁ ମୌଜା ସବଡିଭିଜନ ସମେତ ଗତ ମାସ୍ୱ ବହୁତ ଜଳ ଘଟ୍ଟା ବୃଷ୍ଟି ହୋଇ ଥିଲା ତା ୮ ଖ ରାତ୍ରରେ ଗୋଷ୍ଠୀ ମହାନଦୀ ବାନ୍ଧ ଭଙ୍ଗିବା ଶଙ୍କା ଅଛି ।

ଏ ଅଞ୍ଚଳରେ ମନୁଷ୍ୟମାନେ ମିଳିମିଶି ଦେଶର ଉନ୍ନତି ହେଉ ଅଛନ୍ତି । ଏଥିରେ ଅନେକ ବନ୍ଧୁ ନଷ୍ଟ ହେଉଅଛନ୍ତି ଗୋମହିଷାଦି ପଶୁମାନଙ୍କ କଷ୍ଟ ଶେଷ ହେଉଅଛି । ଧାନ ଟଙ୍କାର ୫ ୦ । ୧୫ ମାଣେ; ଚାଉଳ ୫ ୧ । ୧୨ ମାଣେ ହୋଇଅଛି ।

## ସାଧାରଣ ସମ୍ବାଦ ।

ବ୍ରିଟିଶ ସମ୍ରାଟ ସପ୍ତମ ଏଡ଼ୱାର୍ଡ ଗତମାସ ପନ୍ଦର ତାରିଖରେ ଗୋଷ୍ଠୀ ନାଟ୍ୟଶାଳାରେ ... ଦେଖିବାକୁ ଯାଇଥିଲେ । ତାଙ୍କର ପ୍ରବେଶ କାଳରେ ଏ ସହର କୌତୁକ ବାଦ୍ୟ ଶ୍ରେଣୀଗୁଡ଼ିକ ଏକ ଯୋଗରେ ଜାତୀୟ ସଙ୍ଗୀତ ବଜାଇଥିଲେ । ଏହା ସେ ଦେଖିବାକୁ ଓ ଶୁଣିବାକୁ ଚମତ୍କାର ହୋଇଥିବ ବୋଲି ବାହୁଲ୍ୟ ।

ଦୂରନ୍ତର ଚକ୍ରବର୍ତ୍ତୀ ନାଗପୁର ଗ୍ରାମରେ ଅଗ୍ନିକାଣ୍ଡ ହେଲେ ଗୋଷ୍ଠୀ ଧନବେଶ ସାତ ଏକରେ ଜଳାଇ ପରି ଟ ୬୦୦୦ ଟଙ୍କାର ମାଲ ଓ ଅଳଙ୍କାର ଲୁଟ ହୋଇ ଯାଇ ଅଛି । ସେଥର ପୁଣ ଗ୍ରାମର ଅନେକ ଡକାୟତ ସେମାନଙ୍କ ଗୋଡ଼ାଇ ଧର ପାରିଲେ ନାହିଁ । ପୁଲିସ ଅନୁସନ୍ଧାନ ଚାଲିଛି ।

---

## ଚଷ୍ଟେମ୍ବରଡବ୍ଲ୍ୟୁପ୍ରଭ ।

ହେଣ ବସ୍ତୁଦେଶୀ—ଅନେକ ଦେବେ ବୃଦ୍ଧି ସମସ୍ତ ପରିଶ୍ରମରେ ପ୍ରକାଶ ହେବ । ସେ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ସହଜ ଅବସ୍ଥା ଜାଣିବା ପରେ ଅଧିକ ଲେଖାଯିବ ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ସାଧୁଚରଣ ଦାସଗୋଷ୍ଠୀ ମହାନ୍ତ ପୁରୁଷୋତ୍ତମ ମଠ | ନୟାଗଡ଼ | ୫ ୦ ( |
| | କଟକ | ୫ ୦ ( |
| ବାବୁ ଶ୍ରୀ ବୃନ୍ଦାବନ ମିଶ୍ର | ସତ୍ୟବାଦୀ | ୨ ୦ ( |
| ,, ଗଙ୍ଗାଧର ପାଢ଼ୀ | ଅନନ୍ତପୁର | ୫ ୦ ( |
| ,, ବନମାଳି ସେଠୀ | ଚନ୍ଦବାଲି | ୫ ୦ ( |
| ,, ପଣ୍ଡିତ ଗୋପୀନାଥ ଭଟ୍ଟ ତହସିଲଦାର | ଚୌଦ୍ୱାର | ୫ ୦( |
| ବାବୁ ପୂର୍ଣ୍ଣଚନ୍ଦ୍ର ସାମନ୍ତ | ବଇପୁର | ୫ ୦ ( |
| ,, ବୈଦ୍ୟନାଥ ଦାସ | ଜଗତ ସିଂହ | ୨ ୨ ( |
| ,, ଜାଗେଶ୍ୱର ମହାନ୍ତି | ଏରଣ | ୫ ୨ ( |
| ,, ସରସ୍ୱତୀ ଦେବୀ | ମଦନମୋହନପୁର | ୫ ୧୮( |
| ,, ରଘୁନାଥ ସାହୁ | ଜାଜପୁରସାହି | ୫ ୦ ( |
| ,, ପୂର୍ଣ୍ଣଚନ୍ଦ୍ର ଦାସ | ପାଟଣା | ୫ ୦ ( |
| ,, ସେକ୍ରେଟେରୀ ମ୍ୟୁନିସିପାଲିଟି | | ୫ ୦ ( |
| ,, ଟିବେଟ୍ସ ବାବାଜୀ | କଟକ | ୫ ୦ ( |

---

## ଇସ୍ତାହାର ନିଲାମ ।

ଉ ୧୯୦ ନଂ ସନ ୧୯୦୮ ମସିହା

ଉଦୟନାଥ ଉତ୍ପଳୀ । ସା । ବାଲୁବଜାର କଟକ — ବାଦୀ ଡିଃ

( ବନାମ )

ଜାନକୀ ଦାସୀ । ସା । ବାଲୁବଜାର ସଙ୍ଗଗଡ଼ ସହର କଟକ — ପ୍ରତିବାଦୀ ଦେଃ

ଏହି ଉ କଟକ ଜିଲ୍ଲା ଅନ୍ତର୍ଗତ ପୁଲିସ ଷ୍ଟେସନ ସଦର ଓ ସବରେଜେଷ୍ଟ୍ରର । ମ କଟକ ଇଲାକା । ପ୍ର । ବାଘଗଡ଼ । ତୌ ଜିନାରର ନ ୩୨୭ ନଂ ଉଃ ବାବତ । ମୌ ବାଲୁବଜାର ରହିବାରେ ଥିବା ଲଗେଲ ବାଟେଲ ଏ୦—୨୬୫ ଡିଃ ବିକ୍ରି ଅଛି ସନ ୧୯୧୦ ମସିହା ମଇ ମାସ ତା ୧୬ ତାରିଖ ନିଲାମ ହେବ ଅଃ ମୂଲ୍ୟ ୮ ୫୦୧ଟା ।

---

ନ ୨୬୮୦ ନଂ ଅଃ

ସନ ୧୯୦୭ ମସିହା ।

ଜିଲ୍ଲା କଟକ । ମୁ । ହେଡ ସବ ମନସଫ ଅଦାଲତ ଦାସ ସ୍ୱାଇଁ । ସା । କୋଠପୁର । ପ । ଜଳପାଶ । ଥା । ଉତ୍କଳା — ଡିକ୍ରୀଦାର

ବନାମ

ସେବକ ସ୍ୱାଇଁ । ସା । ବୈଷ୍ଣାଉଣି । ପ । ଉତ୍କଳ — ଦେଣଦାର

ଉପରଲିଖିତ ନମ୍ବର ଜାରୀ ମୋକଦ୍ଦମାରେ ଡିକ୍ରୀଦାରର ପାଉଣା ୮ ୨୭/୯ ଅଦାୟ ନିମନ୍ତେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମସିହା ଅପ୍ରେଲ ମାସ ଉ ୧୫ ତାରିଖ ଦିବା ୮ ଘଣ୍ଟା ସମୟରେ ନିଲାମ ହେବ ।

## ସମ୍ପତ୍ତି ବିବରଣୀ ।

ଏ ଅଦାଲତ ଇଲାକାଧୀନ ହେଡ୍ ସବ ରେଜେଷ୍ଟ୍ରର ପଞ୍ଚାୟତ ପୁଲିସ ଷ୍ଟେସନ ଇଲାକାର । ପ୍ର । ଉତ୍କଳ ଉ ୧୮୨୮ ନଂ ତଉଜି ବୁଝୁ । ମୌ । ବୈଷ୍ଣାଉଣି ରହିବାରେ ଥିବା ଅବାଦ ବନ୍ଦୋବସ୍ତି ଥାନ ସ୍ଥିତିବାନ ସାହୁ ଜମି ଉ ସାହା ଭାଗ ବନ୍ଦୋବସ୍ତରେ ଏ୨—୭୩—୦ କୁ ଜମା ୮ ୩୭ ଅଟେ ଉକ୍ତ ଜମି ପ୍ରତିବାଦୀର ପଣା ଭାଗ ସ୍ୱଅଂଶ ଭାଗରେ ବନ୍ଦୋବସ୍ତ ହୋଇଥିବା ଉକ୍ତ ଜମିମଧ୍ୟରୁ ଏ୧—୨୨—୭ ଡିସି ଜମିକୁ ଜମା ଟ ୨/ ଅଟେ ଏ ମୋକଦ୍ଦମାରେ ଏଥର ଅଣ୍ଟ ନିଲାମ ହେବ ଅଃ ମୂଲ୍ୟ ୮ ୨୦୧ଟା ଅଟେ ।

—※—

ଉ ୨୧୦ ନଂ ଜାରୀ ସନ ୧୯୦୯ ମସିହା

କଟକ । ମୁ । ଦ୍ୱିତୀୟ ମୁନସଫି ଅଦାଲତ ଖାଣ୍ଡ ଦାସ । ସା । ମଧ୍ୟପାଟନ ମହାଲର ସାହି । ପ୍ର । ବଉଦରପୁର — ଡିଃ

ଗଣେଶର ମହାନ୍ତି । ସା । କୁଅଁଗାଁ । ପ୍ର । ବଉଦରପୁର — ଦେଣଦାର

ବାଦୀଙ୍କ ପାଉଣା ଅନ୍ତ ମୋକଦ୍ଦମାର ଡିକ୍ରିଜାରୀ ଓଗେର ଅଦାଲତ ପ୍ରତିବାଦୀର ତଳଲିଖିତ ସମ୍ପତ୍ତିମାନ ସନ ୧୯୧୦ ମସିହା ଅପ୍ରେଲ ମାସ ତା ୧୬ ତାରିଖ ନିଲାମ ହେବ

। ପ୍ର । ବଉଦରପୁର । ମୌ । କୁଆଁଗାଁ- ରେ ଥିବା ଉ ୮ ନଂ ହିଃ ମଧ୍ୟରୁ ପ୍ରତିବାଦୀର । ଚ । ୮ ୦୪ କୁ ଖଦଖଜମାବନ୍ଦୀ ଏ୧-୪୭୦ କୁ ଜମା ୮ ୨। । ଲା । ବାସ୍ତୁ ପ୍ରୁ ଉ ୨୫ ନଂ ହିଃ ମଧ୍ୟରୁ । ଚ । ୮ ୦୪ ଏ୦-୧୨୧ କୁ ଜମା ୮ ୦/୪ ଓ ମୌ ବିଲୁଆଖାଇ ମହାଲର ସାହିରେ ଥିବା । ଲା । ବାଟେଲ ଉ ୧୩୪ ନଂ ଜି । ବା । ମଧ୍ୟରୁ ଉ ୮୦। ଏ୦-୧୦୪ ନଂ ଓ ଉ ହିଃ । ବା । ଖଦଖଜମାବନ୍ଦୀ ମଧ୍ୟରୁ । ଚ । ୮ ୦ । କୁ ଏ୦-୨୩୨ କୁ ଜମା ଟ ୦ ୪୮ ଓ ବାସ୍ତୁପ୍ରୁ ଉ ୨୫ ନଂ ହିଃ ରୁ । ଚ । ୮ ୦ । କୁ ଏ୦-୨୨ କୁ ଜମା ୮ ୦ ୩ ଜମି ବାସ୍ତୁ ଉ ୩୩ ନଂ ହି ବା ମଧ୍ୟରୁ ଟ ୦୨ କୁ ଏ୦-୨୩୨ କୁ ଜମା ୮ ୦ । ଓ ଉ ୧୫ ନଂ ହିଃ ଉତ୍ତର ମଧ୍ୟରୁ । ଚ । ୮ ୦ । କୁ ଏ୦-୮୮୨ କୁ ଜମା ୮୦ /୧ ଓ ୨୧୪ ନଂ ହିଃ । ବା । । ଲା । ମଧ୍ୟରୁ । ଚ । ଟ ୦ ୨ ଏ୦-୧୩୩ କୁ ଜମା ୮ ୦ । ୩ ଓ ମୌ କଣ୍ଟଅଟା ଖାରପଦ ନଂ ଜଗଣାଥରେ ଥିବା ଖଦଖଜମାବନ୍ଦୀ ନ ୨୧ ନଂ ହିଃ ମଧ୍ୟରୁ । ଚ । ୮ ୦୪ ଏ୦-୧୦୪ କୁ ଜମା ୮ ୦/୨ ଓ ମୌ କୁଆଁଗାଁ ଖାଃ ଦାଃ ଦଳବେହେରା ରହିବାରେ ଥିବା ଖଦଖଜମାବନ୍ଦୀ ଉ ୨୮୦ ନଂ ହିଃ ରୁ । ଚ । ୮ ୦୪ କୁ ଏ୦-୧୩୭ କୁ ଜମା ୮ ୦ । ୬ ମୌ ମଧ୍ୟଖଣ୍ଡରେ ଥିବା ଉ ୧୫ ନଂ ହିଃ ଉତ୍ତରରୁ । ଚ । ୮ ୦ । କୁ ଏ୦-୧୬୬ କୁ ଜମା ୮ ୦ ।

——※——

Digitized by srujanika@gmail.com

Split by PDF Splitter




# NOTICE.

## SAVE YOUR EYE SIGHT.



"D" shaped Eye preservers fitted with best tinted optical flat glass in nickle frame from Rs 5 - to Rs 8-8

,, ,, with 2nd quality glass ,, 3-8

## PEBBLES.

Pebble spectacles in metal frame,, 4-8

,, ,, Best quality in nickle from Rs 5-8 to ,, 10

,, ,, Rolled Gold Rs 10 to ,, 15

*ASTIGMATIC LENSE*

prices on application

Do not use cheap spectacles

The Eye is the most delicate ORGAN AND MUST HAVE THE BEST.

## WILLIAM PIRES

Registered optician of the British Optical Association of

## LONDON.

## THE PARAGON.



*1910 PATTERN.*

Complete with tools, gas-lamp, bell.

Fitted with Continental tyre Rs 80

,, ,, Dunlop ... ,, 85

,, ,, French Red ... ,, 95

discount 5% for Cash

Credit to approved customes

Terms 15% extra

Half value on delivery.

Balance in three instalments

Expected per "S. S. Canara" in a weeks time.

Every thing in the Cycle line in stock.

WILLIAM PIRES.

Opposite Union Club, Mission Road,

CUTTACK.



## NOTICE.

A fresh and new accomodation boat named "Sedius" belonging to Messrs C. D. Stewart & Co. is ready at Jobra Ghat for sale It is very suitable for touring purposes of gentries and is well furnished. Intending purchasers are requested to have a look at it and we can assure they would be greatly pleased with its make and fit up.

Please refer to the undersigned regarding its price &c. and oblige.

15-4-10 Chawliaganj Jute Godown — M. Mohanti Agent For C. D. Stewart & Co


## NOTICE

FOREST DEPARTMENT, BENGAL, PURI DIVISION.

The right to collect the following kinds of forest produce during the year 1st. July 1910 to 30th June 1911 from within the Reserved and protected Forests of the Puri Forest Division situated in the Khurda Government Estate will be sold by public auction on the 15th. June 1910 at the Divisional Forest Office Khurda:—

Thatch and fodder grass.—

From Reserved Forest Blocks.

Mahua or Mohul seed.—

From Reserved and Protected Forests.

Khurda, 8-4-1910 — R. G. A. Hannah. Divisional Forest Officer, Puri Division.


## NOTICE.

*Cuttack Jewellery Works.*

ଏତଦ୍ଵାରା ଅମ୍ଭମାନଙ୍କର ପୃଷ୍ଠପୋଷକମାନଙ୍କୁ ଜଣାଉଅଛୁଁ କି ସେ ବର୍ତ୍ତମାନ ଅମ୍ଭମାନଙ୍କର କାରଖାନାର ବର୍ତ୍ତନ ହେବା ଦେଖିଥିବା ଯୋଗୁଁ ଅମ୍ଭମାନଙ୍କ ଦୋକାନ ଜିନିଷମାନ ଜମାକରିବେ ଚେଷ୍ଟା କରୁଅଛୁଁ । ଅଣା କରୁଁ ସ୍ଵଦେଶ ଉନ୍ନତି କାମିକରେ ଏ ସୁଯୋଗ ଗ୍ରହଣେ ଛାଡ଼ିବେ ନାହିଁ । ଗ୍ରାହକ ଥାଇବ ଏ ସୁଯୋଗ ହରାଇବ ନାହିଁ ଜଣେଇଦେଉଅଛୁ । ଇତି ।

Baxibazar Cuttack 28—3—10 — Parmanand Prusty Manager G. C. Prusty. & Co.


# ଉତ୍କଳ ଦୀପିକା

## SALES FOR ARREARS OF REVENUE.

In our last issue we have already adverted to the gradual increase in the number of Zemindaries sold after the conclusion of the last Revenue Settlement of Orissa On an examination of figures from most reliable sources the annual average of the number of Estates sold during 8 years preceding the conclusion of the said Settlement stands at 26, whereas during the 8 years following the Settlement the annual average comes up to 39. The proportion of increase is alarming. In order to avoid unnecessary complexity the two years affected by scarcity have been excluded from the period after Settlement although the same has not been done with regard to preceding period Free from the aspect due to natural calamities the question is narrowed down to a very simple point. To what is this increase due ? Is it due to the result of the last Settlement or to the deliberate neglect on the part of the parties concerned, as is often supposed to be the case. As it cannot be reasonably contended that the element of neglect, if any, has become more potent after the Settlement, it may safely be left out of consideration without further demonstration. But the undeniable fact that the overwhelming majority of defaulters incur debts at very high rate of interest at the last moment to pay off the arrears of Govt. dues goes a great way to negative the theory of neglect. Of course there are instances when particular shareholders desirous of securing the entire estate to themselves intentionally withhold payment of their quota; but such instances are few and far between and cannot be reasonably supposed to affect the question to any appreciable extent. Thus the last Settlement seems to be the only thing left where the cause of this deplorable condition is to be looked for. In entering into discussion on the matter vitally affecting not only the interest of the Zemindars but of the Orissa public at large, it is not our object to find out who is to blame but to invite attention to some important and broad facts bearing upon it for the purpose of removing certain misconception believed to be present in some quarters and if possible to secure some efficient remedy from the authorities.

*( To be continued )*

ଗତ ତା ୧ ରିଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗରୋଗରେ ୨୩୯୮ ମୃତ୍ୟୁ ହୋଇଅଛି । ତହିଁ ପୂର୍ବସପ୍ତାହର ମୃତ୍ୟୁ ୨୫୬୦ ଥିଲା ସୁତରାଂ କିଛି କମି ଯାଇଅଛି । ଏ ସପ୍ତାହର ମୋଟ ମୃତ୍ୟୁ ୨୩୯୮ ମଧ୍ୟରେ ସଂଯୁକ୍ତ ପ୍ରଦେଶରେ ୧୦୯୦୦ ତହିଁ ଭଳେ ଯୁକ୍ତପ୍ରଦେଶ ୭୮୯୩ ବଙ୍ଗ ୨୩୬୯ ଏବଂ ପଞ୍ଜାବ ୨୦୧୨ ଥିଲା । କଲିକତାରେ ଏହି ସପ୍ତାହରେ ମାତ୍ର ୪ ଜଣ ମରିଥିଲେ ।

ଗତ ତା ୧୪ ରିଖ ଅପ୍ରେଲରେ ଶେଷହେବା ସପ୍ତାହରେ କମ ବୃଷ୍ଟି, ପୂର୍ବବଙ୍ଗ ଓ ଆସାମରେ ଅଧିକ ଓ ବଙ୍ଗ, ଛୋଟନାଗପୁର, ଭାଣ୍ଡୀ-, ମହୀଶୂର ଓ ମାନ୍ଦ୍ରାଜରେ ସାଧାରଣ ବୃଷ୍ଟି ହୋଇଥିଲା । ମାର୍ଚ୍ଚ ଗତ ତା ୧୦ ରିଖଠାରୁ ଭାରତରେ ୩ ଇଞ୍ଚ ଏବଂ ହିସାବ, ଯାହା ୪.୩୪ ଇଞ୍ଚ ବାର୍ଷିକ ହାରାପେକ୍ଷା ଅଧିକ ଥିଲା ।

---

ଜଲନ୍ଦରା ଓ ଏହାର ଅନ୍ତଃପାତୀ କେତେ ସ୍ଥାନରେ ସୂର୍ଯ୍ୟାସ୍ତକ ଅବସ୍ଥା ଥିବାରୁ ସେ ସ୍ଥଳ, କଲୁଷିତ ଅଛି ବୋଲି ଘୋଷଣା କରିଯାଇଥିଲା ସେହିଠାରୁ ସ୍ଥାନରେ ସେହି ରୋଗ ଥିଲା ଅଛି ଏବର୍ଷ ପ୍ରବଳ ହେବାର ମାଧ୍ୟମର ବଙ୍ଗ ଗବର୍ଣ୍ଣମେଣ୍ଟ ଘୋଷଣା ଦେଇ ଅଛନ୍ତି ।

---

ପୁଷ୍ପଲ ଗୋରଖାଥାନା ଅନ୍ତର୍ଗତ ଏକାଙ୍ଗ ନାଥ ମାହାଲି ପାଣ୍ଡେୟ ଶ୍ରୀ ଜଗନ୍ନାଥଙ୍କର ଅଧିକାରସ୍ଥ ଲକ୍ଷ୍ମୀଗଞ୍ଜ ବାହାରି ସମ୍ମିଳିତ ସହିତ ପୂର୍ବେ ବଙ୍ଗୀୟ ଗଭର୍ଣ୍ଣମେଣ୍ଟ ଆଇନର ୧୦ ଅଧ୍ୟାୟ ଅନୁସାରେ ପ୍ରସ୍ତୁତ ହୋଇଥିଲା । ସେହି ଷ୍ଟେଟର ନକ୍ସା ଓ ନକଲପି ପ୍ରସ୍ତୁତ ହେବାର ବଙ୍ଗ ଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି ଓ ଗତ ତା ୧୩ ରିଖର କଲିକତା ଗେଜେଟରେ ତାହାର ବିଜ୍ଞାପନ ପ୍ରକାଶ ହୋଇଅଛି ।

---

ଭାରତୀୟ ସର୍ଭେ ବିଭାଗର ପ୍ରାଦେଶିକ ନର୍ଥ-ଗ୍ରେଡ଼ ପ୍ରାରମ୍ଭିକ ପରୀକ୍ଷା ହେବାର ନିୟମାବଳୀ ଗତ ତା ୧୩ ରିଖର କଲିକତା ଗେଜେଟରେ ବାହାରିଅଛି । ଯେଉଁମାନଙ୍କର ବୟସ ୨୨ ବର୍ଷରୁ ଊର୍ଦ୍ଧ୍ୱ ନୁହେ ଏବଂ ଭାରତର କୌଣସି ବିଶ୍ୱବିଦ୍ୟାଳୟର ଫାଷ୍ଟଆର୍ଟ୍ସ ବା ଇଣ୍ଟରମିଡିଏଟ ପାସ କରିଅଛନ୍ତି ସେମାନେ ଆସନ୍ତା ତା ୧୫ ଜୁନ ମଧ୍ୟରେ କଲିକତା ସର୍ଭେୟର ଜେନେରଲଙ୍କ ନିକଟକୁ ଆବେଦନପତ୍ର ପଠାଇବେ ।

---

ଗତ ଫେବୃୟାରୀ ମାସର ଭାରତବର୍ଷର ସାମୁଦ୍ରିକ ବାଣିଜ୍ୟର ହିସାବରୁ ଦେଖାଯାଏ ଯେ, ଗତବର୍ଷ ଏହି ମାସର ଆମଦାନୀଠାରୁ ଏବର୍ଷ ପ୍ରାୟ ଦେଢ଼କୋଟି ଟଙ୍କା ଏବଂ ରପ୍ତାନୀ ପ୍ରାୟ ସାଢ଼େ ଦୁଇକୋଟି ଟଙ୍କା ଅଧିକ ହୋଇଅଛି । ଏଥିରୁ ବାଣିଜ୍ୟର ଉନ୍ନତି ସଙ୍ଗେ ଏ ଦେଶର ବିଶେଷତଃ କୃଷିଜୀବୀଙ୍କର ଉପକାର ହେବାର ଜଣାଯାଏ । କିନ୍ତୁ ଆମଦାନୀ ଦ୍ରବ୍ୟମଧ୍ୟରୁ ପ୍ରାୟ କୋଟିଏ ଟଙ୍କାର ଅଧିକ ଲୁଗାଦ୍ୱାରା ଏ ଦେଶର ଅବସ୍ଥା ଭଲ ଥିବାର ଜଣାଯାଏ । ଚିନିର ଆମଦାନୀ ବହୁତ ଊଣା ପଡ଼ିଅଛି । ରପ୍ତାନୀ ଦ୍ରବ୍ୟମଧ୍ୟରେ ତୁଳା ପାଞ୍ଚକୋଟିରୁ ଅଧିକ ଅଛି । ଦେଶରେ ଅଧିକ ଲୁଗାକାରଖାନା ଥିଲେ ଏ ସବୁ ଯାଇ ନ ଥାନ୍ତା ।

---

ଓଡ଼ିଶାର ଚାରି ଜିଲ୍ଲାର ଗତ ଫେବୃୟାରୀ ମାସର ଜନ୍ମ ମୃତ୍ୟୁ ତାଲିକା ଯଥା,—

| | ଜନ୍ମ | ମୃତ୍ୟୁ |
|---|---|---|
| କଟକ | ୬୨୮୧ | ୫୩୩୧ |
| ବାଲେଶ୍ୱର | ୩୨୮୨ | ୨୫୩୭ |
| ପୁରୀ | ୨୫୯୭ | ୫୨୮୩ |
| ସମ୍ବଲପୁର | ୨୨୧୯ | ୧୫୯୭ |

ଓଲାଉଠା ଏବଂ ବସନ୍ତ ରୋଗ ବାଲେଶ୍ୱର ଓ କଟକ ଜିଲାରେ ଦେଖା ଯାଇଥିଲା ତଥାପି ସେହି ଦୁଇ ରୋଗରେ ଯଥାକ୍ରମେ ବାଲେଶ୍ୱରରେ ୧୫୩ ଓ ୨୪ ଏବଂ ପୁରୀରେ ୨୨ ଓ ୭ ମୃତ୍ୟୁ ହୋଇଥିଲା । ଏହି ମାସର ମୋଟ ମୃତ୍ୟୁ ଗତ ବର୍ଷର ଏହି ମାସଠାରୁ ଊଣା ଥିଲା ।

—※—

ଅମ୍ଭମାନଙ୍କର ସ୍ନେହାସ୍ପଦ ମାନ୍ୟବର କନିକାର ରାଜା ଗତ ସୋମବାର ଏଠାରୁ ବୋମ୍ବାଇ ଅଭିମୁଖେ ଯାତ୍ରା କଲେ । ଅତଃ ବୋମ୍ବାଇଠାରୁ ବିଲାତ ଅଭିମୁଖେ ଯାତ୍ରା କରିବେ । ରାଜା ଅତିରିକ୍ତ ପରିଶ୍ରମଯୋଗେ ଦୁର୍ବଳ ହେବାହେତୁ ସ୍ୱାସ୍ଥ୍ୟର ଉନ୍ନତି ବିଧାନହିଁ ବିଲାତ ଯିବାର ପ୍ରଧାନ ଉଦ୍ଦେଶ୍ୟ । ରାଜା ସାହେବ ଜନସ୍ୱଭାବର ଅବତାର ବୋଲିଲେ ଅତ୍ୟୁକ୍ତି ହେବ ନାହିଁ । ତାହାଙ୍କ ଉପରେ ବର୍ତ୍ତମାନ ଶିକ୍ଷାପ୍ରାପ୍ତ ଲୋକଙ୍କର ଅନ୍ତରର ଶ୍ରଦ୍ଧା ପ୍ରଦର୍ଶିତ ହୋଇଅଛି । ବିଲାତ ଉନ୍ନତ ସଭ୍ୟ ଏବଂ ସୁଶିକ୍ଷିତ ଦେଶରେ ଥାଇ ଆପଣାର ଶିକ୍ଷା ଓ ବହୁଦର୍ଶିତାର ଉନ୍ନତିସାଧନ ଭିନ୍ନ ଯେ ଅନ୍ୟ ଉଦ୍ଦେଶ୍ୟ ନ ଥିବରେ ସନ୍ଦେହ ନାହିଁ । ଜଗଦୀଶ୍ୱରଙ୍କଠାରେ ଏକାନ୍ତ ପ୍ରାର୍ଥନା ଯେ ଆପଣାର ଉଦ୍ଦେଶ୍ୟ ସାଧନପୂର୍ବକ ସୁସ୍ଥ ଶରୀରରେ ଫେରି ଆସି ସ୍ୱଦେଶର ମୁଖୋଜ୍ଜ୍ୱଳ କରନ୍ତୁ ।

---

ମାଲଜୋଲନାଗଡ଼ ଠାକୁରର କଲକଷ୍ଟ ଦେଖି ଏଠାର ଧର୍ମନିଷ୍ଠ ସବ୍ଜଜ ଶ୍ରୀମାନ୍ କୃଷ୍ଣଚନ୍ଦ୍ର ମହାପାତ୍ର ସ୍ୱୟଂ ବହୁ ଅର୍ଥ ବ୍ୟୟରେ ଦୁଇଗୋଟି କଳଶିରି ସ୍ଥାପନ କରି ଜନସାଧାରଣର କଲ୍ୟାଣ ସାଧନ କରିଅଛନ୍ତି । ଗଡ଼ଜାତବାସିଙ୍କ ଆନନ୍ଦ ସହିତ ଏ ସମ୍ବାଦ ପ୍ରକାଶ କରି ଅନ୍ୟାନ୍ୟ ସ୍ଥାନର ଜଳ ଅଭାବପ୍ରସ୍ତ ସାମନ୍ତ ମହୋଦୟଙ୍କର ଦୃଷ୍ଟି ଆକର୍ଷଣ କରିଅଛନ୍ତି । ଯେ କାର୍ଯ୍ୟ ଜଳ ତାହା ଉପରେ ସବୁ କୋଣ ଲଭିବା ଭଲ ବୋଧ ହେଉ ନାହିଁ । ସାମନ୍ତ ମହୋଦୟଙ୍କର ଉଦାହରଣର ଅନୁଗାମୀ ହେବା କାରଣ ଅମ୍ଭେମାନେ ଅନ୍ୟ ସଙ୍ଗତିପନ୍ନ ବ୍ୟକ୍ତିଙ୍କ ଅନୁରୋଧ କରୁଅଛୁଁ ।

---

୧୮୯୮ ସନର ବଉଜଉଣ୍ଡ କଣ୍ଟ୍ରାକ୍ଟର ତାଲୁକର ବନ୍ଦୋବସ୍ତ ମୋକଦ୍ଦମାରେ ଏଠା କମିଶନର ସାହେବ ଗତ ଅଗଷ୍ଟ ମାସ ତା ୨ ରିଖରେ ଯେଉଁ ରାୟ ଦେଇଥିଲେ ତାହାଁ ବିରୁଦ୍ଧରେ ବାଦୀଙ୍କର ପାଲିତ ସାହେବ ରେଭିନ୍ୟୁ ବୋର୍ଡରେ ଅପିଲ କରିଥିଲେ । ଅମିନ ରଥ କାନୁନଗୋଙ୍କ ଉପରେ ଲଗାଇଥିବା ଅଭିଯୋଗ ସମ୍ପର୍କରେ ଚଳିତ ବୋର୍ଡର ସେକ୍ରେଟାରୀ କରିଥିଲେ ସୁଦ୍ଧା କମିଶନର ସାହେବ ଉହାପ୍ରତି ଦୃଷ୍ଟିପାତ କରି ନ ଥିବାର ଦୋଷ ବାଦୀଙ୍କର ମନେ ହେଉ ନ ଥିଲେ । ସେ ମୋକଦ୍ଦମାରେ ଅପରପକ୍ଷ ସାଧାରଣ ସମ୍ପତ୍ତିର ଲୁଟପାଟ ଓ ବର୍ତ୍ତମାନ କଲିକତା ହାଇକୋର୍ଟର ଉକିଲ ବାବୁ ସୁରେଶଚନ୍ଦ୍ର ଚକ୍ରବର୍ତ୍ତୀଙ୍କୁ ନିଯୁକ୍ତ କରିଥିଲେ । ସୁରେଶ ବାବୁ ଯୁକ୍ତି ଆପତ୍ତି ଅଯଥା ଥିବା ଓ ଉକ୍ତିରେ ସେପରି କିଛି ନ ଥିବା ପ୍ରମାଣ ଦେଖାଇଲେ । ବୋର୍ଡର ସଭାପତି ଶ୍ରୀଯୁକ୍ତ ମାନନୀୟ ସାହେବ ମହୋଦୟ ଅପିଲ ଡିସମିସ କରି ଆପଣଙ୍କୁ ଦୁଇ ମୋହର ଖରଚ ଦେଇ ଅଛନ୍ତି । ସୁରେଶ ବାବୁଙ୍କ ନିପୁଣତାରେ ଅନେକ ଲୋକେ ଆନନ୍ଦିତ ହୋଇ ତାଙ୍କର ଉନ୍ନତି କାମନା କରୁଅଛନ୍ତି ।

---

ବରୋଦାର ମହାରାଜା ଗାଇକୁଆଡ଼ଙ୍କର ପ୍ରଜାଙ୍କର ଉନ୍ନତିବିଷୟରେ ସର୍ବଦା ଯତ୍ନବାନ୍ ଥିବା ଏବଂ ଏ ପରେ ଏକ ହିତାନୁଷ୍ଠାନରେ ବ୍ରତୀ ହେବାର ପାଠକମାନଙ୍କୁ ଜଣା ଅଛି । ବର୍ତ୍ତମାନ ସେ ବାଳକର ସ୍ୱଭାବ ବୋର୍ଷ୍ଟାଲ ପଦ୍ଧତିର ଅନୁକରଣରେ ବରୋଦାର ପ୍ରଧାନ ଜେଲଖାନାରେ ଥିବା ଅଳ୍ପ ବୟସର କଏଦୀମାନଙ୍କୁ ଏପରି ଶ୍ରମସାଧ୍ୟ ବ୍ୟବସାୟ ଶିକ୍ଷା ଦେବାର ବ୍ୟବସ୍ଥା କରିଅଛନ୍ତି ଯାହା ଶିକ୍ଷା କରି ସେମାନେ ଜେଲଖାନାରୁ ଖଲାସ ହେଲେ ସେହି ବ୍ୟବସାୟଦ୍ୱାରା ପେଟ ପାଳି ପାରିବେ ଏବଂ ଅପରାଧଯୁକ୍ତ କାର୍ଯ୍ୟରେ ଆଉ ପ୍ରବୃତ୍ତ ହେବେ ନାହିଁ । ଏହି ଶିକ୍ଷାପ୍ରଣାଳୀର ଗୋଟିଏ ନିୟମ ଏହି ଯେ ଯେଉଁମାନେ ଶ୍ରମଯୁକ୍ତ କାର୍ଯ୍ୟଶିକ୍ଷାରେ ବିଶେଷ ଅନୁରାଗ, ଯୋଗ୍ୟତା ଓ ସଚ୍ଚରିତ୍ର ଦେଖାଇବେ ସେମାନଙ୍କ ନାମରେ ପୁରସ୍କାରସ୍ୱରୂପ କିଛି ଅର୍ଥ ଜମା ହେବ ଓ ଖଲାସବେଳେ ସେ ଟଙ୍କା ଦିଆଯିବ ଯେ ତାହା ପାଇ ସେ ଓ ଯାହାକୁ କେହି ଅଭିଭାବକ କେହି ନାହିଁ ଜେଲଖାନାର କର୍ତ୍ତୃପକ୍ଷ ତାହାକୁ କାର୍ଯ୍ୟ ଯୋଗାଇବାର ବହୁତ ବନ୍ଦୋବସ୍ତ କରିଦେବେ । ଯୁବା ଅପରାଧୀଗଣଙ୍କ ସୁପଥରେ ଆଣିବାର ଗୋଟିଏ ସୁନ୍ଦର ଉପାୟ ଏହା ଅଟେ ସନ୍ଦେହ ନାହିଁ । ଗାଇକୁଆଡ଼ଙ୍କ ମହାରାଜା ଏହା କାର୍ଯ୍ୟରେ ଯେଉଁମାନେ ଅନ୍ୟାନ୍ୟ ରାଜାମାନଙ୍କୁ ଗୋଟିଏ ନୂତନ ପଥ ଦେଖାଇ

Split by PDF Splitter
Digitized by srujanika@gmail.com

ଅଛନ୍ତି । ଭରସା କରୁଁ ତାହାଦେଶୀୟ ସଭା ଏଥିର ଅନୁକରଣ କରିବେ ଏବଂ ଆମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ ଏଥିର ଅନୁଗାମୀ ହୋଇ ଯୁବା ଲୋକଙ୍କ ହିତାର୍ଥେ ଯେ ସମସ୍ତ ସଦୁପାୟ ଅବଲମ୍ବିତ କରିଅଛନ୍ତି ତହୁଁ ଅଧିକ କରିବେ ।

—※—

ଭାରତର ସେନ୍‌ସସ ବା ଆଦମ ଗଣନା ଅତି ସନ୍ନିକଟ । ଗତ ସେନ୍‌ସସରେ ବଙ୍ଗଦେଶର କାୟସ୍ଥଜାତି ଶୂଦ୍ର ମଧ୍ୟରେ ଗଣ୍ୟ ହୋଇଥିବାରୁ କଲିକତା ମହାନଗରରେ କାୟସ୍ଥସଭାର ସୂତ୍ରପାତ ହୁଏ । କାୟସ୍ଥ ସଭା ୮ମ ବର୍ଷ ସମ୍ପୂର୍ଣ୍ଣ କରି ନବମ ବର୍ଷରେ ଉପସ୍ଥିତ ହୋଇଅଛି । ଏତି ମଧ୍ୟରେ କାୟସ୍ଥଜାତିର କ୍ଷତ୍ରିୟତ୍ୱ ପ୍ରତିପାଦନ ନିମନ୍ତେ ଅସୀମ ଚେଷ୍ଟା ହୋଇଅଛି ଓ କଲିକତା ସହର ଓ ବଙ୍ଗଦେଶର ବହୁ ମୋଫସଲ ଗ୍ରାମମାନଙ୍କରେ ଅନେକ କାୟସ୍ଥ ମାନ୍ୟ ଗଣ୍ୟ ବ୍ୟକ୍ତି ଉପବୀତ ଗ୍ରହଣ କରିଅଛନ୍ତି । ବିଗତ ଫେବ୍ରୁ-ମାସରେ ଦ୍ୱାରଭଙ୍ଗା ମହାରାଜକୁମାରଙ୍କ ଉପନୟନ ଅତି ସମାରୋହରେ ସମ୍ପନ୍ନ ହୋଇଥିଲା । ଏହି ଉପନୟନ କ୍ରିୟାରେ ନବଦ୍ୱୀପର ଅଶୀତିବର୍ଷ ମହାମହୋପାଧ୍ୟାୟ ଶ୍ରୀଯୁକ୍ତ ରାଜକୃଷ୍ଣ ତର୍କପଞ୍ଚାନନ ଓ ନାନା ସ୍ଥାନର ମହାମହୋପାଧ୍ୟାୟ ନୈୟାୟିକ ସ୍ମାର୍ତ୍ତ ପଣ୍ଡିତମଣ୍ଡଳୀ ଯୋଗ ପ୍ରଦାନ କରି କ୍ଷତ୍ରିୟତ୍ୱର ସମର୍ଥନ କରିଥିଲେ । ତାହାର ପ୍ରାୟ ୨୦୫ ଜଣ କୁଳୀନ ଓ ସମ୍ଭ୍ରାନ୍ତ କାୟସ୍ଥ ଏହି ଉତ୍ସବରେ ଯୋଗ ପ୍ରଦାନ କରିଥିଲେ ଓ ଆଗାମୀ ଜ୍ୟେଷ୍ଠମାସରେ ସମସ୍ତେ ଉପନୟନ ଗ୍ରହଣ କରିବାକୁ ସ୍ୱୀକାର କରିଅଛନ୍ତି । ଇତିମଧ୍ୟରେ କଲିକତା ମହାନଗରୀ ଫରିଦପୁର, ବରିଶାଲ ପ୍ରଭୃତି ସ୍ଥାନମାନଙ୍କରେ ଅନେକ କାୟସ୍ଥ ଉପବୀତ ଗ୍ରହଣ କରିଅଛନ୍ତି ।

ଆମ୍ଭେମାନେ ଆଶା କରୁଁ କାୟସ୍ଥ ମହୋଦୟଗଣ ଉପବୀତ ଗ୍ରହଣରେ ଅଯଥା ବିଳମ୍ବ କରିବେ ନାହିଁ । ଆଗାମୀ ସେନ୍‌ସସରେ ଯେପରି କାୟସ୍ଥମାନେ ଆଉ ଶୂଦ୍ର ବୋଲି ପରିଚୟ ନ ଦେବେ ସେଥିପାଇଁ ସମସ୍ତେ ସଚେଷ୍ଟ ହେବେ ।

———

ପତିଆଳାର ମହାରାଜା ଆପଣା ରାଜ୍ୟରେ ଘୋଷଣା ପ୍ରଚାର କରିଅଛନ୍ତି ଯେ ବ ୧୮ ବର୍ଷର ଊଣା ବୟସର କୌଣସି ବାଳକ ବା ବାଳିକା କୌଣସି ମାଦକଦ୍ରବ୍ୟ ବା ତମାଖୁ ସେବନ କଲେ ବ ୧୫ ଘା ବେତ ଓ ଅର୍ଥଦଣ୍ଡରେ ଦଣ୍ଡିତ ହେବ । ସେହି ଅଳ୍ପବୟସର ଲୋକଙ୍କୁ ଯେ ବ୍ୟକ୍ତି ମାଦକଦ୍ରବ୍ୟ ବିକ୍ରୟ କରିବ ସେ ଅର୍ଥଦଣ୍ଡ ସହିତ ଏକମାସ କାରାଦଣ୍ଡ ପାଇବ । ଏହି ଆଦେଶ ଅତି ଉତ୍ତମ ଏବଂ ନ୍ୟାୟସଙ୍ଗତ ଅଟେ । ପାଠଶାଳାମାନ ଏଥିସଙ୍ଗେ ଯୋଗ ହେବା ବାଞ୍ଛନୀୟ । ପାଠଶାଳାବାଳୁ କେତେଲୋକ ତମାଖୁପରି ଅନିଷ୍ଟକର ସେବନ କରନ୍ତି ନାହିଁ । ମାଦକ ପ୍ରକୃତରେ ତାହା ଖେଳର ସାମଗ୍ରୀ ଏବଂ ପିଲମାନଙ୍କ ପକ୍ଷରେ ଅହିତକର ବୋଲି ଏ ଦେଶରେ ସ୍ୱଳ୍ପକାଳରୁ ଜଣାଅଛି । ଅଲ୍ପବୟସ୍କ, ଶିକ୍ଷିତ ଓ ଭଦ୍ର ଜାତିମାନେ ପୁନଃ ପୁନଃ ପିଇବା ପାନ ବ୍ୟବହାର ନିଷେଧ କରିବାର ଦେଖି ଆସିଅଛୁଁ । ଏଣିକି ପଣ୍ଡମାନଙ୍କର ଅନାୟତ୍ତା ଏବଂ ଗୁରୁଜନଙ୍କର ଶିଥିଳତା ଦେଖାଯାଏ । ଡେଣ୍ଡ ପିକା ଓ ପାନର ଚଳନ ହେବାଦ୍ୱାରା ସ୍ୱାସ୍ଥ୍ୟ, ଜାତି ଓ ଧନହାନି ହେଉଅଛି ମାତ୍ର ଏଥିପ୍ରତି କାହାରି ଦୃଷ୍ଟିପଡ଼ୁ ନାହିଁ ବଡ଼ ପରିତାପର ବିଷୟ । ଗବର୍ଣ୍ଣମେଣ୍ଟ ଏ ବିଷୟରେ ହସ୍ତକ୍ଷେପ କଲେ ବଡ଼ ସୁଖର ବିଷୟ ହେବ । ମାତ୍ର ଗବର୍ଣ୍ଣମେଣ୍ଟଙ୍କୁ ବୁଝାଇ ଅଧିକ ଆଶା କରିବା ସହଜ ପଥ ନୁହେ । ପତିଆଳାର ଅନ୍ୟାନ୍ୟଦେଶୀୟ ରାଜାମାନେ ସ୍ୱ ସ୍ୱ ରାଜ୍ୟରେ ନିଷେଧ ଆଜ୍ଞା ପ୍ରଚାର ଓ ନ ମାନିବାର ଦଣ୍ଡ ବ୍ୟବସ୍ଥା କଲେ ଅନେକ ମଙ୍ଗଳ ହେବ । ଆଶା କରୁଁ ସେମାନେ ଅନୁକ୍ରମେ ଏଥିର ବ୍ୟବସ୍ଥା କରି ପ୍ରଜାବର୍ଗର ମୋଟିଏ ମହତ ଉପକାର ସାଧନ କରିବେ ।

—※—

'ଇଣ୍ଡିୟାନ ପବ୍ଲିକ ହେଲଥ' ନାମକ ସ୍ୱାସ୍ଥ୍ୟସମ୍ବନ୍ଧୀୟ ପତ୍ରିକାରେ ଦାରିଦ୍ର୍ୟ ଯୋଗେ ସ୍ୱାସ୍ଥ୍ୟହାନି ବିଷୟର ବିସ୍ତୃତ ଚର୍ଚ୍ଚା ହୋଇଅଛି । ସେ କହନ୍ତି ଯେ ଦାରିଦ୍ର୍ୟଯୋଗେ ଲୋକେ ଉତ୍ତମ ଖାଇ ପିନ୍ଧି ନ ପାରନ୍ତି ବା ଉତ୍ତମ ଘରେ ରହିବାକୁ ନ ପାଇବାରୁ ସ୍ୱାସ୍ଥ୍ୟର ହାନି ହୁଏ । ମ୍ୟୁନିସିପାଲିଟିମାନ ଦାଣ୍ଡ ସଫା ରଖିବାକୁ ବିଶେଷ ଚେଷ୍ଟିତ ମାତ୍ର ଘରଭିତର ସଫା ରଖିବାପ୍ରତି ଅଧିକତର ଦୃଷ୍ଟି ଦେବା ଉଚିତ । ଦରିଦ୍ରଲୋକେ ସ୍ୱାସ୍ଥ୍ୟ ବିଧାନର ଉପାୟ ଜାଣିଲେ ସୁଦ୍ଧା ତାହା କରିବାକୁ ଅକ୍ଷମ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସେମାନଙ୍କର ଘରଦ୍ୱାର ଜାଲ ଇତ୍ୟାଦି ଉତ୍ତମରୂପେ ପରିଷ୍କୃତ ଏବଂ ଦୁର୍ଗନ୍ଧ ନାଶକ ଦ୍ରବ୍ୟଦ୍ୱାରା ଶୋଧିତ କରିବା ଉଚିତ । ଦରିଦ୍ରର ଅପରିଷ୍କୃତ ଘରୁ ରୋଗର ବୀଜ ଜାତ ହୁଏ ଏବଂ ତାହା ନଷ୍ଟ କରାଇଲେ ଯେ ବିଶେଷ ଫଳ ଲାଭ ହେବ ଏହା ବୋଲିବା ଅଧିକ । ଲୋକଙ୍କୁ ଉପଯୁକ୍ତ କରିବା ଜାତୀୟ ସମ୍ପଦ ଅଟେ ଏବଂ ବିଜ୍ଞାନଦ୍ୱାରା ସେମାନଙ୍କର ଅଯୋଗ୍ୟତା ଦୂର କରାଯାଇପାରେ । ଏ କଥାଗୁଡ଼ିକ ଅମୂଲ୍ୟ ଅଟେ । ପ୍ରତିଦିନ ଦେଖାଯାଏ ଯେ ଓଲାଉଠା ଅଥବା ପ୍ଲେଗ ଆଦି ରୋଗ ନିମ୍ନଶ୍ରେଣୀର ଲୋକଙ୍କୁ ନଷ୍ଟ କରେ । ଯେଉଁମାନେ ପକ୍ଷୀର ପରିଚ୍ଛନ୍ନ ଥାଇ ବିଶୁଦ୍ଧ ଅନ୍ନ ଭୋଜନ କରନ୍ତି ତାଙ୍କୁ ରୋଗ ବିଶେଷ ଛୁଇଁ ପାରେ ନାହିଁ । ମ୍ୟୁନିସିପାଲିଟିମାନ ଯେମନ୍ତ ଦରିଦ୍ରର ଘରଦ୍ୱାର ପରିଷ୍କୃତ ରଖିବା କର୍ତ୍ତବ୍ୟ ଗବର୍ଣ୍ଣମେଣ୍ଟ ମଧ୍ୟ ଯେମନ୍ତ ଲୋକଙ୍କର ଦରିଦ୍ରତା ଦୂର ହୋଇପାରେ ବିଶେଷ ଯତ୍ନବାନ ହେବା ଉଚିତ । ଦୁଃଖିତ ଘରୁ ଦୁର୍ଯୋଗ ସଂକ୍ରାମକ ରୋଗ ଜାତ ହୋଇ ଧନୀ ସଙ୍ଗେ ଅନ୍ୟ ଲୋକଙ୍କ ପ୍ରାଣ ନଷ୍ଟ କରାଏ ! ଏଥିପାଇଁ ପ୍ରତିକାରର ସମସ୍ତ ଲୋକଙ୍କ ଚେଷ୍ଟାର ଦରକାର ।

———

ବାଲେଶ୍ୱର ବର୍ଷାକାଳର ଝାଡ଼େଶ୍ୱର ପୁଷ୍କରିଣୀ ସେ ଅଞ୍ଚଳର ଲୋକଙ୍କର ଏକମାତ୍ର ଜଳାଧାର ଥିଲା । ସେ ପୁଷ୍କରିଣୀ ପୋତି ହୋଇ ଜଳ କଷ୍ଟ ପରି ହେବାର ଦେଖି ବାବୁ ହେମଚନ୍ଦ୍ର ପ୍ରମୁଖ କେତେ ଜଣ ଭଦ୍ରଲୋକ କମିଟି କରି ସାଧାରଣ ଚାନ୍ଦା ସଂଗ୍ରହଦ୍ୱାରା ତହିଁର ସଂସ୍କାର କାର୍ଯ୍ୟରେ ପ୍ରବୃତ୍ତ ହୋଇଅଛନ୍ତି । ବହୁ ପ୍ରୟୋଜନୀୟ ଅର୍ଥ ହେବାହେତୁ ଉଠିବା ସମ୍ଭବ ନୁହେ । ଏଥିପାଇଁ ବାଲେଶ୍ୱର ସମ୍ବାଦବାହିକା ବାଲେଶ୍ୱର ମ୍ୟୁନିସିପାଲିଟିର ଚେୟାରମ୍ୟାନ ଶ୍ରୀଯୁକ୍ତ ବି, ସି, ସେନ ମାଜିଷ୍ଟ୍ରେଟ ଏବଂ ଓଡ଼ିଶାର ରାଜା, ମହାରାଜା ମଣ୍ଡଳୀଙ୍କୁ ଏ କାର୍ଯ୍ୟରେ ସାହାଯ୍ୟ କରିବାକାରଣ ଅନୁରୋଧ କରିଅଛନ୍ତି । ଯେଉଁସ୍ଥଳେ କେତେ ଜଣ ଭଦ୍ରଲୋକ କମିଟି କରି କାର୍ଯ୍ୟାରମ୍ଭ କରିଅଛନ୍ତି ଏବଂ କମିଟିରେ ଜଣେ ଭାଟକମିସ୍ତ୍ରୀ ମହଲ୍ଲମାର ଉତ୍ସାହ ଅଛନ୍ତି ସେ ସ୍ଥଳେ ବ୍ୟୟର ଗୋଟାଏ ଏଷ୍ଟିମେଟ ପ୍ରସ୍ତୁତ ହୋଇଥିବ ଏବଂ ସେହି ପୁଷ୍କରିଣୀ ମ୍ୟୁନିସିପାଲିଟି ଅନ୍ତର୍ଗତ ଥିବା ଓ ତହିଁର ସଂସ୍କାର ଓ ସଂରକ୍ଷଣ ମ୍ୟୁନିସିପାଲ କମିଶନରମାନଙ୍କର ଗୋଟିଏ ଗୁରୁତର କାର୍ଯ୍ୟ ଥିବାହେତୁ କମିଟି ଅବଶ୍ୟ ଚେୟାରମ୍ୟାନଙ୍କର ବିଶେଷ ସାହାଯ୍ୟ ଲୋଡ଼ିଥିବେ । ସେ ପ୍ରସଙ୍ଗ କିଛି ପ୍ରକାଶ ନ କରି ସହଯୋଗୀ ଚେୟାରମ୍ୟାନଙ୍କୁ ସାହାଯ୍ୟସକାଶେ ଅନୁରୋଧ କରିବାର ମର୍ମ ବୁଝିପାରିଲୁଁ ନାହିଁ । ମ୍ୟୁନିସିପାଲିଟି ମଧ୍ୟରେ ଜଳ ଯୋଗାଇବାସକାଶେ ଲୋକେ ସାଧ୍ୟମତେ ଟେକ୍ସ ଦେଇ ସାହାଯ୍ୟ ଲୋଡ଼ିଲେ ଚେୟାରମ୍ୟାନ ମ୍ୟୁନିସିପାଲ ଫଣ୍ଡ ଓ ସରକାରୀ ସାହାଯ୍ୟ ଟଙ୍କାରୁ ତାହା ଦେବା ଏକାନ୍ତ କର୍ତ୍ତବ୍ୟ । ବ୍ୟୟର ପରିମାଣ ଜଣା ନ ଥିବାସ୍ଥଳେ ରାଜା ମହାରାଜାମାନେ ସାହାଯ୍ୟ ଦେବାର ଆବଶ୍ୟକତା ବୁଝିବେ କିପରି ? ପୁଣି ପ୍ରତ୍ୟେକ ସ୍ଥାନୀୟ କାର୍ଯ୍ୟସକାଶେ ରାଜା ମହାରାଜାଙ୍କର ସାହାଯ୍ୟ ପ୍ରାର୍ଥନା କରିବା ଉଚିତ କି ? ଅନ୍ତତଃ ଦାଣ୍ଡର ସାହାଯ୍ୟ ଲୋଡ଼ିବାବେଳେ ଘରରୁ ବଳାଇବା କଥା ଦେଖାଇବା ଯୁକ୍ତିସଙ୍ଗତ ଅଟେ ।

———

ଉତ୍କଳେଶ୍ୱର ସରଚୋଡ଼ ସାହାଯ୍ୟ ପାଣ୍ଠି- ସହାରେ ନିମ୍ନଲିଖିତ ପ୍ରଦତ୍ତ ଟଙ୍କା ସମ୍ପାଦକ କୃତଜ୍ଞଚିତ୍ତରେ ପ୍ରାପ୍ତି ସ୍ୱୀକାର କରୁଅଛନ୍ତି ।

ଯଥା;—

| | |
|---|---|
| ପୂର୍ବ ସ୍ୱୀକୃତ ମୋଟ | ଟ ୩୯୨ |
| ବାବୁ ଗଗନଚନ୍ଦ୍ରଙ୍କ ମୌଧିସ୍ଥ ମୁନସଫ ସମ୍ବଲପୁର | ଟ ୧୦ |
| ହେଡ଼ ବର୍କନ୍ଦାଜ | ଟ ୨ |
| କଟକ କମିଟିର ସେକ୍ରେଟେରୀ ବାବୁ ଗ୍ରିସ୍‌ନାଥ ଶ୍ରୀଚନ୍ଦନଙ୍କଠାରୁ | ଟ ୩୦ |
| ମୋଟ | ଟ ୪୩୪ |

ଏ ସମ୍ବନ୍ଧରେ ଶ୍ରୀ ଦାସପୂର୍ଣ୍ଣ ପୂଜାପଣ୍ଡା ଲେଖିଅଛନ୍ତି ଯେ ରଥ ଦେଉଳର କେତେକ ଭଦ୍ରଲୋକ ଦେବାଦ୍ୱାରା ଟ ୩୦୦ ଟଙ୍କା ଓ ଅନେକ ଲୁଗା ଉଠାଇ ନିଯୁକ୍ତ ସ୍ୱଦେଶ ଚନ୍ଦ୍ର ଓ ନିଯୁକ୍ତ ଶ୍ରୀଚନ୍ଦନ ଦ୍ୱାରା ଉତ୍କଳେଶ୍ୱରଙ୍କୁ ପଠାଇଥିଲେ । ସେମାନେ ତାହା ଯୋଗ୍ୟ ବ୍ୟକ୍ତିଙ୍କୁ ବାଣ୍ଟିଦେଇ ସାରିଅଛନ୍ତି । ପୁରୀ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ସ୍କୁଲ ଶିକ୍ଷକ ଓ ଛାତ୍ର ଗଣର ପ୍ରଦତ୍ତ ଟଙ୍କା ସେଠାରେ ଉପସ୍ଥିତ ହୋଇ ବିଦ୍ୟାଳୟ ଗୃହ ନିର୍ମାଣ କାରଣ ଟ ୨୦ ଟଙ୍କା ପଣ୍ଡିତ ରତ୍ନାକର ଗଗନଚନ୍ଦ୍ରଙ୍କୁ ଦେଇଅଛନ୍ତି ଏବଂ ଯେଉଁ ଛାତ୍ରଙ୍କର ପୁସ୍ତକ ଶ୍ଳେଟ ଇତ୍ୟାଦି ପୋଡ଼ିଯାଇ- ଅଛି ସେ ସବୁ ଏଠାରୁ କିଣି ପଠାଇ ଦିଆଯାଉ- ଅଛନ୍ତି । ସମ୍ପ୍ରତି ଦିଗନ୍ତର ଭୂତନାଥ ଶରମଦାସ ବଙ୍ଗଳାରୁ ଆସି ଦରଦ୍ରମାନଙ୍କର ଗୃହନିର୍ମାଣର ଉପକରଣ ଯୋଗାଉଅଛନ୍ତି । ସରଚୋଡ଼ରେ କ୍ଷତିଗ୍ରସ୍ତ ଲୋକମାନେ ତାହା ଦ୍ୱାରା ସାହାଯ୍ୟ ପାଉଥିବାର ଏଥିରୁ ଜଣାଯାଉଅଛି । ସରକାର ୧୦ହଜାର ଟାଙ୍ଗିଆ ର ମାସୁଲ ଛାଡ଼ ଭିନ୍ନ ଅନ୍ୟ କିଛି କରିବାର ଜଣା ନାହିଁ । ବୋଧ ହୁଏ ଜଳ ହେଲେ ଭଲ ଏ ବିଷୟରେ ଅଧିକ କିଛି କରିବା ଆବଶ୍ୟକ ମନେ କରନ୍ତି ନାହିଁ । ସାହାଯ୍ୟ କମିଟିର ମତ ପ୍ରକାଶ ହେବ ବାଞ୍ଛନୀୟ । କେତେ ଲୋକର ସରଚୋଡ଼ ଗଲା ସେମାନଙ୍କ ମଧ୍ୟରେ କେତେ ଲୋକ ସାହାଯ୍ୟ ପାଇବାର ଯୋଗ୍ୟ ଓ କେତେ ଲୋକ ପାଇ- ଅଛନ୍ତି କମିଟି ଏ ସବୁ ପ୍ରକାଶ କଲେ ଅଧିକ ହେବା ଆବଶ୍ୟକ ଥିଲେ ତାହାର ପରିମାଣ ସର୍ବସାଧାରଣ ଲୋକେ ଜାଣିପାରି ତଦନୁସାରେ କାର୍ଯ୍ୟ କରିବେ ।

———

ସନ୍ତାନ ଛାତ୍ରବୃତ୍ତି ପାଣ୍ଠି ।

ଗତମାସ ତା ୨୭ ରଖରେ ଅଭିରାମ ଧର୍ମ- ଶାଳା ଗୃହରେ ସନ୍ତାନ ଛାତ୍ରବୃତ୍ତିପାଣ୍ଠି କମିଟିର ବାର୍ଷିକ ଅଧିବେଶନ ହୋଇଥିଲା । ତହିଁର ବୃତ୍ତା- ନ୍ତ ବିବରଣ ସନ୍ତାନ ଦର୍ପଣରେ ପାଠ କରି ଆନନ୍ଦିତ ହେଲୁଁ । ସଭାରେ ଅନେକ ଭଦ୍ର ଲୋକ ଉପସ୍ଥିତ ଥିଲେ ଏବଂ ଶ୍ରୀ ଦାମୋଦର ମହାପାତ୍ର (ପୁଲିସ ଇନସ୍ପେକ୍ଟର) ସଭାପତିର ଆସନ ଗ୍ରହଣ କଲେ । ଗତବର୍ଷର ରିପୋର୍ଟରୁ ଜଣାଗଲା ଯେ ସେବର୍ଷର ଆୟ ଟ ୯୮୯୧ ଓ ବ୍ୟୟ ଟ ୧୦୬୩୯ ଟଙ୍କା ମଧ୍ୟରୁ ପ୍ରାପ୍ତ ଟ ୧୦୪୭୯ ଟଙ୍କା ବୃତ୍ତି ଦିଆ ଯାଇଥିଲା । ସୁତରାଂ ଅନ୍ୟାନ୍ୟ ବ୍ୟୟ ସାମାନ୍ୟ ଥିଲା । ବର୍ତ୍ତମାନ ଟ ୨୪୦୧ ଟଙ୍କା ସେଭିଂସ ବ୍ୟାଙ୍କରେ ସଞ୍ଚିତ ଅଛି । ଏଥିରୁ ପାଣ୍ଠିର ଅବସ୍ଥା ଭଲ ଏବଂ ତହିଁର ସଦ୍‌ବ୍ୟବହାର ହେଉଥିବାର ସ୍ପଷ୍ଟ ଜଣା ଯାଉଅଛି । ପୂର୍ବ ପୂର୍ବ- ବର୍ଷର ଆୟ ପଞ୍ଚବର୍ଷ ହାରାହାରି ଟଙ୍କାରୁ ଅଧିକ ଥିବା ଦୃଷ୍ଟେ ବର୍ତ୍ତିତବର୍ଷର ଆୟ ଊଣା ହେବ, ଅବଶ୍ୟ ନିନ୍ଦା ନୁହେ । ଏଥିରୁ ଜନସାଧାରଣର ଉତ୍ସାହ ଊଣା ପଡ଼ିବାର ବୋଲିଯିବ ନାହିଁ କମିଟି ତାହା ପୂର୍ଣ୍ଣ କରିବା ପାଇଁ ସଂଗ୍ରହ କରି- ବାରେ ବିଶେଷ ଯତ୍ନବାନ୍ ହୋଇଅଛନ୍ତି ଓ ଏବଂ ଦାନ ଗତ ୩ ମାସ ଅସନ୍ନ ସମ୍ବନ୍ଧରେ ମୂଳ ଟ ୮୦୯ ଟଙ୍କା ପାଇଅଛନ୍ତି ବଡ଼ ସୁଖର ବିଷୟ ଅଟେ । ମାନ୍ୟବର ଧରାକୋଟ ରାଜା ବାହାଦୁର ଟଙ୍କା ଦେବାକୁ ସ୍ୱୀକାର କରିବାରୁ କମିଟିରୁ ବିଶେଷ ଧନ୍ୟବାଦ ପାଇଅଛନ୍ତି । ଅନ୍ୟ କେତେକ ବ୍ୟକ୍ତି ମଧ୍ୟ ଉପଯୁକ୍ତ ଦାନ କରିଅଛନ୍ତି । ଗଞ୍ଜାମବାସୀ ସଙ୍ଗତିସମ୍ପନ୍ନ ବ୍ୟକ୍ତିଙ୍କର ଶିକ୍ଷାଦାନରେ ମୁକ୍ତହସ୍ତତା ଆମ୍ଭେମାନେ ମନେ କରୁଁ ଓଡ଼ିଶା ଅପେକ୍ଷା ଶ୍ରେଷ୍ଠତର । ତେଣୁ ସେମାନେ ଧନ୍ୟବାଦର ପାତ୍ର । କମିଟିର କାର୍ଯ୍ୟ ମଧ୍ୟ ବଡ଼ ପ୍ରଶଂସନୀୟ । କେତେଜଣ ଛାତ୍ର ଏ ପ୍ରକାର ସାହାଯ୍ୟ ପାଇ କେଉଁ କେଉଁ ବିଦ୍ୟାଳୟରେ ପଢ଼ୁଅଛନ୍ତି ରିପୋର୍ଟରେ ପ୍ରକାଶ ହୋଇଥିଲେ ଉତ୍ତମ ହୋଇଥାନ୍ତା ।

—o—

ଋଣଭଣ୍ଡାର ।

ବାଙ୍କି ଓ ତୋମପଡ଼ାର କଲପଡ଼ା, ପାଥ- ପୁର, ତାଳବସ୍ତ, ଗୋବିନ୍ଦପୁର, ରାମଚନ୍ଦ୍ରପୁର, ଜଗତପୁର, ଓଡ଼ିଆ, ବରପୁଟ, ସୁବର୍ଣ୍ଣପୁର, ଓସ୍ତିଆ, ଗୋପାଳପୁର, ପାଟପୁର, ସାହାଡ଼ା, ଗଡ଼ା, ଶମାଇଟି, ଧେନୁଆ, ରଘୁନାଥପୁର ଓ ଗୋବିନ୍ଦପୁର ଏରୂପ ଏ ୧୭ ଗ୍ରାମର ପ୍ରଜା- ମାନେ ମିଳି ପ୍ରାର୍ଥନା କରିବାରୁ ଗବର୍ଣ୍ଣମେଣ୍ଟ ତଦନୁସାରେ "ବାଙ୍କି ଜମନ ଡ଼ା କୋଅପରେଟିଭ୍ କ୍ରେଡ଼ିଟ୍ ସୋସାଇଟି, ଲିମିଟେଡ଼" ନାମରେ ସମିତିର ରେଜଷ୍ଟ୍ରି ମଞ୍ଜୁର କରିଅଛନ୍ତି । ଏହି ସମିତିର ସଭ୍ୟମାନଙ୍କ ଦାୟିତ୍ୱ ଅପରିମିତ ନ ହୋଇ ଟଙ୍କାପରିମାଣ ସୀମାବଦ୍ଧ ରହିବାର ଆଦେଶ ହୋଇ ଗବର୍ଣ୍ଣମେଣ୍ଟ ଉକ୍ତ ସମିତିକୁ ଲାଭ ବାଣ୍ଟିବା ଏବଂ ସଭ୍ୟ ଛଡ଼ା ଅନ୍ୟଲୋକଙ୍କୁ ଋଣ ଦେବାର ଅଧି- କାର ଦେଇ ନାହାନ୍ତି । ଲୋକେ ଦେଖି ଶୁଣି ଟଙ୍କା ଦେଇ ଯେଉଁ ସମିତି ବର୍ତ୍ତମାନ ହୋଇଅଛି ତାହାର ଟଙ୍କା ଉଠାଇବା ବା ଋଣ ଦେବାକାରଣ ଏଠାରୁ ହୋଇ ବାର୍ଷିକ ଟ ୮ ଟଙ୍କା ସୁଧ ଦେବାକାରଣ ପ୍ରସ୍ତାବ କରୁଅଛନ୍ତି । ଏଥିର ବିସ୍ତାରିତ ପ୍ରଜା- ଙ୍କରେ ପ୍ରକାଶ ହୋଇଅଛି । ଯେଉଁମାନେ ସର- କାରୀ ପ୍ରମିସରି ନୋଟ ସେଭିଂସ ବ୍ୟାଙ୍କ ବା ବେଙ୍ଗଲ ବ୍ୟାଙ୍କ ପ୍ରଭୃତିରେ ବାର୍ଷିକ ଶତକଡ଼ା ଟ ୩ ଅଥବା ଟ ୩୧ ଟଙ୍କା ସୁଧରେ ଟଙ୍କା ଜମା କରି ସନ୍ତୁଷ୍ଟ ଅଛନ୍ତି ସେମାନଙ୍କ ପକ୍ଷରେ ବାଙ୍କିର ଏହି ସମିତିରେ ଟଙ୍କା ଜମାକରିବା ଦ୍ୱିଗୁଣ ଲାଭକର ଏବଂ ଭଲ ପାଉଣା ବା ଜାମିନ ହେତୁରୁ ଭୟର ଆଶଙ୍କା ନାହିଁ । ପୁଣି ଏହି ସମିତି ପ୍ରଜାବର୍ଗଙ୍କୁ ଉଚ୍ଚ ସୁଦଖୋର ମହାଜ- ନର କବଳରୁ ରକ୍ଷାକରିବା ଏବଂ ଅଳ୍ପସୁଧରେ ଟଙ୍କା ଯୋଗାଇବାକାରଣ ସ୍ଥାପିତ ହୋଇ- ଅଛି । ପ୍ରଜାମାନେ ମାସକୁ ଟଙ୍କାପ୍ରତି ଏକ- ପଇସା ବା ତହିଁରୁ ଊଣା ସୁଧରେ ଋଣ ପାଇବେ ଓ ଅଭାବର ସମୟ ଠକି ପଡ଼ିବେ ନାହିଁ । ଅତ- ଏବ ଯେଉଁମାନେ ଏହି ସମିତିକୁ ଟଙ୍କା ଋଣ ଦେବେ ସେମାନେ ସରକାରୀ ସୁଧରୁ ଅଧିକ ସୁଧ ପାଇ ନିଜେ ଲାଭବାନ୍ ହେବେ ଏବଂ ପ୍ରଜାବର୍ଗର ଅଳ୍ପ ସୁଧରେ ଟଙ୍କା ପାଇବାର ଉପାୟ କରିଦେବାର ଧର୍ମଅର୍ଜନ କରିବେ । ଯହିଁରେ ଐହିକ ଓ ପାରତ୍ରିକ ଲାଭ ଅଛି ସେଥିପାଇଁ ସଙ୍ଗତିସମ୍ପନ୍ନ ଓ ଶିକ୍ଷିତଲୋକମାନେ ଅଗ୍ର- ସର ହେବେ ଆମ୍ଭେମାନେ ପ୍ରାର୍ଥନା କରୁଁ ।

—※—

ହେଲି ଧୂମକେତୁ ।

ଅନୁଭବ ହଲେ ଅଧ୍ୟାପକ ହାରଡ଼ଙ୍ଗ ସା- ହେବ କଲିକତାରେ ଏହି ଧୂମକେତୁ ବିଷୟ- ରେ ବକ୍ତୃତା କରି କହିଅଛନ୍ତି ଯେ ଏହି ଅ- ପ୍ରେଲ ମାସ ତା ୨୦ ରଖରେ ଏହା ସୂର୍ଯ୍ୟର ଅତି ନିକଟବର୍ତ୍ତୀ ହେବ । ପଶ୍ଚିମାକାଶର ପ୍ରାନ୍ତ ଭାଗ ନିକଟରେ ଏବଂ କଲିକତାରେ ଦୂରବୀକ୍ଷଣ ଯନ୍ତ୍ରଯୋଗେ ସନ୍ଧ୍ୟା ସମୟରେ ଦେଖା ଯାଉଥିଲା ବର୍ତ୍ତମାନ ସୂର୍ଯ୍ୟାସ୍ତ ପୂର୍ବରୁ ଏହା ଅସ୍ତ ହେଉ ଥିବାରୁ ଆଉ ଦେଖା ଯାଉ ନାହିଁ । ଅପ୍ରେଲମାସ ତା ୨୪ ରଖଯାଏ ଏହି । ଅଦୃଶ୍ୟ ରହି ସେହି ସମୟରୁ ମଇମାସ ତା ୧୧ ରଖଯାଏ ପ୍ରାତଃକାଳେ ଦେଖାଯିବ । ବର୍ତ୍ତମାନ ଏହାର ଲାଞ୍ଜ ନାହିଁ ମାତ୍ର ପୂର୍ବାପ୍ରାୟ ମଇ ମାସ ତା ୧୮ ରଖ ଉତ୍ତାରୁ ଏହାର ଅଦ୍ଭୁତ ଲମ୍ବାଳାଞ୍ଜ ହେବ । ୧୮୩୫ ମସିହାରେ ଏହା ଦେଖା ଯାଇ ଥିବାରୁ ବର୍ତ୍ତମାନ ୭୫ ବର୍ଷ ୬ ମାସରେ ଲେ- ଉଟି ଆସିଅଛି । ଆସନ୍ତାଏଥଠାରେ ମଇ ମାସ ତା ୮ ରଖରେ ପୂର୍ଣ୍ଣ ସୂର୍ଯ୍ୟୋପରାଗ ଦେଖା ଯିବାର

Split by PDF Splitter



ଥିବାରୁ ସେତେବେଳେ ଏହି ଧୂମକେତୁ ସୂର୍ଯ୍ୟର ଅତି ନିକଟରେ ଥିବାର ଦେଖାଯିବ ଏବଂ ଏହା ଏକ ଅପୂର୍ବ ଘଟଣା ମଧ୍ୟରେ ଗଣ୍ୟ ହେବ । ମଇମାସ ତା ୧୮ ଖରେ ଏହା ସୂର୍ଯ୍ୟମଣ୍ଡଳର ଏକ ପାଖରୁ ଅନ୍ୟପାଖକୁ ଚାଲିଯିବ ଏବଂ ସେହିପରି ଜଳନ୍ତଭାବେ ଅର୍ଦ୍ଧ ସପ୍ତାହେ ଏହା ସର୍ବାପେକ୍ଷା ଭଲ ଦେଖାଯିବ । ବର୍ତ୍ତମାନ ସୂର୍ଯ୍ୟଠାରୁ ଏହାର ଗତି ଘଣ୍ଟାକେ ୧୬୩୦୦୦ ମାଇଲ ଅର୍ଥାତ୍ ଏକସେକେଣ୍ଡରେ ୪୫ ମାଇଲ ଅଟେ ମାତ୍ର ଯନ୍ତ୍ର (ସୂର୍ଯ୍ୟର ନିକଟବର୍ତ୍ତୀ ହେଉଥିବ ଯନ୍ତ୍ର) ଏହାର ଗତି ବଢ଼ିଥିବ । ମଇମାସ ତା ୨୦ ଖରେ ଏହା ପୃଥିବୀର ସର୍ବାପେକ୍ଷା ଅତି ନିକଟବର୍ତ୍ତୀ ହେବ । ସେତେବେଳେ ଅମ୍ଭମାନଙ୍କଠାରୁ ଏହା ୧୪.୩ ନିୟୁତ ମାଇଲ ଦୂରରେ ଥିବ । ମଇମାସ ତା ୧୮ ଖ ଦିବା ଘ ୩ ଟା ସମୟରେ ଏହି ଧୂମକେତୁ ଯେଉଁ ସ୍ଥାନରୁ ଗତି କରିବ ପୃଥିବୀ ତହିଁର ଘ ୧୮ ଟା ପରେ ସେହି ସ୍ଥାନରେ ପହୁଞ୍ଚିବ । ସୁତରାଂ ସେତେବେଳେ ପୃଥିବୀ କେବଳ ଏଥିର ଲାଞ୍ଜଭିତରେ ରହିବ । ମାତ୍ର ଧୂମକେତୁର ଲାଞ୍ଜ ନିତାନ୍ତ ସୂକ୍ଷ୍ମ ପରମାଣୁରେ ଗଠିତ ହୋଇଥିବାରୁ ତହିଁରୁ କୌଣସି ଉପଦ୍ରବର ଆଶଙ୍କା ନାହିଁ । କଥିତ ଅଛି ଧୂମକେତୁ ଦେଖା ଗଲେ ଅନାବୃଷ୍ଟି ଏବଂ ଦୁର୍ଭିକ୍ଷ ତାପ ଅଧିକ ହୁଏ । ମାତ୍ର ଧୂମକେତୁଦ୍ୱାରା ଜଗଦ୍ବାସୀର କିପର ଫଳ ହୁଏ ଅଦ୍ୟାପି ଦୃଷ୍ଟିମାନଙ୍କରେ ଉଦ୍ଭୂତ ହୋଇ ନାହିଁ । କେହି କହନ୍ତି ଯେ ଏଥିର ଆକର୍ଷଣରେ ରକ୍ତ ଉଷ୍ଣ ହୁଏ ଏବଂ ସେହି କାରଣରୁ ରାଜନୈତିକ ବିପ୍ଳବ ଘଟେ । ବର୍ତ୍ତମାନ ଇଂଲଣ୍ଡରେ ଲର୍ଡ ଓ ମହିଳାମାନଙ୍କର ରାଜନୈତିକ ଦାବିକୁ କେହି ଏଥିସଙ୍ଗେ ଯୋଡ଼ି ଦେଉଅଛନ୍ତି । ଏଥିର ଲାଞ୍ଜ ଅତି ସୂକ୍ଷ୍ମ ପରମାଣୁବିଶିଷ୍ଟ ଥିବାରୁ ଅନେକ ଦେଖାଯାଏ ନାହିଁ ଏବଂ ସୂର୍ଯ୍ୟର ଆକର୍ଷଣ ଗୁଣରୁ ତାହା ନଷ୍ଟ ହୋଇଯାଏ । ଏଥିର ଗତି ବର୍ତ୍ତମାନ ନିକୃଷ୍ଟ ହୋଇଅଛି ଏବଂ ଆଉ କେତେକାଳ ଏହା ଦୃଷ୍ଟିପଥରେ ଆସିବ ତାହା ଅନିଶ୍ଚିତ ଜଣା । ଉପରୋକ୍ତ ବକ୍ତୃତାର ସାର ମର୍ମ ଅମ୍ଭେମାନେ ପାଠକମାନଙ୍କୁ ଦେଲୁଁ । ଲୋକେ ଅବଶ୍ୟ କୁସଂସ୍କାରର ବଶବର୍ତ୍ତୀ ଏବଂ ନାନାପ୍ରକାର କୁସଂସ୍କାରର ତଥା ପ୍ରଚଳିତ ଥିବା, ସ୍ଥଳେ ଅନେକ ଲୋକ ଅନେକପ୍ରକାର ଅନୁମାନ କରୁଅଛନ୍ତି । ବସ୍ତୁତଃ କୌଣସି କଥା ଠିକ୍ ଜଣା ହୋଇ ନ ଥିବାସ୍ଥଳେ କେଉଁଠାରେ କେଉଁ ଅବାନ୍ତର ଫଳ ତାହା କୁହାଯାଇ ନ ପାରେ ।

---

## ଅସ୍ପୃଶ୍ୟଜାତି ।

ଅସ୍ପୃଶ୍ୟଜାତିକୁ ହିନ୍ଦୁମାନେ ଘୃଣା କରିବାରୁ ସେମାନେ ମୁସଲମାନ ବା ଖ୍ରୀଷ୍ଟିୟାନ ହୋଇ ଯାଉଥିବାର ଦେଖି ଚିନ୍ତାଶୀଳ ହିନ୍ଦୁମାନଙ୍କ ମଧ୍ୟରେ ଆନ୍ଦୋଳନ ଲାଗି ଯାଇଅଛି । ମାନ୍ଦ୍ରାଜର ଇଣ୍ଡିଆନ ରିଭିଉ ନାମକ ପତ୍ରିକାରେ ଏ ସମ୍ବନ୍ଧରେ ବରୋଦାର ମହାରାଜା ଏବଂ ଅମ୍ବିକାଚରଣ ମଜୁମଦାର ମହାଶୟମାନେ ଲେଖିଥିଲେ । ବର୍ତ୍ତମାନ ବି, ଦେ ମହାଶୟଙ୍କ ଲେଖଣୀରୁ ଗୋଟିଏ ଚିନ୍ତାଶୀଳ ପ୍ରବନ୍ଧ ଉକ୍ତ ପତ୍ରିକାରେ ବାହାରିଅଛି । ବି, ଦେ ମହାଶୟ ଜଣ ସେଟେ-ସ୍ଥଳୀ କାର୍ଯ୍ୟ କରି ଯେ ଏ ବିଷୟରେ ଲେଖିବାକୁ ଅଗ୍ରସର ହୋଇଅଛନ୍ତି ଏହା ଅବଶ୍ୟ ସୁଖର ବିଷୟ । ସେ ଲେଖିଅଛନ୍ତି ଯେ ଯଦି ହିନ୍ଦୁଧର୍ମ ଗ୍ରହଣ କରିବାକୁ ହୁଏ ଏବଂ ମୁସଲମାନ ବା ଖ୍ରୀଷ୍ଟିୟାନ ଧର୍ମ ଆଦରିବାକୁ ନ ହୁଏ ତେବେ କେଉଁ ଧର୍ମର ଆଶ୍ରୟ ନେବାକୁ ହେବ ? ପୂର୍ବକାଳରେ ଯେଉଁ ଏକେଶ୍ୱର ଧର୍ମ ପ୍ରଚଳିତ ଥିଲା ତାହା ଅଦୃଶ୍ୟ ହେଲେହେଁ ସାଧାରଣ ଲୋକେ କେବଳ ସାରଧର୍ମ ଏବଂ ମୁକ୍ତିରେ ଶାନ୍ତି ଲାଭ କରିବାର ଆଶା କରାଯାଇ ନ ପାରେ । ତାଙ୍କ ମତରେ ପ୍ରଚଳିତ ହିନ୍ଦୁ ଧର୍ମକୁ କୁସଂସ୍କାରମୁକ୍ତ କାଟିଛାଣ୍ଟି ଦେଲେ ଚଳିବ । ବଙ୍ଗଳାରେ ପ୍ରାୟ ୧୨ ଲକ୍ଷ ନମଃଶୂଦ୍ର ଶେଖଜାତି ଏବଂ ଚଣ୍ଡ-ଷେଟ ସାଙ୍ଗେ ଉକଳସ ମେଦେନ୍ତର ଅଛନ୍ତି । କୌଣସି ଜାତିମଧ୍ୟରେ ଗଣ୍ୟ ହୋଇପାରୁ ନ ଥିବା ଲୋକଙ୍କ ସଂଖ୍ୟା ପ୍ରାୟ ୧୯ ଲକ୍ଷ । ଏମାନଙ୍କ ଲୋକସଂଖ୍ୟା କାଗଜରେ ଅସ୍ପୃଶ୍ୟଜାତି ବୋଲି ସ୍ପଷ୍ଟରୂପେ ଲେଖା ଯାଇନାହିଁ । ମାନ୍ଦ୍ରାଜ ବିଭାଗରେ ପ୍ରାୟ ଦୁଇକୋଟି ଅସ୍ପୃଶ୍ୟଜାତୀୟ ଲୋକ ଅଛନ୍ତି । ଏମାନେ ଅସ୍ପୃଶ୍ୟ ବୋଲି ସ୍ପଷ୍ଟ ଲେଖାଅଛି । ଏମାନଙ୍କ ମଧ୍ୟରୁ ନାୟାଦ ଜାତୀୟଲୋକେ ୩୦୦ ଫୁଟ ଅନ୍ତରରେ ଗଲେ ସୁଦ୍ଧା ବ୍ରାହ୍ମଣ ଛୁଆଁ ହେବ । ସେହିପରି ଅନ୍ୟାନ୍ୟ ମାଲୟାଳ ଏବଂ ନାୟରଜାତୀୟ ଲୋକେ ଅଛନ୍ତି, ଏମାନେ ଛୁଇଁବା ଡରରେ ଭଦ୍ର ବସତିର ପାଖ ମାଡ଼ିବା ମନା । ଲେଖକ କହୁଅଛନ୍ତି ଯେ ଜାତିବର୍ଗ ଉଠାଇ ନ ଦେଲେ ଏମାନଙ୍କର ଦୁରବସ୍ଥା ଘୁଞ୍ଚିବ ନାହିଁ । ମନ୍ଦିରେ ଯେତେ କହିଲେ ସୁଦ୍ଧା ଅଧିକାଂଶ ହିନ୍ଦୁ ଜାତି-ବର୍ଗରେ ଅଟକ ରହିଅଛନ୍ତି—ତାହାର ପଦାକୁ ବାହାରି ପଡ଼ିବାର ସାହସ ବା ନୈତିକବଳ ନାହିଁ । ଅସ୍ପୃଶ୍ୟ ଜାତିଭେଦର ଲୋକଙ୍କୁ ଉଠାଇବା ତ ଦୂରର କଥା, ବ୍ରାହ୍ମଣ, କ୍ଷତ୍ରିୟ ଏବଂ ବୈଶ୍ୟମାନଙ୍କ ମଧ୍ୟରେ ଯେ ପାର୍ଥକ୍ୟ ରହିଅଛି ସେମାନେ ଶିକ୍ଷିତହୋଇ ସୁଦ୍ଧା ତାହା ଉଠାଇ ଦେଇ ପାରୁ ନାହାନ୍ତି । ସୁତରାଂ ହିନ୍ଦୁଧର୍ମର ଅନ୍ତଃସଂସ୍କାର ଆବଶ୍ୟକ । ଉଚ୍ଚ ସ୍ଥାନ ବା ଶ୍ରେଣୀର ବ୍ରାହ୍ମଣାଦି ବଡ଼ଜାତିଙ୍କ ମଧ୍ୟରେ ଏକତ୍ର ଭୋଜନ ଏବଂ ଏକତ୍ର ବିବାହ ପ୍ରଚଳିତ ହେବା ଯେମନ୍ତ କର୍ତ୍ତବ୍ୟ ନୀଚଜାତିଙ୍କ ଅସ୍ପୃଶ୍ୟଦୋଷ ଉଠାଇ ଦେବା ସେମନ୍ତ ଉଚିତ ଏବଂ ଲେଖକ ଏ ବିଷୟରେ ଶିକ୍ଷିତ ହିନ୍ଦୁଙ୍କ ପ୍ରକୃତ ସୂଚନା ଲାଭର ଏବଂ ଦେଶର ଦୁର୍ଦ୍ଦଶା ମୋଚନ ନିମନ୍ତେ ପ୍ରାର୍ଥନା କରୁଅଛନ୍ତି । ଅମ୍ଭେମାନେ ଏ ବିଷୟପ୍ରତି ଦେଶଲୋକଙ୍କ ତଥା ଶିକ୍ଷିତ ଯୁବକମାନଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁଁ । ଯେମନ୍ତ ସମୟ ଉପସ୍ଥିତ ହୋଇଅଛି ତହିଁରେ ଶୀଘ୍ର ସଂସ୍କାରକାର୍ଯ୍ୟ ନ ଚଳିଲେ ଅନେକ ଅନିଷ୍ଟର ଆଶଙ୍କା ଅଛି । ବର୍ତ୍ତମାନ ଦେଖାଯାଏ ଅନେକ ଶିକ୍ଷିତ ବଙ୍ଗୀୟ ବ୍ରାହ୍ମଣ ଉତ୍କଳବ୍ରାହ୍ମଣଙ୍କ ହାତରେ ଖାଉଅଛନ୍ତି ମାତ୍ର ସମାଜରେ କଥା ପଡ଼ିଲେ ତାହା ମାନିବେ ନାହିଁ । ଉଚ୍ଚ ସ୍ଥାନରେ ଥିବାହେତୁ ବ୍ରାହ୍ମଣ ଅବ୍ରାହ୍ମଣ ହେଲେ ନାହିଁ ଏକଥା ଜାଣି ସୁଦ୍ଧା ବଙ୍ଗାଳବ୍ରାହ୍ମଣ ଉତ୍କଳ ବ୍ରାହ୍ମଣଘରେ ଝିଅ ଦେବେ ନାହିଁ । ଅବଶ୍ୟ ସଂସ୍କାର ସମସ୍ତ ସମୟସାପେକ୍ଷ ମାତ୍ର ମନରେ ଯେଉଁ କଥା ଉଚିତ କାର୍ଯ୍ୟରେ ତାହା ନ କଲେ କେବେହେଁ ଉନ୍ନତି ଫଳ ଲାଭ ହେବ ନାହିଁ । ଏଥିଯୋଗୁ ସମାଜରେ ନାନାପ୍ରକାର ମିଥ୍ୟାଚାର ଓ କପଟାଚରଣ ପ୍ରଶ୍ରୟ ପାଉଅଛି । ଏହା କି ଦୁରବସ୍ଥାର ଲକ୍ଷଣ ଏବଂ ଚିନ୍ତାର ବିଷୟ ନୁହେଁ ? ଶିକ୍ଷିତ ବ୍ୟକ୍ତି ଯାହା ବୁଝୁଅଛନ୍ତି ତାହା ଅନେକ ପରମାଣରେ ତାର ସମାଜକୁ ଶିଖାଇ ପାରନ୍ତି କାରଣ ହେଲେହେଁ ସମାଜରେ କଥା ପଡ଼ିଲାବେଳେ ତାହା ଅସ୍ୱୀକାର ବା ଗୋପନପୂର୍ବକ କଥାଟାକୁ ଦୁର୍ବଳ କରନ୍ତି । ଏହା ନୈତିକ ସାହସର ଅଭାବର ଲକ୍ଷଣ ଏବଂ ଅମ୍ଭେମାନେ ନିଶ୍ଚୟ କହିବୁଁ ଯେ ନୈତିକସାହସ ନ ହେଲେ ଶିକ୍ଷାର ମର୍ଯ୍ୟାଦା ରହେ ନାହିଁ ।

---

## ବଙ୍ଗସଭାରେ ବଙ୍ଗେଶ୍ୱରଙ୍କ ବକ୍ତୃତା ।

ବଙ୍ଗୀୟ ବ୍ୟବସ୍ଥାପକସଭାରେ ଗତ ମାସ ତା ୨ ରଖରେ ବଙ୍ଗଳାର ଗତବର୍ଷର ଆୟବ୍ୟୟ ସମ୍ବନ୍ଧୀୟ ତର୍କବିତର୍କ ଶେଷହେଲାରୁ ମାନ୍ୟବର ବଙ୍ଗେଶ୍ୱର ମହୋଦୟ ଅନ୍ୟାନ୍ୟ କଥାମଧ୍ୟରେ ଆୟବ୍ୟୟସମ୍ବନ୍ଧୀୟ କମିଟିର ସଭାପତି ଉଦ୍ଦେଶ୍ୟରେ ସନ୍ତୋଷଜନକରୂପେ ହୋଇଯାଉନାହିଁ ସ୍ୱାସ୍ଥ୍ୟସାଧନରେ ଖର୍ଚ୍ଚ ବୃଦ୍ଧି କରିବା ବିଷୟରେ କହିଲେ ଯେ ସଭ୍ୟମାନେ ଏ ସମ୍ବନ୍ଧରେ ଖର୍ଚ୍ଚ ବଢ଼ାଇବାକୁ କହିବାକୁବେଳେ ଏହି ଉଦ୍ଦେଶ୍ୟରେ କେତେ କାର୍ଯ୍ୟ କରାଯାଇଅଛି ଏବଂ

Digitized by srujanika@gmail.com

Split by PDF Splitter



ଦିଆଯାଉଅଛି ତାହା କହିବା ଦେଖିବା ଉଚିତ ଥିଲା । ଏହି କାର୍ଯ୍ୟମଧ୍ୟରେ ପାଣିଯୋଗାଣ ଯୋଗାଇବା ଏବଂ ନର୍ଦ୍ଦମା ନାଳକାଟିବା ପ୍ରଧାନ କାର୍ଯ୍ୟ । ସରକାରମଧ୍ୟରେ ପାଣିଯୋଗାଣ ଯୋଗାଇବା ସମ୍ବନ୍ଧରେ ମୋଟ ୫ ଟି ଏବଂ ନାଳସମ୍ବନ୍ଧରେ ମୋଟ ୧୬ ଟି ପ୍ରସ୍ତାବ ମଞ୍ଜୁର ହୋଇଅଛି । ଏହି କାର୍ଯ୍ୟମାନ ଅନୁଷ୍ଠାନ କରିବାର ସମୁଦାୟ ବନ୍ଦୋବସ୍ତ ଓ ଅର୍ଥର ବ୍ୟବସ୍ଥା ମଧ୍ୟ ହୋଇଅଛି । ମ୍ୟୁନିସିପାଲଟିମାନଙ୍କରେ ଏହିରୂପ ଅନେକ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୋଇଅଛି ଏବଂ ସରକାର ମଧ୍ୟ ଅନେକ ଅର୍ଥସାହାଯ୍ୟ କରିଅଛନ୍ତି । ବର୍ତ୍ତମାନ ମୋଟ ୧୬ ଟି ନର୍ଦ୍ଦମା ନାଳ ଓ ମୋଟ ୭ ଟି ପାଣିଯୋଗାଣ ଯୋଗାଇବାସମ୍ବନ୍ଧୀୟ ପ୍ରସ୍ତାବ ବିବେଚନାଧୀନ ଅଛି । ଯେ ଶୃଙ୍ଖଳାରେ କାର୍ଯ୍ୟ ହେଉଅଛି ତାହା ଜାରି ରହିଲେ ଏହି ପ୍ରଦେଶମଧ୍ୟରେ ସମସ୍ତ ନଗର ଏବଂ ବଡ଼ ବଡ଼ ଗ୍ରାମମାନଙ୍କରେ ଏହି କାର୍ଯ୍ୟମାନ ହୋଇଯିବ । ସେ ବ ୩୧ ଟି ହେଲା ଖୋଲିବାକୁ ଅଛି ବେଳେ ଏକମାତ୍ର କଲିକତାରେ ସ୍ୱାସ୍ଥ୍ୟସାଧନର ଉପଯୁକ୍ତ ପାଣିଯୋଗାଣ ଯୋଗାଇବାର ବ୍ୟବସ୍ଥା ଥିଲା । ଇତିମଧ୍ୟରେ ଅନେକ କାର୍ଯ୍ୟ ହୋଇଅଛି । ତଥାପି ସହରମାନେ ଅନ୍ତର ଅଧିକ କାର୍ଯ୍ୟ ହେବାସମ୍ବନ୍ଧରେ କହିପାରନ୍ତି ମାତ୍ର ତାହା କରିବାକୁ ହେଲେ ଅର୍ଥର ପ୍ରୟୋଜନ । କେବଳ ଷ୍ଟେଟସ୍ୱାର ଅର୍ଥାଗମର ବୃଦ୍ଧି କରିବା ଦ୍ୱାରା କି ଅନୁମୋଦନ ହେବ କାହିଁ । ସୁତରାଂ ବର୍ତ୍ତମାନ ଏସମ୍ବନ୍ଧରେ ଯେତକ ଖର୍ଚ୍ଚ ହୋଇଅଛି ତାହା କମାଇବାର ଉପାୟ ନାହିଁ ।

ଶିକ୍ଷାସମ୍ବନ୍ଧରେ ସୁଦ୍ଧା ଉନ୍ନତି ହୋଇଥିବାର ପ୍ରକାଶ କର କହିଲେ ଯେ ୧୯୦୬ । ୭ ଠାରୁ ବଙ୍ଗଦେଶମଧ୍ୟରେ ଶିକ୍ଷାବ୍ୟୟ ୩୮୫ ଲକ୍ଷଠାରୁ ୬୧ ଲକ୍ଷପର୍ଯ୍ୟନ୍ତ ଉଠିଅଛି । ଏହାଛଡ଼ା ଲୋକାଲ ବୋର୍ଡମାନଙ୍କଦ୍ୱାରା ଯାହା ଖର୍ଚ୍ଚ କରଯାଏ ତାହା ସ୍ୱତନ୍ତ୍ର । ସୁତରାଂ ଖର୍ଚ୍ଚ ବହୁତ ହେଉଅଛି ଏବଂ ତାହାଠାରୁ ଅଳ୍ପ ଅଧିକ ଖର୍ଚ୍ଚ କରଯାଇ ନ ପାରେ । ପୁଣି ବାଉକମେଣ୍ଟୀ ଲଲିତାଦ୍ୱାର ଶିକ୍ଷାସମ୍ବନ୍ଧୀୟ ଯେଉଁ ସୁବିଧା ନମିତ ହେଉଅଛି ତାହା ଏହି ହିସାବମଧ୍ୟରେ ଧରାଯାଇ ନାହିଁ । ଏଣୁ ଅଳ୍ପ ଅଳ୍ପକାଳମଧ୍ୟରେ ବହୁତ ଖର୍ଚ୍ଚ ବଢ଼ାଇବାର ଆଶା କରଯାଇ ନ ପାରେ ।

ମାନ୍ୟବର ବେଙ୍କେଟର ମହୋଦୟ ଏଥିଉତ୍ତାରୁ ପ୍ରେସିଡେନ୍ସି କଲେଜକୁ ବର୍ତ୍ତମାନ ସ୍ଥାନରୁ ଉଠାଇନେଇ ନ ଯାଇ ଯେଉଁଠାରେ ଅଛି ତାହାକୁ ସେହିସ୍ଥାନରେ ରଖି ତହିଁର ଯଥାଯୋଗ୍ୟ ଉନ୍ନତି ସାଧନ କରିବା ଓ ମେମ୍ବରମାନେ ଆପଣା ବକ୍ତୃତାରେ ଅନେକ ଅପ୍ରାସଙ୍ଗିକ କଥାର ଅବତାରଣା କରିବାର ଅବକାଶ ଛାଡ଼ି ଦେବାର ଚାହିଁ ଆପଣାର ବକ୍ତବ୍ୟ ଶେଷ କଲେ । ଏହି ଉକ୍ତିମାନଙ୍କରୁ ପାଠକମାନେ ଦେଖିବେ ଯେ ଆମ୍ଭମାନଙ୍କର ବର୍ତ୍ତମାନ ଛୋଟଲାଟ ମହୋଦୟ କାର୍ଯ୍ୟର ଲୋକ ଅଟନ୍ତି । ଯାହା ସେ କରି ନ ପାରିବେ ତହିଁପାଇଁ ବୃଥା ଆଶା ଦେଇ ଲୋକଙ୍କ ମନକୁ କ୍ଷଣକାଳସକାଶେ ଉତ୍ତୋଳନ କରିବା ସେ ଭଲ ପାନ୍ତି ନାହିଁ । ଶିକ୍ଷା ଓ ସ୍ୱାସ୍ଥ୍ୟବିଧାନ ଏ ଦୁଇଟି ସବାପେକ୍ଷା ଲୋକଙ୍କର ଅଧିକ ପ୍ରୟୋଜନୀୟ ହୋଇପଡ଼ିଅଛି ଏବଂ ସହ୍ୟମାନେ ଉଦ୍ଦେଶ୍ୟରେ ଗବର୍ଣ୍ଣମେଣ୍ଟଠାରେ ଅନ କରିବାଦ୍ୱାରା ସେମାନେ ଯେଉଁ ଲୋକମାନଙ୍କର ପ୍ରକୃତ ବାନ୍ଧବ ମହୋଦୟ ଜଣାଉଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କ ଆର୍ଥିକ ଅବସ୍ଥା ଦାନାଦାରଣରୁ କଠାରୁ ମନ ହୋଇଯିବା ଯୋଗୁଁ ଆମ୍ଭେମାନେ ଏହିସବୁରେ ଅଧିକ ଆଶା କରିବା ବୃଥା ମାତ୍ର । ଗବର୍ଣ୍ଣମେଣ୍ଟ ଏ ଦୁଇବିଷୟରେ ଯେତେଦୂର କାର୍ଯ୍ୟ କରିଅଛନ୍ତି ତହିଁସକାଶେ ଲୋକମାନେ ଅବଶ୍ୟ ଧନ୍ୟବାଦ ଦେବେ ଏବଂ ଆଶା କରନ୍ତି ଗବର୍ଣ୍ଣମେଣ୍ଟଙ୍କ ଆର୍ଥିକ ଅବସ୍ଥା ଭଲ ହେଲେ ଯେ ତାହା ହେଲେ ଆମ୍ଭେମାନେ ଏ ଦୁଇବିଷୟରେ ଅନ୍ତୁର ଅଧିକ ଉନ୍ନତି ଦେଖିପାରିବୁ ।

—:o:—

## ଜଳକଷ୍ଟ ।

ଏହି ଟାଣଦେବା ୫୦୧ ଅନ୍ତକାଳ ପୋଖରୀ ଶୁଖିଯାଇ ଲୋକଙ୍କର ଜଳକଷ୍ଟ ଜାତ ହୋଇଅଛି । ପୂର୍ବେ ଧନଶାଳୀ ଲୋକମାନେ ପ୍ରଧାନ ଧର୍ମକାର୍ଯ୍ୟ ମଣି ବଡ଼ ବଡ଼ ପୁଷ୍କରିଣୀ ମାନ ଖୋଳାଇ ଦେଉଥିଲେ । ବର୍ତ୍ତମାନକୁ ସେ ଭାବ ହିଥିଲ ହୋଇଅଛି । ନୂଆ ବଡ଼ ପୁଷ୍କରିଣୀ ଖୋଳା ହେବା ସ୍ୱପ୍ନ ପ୍ରାୟ । ଆଉ ଖୋଳିବା ତ ଦୂର ପୂର୍ବକାଳର ବଡ଼ ବଡ଼ ପୁଷ୍କରିଣୀ ବ ଯାହା ବର୍ତ୍ତମାନକୁ ପୋତିପଡ଼ିଅଛି ସେ ସବୁର ପଙ୍କୋଦ୍ଧାର ହେଲେ ଅନେକ ସୁବିଧା ହୋଇଯାନ୍ତା ମାତ୍ର ତାହା ସୁଦ୍ଧା ହୋଇ ପାରୁ ନାହିଁ । ସୁତରାଂ ଜଳକଷ୍ଟଯୋଗେ ଅସୁବିଧା ଯେ ବିଶେଷ ବଢ଼ିଅଛି ତାହା କହିବା ବାହୁଲ୍ୟ । ଏ ଯୋଗେ ସ୍ୱାସ୍ଥ୍ୟହାନି ମଧ୍ୟ ଘଟୁଅଛି । ବଙ୍ଗଦେଶରେ ଚିରସ୍ଥାୟୀ ବନ୍ଦୋବସ୍ତହେତୁ ଜମିଦାରମାନଙ୍କର ଲାଭ ଅଛି ଓ ବଡ଼ ବଡ଼ ଜମିଦାର ମଧ୍ୟ ଅଛନ୍ତି ସେମାନେ ଇଚ୍ଛାକଲେ ପୁଷ୍କରିଣୀ ଆଦି ଖୋଳାଇ ଲୋକଙ୍କର କଷ୍ଟ ମୋଚନ କରିପାରନ୍ତି ଓ କରୁଅଛନ୍ତି । ମାତ୍ର ଆମ୍ଭ ଦେଶର ଅଚିରସ୍ଥାୟୀ ବନ୍ଦୋବସ୍ତଯୋଗୁଁ ଜମିଦାରଙ୍କ ଲାଭ ଅତି ଅଳ୍ପ ଓ ସ୍ଥାନ ବିଶେଷରେ ଛୋଟ ଛୋଟ ଜମିଦାର ସଂଖ୍ୟା ବଢ଼ୁଅଛି, ଅନେକ ଜମିଦାରଙ୍କ ପେଟ ପାଳିବା କଠିନ । ଏଥିଉପରେ ଯାହା ବନ୍ଦୋବସ୍ତ ହୋଇ ଗ୍ରାମର ଅଧିକାଂଶ ପୁଷ୍କରିଣୀ ସର୍ବସାଧାରଣ ବ୍ୟବହାରଯୋଗ୍ୟ ବୋଲି ଲେଖା ଯାଉଅଛି ଏବଂ ପ୍ରଜାମାନେ ସେ ବିଷୟରେ ଆପତ୍ତି ହୋଇ ବନ୍ଦୋବସ୍ତ କର୍ମଚାରୀମାନଙ୍କ ନିକଟରେ ଦରଖାସ୍ତ କରୁଅଛନ୍ତି । ସ୍ଥାନେ ଏ ବିଷୟରେ ଫୌଜଦାରୀ ମୋକଦ୍ଦମା ପର୍ଯ୍ୟନ୍ତ ହୋଇ ଜମିଦାରଙ୍କ ଗୁମାସ୍ତା ଉପରେ ଦଣ୍ଡ ହୋଇଅଛି । ଗ୍ରାମମାନଙ୍କରେ ଏପରି ପୁଷ୍କରିଣୀ ବହୁତ ଅଛି ଯାହା ମୋଟେ ଏକ ଅଛି ତାହା ପ୍ରଜାସାଧାରଣର ଲେଖା ହେଲେ ଜମିଦାର ଅବା କାହିଁକି ବଳ ଥିଲେ ସୁଦ୍ଧା ମରାମତ କରିବାକୁ ବାହାରିବେ ? ଏଣୁ ବଡ଼ ବିଷମ ସମସ୍ୟା ଉପସ୍ଥିତ । ଏଥିଉତ୍ତାରୁ ଗବର୍ଣ୍ଣମେଣ୍ଟଙ୍କର ଆର୍ଥିକ କେମନ୍ତ ନାହିଁ ଯେ ସମସ୍ତ ସ୍ଥାନର ସୁବିଧା କରିଦେଇ ପାରିବେ । ବରଂ ଲୋକେ ତୃତୀୟାଂଶ ଦେଲେ ଲୋକାଲ ବୋର୍ଡ ତୃତୀୟାଂଶ ଓ ସରକାର ତୃତୀୟାଂଶ ଦେବାର ନିୟମ ଥିବାରୁ ଯେଉଁଠାରେ ଲୋକେ ଖର୍ଚ୍ଚ କରିପାରିବେ ସେମାନେ ଫଳ ପାଇପାରନ୍ତି ମାତ୍ର ଯେପରି ପଇସା ଦେଇ ଗାଁ ଲୋକ ସହାୟେ ପାଣି ପ୍ରୟୋଜନ ଥିବ ଏବଂ ଲୋକାଲବୋର୍ଡ ପୋଖରୀ ଖୋଳିଲେ ତାହାର ତତ୍ତ୍ୱାବଧାନ କରିବାକୁ ଅନେକ ସ୍ଥାନର ଲୋକେ ସାହାଯ୍ୟ ଦେବାକୁ ସୁଦ୍ଧା ବାହାରନ୍ତି ନାହିଁ । ସୁତରାଂ ସମସ୍ୟା ଅତ୍ୟନ୍ତ ବିଷମ ହୋଇଅଛି । ଯଦି ସ୍ଥାନୀୟ ଜମିଦାର ଓ ପ୍ରଜାମାନେ ମିଳି ଏ ବିଷୟ ବିଚାର କରି କାର୍ଯ୍ୟ କରନ୍ତେ ତେବେ ଅନେକ ସୁବିଧା ହୁଅନ୍ତା । ଜମିଦାରମାନେ ଅଧିକାଂଶ ଶିକ୍ଷିତ । ପ୍ରଜାଏ ଅଶିକ୍ଷିତ ପ୍ରଜାଙ୍କୁ ବୁଝାଇବା ଏବଂ ସେମାନଙ୍କୁ ନାନା ବିଷୟରେ ଉପଦେଶ ଦେଇ ଗ୍ରାମର ଉନ୍ନତି ସାଧନ କରିବା ଜମିଦାରଙ୍କ ପ୍ରଧାନ କାର୍ଯ୍ୟ । ଗ୍ରାମ ଥିଲେ କିପରି ଜମିଦାର ଯାହା ଖୁସିପରି ପାରନ୍ତି ତାହା ସ୍ଥିର ରହିବ ? ପୁଷ୍କରିଣୀମାନ ସର୍ବସାଧାରଣଙ୍କ ବ୍ୟବହାର୍ଯ୍ୟ ବୋଲି ଲେଖିବା ସ୍ଥଳରେ ବନ୍ଦୋବସ୍ତ କର୍ମଚାରୀମାନେ ପ୍ରଜାମାନଙ୍କର କେତେଦୂର ବ୍ୟବହାର କରିବାର ସ୍ୱତ୍ୱ ବା ଅଧିକାର ଅଛି ତାହା ଲେଖିଦେବା ଉଚିତ । ମଧ୍ୟସ୍ଥ ଦ୍ୱାରା ଜମିଦାରଙ୍କର ଗୃହପାଳିତ ପଶୁମାନ ବାଟ ଥିଲେ ଅବଶ୍ୟ ପୁଷ୍କରିଣୀ ପରିଷ୍କାର କରିବାକାରଣ ଜମିଦାରଙ୍କ ମତ ନେଇପାରେ । ମଧ୍ୟସ୍ଥ ହେବାରେ ଜମିଦାରଙ୍କ ଅଧିକାର ଅଛି ମାତ୍ର ପୋଖରୀମାନ ଝିଟିଏ ଶୁଖି ଆସିଲାରୁ ପ୍ରଜାଏ ଯୋଉଥି ଦର ମାଛ ଧରିଯାନ୍ତି ଏବଂ ବନ୍ଦୋବସ୍ତ କର୍ମଚାରୀ ସର୍ବସାଧାରଣ ବ୍ୟବହାର୍ଯ୍ୟ ଲେଖିବାଦ୍ୱାରା ତାଙ୍କର ବଳ ଅଧିକ ହୋଇଅଛି । ଆମ୍ଭମାନଙ୍କ ବିବେଚନାରେ ଜମିଦାର ଓ ପ୍ରଜାଙ୍କ

Digitized by srujanika@gmail.com

Split by PDF Splitter



ମଧ୍ୟରେ ମେଳ ରହିଲେ ସବୁକଥା ନେଣ୍ଡିଯିବ । କେବଳ ମେଳଟି ବର୍ତ୍ତମାନ ଅବସ୍ଥାରେ କ ଉପାୟରେ ହୋଇପାରିବ ତାହାହିଁ ଚିନ୍ତାର ବିଷୟ ହୋଇଅଛି । ଯେଉଁ ଗ୍ରାମବର କୃତ୍ରିମ କଥା ଅମ୍ଭେମାନେ ବାରମ୍ବାର କହି ଆସୁଅଛୁଁ ସେହିଠାରେ ମେଳ ହେବାର ସୂତ୍ର ଅଛି । ଜମିଦାର, ପ୍ରେସିଡେଣ୍ଟ ଏବଂ ଅନ୍ୟାନ୍ୟ ଶିକ୍ଷିତ ଲୋକମାନେ ପ୍ରତ୍ୟହ ଅଥବା ସମୟେ ସମୟେ ସନ୍ଧ୍ୟା ସମୟରେ ଗ୍ରାମ ଲୋକଙ୍କ ସଙ୍ଗେ ମିଶି ଗ୍ରାମର ଖଡ଼ା ଉପରୁ ଗ୍ରାମର ଅଭାବ କଥା ପଚାରନ୍ତେ ଅନେକ ଉପକାର ହେବ । ଅମ୍ଭେମାନେ ଜମିଦାର ଓ ଶିକ୍ଷିତ ଲୋକମାନଙ୍କୁ ଧୀର ଭାବରେ ଏ ବିଷୟ ଚିନ୍ତା କରିବାପାଇଁ ଏକାନ୍ତ ଅନୁରୋଧ କରୁଅଛୁଁ । ସବୁ ବିଷୟରେ ଗବର୍ଣ୍ଣମେଣ୍ଟଙ୍କ ମୁଖାପେକ୍ଷା କରି ଚୁପ ହୋଇ ବସିବା ଉଚିତ ନୁହେ । ଯାହା ଅମ୍ଭେମାନେ କଲେ କରିପାରୁଁ ସେ ବିଷୟରେ ଚେଷ୍ଟା ହେବା ସର୍ବାଦୌ କର୍ତ୍ତବ୍ୟ ଓ ଅମ୍ଭମାନଙ୍କର କର୍ତ୍ତବ୍ୟରୁ ଏକାନ୍ତ ଭଗ୍ନ ହେଲେ ଗବର୍ଣ୍ଣମେଣ୍ଟ ସାହାଯ୍ୟ ଓ ସହାନୁଭୂତି ନ ଦେଖାଇ ରହିପାରିବେ ନାହିଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଓଡ଼ିଶା ଡିଭିଜନର ଆ କମିଶନର ଶ୍ରୀ ଯୁକ୍ତ ଜେ ଏ, ଲେଥମ ସନ ୧୯୧୦ ମସିହା ଏପ୍ରେଲ ମାସ ୨୪ ତାରିଖରୁ କମିଶନର ନିଯୁକ୍ତ ହୋଇ ପଟ୍ଟା ଅଫେସ ସର୍ବୋଚ୍ଚ ଜଜର ପଦରେ ସେକ୍ରେଟରୀ ହେଲେ ।

ଡାକ୍ତର ମା ଓ କଲେକ୍ଟର ଶ୍ରୀ ଯୁକ୍ତ ଯେ ଏଚ୍ ଉ ଗାରେଟ ସ୍ଥାନ ଅଫେସ ପର୍ଯ୍ୟନ୍ତ ଓଡ଼ିଶା ଡିଭିଜନ କମିଶନର ନିଯୁକ୍ତ ହେଲେ ।

ଗବର୍ଣ୍ଣମେଣ୍ଟ ଓଡ଼ିଆ ଟ୍ରେନିଂସ୍କୁଲର ପ୍ରଥମ ସହକାରୀ ବାବୁ ଅନନ୍ତ ଚରଣ ବାବୁ ଚନ୍ଦ୍ରଶେଖରଙ୍କ ପଦାଧିକାରର ଅବସ୍ଥିତି କାଳରେ ଓଡ଼ିଆ ଟ୍ରେନିଂସ୍କୁଲର କାର୍ଯ୍ୟ କରିବେ ।

ଗବର୍ଣ୍ଣମେଣ୍ଟ ଓଡ଼ିଆ ଟ୍ରେନିଂସ୍କୁଲର ବାବୁ ଚନ୍ଦ୍ରଶେଖରଙ୍କ ପଦାଧିକାର ୮ ମାସ ଛୁଟି ପାଇଲେ ।

ସମ୍ବଲପୁରର ସବ-ଡେପୁଟି କଲେକ୍ଟର ଓ ସହକାରୀ ଇନ୍‌ସପେକ୍ଟର ବାବୁ ସଦାନନ୍ଦ ପଟ୍ଟନାୟକ ଛଅ ମାସ ଛୁଟି ପାଇଲେ ଓ ସବ-ଡେପୁଟି କଲେକ୍ଟର ବାବୁ ଜଗନ୍ନାଥପ୍ରସାଦ ପଟ୍ଟନାୟକ କାର୍ଯ୍ୟରେ ନିଯୁକ୍ତ ହେଲେ ।

କେନ୍ଦ୍ରାପଡ଼ାର ସାବଡିଭିଜନ ମୁନସଫ ବାବୁ କୈଳାସ ଚନ୍ଦ୍ର ଅନ୍ୟ ଅଫେସ ପର୍ଯ୍ୟନ୍ତ କଟକର ସବ-ଜଜ ନିଯୁକ୍ତ ହେଲେ ।

ମେଦିନୀପୁରର ମୁନସଫ ବାବୁ ପ୍ରଫୁଲ୍ଲ ଚନ୍ଦ୍ର ଦାସ ମୁନସଫ ନିଯୁକ୍ତ ହୋଇ ସ୍ଥାନରେ ଅବସ୍ଥାପିତ ହେଲେ ।

ମାଜଗ୍ରାମ-ସମ୍ବଲପୁର ସବ ଡିଭିଜନର ମୁନସଫ ବାବୁ କାମଦ ନାଥ ମୁଖର୍ଜୀ ସନ ୧୯୧୦ ମସିହା ତା ୧୧ ଦିନରୁ ମାସ ୨୪ ଦିନ ଛୁଟି ପାଇଲେ ।

ସମ୍ବଲପୁର ଜେଲର ଏଡିସନାଲ ଡାକ୍ତର ଇନ୍‌ଚାର୍ଜ ଶ୍ରୀ ଯୁକ୍ତ କେ, ଏଚ, ହେଗ ତିନ ମାସ ଛୁଟି ପାଇଲେ ଓ ମହାଜନ ନେଲସନ ଏସିଷ୍ଟାଣ୍ଟ ସର୍ଜନ ବାବୁ ମନୋହରନାଥ ଦାସ ସେ କାର୍ଯ୍ୟରେ ନିଯୁକ୍ତ ହେଲେ ।

କଟକର ଖାସ ତହସିଲଦାର ବାବୁ ରମାନାଥ ମହାନ୍ତି ବାଲେଶ୍ୱର ଜଣ ଡେପୁଟି କଲେକ୍ଟର ପୋର୍ଟର ସହ୍ୟ ନିଯୁକ୍ତ ହେଲେ ।

ଗତ ତା ୧୮ ଦିନରେ ଶେଷ ହେବା ସପ୍ତାହରେ ଓଡ଼ିଶାର ଦୁଇ ଜଣରେ ମହାମାରୀ ରୋଗ ପ୍ରାଦୁର୍ଭାବ ସ୍ଥାପ୍ୟ ରହିଥିଲା ।

---

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ବର୍ଷା ନାହିଁ । କେବଳ ମେଘ ଦେଖାଦେଉଅଛି । ରାତିରେ ଏବଂ ଦିନ ମାତ୍ର ପବନର ଶୀତଳ ପବନ ବହୁଅଛି ।

ବାଆଲେଖ ସାଧ୍ୟ ହୋଇଅଛି । ମାତ୍ର ମୋଫସଲର ଏକା ସ୍ଥାନରେ ଓଲଉଠା ଉଦୟ ହେବା ଶୁଣାଯାଏ ।

ନଗରବାସ ପାଣ୍ଡବ ମେଳ ପକ୍ଷରେ ବଡ଼ ନାଲ ପଟ ପଡ଼ିଆର ସ୍ଥାନ ହୋଇଅଛି ।

ଏ ନଗର ମେହେନ୍ଦିପୁର ମହାରାଜା ଓ ଅବଦୁଲ ମହେର ଶାସନାଧୀନ ଜମି ସମ୍ବନ୍ଧେ ହାଇକୋର୍ଟ ଡାକଲ ହୋଇଥିବା ମକଦ୍ଦମାରେ ବାଦୀର ଡିକ୍ରି ସଠାରାର ୫୦୦୦ ଟଙ୍କା ଜାମିନରେ ଅଛି ।

ଏଠା ଶାସନାଧୀନ ଚଳିବାର ନାଗରିକ ଧନପତି ଶାସନାଧୀନର କେ ଦଳ ପ୍ରଜା ସମୂହ ଘଟଣା ପାଇଁ ଓ ଚାରଣ ଶାରଦୀୟ ସମୟରେ ଗୋଲମାଲ କରିଥିବା ପ୍ରକାଶ ପାଇବାରୁ ମାଜିଷ୍ଟ୍ରେଟ ସାହେବଙ୍କ ଅଦେଶ ମତେ ଡେ ମା ବାବୁ ସ ଉମଚନ୍ଦ୍ର ଘୋଷ ତଦନ୍ତ କରୁଅଛନ୍ତି ।

ଏଠା କ୍ଲବ ଏସୋସିଏସନରେ ଗତ ସୋମବାର ଦିନ ଫୁଟବଲ ସମ୍ବନ୍ଧେ ମିଟିଂ ହୋଇଥିଲା । ତା ୧୪ ରେ ମିଟିଂ ହେବା ଗୋଟିଏ ଟ୍ରେନ କମିଟି କଲେ ଗଠିତ ହେଲା ସ୍ଥିରରେ ସେହି ସଭରେ ସବୁ ଚଲାଇ ଦେବାକୁ ଯୋଗ ମହାରାଜଙ୍କ । ସଭା ୬ ୩୦ ରେ ଓ ମେଲେନ ଭୁକ ଯୋଡ଼ାଯାଇଅଛି ।

ଏ ନଗର ଦରଦ୍ଧ ଲାଲମୋହନଙ୍କ ରେ ଗତ ରବିବାର ଦୂର ପ୍ରବଳ ସମସ୍ତ ପ୍ରାୟ ୬ ୧୦୦ ଘର ଏବ ସମସ୍ତ ଦ୍ରବ୍ୟାଦି ଦଗ୍ଧ ହୋଇଯାଇଅଛି ।

ହାକିମ ତହସିଲଦାର ବାବୁ ବାଲମୁକୁନ୍ଦ ଦାସଙ୍କ ଘରେ ପୋଲିସ କେଉଁବା ମର୍ଗ ସେଠାରେ ପଦାର୍ଥ ପରୀ ମାଜିଷ୍ଟ୍ରେଟ ସାହେବଙ୍କ ହୁକୁମରେ ବଦଳାଇ ସେହି ପ୍ରମାଣ ଦେଲେ ଓ ପାଇବା ଅପରାଧରେ ଗତ ସୋମବାର ଡେ ମା ବାବୁ ଚନ୍ଦ୍ରଶେଖର ଦ୍ୱାରାଙ୍କ ବିଚାରରେ ୫୦ ଟଙ୍କା ଜରିମାନା ହୋଇଅଛି ।

ପଶ୍ଚିମ ଭଦ୍ରକ ଅଞ୍ଚଳରେ ପଡ଼ୁଥିବା ଘରର ଗ୍ରାମରେ ଚାରି ଗାଁ ଏବଂ ଦଶ ମାସ ଜାଗାରେ ଏପରି ପ୍ରକାର ଦୂରରେ ଘର ଓ ସାମିଲ ହୋଇ ୪୦ ପରିବାରରେ ମୂଲ୍ୟ ପ୍ରାୟ ୧୦୦୦ ଟଙ୍କାର ସମସ୍ତ ଦ୍ରବ୍ୟାଦି ଦଗ୍ଧ ହୋଇଯାଇଅଛି । ଗ୍ରାମ ଓ ଗ୍ରାମ ପାଖରେ ଭୂମି ଓ ଘର ଉପରେ ୬୦ ଓ ୭୦ ଟଙ୍କା ଜରିମାନା ଦ୍ୱାରା ଏହାଠାରେ ସାହାଯ୍ୟ କରୁଅଛନ୍ତି ।

ବାଲେଶ୍ୱର ନଗରର ନାନା ସ୍ଥାନରେ ଓଲଉଠାରେ ପ୍ରତ୍ୟହ ଦୁଇ ଏକ ଜଣ ମାର ପଡ଼ୁଅଛନ୍ତି । ମୋଫସଲରେ ମଧ୍ୟ ଓଲଉଠା ସଞ୍ଚାର ଶୁଣା ଯାଉଛି ।—ବାଃ ସଃ ବାଃ

ଏହି ପ୍ରେରଣ ପତ୍ରରେ ପ୍ରକାଶ ଯେ ଅଠଗଡ଼ ଗଡ଼ଜାତର ଗୁଡ଼ି ମିଶ ଗ୍ରାମଜ ନାମକ ଜଣେ ସ୍ତ୍ରୀ ଲୋକଙ୍କ ପଣାର ଚାରିଗୋଟି ସନ୍ତାନ ସ୍ତ୍ରୀମାନଙ୍କର ଚକ୍ଷୁ ନଷ୍ଟ ହୋଇଅଛି । ସେ ଏକମାତ୍ର ନେତ୍ର ସହିତ ଶୀଘ୍ର ପ୍ରସବ କରିବାରୁ ରକ୍ଷା ପାଇ ପୁଣି ଭଲ ଅଛନ୍ତି । ସଃ ବାଃ

କଟକରୁ ଶ୍ୟେନ୍ଦ୍ରୋଲପ୍ ନମ୍ବର କରାଯାଇଛି ଓ ସେହି ଶିକ୍ଷାର୍ଥୀମାନଙ୍କ ପ୍ରଶ୍ନ ସାର୍ଟିଫିକେଟ ଗଠନ ହେବାର ଲାଗି ପଥଦେଖରେ ଉତ୍ତୀର୍ଣ୍ଣ ନ ହେବ ସେମାନେ ୫ ୧୯ କୌଶଳ ଅର୍ଦ୍ଧଦିନ ନ ହେଲେ ସାର୍ଟିଫିକେଟ ପାଇବେ ନାହିଁ ।

ମାନ୍ୟବର ଜେଳ ନଗର ମହାରାଜା ଏବଂ ମହାରାଜକୁମାରଙ୍କ ଆଗାମୀ ଦଶହରାରେ ଏକ ଗୀତ ଅଭିନୟ ହେବ । ଶ୍ରୀମତୀ କୁମାରୀ ମହୋତ୍ସବ କରେ ସମ୍ପନ୍ନ ଭାରତ ପ୍ରକାଶ ହୋଇନାହିଁ ।

ମଦମନ୍ତ୍ରିତ ଦଳ ଦ୍ୱାରାରେ ମୁସଲମାନ ଚିନ୍ତାସମିତିର ବୈଠକ ସମ୍ପାଦନ ହୋଇଥିଲା । ମୁସଲମାନଙ୍କ ଉପରେ ଶିକ୍ଷାର କାର୍ଯ୍ୟ କରିବାକାରଣ ଗବର୍ଣ୍ଣମେଣ୍ଟଙ୍କୁ ସାହାଯ୍ୟ କରିବାର ପ୍ରସ୍ତାବ ସମ୍ବନ୍ଧରେ କାର୍ଯ୍ୟ ହୋଇଅଛି ।

ମେମ୍ବର ଚାକିରର ଏକା ସ୍ଥାନପରଗଣା ଦରାସ୍ତ ଉପରେ କର୍ମ୍ମଚାରୀ କେଉଁ ଅଛନ୍ତି ଓ ତାହାର ପୁତ୍ର ଗୋଟିଏ ମୋହନ ଦାସ ନାମକ ତ ୧୮ । ୧ ଟ ତେରିଅରେ ଗାଇଆ ଯାଇଥିଲା । ତାହାର ସମ୍ବାଦ ହେଉ ବସି ମନ କେଉଁ ଠାକୁରଙ୍କ ପଟଳ କରିବା ଉପରେ ଗୁଣୀ ହୋଇଅଛନ୍ତି ।

ଗତ ରବିବାରୀ ପ୍ରତିପାଳନରେ ବୋଠରୀ ମନ୍ଦିର ଜଗନ୍ନାଥପୁର ମହୋତ୍ସବ ଏକ ବୃହତ ମେଳା ହେଉଥିଲା ସେ ପ୍ରାୟ ସାତ ହଜାର ଲୋକ ଉପସ୍ଥିତ ଥିଲେ । ନୃତ୍ୟ ଗୀତ ଓ ବାଦ୍ୟ କୌତୁକ ଦେଖା ଦେଲା ସମୟ ଅଭିନୟ କେଉଁ ସମସ୍ତେ ଆନନ୍ଦ ହୋଇଥିବାର ଏହି ପ୍ରେରଣପତ୍ରରୁ ଜଣେ ହେଉଁ ।

ମୟୂରଭଞ୍ଜର ଜଣେ ସଚ୍ଚୋଟ ବ୍ୟକ୍ତି କେଉଁ ଅଛନ୍ତି ଓ କରଞ୍ଜିଆ ଥାନା ଏବଂ ମୁକ୍ତାପୁର ଗ୍ରାମର ଜଣେ ବ ୭ ବର୍ଷ ପରମ୍ପରି ବାବା ବୈଦ୍ୟନାଥ ମହାପ୍ରଭୁ ପଦର ହେବାରେ ୧୯ ଅନେକ ଦେଖିଲୁ ଏହିମ ଚଳୁଅଛ । ସେ ରୋଗୀ ମଧ୍ୟ କେଉଁ ମୂଲ୍ୟବାନ ଉପକାର ପାଇଅଛନ୍ତି ।

---

### ପତ୍ରପ୍ରେରକଙ୍କ ପ୍ରତି ।

**ଶ୍ରୀ ବାବୁ ଉନ୍ନସନ୍ ସିଂହ ଦେବ—ଦେଶ ଦୁର୍ଦ୍ଦଶାରେ ସ୍ଥାପିତ ହେବା ସମ୍ପର୍କର ନାମ ଉଦ୍ଦେଶ୍ୟ କରି ଲେଖା ନ ଥିବାହେତୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।**

---

### ପ୍ରେରତ ପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।**

---

### A SUGGESTION ABOUT SPORTS

To The Editor of Utkal Dipika.

Sir,

The Association, started in Orissa for the encouragement of athletic sports, has done very little for the encouragement of any other game

Digitized by srujanika@gmail.com

but football in which certain Shield & Cups have been given out for competition. Cricket & Hockey both have been totally ignored and there does not appear any sign of the Association taking any interest for their improvement this year. As for the football competitions in Orissa, they too commence at a time when the competitions in almost all the other parts of India finish *i.e.* the latter part of September and October. If I be not mistaken the time for holding the annual sitting of the Association in order to elect the officers and committee for the governing of competitions in the coming season has been fixed at so late a date as June that there would hardly be time sufficient to give notice to all the teams in Orissa to take part unless the time of holding the competitions is delayed. It is for this, that most of the teams in Orissa (other than Cuttack) find it inconvenient to join. Can not the Association hold its annual sitting and elect its officers and Committee for the coming season early in May than in June? If so there would be ample time for making every possible arrangement in order to have as many teams as are existing in Orissa entered in, so that there may be a pretty game and hard contest.

"Sportsman"

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ବନୋବରବୋଷ ଭୂୟାଁ | କେନ୍ଦ୍ରପଡ଼ା | ଟ ୩୷ |
| ,, ଗୋପାଳଚନ୍ଦ୍ର ପ୍ରଧାନ | ଭଦ୍ରକ | ଟ ୩୷ |
| ,, ସତ୍ୟବାଦୀ ଗୌରାଙ୍ଗ | ସତ୍ୟବାଦୀ | ଟ ୩୷ |
| ,, ଜୟରାମ ମିଶ୍ର | ଭଞ୍ଜନଗର | ଟ ୩୷ |
| ,, ଗୋବିନ୍ଦ ମହାନ୍ତି | ହର୍ଷପୁର | ଟ ୧୷ |
| ,, ଚନ୍ଦ୍ରଶେଖର ଦାସ | କଟକ | ଟ ୩୷ |
| ,, ସୁଦର୍ଶନ ମହାପାତ୍ର | ,, | ଟ ୩।୶ |
| ,, ଅଚ୍ୟୁତ ମହାପାତ୍ର | ,, | ଟ ୩।୶ |
| ,, ହରେକୃଷ୍ଣ ବୋଷ | ପୁରୀ | ଟ ୩୷ |
| ,, ଧର୍ମସିଂ ରାଉତ | ବଣଇ | ଟ ୩୷ |
| ,, ଗୋବର୍ଦ୍ଧନ ପାତ୍ର | ଭୁବନେଶ୍ୱର | ଟ ୩୷ |
| ,, ଗୋପାଳ ମହାପାତ୍ର | ଅଠଗଡ଼ | ଟ ୧୲ |
| ,, ଦାମୋଦର ଦାସ | କଟକ | ଟ ୩୷ |
| ,, ଗୋପୀନାଥ ମିଶ୍ର | ଜଗନ୍ନାଥପୁର | ଟ ୩୷ |
| ,, କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀ | କଟକ | ଟ ୬୷ |
| ,, ମାଧବଚନ୍ଦ୍ର ମିଶ୍ର | ବାଲିଅପାଳ | ଟ ୪୷ |
| ,, ଅହମ୍ମଦ ମିଆଁ | ବଡ଼ପୁର | ଟ ୩୷ |

| | | |
|---|---|---|
| ବାବୁ ଶ୍ରୀ ଗୋପାଳମୋହନ ସେନ ଓ ଭୂବନମୋହନ | | |
| ସେନ | କଟକ | ଟ ୩୷ |
| ,, କୃଷ୍ଣଚରଣ ଧର | ଭୁବନେଶ୍ୱର | ଟ ୩୷ |
| ,, ବୈକୁଣ୍ଠ ଶ୍ରୀଚନ୍ଦନ ମହାପାତ୍ର | ଖାଲି | ଟ ୩୷ |
| ,, ଜୟକୃଷ୍ଣ ଆଚାର୍ଯ୍ୟ | ଭଦ୍ରାକ୍ଷ | ଟ ୩୷ |
| ,, ରାମସିଂହ ପଟ୍ଟନାୟକ | ଚିଲିକା | ଟ ୧୷ |
| ,, ଦାମୋଦର ପଣ୍ଡା | ବାହାଳପୁର | ଟ ୩୷ |
| ,, ଶ୍ରୀମନ୍ତ ସୂର୍ଯ୍ୟମଣି | ବାଲୁବଜାର | ଟ ୩୷ |
| ,, ଦ୍ୱାରିକାନାଥ ମହାନ୍ତି | ଭଗବାନ | ଟ ୩୷ |
| ,, ଗଙ୍ଗାଧର ଭଟ୍ଟାଚାର୍ଯ୍ୟ | ଦେହଳଦା | ଟ ୧୷ |

---

# ବିଜ୍ଞାପନ

ପ୍ରଥମ ଖଣ୍ଡ — ୧ ଭାଗ ମୁଦ୍ରିତ

# ପାଲକ୍ଷଣା ।

ଅଷ୍ଟାଦଶ ଉଦାସୀ ଜଗନ୍ନାଥ ନରସିଂହ ପଟ୍ଟନାୟକଙ୍କଦ୍ୱାରା ନାନା ଛନ୍ଦରେ ବର୍ଣ୍ଣିତ । ଭାରତୀ ଦ୍ୱାରକା ଭଗ୍ନଙ୍କ ରଚନାଠାରୁ କୌଣସି ଗୁଣରେ ଊଣା ନୁହେ । ଲାବଣ୍ୟବତୀ ଓ କୋଟିବ୍ରହ୍ମାଣ୍ଡସୁନ୍ଦରୀ ପ୍ରଭୃତି ଲକ୍ଷ ଲକ୍ଷ ପାଠକ ସେହି ରୀତିରେ ଦେଶର ମନ୍ଦିରମାନ ସଲକ୍ଷଣାର ରଚନା ଅବଲମ୍ବନରେ ଏହି ଗ୍ରନ୍ଥ ଲିଖିତ । ମୂଲ୍ୟ ୯୦ ।

ପ୍ରାପ୍ତିସ୍ଥାନ — କଟକ ପ୍ରିଣ୍ଟିଂ କମ୍ପାନୀଙ୍କର ପୁସ୍ତକ ବିକ୍ରୟ ଦୋକାନ, କଟକ

---

# ବିଜ୍ଞାପନ ।

### ଆୟୁର୍ବେଦୀୟ ଲେବରେଟରୀ କଟକ

ଚିକିତ୍ସକ ଶ୍ରୀ ତାରାପ୍ରସନ୍ନ ଦାସ ଗୁପ୍ତ କବିରାଜଙ୍କ ।

ସ୍ୱର୍ଣ୍ଣ ଘଟିତ — ପ୍ରତ୍ୟକ୍ଷ

ତାରୁଣ୍ୟ ଶକ୍ତି ଦ୍ୱାରକାନାଥ ପାଲସା — ଫଳପ୍ରଦ

ସମ୍ପୂର୍ଣ୍ଣ

କଫାଳ ରକ୍ତ ଶୋଧକ, ଦୁର୍ବଳ ରକ୍ତ ଜନକ, ଅସ୍ୱାଭାବିକ ଓ ମାନସିକ ଦୁର୍ବଳତା ନାଶକ, ଶୁକ୍ର ତାରଲ୍ୟ ଓ ସ୍ୱପ୍ନଦୋଷ ନିବାରକ, ସ୍ତ୍ରୀ, ପୁରୁଷ, ବାଳକ, ବାଳିକା ସମସ୍ତଙ୍କର ବ୍ୟବହାର୍ଯ୍ୟ ଏହା ବହୁ ପରୀକ୍ଷିତ ମହୌଷଧ, ଉପଦଂଶ ବା ପାରଦ ଦୋଷ ଦୂର କରିବାକୁ ଅତ୍ୟାଶ୍ଚର୍ଯ୍ୟ କ୍ଷମତାଶାଳୀ ଏବଂ ନୂତନ ରକ୍ତ ଉତ୍ପନ୍ନ କରେ କଫାକ୍ତ ରକ୍ତ ପରିଷ୍କାର କରେ ବାତରକ୍ତ ପ୍ରଭୃତି ଦୂଷିତ କ୍ଷତ ନଷ୍ଟ କରିବାକୁ ଏହା ପ୍ରତ୍ୟକ୍ଷ ଧନ୍ୱନ୍ତରି, ବାୟୁ ନାଶକ, ଏହା ପ୍ରବଳ ଅଗ୍ନିଦୀପକ, କୋଷ୍ଠ ପରିଷ୍କାରକ, ଅର୍ଶ ଅମ୍ଳଶୂଳ, ଅଜୀର୍ଣ୍ଣ, ଅର୍ଶ, କାଶ, ଉଦରାମୟ, ଜ୍ୱର ପ୍ରଭୃତି ଦୁଃସାଧ୍ୟ ରୋଗରେ ସ୍ତ୍ରୀ ରୋଗମାନଙ୍କରେ ଏହା ଉତ୍କୃଷ୍ଟ, ବୃଦ୍ଧ ରୋଗରେ ଅତ୍ୟାଶ୍ଚର୍ଯ୍ୟ ଫଳପ୍ରଦ. ଦୁର୍ବଳ ଅବସନ୍ନ ଦେହ ଯୌବନଯୁକ୍ତ ବଳଶାଳୀ ହୁଏ । ଏକ ଶିଶି ଟ ୨୲ । ତିନ ଶିଶି ଏକ ବଡ଼ ବୋତଲ ଟ ୫୲ ।

ତୈଳପାକ ଶୁଦ୍ଧି — ଦୁଃସାଧ୍ୟ ମସ୍ତିଷ୍କର ଏକମାତ୍ର ମହୌଷଧ । ବ୍ୟବହାରରେ ଦ୍ୱାରା ଯନ୍ତ୍ରଣା ଦୂର ବା ରକ୍ତଧାର ଲଗାଇଲେ ବାତ ରୋଗ ତତ୍କାଳ ତାଳରେ ଶୁଖେ

ଏହି ପ୍ରଭୃତି ଉପସ୍ଥିତମାତ୍ର ଯେତେ ପ୍ରଚଳନ ହେଲେହେଁ ଏହି ଔଷଧରେ ନିଶ୍ଚୟ ଆରୋଗ୍ୟ ହେବ ।

ଏକଶିଶି ମୂଲ୍ୟ ଟଙ୍କା ଟ ୨

ତିନ ଶିଶି ଟ ୫୲

### ସାର୍ଯ୍ୟସ୍ତମ୍ଭୀ ଯୋଗବାହିନୀ ।

ଏହା ସ୍ୱାଭାବିକ ଦୌର୍ବଲ୍ୟ ଉତ୍କଟ ଦୌର୍ବଲ୍ୟ, ଶୁକ୍ର ତାରଲ୍ୟ ପ୍ରଭୃତି ରୋଗରେ ଅତି ଅବ୍ୟର୍ଥ ମହୌଷଧ. ନବଯୌବନ ବୃଦ୍ଧ ବୃଦ୍ଧା ଏହା ସେବନ କଲେ ଯୁବାଙ୍କ ପରି ବଳ, ବୀର୍ଯ୍ୟ କାନ୍ତି, ପୁଷ୍ଟି ଲାଭ କରନ୍ତି । ଏହା ନଳବନ୍ଧ ତରଳ ଶୁକ୍ରକୁ ଗାଢ଼ କରେ, ସ୍ୱପ୍ନଦୋଷ ନିବାରଣ କରେ । ଉଦ୍ଦିଷ୍ଟ ଚିକିତ୍ସକ ହେଲେ ଏହା ସଙ୍ଗରେ ଶ୍ରୀ ଗୋପାଳ ତୈଳ ମର୍ଦ୍ଦନ କରିବାକୁ ହେବ ।

ଯୋଗବାହିନୀ ପ୍ରତିଶିଶି ୨୲ଟଙ୍କା । ଶ୍ରୀ ଗୋପାଳତୈଳ ପ୍ରତିଶିଶି ୨୲ଟଙ୍କା ।

ମହା ସୁଗନ୍ଧ ଓ ମହୋପକାରୀ ଗୋଲାପଲ୍ଲୁସୁମ ତୈଳ ସାବଣୀସ୍ କେଶରୋଗ ଓ ମସ୍ତିଷ୍କ ଜାତ ରୋଗରେ ଏପରି ଔଷଧ ଆଉ ନାହିଁ । ଏହାର ସୁଗନ୍ଧ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥାୟୀ । ଏହାଦ୍ୱାରା ମସ୍ତିଷ୍କ ସ୍ନିଗ୍ଧ ଶୀତଳ, କେଶ ମସୃଣ ଓ ଘନ ହୁଏ । ଅନିଦ୍ରା ଭଳି ମହାରୋଗଠାରୁ ନିସ୍ତାର ବାସୀ ପର୍ଯ୍ୟନ୍ତ ସମସ୍ତେ ଏହି ତୈଳ ବ୍ୟବହାର କରୁଅଛନ୍ତି, ମୂଲ୍ୟ ୧ ଶିଶି ଟ ୧୷, ୩ ଶିଶି ଟ ୨।, ୧୨ ଶିଶି ଟ ୮୷

ସମ୍ପୂର୍ଣ୍ଣ ନୂତନ ବଳସୁଧାଗଣ୍ଡା ରସ ସହସ୍ର ପରୀକ୍ଷାରେ ଜଣା ଯାଇଅଛି ଯେ ମେହେଲୋହିତ୍ୟ ହ୍ରାସ, ଶାରୀରିକ ତାପ, ଦୁର୍ବଳତା ଓ ଦୁର୍ବଳ ତ ୪୮ ଘଣ୍ଟାରେ ଆରୋଗ୍ୟ ହୁଏ ଏବଂ ଏକ ସପ୍ତାହରେ ସହଜ ଯନ୍ତ୍ରଣା, ପୀଡ଼ା, ଅମ୍ଳଶୂଳ ଭଲ ହୁଏ । ବିଳାସୀଙ୍କ ଅପେକ୍ଷା ଏହାର ପ୍ରକାଶକ ଶକ୍ତି ଅଧିକ ଏହା କୋଷ୍ଠ ପରିଷ୍କାରକ କ୍ଷୁଧା ଓ ମାଂସ ବଳ ବୃଦ୍ଧିକାରକ ଏବଂ ଶୁକ୍ର ଓ ସ୍ୱପ୍ନଦୋଷ ନିବାରଣ କରେ ।

ଏକ ଶିଶି ଟ ୦୷, ତିନି ଶିଶି ଟ ୧।।

### ଅର୍ଶ ।

ବାତରକ୍ତ ଓ କୁଷ୍ଠ ରୋଗର ସର୍ବଶ୍ରେଷ୍ଠ ମହୌଷଧ ଅମୃତ ଭଲ୍ଲାତକ ଗୁଡ଼ ୧ ଶିଶି ଟ ୩୷ ।

ସାବଣୀୟ ଦନ୍ତ ରୋଗର ମହୌଷଧ । କାନ୍ତି ଚୂର୍ଣ୍ଣ ଏହା ଦୁଇ ଓ ଦନ ସଞ୍ଜା ଦନ୍ତରେ ଘଷିଲେ ସମସ୍ତ ରୋଗ ନାଶ ହୁଏ । ଦନ୍ତ ଶୂଳ, ଦନ୍ତ କ୍ଷତ, ଦନ୍ତରୁ ପୂଯ, ରକ୍ତସ୍ରାବ ବନ୍ଦ ହୁଏ । ପ୍ରତ୍ୟହ ଦନ୍ତ ମାଜିଲେ ଦନ୍ତ ସୁଦୃଢ଼ ହୁଏ ଏବଂ କୌଣସିମତେ କେବେହେଁ ରୋଗ ନ ଘଟେ । ମାସେ ବ୍ୟବହାର ଉପଯୋଗୀ ୧ ଡବା ଟ ୦।

ଦଦ୍ରୁ, କୁଣ୍ଡାରକ ୨୪ ଘଣ୍ଟାରେ ସମ୍ପୂର୍ଣ୍ଣରୂପ ଆରୋଗ୍ୟ କରାଏ କରେ ଜ୍ୱାଳା ଯନ୍ତ୍ରଣା ନାହିଁ ଥରେ ଭଲ ହେଲେ ଆଉ ହେବ ନାହିଁ । ୧ ୧ ଗା ଟ ୦। ଏଣା, ୧ ୧୨ ଗା ଟ ୨୷ ଟଙ୍କା ।

ଅଢ଼େଇ ଫଲ ତୈଳ ୧ ଶିଶି ଟ ୦।

ରୋଗର ସମ୍ପୂର୍ଣ୍ଣ ବିବରଣ ଲେଖି ପଠାଇଲେ ଶାରୀରିକ ବ୍ୟବସ୍ଥାପତ୍ର ସହିତ ଔଷଧ ଭି: ପି: ଡାକରେ ପ୍ରେରଣ କରାଯାଏ ।

ଚିକିତ୍ସକ ଶ୍ରୀ ତାରାପ୍ରସନ୍ନ ଦାସ ଗୁପ୍ତ

କବିରାଜ

ଆୟୁର୍ବେଦୀୟ ଲେବୋରେଟରୀ

ପୋଷ୍ଟଅଫିସ ପୁରୁଣାତୋଟ କଟକ

Split by PDF Splitter

Digitized by srujanika@gmail.com

ମାନ୍ୟବର ବଙ୍ଗର ଲେଫ୍‌ଟନାଣ୍ଟ ଗବର୍ଣ୍ଣର ବର୍ତ୍ତମାନ ପ୍ରକାଶିତ ଅନୁଜ୍ଞାନୁସାରେ ଗତ ତା ୧୮ ରିଖରେ ଘୋଷଣା ଦେଇଅଛନ୍ତି କି ବାଲେଶ୍ୱର ଜିଲ୍ଲାର ସୋରେ, ଜଲେଶ୍ୱର ଏବଂ ବସ୍ତା ଏହି ତିନିଥାନା ଅନ୍ତର୍ଗତ ସକଳ ମୌଜାର ସବୁଡିଭିଜନ ରୂପରେ ପ୍ରସ୍ତୁତ ହୋଇଅଛି । ଗତ ତା ୨୦ ରିଖର କଲିକତା ଗେଜେଟରେ ଏଥିର ବିଜ୍ଞାପନମାନ ପ୍ରକାଶିତ ହୋଇଅଛି ।

———

ବାଲେଶ୍ୱର ଜିଲ୍ଲା ସୋରେ ଥାନା ଅନ୍ତର୍ଗତ ହୋଲାର ଅଞ୍ଚଳର ପଞ୍ଚାଏତ ପ୍ରେସିଡେଣ୍ଟ ବାବୁ ଲକ୍ଷ୍ମୀକାନ୍ତ ଦାସଙ୍କୁ ବଙ୍ଗ ଗବର୍ଣ୍ଣମେଣ୍ଟ ବରଖାସ୍ତ ଓ ତାହାଙ୍କର ସମସ୍ତ କ୍ଷମତା ରହିତ କରି ତାହାଙ୍କ ସ୍ଥାନରେ ବାବୁ ହରେକୃଷ୍ଣ ପାଣ୍ଡେଙ୍କୁ ସେହି ଅଞ୍ଚଳର ପଞ୍ଚାଏତ ପ୍ରେସିଡେଣ୍ଟ ନିଯୁକ୍ତ କରିଅଛନ୍ତି । ସେ ସେହି ପଦ ଓ ତହିଁର କ୍ଷମତାମାନ ତା ୩ ଏପ୍ରିଲଠାରୁ ଭୋଗ କରିପାରିବେ ।

—※—

ଭୁବନେଶ୍ୱର ସରପୋଷ୍ଟି ସାହାଯ୍ୟ ପାଣ୍ଠି-ସହାଯେ ଶ୍ରୀଯୁକ୍ତ ପ୍ରସନ୍ନକୁମାର ପାଲ ସମ୍ପାଦକ କୃତଜ୍ଞଚିତ୍ତ ହେବାପ୍ରାପ୍ତି ସ୍ୱୀକାର କରୁଅଛନ୍ତି । ଯଥା ପୂର୍ବସ୍ୱୀକୃତ ମୋଟ ୮୪୫୮ ଶ୍ରୀଯୁକ୍ତ ମଧୁସୂଦନ ସେନ ଗୁପ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର

କଟକ ୮୫୮

ଶ୍ରୀଯୁକ୍ତ ମାଧବଚନ୍ଦ୍ର ଦାସ ସବ୍‌ ଡେପୁଟି କଲେକ୍ଟର   ବାଲେଶ୍ୱର ୮୪୮

ଚଉଦ୍ୱାରଗଡ଼ । ମ । ବାବୁ ରାମଚନ୍ଦ୍ର ଦାସ

୮୧୦୦୮

ମୋଟ   ୮୫୬୩୮

—※—

ଉତ୍କଳ, ସୂର୍ଯ୍ୟୋଦୟମ୍, ହିନ୍ଦୁସ୍ଥାନ ଏବଂ ଉତ୍କଳବାସୀ ଏହି ନାମରେ ସମ୍ବାଦପତ୍ରମାନ ଏବଂ ମୁଦ୍ରାଯନ୍ତ୍ରମାନଙ୍କ ବନ୍ଦ ହେବା ଉପରେ ପ୍ରେସ ଆଇନ ଅନୁସାରେ ଜାମିନ ଦିଆଯାଇ ନ ପାରିବାରୁ ନୂତନ ମୁଦ୍ରାଯନ୍ତ୍ର ଅନାବଶ୍ୟକ ବିବେଚିତ ହେଉ ସେ ସବୁ ବଙ୍ଗପ୍ରଦେଶର ଯେଉଁଠାରେ ମିଳନ୍ତି ସେଠାରେ ସମ୍ବାଦ ଦେବା ମର୍ମରେ କଲିକତା ଗେଜେଟରେ ବିଜ୍ଞାପନ ଘଟା ହୋଇଅଛି । ଉତ୍ତର-ଅଞ୍ଚଳରେ ଅନେକ ସମ୍ବାଦପତ୍ର ଥିବାରୁ ଏହା କେଉଁ ସମ୍ବାଦପତ୍ର ଗେଜେଟରେ ତହିଁର ସ୍ପଷ୍ଟ ବର୍ଣ୍ଣନ ନାହିଁ । ବୋଧହୁଏ ଏହା ତାମିଲ ଭାଷାରେ ପ୍ରକାଶିତ ସମ୍ବାଦପତ୍ର ହେବ । ଅନ୍ୟାନ୍ୟ ସ୍ଥାନରେ ଏପରି ପ୍ରସ୍ତାବ ବନ୍ଦ ହୋଇଅଛି ।

—※—

ଯଶୋହରରେ ଗତ ମାସ ତା ୧୬ ରିଖରେ କାୟସ୍ଥମାନଙ୍କର ଗୋଟିଏ ବଡ଼ ସଭା ହୋଇଥିଲା । କୃଷ୍ଣନଗର ହାଇକୋର୍ଟର ଜଜ ଶ୍ରୀ ସାରଦାଚରଣ ମିତ୍ର ମହାଶୟ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାସ୍ଥଳରେ କାୟସ୍ଥମାନଙ୍କର ଉପବୀତ ଗ୍ରହଣ, ଉକ୍ତ ସମ୍ପ୍ରଦାୟମଧ୍ୟରେ ବିବାହପ୍ରଚଳନ ଏବଂ ବିବାହର ବ୍ୟୟ ସଂକ୍ଷେପ କରିବା ପ୍ରସ୍ତାବମାନ ଧାର୍ଯ୍ୟ ହେଲା । ମିତ୍ର ମହୋଦୟ ବର୍ତ୍ତମାନ କାୟସ୍ଥ ଉନ୍ନତିରେ ପ୍ରାଣପଣେ ଯତ୍ନ କରୁଥିବା ଅତୀବ ଆନନ୍ଦର ବିଷୟ ଅଟେ । ଯଶୋହରର ଅନେକ କାୟସ୍ଥ ଯଥାବିଧିରେ ଉପବୀତ ଗ୍ରହଣ କରି ସଭାର ନିର୍ଦ୍ଧାରଣ ପାଳନରେ ଦୃଢ଼ତା ଦେଖାଇ ଅଛନ୍ତି ।

———

ଗତ ଶନିବାର ଦିନ ମାନ୍ୟବର କନିକାର ରାଜା ମହୋଦୟ ବୋମ୍ବାଇଠାରୁ କଲିକତାଯାତ୍ରା କଲେ । ଅମ୍ଭମାନଙ୍କର ଶ୍ରଦ୍ଧେୟ ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ସି, ଆଇ, ଇ ମହୋଦୟ ତାଙ୍କୁ ସେଠାରେ ବଳାଇ ନେଇ ଫେରି ଆସିଅଛନ୍ତି । ଯେଉଁ ଜାହାଜରେ ରାଜା ମହୋଦୟ କଲିକତାଯାତ୍ରା କଲେ ତହିଁରେ ମହାରାଜା ହୋଲକାର, ପ୍ରିନ୍ସ ରୂପଦାମୋଦର ଏବଂ ରାଜା ବାହାଦୁର ନବଦ୍ୱୀପ ବାହାଦୁର ମଧ୍ୟ ଯାତ୍ରା କରିଥିବାର ଅବଗତ ହେଲୁ । କନିକା କ୍ରୀଡ଼ାକୌତୁକର ସ୍ଥାନ ଓ ଆଉ ବର୍ତ୍ତମାନ ଶିକ୍ଷାସମ୍ବନ୍ଧୀୟ ପ୍ରଧାନ ଗର୍ଭମଧ୍ୟରେ ପରିଗଣିତ । ଦେଶର ଲୋକମାନେ ସେଠାରୁ ଯାଇ ଉପଯୁକ୍ତ ଶିକ୍ଷା ଏବଂ ଗୁଣ ଲାଭ କରି ଆସିଲେ ଦେଶର ଯେ ନାନାପ୍ରକାର ଉନ୍ନତି ହେବ ବୋଲି ବାସ୍ତବ ।

———

ମୁଜଫରପୁରଠାରେ ବସିଥିବା ଧର୍ମଶିଳ୍ପ ସମିତିର ସଭାପତି ସଦ୍ଦାର ହୋସେନ ଇମାମ ମହୋଦୟ ଆପଣା ବକ୍ତୃତାରେ କହିଅଛନ୍ତି ଯେ ଭାରତରେ ଶିଳ୍ପାଦି ପୁରୁଣା କାଳର ସ୍ୱଭାବରେ ଚଳୁଥିବାସ୍ଥଳେ ତାହାକୁ ବଳରେ ସଭ୍ୟଜଗତର ପ୍ରତିଯୋଗିତା କ୍ଷେତ୍ରରେ ଉପସ୍ଥାପିତ କଲେ କଦାପି ସରକାରୀ ସାହାଯ୍ୟ ବିନା ଉନ୍ନତି ସାଧନ କରିପାରିବ ନାହିଁ । ଏ ଯୁକ୍ତି ବିଚକ୍ଷଣ ବୁଦ୍ଧି ମନ୍ତ୍ରର ପରିଚୟ ଦେଉଅଛି । ଅମ୍ଭେମାନେ ଆପଣାର ମନୁଷ୍ୟତା ବା କ୍ଷମତାବଳରେ ନୂତନ ପ୍ରକାରର ଶିଳ୍ପାଦିର ଅନୁଷ୍ଠାନ କଲେହେଁ ଗବର୍ଣ୍ଣମେଣ୍ଟଙ୍କ ସହାୟତା ବିନା କଦାପି ତହିଁର ଉନ୍ନତି ହୋଇ ପାରିବ ନାହିଁ । ଇଂଲଣ୍ଡାଦି ସଭ୍ୟ ଜଗତର ଶିଳ୍ପ ଦେଶ ଏବଂ ଜାପାନର ଚରମ ସୀମାରେ ଯାଇ ପହଞ୍ଚିଲେ ଆପଣା

ଦେଶଜାତ ଦ୍ରବ୍ୟାଦିର ସଂରକ୍ଷଣ ନିମିତ୍ତ ଟିକସ ବସାନ୍ତି । ସୁତରାଂ ଭାରତରେ ତହିଁର ପ୍ରୟୋଜନୀୟତା ଅଧିକ ଥିବାରେ ସନ୍ଦେହ କିଛିମାତ୍ର ନାହିଁ ।

———

ବାଲେଶ୍ୱର ସୋରୋ ଥାନା ଅନ୍ତର୍ଗତ ସମୁଦ୍ରକୂଳ କୁସୁଲ ଗ୍ରାମରେ ଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠିତ । ପ୍ରତିବର୍ଷ ବୈଶାଖ ସଂକ୍ରାନ୍ତି ସମୟରେ ୭ । ୮ ଦିନ ଯାତ୍ରା ହୁଏ ଓ ଅନେକ ଲୋକ ଯାଇ ସେଠାରେ ଜମା ହୁଅନ୍ତି । ସମୁଦ୍ରରେ ସ୍ନାନ ଓ ମହାଦେବ ଦର୍ଶନ ନିମନ୍ତେ ଅନେକ ଯାତ୍ରୀ ଆସନ୍ତି । ଜଣେ ପତ୍ରପ୍ରେରକ ଯାତ୍ରାର ଏକ ବିସ୍ତାରିତ ବିବରଣ ଲେଖିଅଛନ୍ତି । ସ୍ଥାନାଭାବହେତୁ ତାହା ପ୍ରକାଶ କରି ପାରିଲୁ ନାହିଁ । ସଂକ୍ଷେପ କଥା ଏହି କି ଏଥର ପ୍ରାୟ ୧୫।୧୬ ହଜାର ଯାତ୍ରୀ ହୋଇଥିଲେ । ମାତ୍ର ବସନ୍ତ ଉପସ୍ଥିତ ହୋଇ ୭।୮ ଜଣ ପ୍ରାଣ ହରିବାରେ ଯାତ୍ରୀମାନେ ଭୀତ ହୋଇ କୌଣସିମତେ ସ୍ନାନ ଓ ଦର୍ଶନ କରି ଚଞ୍ଚଳ ପଳାଇ ଗଲେ । ଅନ୍ୟ ଦୋକାନର କଥା ଥାଉ ଗୁଡ଼ିଆ ଦୋକାନରେ କିଛି ବିକିବଟା ହେଲା ନାହିଁ । ମହାଦେବଙ୍କର ଆୟ ଅନେକ ଅଛି, ମାତ୍ର ତତ୍ତ୍ୱାବଧାନ ଦୋଷରୁ ମନ୍ଦିରର ଅବସ୍ଥା ଯେମନ୍ତ ହେବା ଉଚିତ ତାହା ହେଉନାହିଁ ।

———

ଫରିଦପୁର ଜିଲ୍ଲା ଓସମାନ ଗ୍ରାମରେ ଗତ ତା ୭ ଓ ୮ ରିଖରେ ବାରୁଣୀ ସ୍ନାନ ଉପଲକ୍ଷେ ନମଃଶୂଦ୍ରମାନଙ୍କର ଏକ ବଡ଼ ସଭା ହୋଇଥିଲା । ପ୍ରାୟ ଦୁଇହଜାର ନମଃଶୂଦ୍ର ସଭାରେ ଯୋଗ ଦେଇଥିଲେ । ଗୋପାଳଗଞ୍ଜର ଡେପୁଟୀ ମାଜିଷ୍ଟ୍ରେଟ ସଭାରେ ଉପସ୍ଥିତ ଥିଲେ ଓ ପାଦ୍ରୀ ମୁଟନ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ସ୍ତ୍ରୀ ଶିକ୍ଷା ବିସ୍ତାର, ବାଲ୍ୟ ବିବାହ-ନିବାରଣ ଏବଂ ଅପ୍ରଚଳିତ ବିଧବାବିବାହ ପ୍ରଚଳନ ବିଷୟରେ ପଣ୍ଡିତ ଚନ୍ଦ୍ରଧର ବିଶ୍ୱାସ, ବାବୁ ଯୋଗେଶଚନ୍ଦ୍ର, ବିଶ୍ୱାସ ପ୍ରଭୃତି ବକ୍ତୃତା କରିଥିଲେ । ନମଃଶୂଦ୍ରର ପ୍ରଧାନମାନେ ଏହି ଲିଖିତ ପ୍ରତିଜ୍ଞା କରିଅଛନ୍ତି କି ସନ୍ତାନର ୨୨ ବର୍ଷ ବୟସ ପୂର୍ବେ କୌଣସି ପୁରୁଷ ଏବଂ ୧୩ ବର୍ଷ ପୂର୍ବେ କୌଣସି କନ୍ୟାର ବିବାହ ଦେବେ ନାହିଁ । କନ୍ୟାଗଣଙ୍କୁ ୫ ବର୍ଷରୁ ୧୩ ବର୍ଷ ବୟସଯାଏ ବିଦ୍ୟାଳୟରେ ପଢ଼ାଇବାକୁ ହେବ ଏବଂ ନିଃସନ୍ତାନ ବିଧବାମାନଙ୍କର ବିବାହ ହୋଇପାରିବ । ଏପରି ନିୟମ ବ୍ରାହ୍ମଣାଦି ସକଳ ସମାଜରେ ପ୍ରଚଳିତ ହେବା ବାଞ୍ଛନୀୟ ।

———

Split by PDF Splitter



ବାଲେଶ୍ୱର ସମ୍ବାଦବାହିକାରେ ଦେଖିଲୁଁ ଯେ ସେ ନଗରର ମିଶନ୍ ବାଲିକାଟି ଓ ପୁରୁଣା ବାଲେଶ୍ୱରରେ ଓଲାଉଠାର ପ୍ରକୋପ ବଢ଼ିଅଛି ଓ ପ୍ରତ୍ୟହ ଜ ୨୦।୨୫ ଣ ମରୁଅଛନ୍ତି। ସେଠାର ମାଜିଷ୍ଟ୍ରେଟ ଓ ମିଉନିସିପାଲିଟିର ଚେୟାରମାନ ଶ୍ରୀଯୁକ୍ତ ବ, ମି, ସେନ ମହାଶୟ ଓଲାଉଠା ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ବିନା ଖରଚରେ ଚିକିତ୍ସା କରିବାର ଆଦେଶ ଦେଇଅଛନ୍ତି। ଯେଉଁ ଗରିବଲୋକ ଘରେ କାହାରି ଓଲାଉଠା ହେବ ସେ ମିଉନିସିପାଲିଟିରେ ସମ୍ବାଦ ଦେଲେ ବିନା ଫିସରେ ଡାକ୍ତର ତାହା ଘରକୁ ଯାଇ ଚିକିତ୍ସା କରିବ। ଏ ନିୟମ ଭଲ ହୋଇଅଛି। ଅମ୍ଭେମାନେ ଆଶା କରୁଁ ମିଉନିସିପାଲିଟି ଏ ସମୟରେ ଅଧିକା ଡାକ୍ତର ନିଯୁକ୍ତ କରିବାର ଏବଂ ମିଉନିସିପାଲ ଓ ସରକାରୀ ଡାକ୍ତରଖାନାମାନ ଦିବା ରାତ୍ର ମୁକୁଳା ରଖିବାର ବ୍ୟବସ୍ଥା କରିବେ ଓ ନଗରବାସିଙ୍କୁ ଘୋଷଣାଦ୍ୱାରା ଜଣାଇ ଦେବେ ଯେ ଯାହା ଘରେ ରୋଗ ପ୍ରବେଶ କରିବ ସେ ତତ୍କ୍ଷଣାତ୍ ଡାକ୍ତରଖାନାକୁ ଆସି ଔଷଧ ନେଇ ଯିବ ଓ ରୋଗୀର ଅବସ୍ଥା ଜଣାଇଲେ ଆବଶ୍ୟକରେ ଡାକ୍ତର ଯାଇ ଦେଖିବ।

---

କଲିକତାରେ ଗୋଟିଏ ନ୍ୟାସନାଲ କଲେଜ ଏବଂ ଗୋଟିଏ ବେଙ୍ଗଲ ଟେକ୍‌ନିକାଲ ଇନ୍‌ଷ୍ଟିଚ୍ୟୁଟ କେତେ ବର୍ଷ ହେଲା ସ୍ଥାପିତ ହୋଇଅଛି। ନ୍ୟାସନାଲ କଲେଜରେ ସାହିତ୍ୟ ଓ ବିଜ୍ଞାନ ଉଭୟର ଶିକ୍ଷା ଏବଂ ଇନ୍‌ଷ୍ଟିଚ୍ୟୁଟରେ କେବଳ ବିଜ୍ଞାନଶିକ୍ଷା ଦିଆଯାଏ। ଉଭୟ ବିଦ୍ୟାଳୟ ଅନେକର ଦାନ ସାହାଯ୍ୟରେ ଦେଶୀୟ ଲୋକଙ୍କ ଧନ ଓ କର୍ତ୍ତୃତ୍ୱରେ ପରିଚାଳିତ। ବିଜ୍ଞାନ ଓ ଶିଳ୍ପ ଶିକ୍ଷାସମ୍ବନ୍ଧରେ ଉଭୟର କାର୍ଯ୍ୟ ପ୍ରାୟ ସମାନ। ଅତଏବ ଦୁଇଟାର ଶିକ୍ଷାର ଯୋଗସୂତ୍ର ବ୍ୟବସ୍ଥା କରିବାରେ ବ୍ୟୟ ଅଧିକ ହୁଏ। ଅମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଏହି ଦୁଇ ଉଚ୍ଚ ବିଦ୍ୟାଳୟକୁ ମିଶାଇଦେବାକାରଣ ନ୍ୟାସନାଲ କଲେଜର ସଭ୍ୟମାନେ ସ୍ଥିର କରିଅଛନ୍ତି। ଟେକ୍‌ନିକାଲ ଇନ୍‌ଷ୍ଟିଚ୍ୟୁଟ ଯେ ସ୍ଥାନରେ ବର୍ତ୍ତମାନ ଅଛି ସେଠାରେ ଅନେକ ସ୍ଥାନ ଓ ପ୍ରକାଣ୍ଡ ଘର ଓ କାର୍ଯ୍ୟାଳୟ ଅଛି ଯେ ତହିଁରେ ମିଶ୍ରିତ ବିଦ୍ୟାଳୟର କାର୍ଯ୍ୟ ଅନାୟାସରେ ଚଳିବ। ସମ୍ମିଳିତଭାବରେ କାର୍ଯ୍ୟ ହେଲେ ଅଳ୍ପ ବ୍ୟୟରେ ଅନେକ ଉପକାର ସାଧନ ହେବାର ସୁଯୋଗ ଥାଇଁ ଏହି ଦୁଇ ବିଦ୍ୟାଳୟ ମିଶିବା ଉଚିତ ହେବ।

---

ଗତ ଡିସେମ୍ବର ମାସରେ କଲିକତା ବିଶ୍ୱବିଦ୍ୟାଳୟର ଯେଉଁ ଏଫ୍‌ଏ ପରୀକ୍ଷା ଗୃହୀତ ହୋଇଥିଲା ତହିଁରେ ଜ ୧୨୩୩ ଣ ଛାତ୍ର ପରୀକ୍ଷା ଦେଇ ପ୍ରାୟ ଜ ୭୦୦ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି। ଗତ ପୂର୍ବ ମାର୍ଚ୍ଚ ମାସର ପରୀକ୍ଷାରେ ଜ ୧୩୨୯ ଣ ନାମ ଦେଇଥିଲେ ଏବଂ ଏମାନଙ୍କ ମଧ୍ୟରୁ ଅର୍ଦ୍ଧେକରୁ କିଛି କମ ଉତ୍ତୀର୍ଣ୍ଣ ହେବା ଦୁଃଖର ବିଷୟ। ପୁଣି ବିଏ ପରୀକ୍ଷାରେ ଜ ୧୧୪୯ ଣ ଛାତ୍ର ଉପସ୍ଥିତ ହୋଇ ଜ ୪୨୪ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି। ଏ ପରୀକ୍ଷାରେ ତୃତୀୟାଂଶରୁ ଅଧିକ ଛାତ୍ର ଉତ୍ତୀର୍ଣ୍ଣ ହେବା ଆନନ୍ଦର ବିଷୟ ଅଟେ। ଏଫ୍‌ଏ ପରୀକ୍ଷା ହୋଇ ନ ଥିଲେ ଅନେକ ଛାତ୍ରଙ୍କର ଭବିଷ୍ୟତ ନଷ୍ଟ ହୋଇଯାଆନ୍ତା କାରଣ ନୂତନ ନିୟମାନୁଯାୟୀ ପ୍ରସ୍ତୁତ ହେବାକାରଣ ଦୁଇବର୍ଷ କାଳ ଆବଶ୍ୟକ। ଅମ୍ଭମାନଙ୍କର ସହଯୋଗୀ ଅମୃତବଜାର ପତ୍ରିକା ପ୍ରତିବର୍ଷ ଏହିପରି ଏଫ୍‌ଏ ପରୀକ୍ଷା ଗୃହୀତ ହେବାର ମତ ପ୍ରକାଶ କରିଅଛନ୍ତି। ଯିଏମାନେ ଏଫ୍‌ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ ବିଫଳ ଦେଖି ଯେମନ୍ତ ମନ ଦେଇ ପାଠରେ ଲାଗିଲେ ସେମନ୍ତେ ସୁଫଳ ଦେଖାଯାଏ ମାତ୍ର ପ୍ରତିବର୍ଷ ଏଫ୍‌ଏ ପରୀକ୍ଷା ହେଲେ ପ୍ରଥମ ପରୀକ୍ଷାରେ ବୃଥା ପରିଶ୍ରମର ଲାଘବ ଘଟିପାରେ।

---

ଖୋର୍ଦ୍ଧାର ମୁକ୍ତାର ବାବୁ ଚ[illegible]ପ୍ରସାଦ ମହାନ୍ତିଙ୍କ ଦ୍ୱାରା ଯାଜପୁରର ମୁକ୍ତାର ବାବୁ ଗୌରିଶ୍ୟାମ ପଣ୍ଡା, ହାକିମଙ୍କ ବସା ଦୁଆରେ ଚଢ଼ିଥିବାର ଦେଖାଯାଏ। ନରେନ୍ଦ୍ର ବାବୁଙ୍କୁ ହାଇକୋର୍ଟକୁ ଯୌଥବାକୁ ହେଉଥିଲା ଏବଂ ବର୍ତ୍ତମାନ ମଧ୍ୟ ସେ ବିଷୟ ହାଇକୋର୍ଟର ବିଚାରାଧୀନ ଅଛି। ବାବୁ ଗୌରିଶ୍ୟାମ ପଣ୍ଡାଙ୍କ ଯାଜପୁରର କୃତପ୍ରାପ୍ତ ହାକିମ ରାୟ ପୂର୍ଣ୍ଣଚନ୍ଦ୍ର ମୌଳିକ ବାହାଦୁର ସାର୍ଟିଫିକେଟ ଦେବାକୁ ରାଜି ହେଲେ ମାତ୍ର ଅମ୍ଭମାନଙ୍କ ମାଜିଷ୍ଟ୍ରେଟ ଜଜ ସାହେବ ମହୋଦୟ ସାର୍ଟିଫିକେଟ ଦେବାର କୌଣସି ବିଶେଷ କାରଣ ନ ଥିବା ଦୃଷ୍ଟିରେ ଉକ୍ତ ଦୁଇବାର ସାର୍ଟିଫିକେଟ ଦେବାର ଆଦେଶ ଦେଇଅଛନ୍ତି। ଯାଜପୁର ହାକିମ ଇତିପୂର୍ବେ ଗୌରିଶ୍ୟାମ ବାବୁଙ୍କୁ ଏକ ମୋକଦ୍ଦମାରେ ଦଣ୍ଡ ଦେଇଥିଲେ ମାତ୍ର ସେ ଜଜ ସାହେବଙ୍କ କରଫେସ ବିଚାରରେ ମୁକ୍ତି ଲାଭ କରିଅଛନ୍ତି। ଅତଃପର ସାର୍ଟିଫିକେଟ ଦେବାକୁ ନାରାଜ ହେବା ହାକିମଙ୍କ ନ୍ୟାୟ ବିଚାର ପ୍ରତି ସନ୍ଦେହ କରିବା ଅସମ୍ଭବ ନୁହେ। ଭବିଷ୍ୟତରେ ପ୍ରବୀଣ ବହୁଦର୍ଶୀ ହାକିମମାନଙ୍କର ଏପରି ଅବସ୍ଥା ନ ଦେଖିବାର ଅମ୍ଭେମାନେ ଏକାନ୍ତ କାମନା କରୁଁ।

---

ଗତ ତା ୧୬ ରଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୨୦୩୬୭ ମୃତ୍ୟୁ ହୋଇଥିଲା। ତହିଁପୂର୍ବ ସପ୍ତାହର ମୃତ୍ୟୁ ୨୩୯୮୮ ଥିଲା ସୁତରାଂ କିଛି ଊଣା ପଡ଼ିଅଛି। ଏ ସପ୍ତାହର ମୋଟ ମୃତ୍ୟୁ ୨୦୩୬୭ ମଧ୍ୟରେ ପଞ୍ଜାବରେ ଅଙ୍କ ସର୍ବାପେକ୍ଷା ଅଧିକ ୧୦୯୧୬ ତହିଁତଲେ ଯୁକ୍ତ ପ୍ରଦେଶ ୪୬୭୩ ରାଜପୁତାନା ୧୮୯୦, ଏବଂ ବଙ୍ଗ ୧୪୩୯ ଅଛି। ମଧ୍ୟପ୍ରଦେଶରେ ବମ୍ବେଇ ଓ ବଙ୍ଗରେ ସାମାନ୍ୟ ଊଣା ପଡ଼ିଥିଲା।

---

ହଲୁଦବାଡ଼ିର ଡକାଏତି ମୋକଦ୍ଦମାର ବିଚାର ଶେଷ ହୋଇଅଛି। ସରକାର ପକ୍ଷରୁ ଆଡଭୋକେଟ ଜେନେରାଲ ବକ୍ତୃତା କରିବା ସମୟରେ ଅପରାଧୀର ସହାନୁଭୂତି ଅପରାଧୀ ତୁଲ୍ୟ ଗଣ୍ୟ କରିବା ବିଷୟ କହନ୍ତେ ପ୍ରଧାନ ବିଚାରପତି ମନ୍ତବ୍ୟ କହିଲେ ଯେ ଏ ବିଷୟ ବିଚାରକର୍ତ୍ତାଙ୍କ ସମ୍ମୁଖରେ ଦେଖାଯିବା ଅନୁଚିତ ଏବଂ ଯେଉଁ ବ୍ୟକ୍ତିର ଜୀବନ ଏ ବିଷୟ କହନ୍ତି ସେ ଶୀଘ୍ର ଜଣାଇ ଦେବେ। ଏହି ଡକାଏତି ମୋକଦ୍ଦମାର ବିଚାର ଆରମ୍ଭରେ ସୁଶୀଲକୁମାର ବିଶ୍ୱାସ ନାମକ ଜଣେ ଆସାମୀ ଅପରାଧ ସ୍ୱୀକାର କରିବାରୁ ତ ୭ ବର୍ଷ ଶ୍ରମଯୁକ୍ତ କାରାଦଣ୍ଡ ପାଇଅଛି ଏବଂ ନରେନ୍ଦ୍ରନାଥ ବିଶ୍ୱାସ ବିରୁଦ୍ଧରେ ପ୍ରମାଣ ନ ଥିବାରୁ ମଧ୍ୟ ପକ୍ଷର ସାକ୍ଷ୍ୟ ନେବା ଶେଷହେବାସମୟରେ ତାହାକୁ ବିଚାରପତିମାନେ ଖଲାସ ଦେଇଥିଲେ। ଅବଶିଷ୍ଟ ଆଠଜଣ ଆସାମିଙ୍କ ବିରୁଦ୍ଧରେ ଘର ଖୋଲିବାର ଦଇ ରାୟ ବାହାରିଲା। ବିଚାରପତିମାନେ ବିଧୁଭୂଷଣ ବିଶ୍ୱାସ ଓ ମନ୍ମଥନାଥ ବିଶ୍ୱାସଙ୍କୁ ଖଲାସ ଦେଇଅଛନ୍ତି ଏବଂ ଜ ୫ ଣ ଆସାମିଙ୍କି ତ ୮ ବର୍ଷ ଓ ଶୈଳେନ୍ଦ୍ରକୁମାର ଦାସ ନାମକ ଜଣେ ଆସାମୀ ଅଳ୍ପ ବୟସ୍କ ଥିବାହେତୁ ତାହାକୁ ତ ୨ ବର୍ଷ ଶ୍ରମଯୁକ୍ତ କାରାଦଣ୍ଡର ଆଦେଶ ହୋଇଅଛି। ଯେଉଁ ଦୁଇଜଣଙ୍କୁ ବର୍ତ୍ତମାନ ମୁକ୍ତି ଦିଆଗଲା ସେମାନଙ୍କୁ ପୁଲିସ ଅନ୍ୟ ଏକ ଅପରାଧଘଟିତ ମୋକଦ୍ଦମାରେ ଗିରଫ୍ତାର କରିଅଛନ୍ତି।

—※—

ଓଡ଼ିଶାକଲେଜର ଇନ୍‌ଡମଣ୍ଟାଲ୍ ଅଫେସର ବାବୁ ବଂଶୀଧର ପଟ୍ଟନାୟକ ବିଏ ମିଉନିସିପାଲଟୀର ଅଫିସରପଦରେ ନିଯୁକ୍ତ ହୋଇ ଆଜକୁ ତିନିମାସରୁ ଊର୍ଦ୍ଧ୍ୱ ହେବ ଟିକସ ବନ୍ଦୋବସ୍ତ କରୁଅଛନ୍ତି। ମିଉନିସିପାଲ ଆଇନାନୁସାରେ ପ୍ରତି ପାଞ୍ଚବର୍ଷରେ ଥରେ ଟିକସ ବନ୍ଦୋବସ୍ତ ହେବାର ନିୟମ ଅଛି। ଗତ ବନ୍ଦୋବସ୍ତରେ ଯେପରି ଟିକସ ଧାର୍ଯ୍ୟ ଓ ଅପିଲ ବିଚାର ହୋ-

Digitized by srujanika@gmail.com

ନେଥିଲେ ତାହା ବୋଧହୁଏ ସ୍ଥିର କରଦାତାର ମନରୁ ଯାହେଉ ଯାଇ ନ ଥିବ । ଯାଷ୍ଠବର୍ଷ ହାରରେ ସ୍ଥିର ଯାସ୍ୱସାଲିଆ ବନ୍ଦୋବସ୍ତ ହେଉଅଛି । କରଦାତାମାନେ ଏହିସମସ୍ତରୁ ଯେ ଯାହାର ସ୍ୱହାର ଅସେସରଙ୍କୁ ଜଣାଇ ସମସ୍ତ କୋହ କଲେ ଅଉ କେହି ଶୁଣିବେ ନାହିଁ । ଅତିଶୟ ଯନ୍ତ୍ରଣା । ଅମ୍ଭେମାନେ ଶୁଣିଲୁଁ ଅସେସର ମହୋଦୟ ଚେମ୍ପଙ୍କରେ ନ ୧,୨,୩ ଓ ୪ ମର ବାର୍ଡ଼ମାନଙ୍କର ହିସବ ବନ୍ଦୋବସ୍ତ ପ୍ରାୟ ଶେଷ କରିଅଛନ୍ତି ଓ ହିସବ କରିବା ମଧ୍ୟ ଯେ ଛାଡ଼ିବାର ସ୍ଥିରଛନ୍ତି ତାହା ଶୁଣାଇ ଦେଇଅଛନ୍ତି । ତନ୍ନ ଏହିଁୟନ୍ତ୍ର କାହାର ପ୍ରତିବାଦ ଶୁଣା ଯାଇନାହିଁ ଏଥିରୁ ଅନୁମାନ ହେଉଅଛି ହିସବ ବନ୍ଦୋବସ୍ତ ସନ୍ତୋଷଜନକରେ ଚାଲିଅଛି ଏବଂ ମିଉନିସିପାଲିଟିର ନିର୍ଦ୍ଦିଷ୍ଟ ମାସ ମଧ୍ୟରେ ଚଳିତ କାର୍ଯ୍ୟ ଶେଷ କରିବାକୁ ଚେଷ୍ଟା ଯାଉଅଛି ଯେ ଅସେସର ବାବୁ ବନ୍ଦୋବସ୍ତ କାର୍ଯ୍ୟ ଧୀର ଓ ସ୍ଥିରଭାବରେ କରୁଅଛନ୍ତି । ଅସେସର ବାବୁ ଟିକସ୍ ହିସବ କାର୍ଯ୍ୟରେ ସୁଖ୍ୟାତି ଲାଭ କରିଅଛନ୍ତି ଅମ୍ଭେମାନେ ଆଶା କରୁଁ ଏ କାର୍ଯ୍ୟ ଉତ୍ତମରୂପେ ଶେଷ କରି ତାହା ସ୍ଥିର ରଖିବେ ଏବଂ ମଧ୍ୟ ତାଙ୍କର ଉନ୍ନତି ହେବ ଓ କରଦାତାମାନେ ଅଯଥା ମନୋକ୍ଷୋଭ ଓ ଅଧିକ ଦଉଡ଼ରୁ ରକ୍ଷା ପାଇବେ ।

—*—

ଉତ୍କଳ ସାହିତ୍ୟ ସମାଜର ସମ୍ପାଦକଙ୍କ ଅନୁରୋଧରେ କବିବର ରାଧାନାଥଙ୍କ ସାମ୍ବତ୍ସରିକ ଶ୍ରାଦ୍ଧକ୍ରିୟା ସମାପନାର୍ଥ ଏଠା ସଭା ଉତ୍ତରାସ୍ଥ ସମାଧି ସ୍ତମ୍ଭ ନିକଟରେ ଗତ ରବିବାର ଅପରାହ୍ନ କାଳରେ ଏକ ସମ୍ମିଳନୀ ହୋଇଥିଲା । ଘ ୫ ଘଣ୍ଟା ସମୟରେ ସଭା ହେବାର ଥିଲା ମାତ୍ର ସେ ସମୟରେ ହଠାତ୍ ପଶ୍ଚିମାକାଶରୁ ମେଘ ଉଠାଇ ଆସି ଏମନ୍ତ ପ୍ରବଳ ପବନ ବହିଲା ଯେ ସଭାସ୍ଥଳକୁ ଯିବା ଅସମ୍ଭବ ହୋଇପଡ଼ିଲା । ତଥାପି ନ ୫୦ ଣ ଲୋକେ ସମବେତ ହେବା କବିବରଙ୍କ ଅକୃତ୍ରିମ ପ୍ରେମପୂର୍ଣ୍ଣ ହୃଦୟର ଅତର୍କିତ ଏବଂ ତାଙ୍କ ମୃତ୍ୟୁର ହଜବାସ୍ଥାଚନର ଫଳ ବୋଲିବାକୁ ହେବ । ସମାଧି ସ୍ତମ୍ଭ ଉପରେ କବିବରଙ୍କ ଚିତ୍ରପଟ ରଖି ପବନର ବେଗଭୟହେତୁ ହେଲରୁ ସଭ୍ୟମାନେ ତହିଁ ନିକଟରେ ବସି କାର୍ଯ୍ୟାରମ୍ଭ କଲେ । ମାତ୍ର ପ୍ରଥମ ବକ୍ତା କବିବରଙ୍କ ଗୁଣ ଗାନ କରି ସାରନ୍ତେରୁ ଦ୍ୱିତୀୟ ବକ୍ତାଙ୍କ ବକ୍ତୃତା ହେବା କାଳରେ ବୃଷ୍ଟି ହେବାରୁ ସଭା ଭଙ୍ଗ ହେଲା । ଅମ୍ଭେମାନେ ଏହାର ଶ୍ରାଦ୍ଧ ସଭାର ପକ୍ଷପାତୀ ହେଲେହେଁ ଲୋକାଳୟ ଛାଡ଼ି ଶ୍ମଶାନ ଭୂମିରେ ଏଥିର ଅନୁଷ୍ଠାନକୁ ଭଲ ନ ପାଉଁ । ଶ୍ମଶାନରେ ତାଙ୍କର ସମାଧିର ଦାହ ଜଣା ହୋଇ ଚିହ୍ନମାତ୍ର ଲୋପ ହେଉ । ହିନ୍ଦୁମାନଙ୍କର ଦର୍ଶନ ଶାସ୍ତ୍ରରେ ଏହାହିଁ ଉପଦେଶ । ଯେ ନେଷର କାର୍ଯ୍ୟ କରିଅଛି ପୃଥିବୀରେ ତାହାହିଁ ତାଙ୍କର କୀର୍ତ୍ତିସ୍ତମ୍ଭ । କବିବରଙ୍କ କବିତାରୂପୀ କୀର୍ତ୍ତି ସ୍ତମ୍ଭକୁ ଆଉ କେହି ଅଧିକ ହୋଇ ନ ପାରେ । ଶ୍ମଶାନରେ ମୁସଲମାନ ଓ ଖ୍ରୀଷ୍ଟିୟାନମାନେ ଯେବ ଯେଉଁ ତହିଁ ଉପରେ ସ୍ତମ୍ଭ ନିର୍ମାଣ କରନ୍ତି ଏ ରୀତି ହିନ୍ଦୁଙ୍କର ଅନୁମୋଦିତ ନୁହେ । ତାହା ଅନୁକରଣ ମାତ୍ର । ତଥାପି ତାହା ଦେଖିବେ ଲୋକେ ସେଠାକୁ ଯାଇ ଶ୍ରାଦ୍ଧ କ୍ରିୟା କରନ୍ତା ହିନ୍ଦୁ ବା ଅନ୍ୟ କୌଣସି ଧର୍ମାବଲମ୍ବୀ ନୁହଇ । ନିଜ ଘର ଅଥବା ସାଧାରଣ ଧର୍ମାଳୟ ବା ସମ୍ମିଳନ ଗୃହ ଏହିଭଳି ଶୁଭ କାର୍ଯ୍ୟର ପ୍ରଶସ୍ତ ସ୍ଥାନ । ଅନୁମାନ ହୁଏ ଯବନ ମେଘ ଓ ପବନ ଉଠାଇ ସେଠାକୁ ଭଦ୍ରମଣ୍ଡଳୀଙ୍କି ଯାଉଥାଇ ଦେଇ ନେଉଁ ଚେଷ୍ଟା ହେଲେ ଭବିଷ୍ୟତରେ ତହିଁର ଉପଯୁକ୍ତ ହୋଇ ଶ୍ରାଦ୍ଧାନୁଷ୍ଠାନ ଉପଯୁକ୍ତ ସ୍ଥଳରେ ସଭା ରଚନା କଲେ ଅମ୍ଭେମାନେ ଆନନ୍ଦିତ ହେବୁଁ ।

## ହେଲି ଧୂମକେତୁ ।

ଗଣିତ ବିଦ୍ୟାବଳରେ ଅଧ୍ୟାପକ ହେଲି ସାହେବ ଏହି ଧୂମକେତୁର ଗତି ନିର୍ଣ୍ଣୟ କରି କହିଥିଲେ ଯେ ଏହା ନ ୭୫ ବର୍ଷ ପରେ ଫେରି ଆସିବ । ସେତେବେଳକୁ ସେ ବଞ୍ଚି ନ ଥିବେ ମାତ୍ର ତାଙ୍କର ଗଣନା ସତ୍ୟ ହେଲେ ସେ ସମୟର ଲୋକେ ଦେଖି ପାରିବେ । ତାଙ୍କର ଗଣନା ସତ୍ୟ ହୋଇଅଛି । ଗତ ତା ୧୯ ତାରିଖରେ ମାନ୍ଦ୍ରାଜରେ ଯନ୍ତ୍ର ସାହାଯ୍ୟ ବିନା ତାହା ଦେଖା ଯାଇଥିବାର ସମ୍ବାଦ ମିଳିଅଛି । ସୂର୍ଯ୍ୟୋଦୟର ଦେଢ଼ଘଣ୍ଟା ପୂର୍ବ ଠିକ୍ ସୂର୍ଯ୍ୟୋଦୟ ସ୍ଥାନରେ ଦେଖା ଯାଇଅଛି । ଜଣକି ହିସେ ଅସ୍ପଷ୍ଟ ଥିଲା । ବୋମ୍ବାଇରେ ପ୍ରଭାତ ସାଢ଼େ ୩ ଘଣ୍ଟାଠାରୁ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଲୋକେ ଦେଖୁଅଛନ୍ତି । ଦୂରବୀକ୍ଷଣ ଯନ୍ତ୍ର ଯୋଗେ ନିଶ୍ଚିତ ଭଲ ଦିଶୁଅଛି । ପାଦ୍ରୀ ବ୍ରାଉନ ସାହେବ କହନ୍ତି ଯେ ଆଗାମୀ ମଇମାସ ତା ୧୯ ରାତିରେ ଏହା ସୂର୍ଯ୍ୟର ସମ୍ମୁଖ ହେବଲେ ସୂର୍ଯ୍ୟ ଏବଂ ପୃଥିବୀ ମଧ୍ୟରେ ଏହା ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଚାଲିଯିବ ଏବଂ ସେଦିନ ସକାଳ ସାଢ଼େ ଅଠଘଣ୍ଟା ସମୟରେ କଲିକତାରେ ଏହା ଦେଖାଯିବ । କଲିକତା, ବାଙ୍କୁଡ଼ା ପ୍ରଭୃତି ସ୍ଥାନରେ ଲୋକେ ଏହା ଦେଖିଅଛନ୍ତି ଏବଂ ଏଠାରେ ମଧ୍ୟ କେହି କେହି ଦେଖିଥିବାର କହୁଅଛନ୍ତି । ରଙ୍ଗୁନଠାରେ ଶେଷ ରାତ୍ରି ଘ ୪ ଟାଠାରୁ ଘ ୫ ଟା ପର୍ଯ୍ୟନ୍ତ ଏହା ଦେଖା ଯିବାର ସମ୍ବାଦ ମିଳିଅଛି ।

## ପୂର୍ବବଙ୍ଗ ଓ ଆସାମ ଲେଫ୍ଟେନାଣ୍ଟଙ୍କ ଉକ୍ତି ।

ଗତ ମାସ ତା ୭ ରିଖରେ ଏହି ପ୍ରଦେଶର ବ୍ୟବସ୍ଥାପକ ସଭାରେ ସେଠା ଲେଫ୍ଟେନାଣ୍ଟ ସର୍ ଲାନସେଟ୍ ହେୟାର ମହୋଦୟ ସୁଦୀର୍ଘ ବକ୍ତୃତା କରି ଆପଣାର ନିରପେକ୍ଷ ବୁଦ୍ଧିମତ୍ତା ଏବଂ ରାଜନୀତି ବିଶାରଦତା ଦେଖାଇ ଅଛନ୍ତି । ସେ କହିଲେ ବଙ୍ଗପ୍ରଦେଶର ଅସ୍ୱାଭାବିକ ବିଭାଗ ହେବାରୁ ଜଣେ ଶାସନକର୍ତ୍ତାଙ୍କ ଅଧୀନରେ ଥିବା ସମୟରେ ପୂର୍ବବଙ୍ଗପ୍ରତି ସେତେ ଦୃଷ୍ଟି ପଡ଼ୁ ନ ଥିଲା । ଏକ ମା ଦେଶର ଦୁଇଭାଗମଧ୍ୟରୁ ଜଣେ ରେଶମୀ ଲୁଗା ଆଉ ଜଣେ ଛିଣ୍ଡାକନା ପିନ୍ଧିବା ସୁନ୍ଦର ଦିଶେ ନାହିଁ । ବର୍ତ୍ତମାନ ପୂର୍ବବଙ୍ଗଳାକୁ ପଶ୍ଚିମଖଣ୍ଡରୁ ବିଚ୍ଛିନ୍ନ କରାଯାଇ ଏ ପ୍ରଦେଶର ଅନୁନ୍ନତ ଅବସ୍ଥା କ୍ଷିପ୍ର ଦୂରୀଭୂତ ହେଉଅଛି । ଏପରି ଫଳଲାଭ ହେବାଠାରେ ଅଧିକା କହିବାର କଥା ଅବଶ୍ୟ ଶୁଣିବାର ଯୋଗ୍ୟ ନୁହେ । ଗତ ସାତ ବର୍ଷର ପୃଥକ୍ ଶାସନଦ୍ୱାରା ନୂତନ ପ୍ରଦେଶ ଅନେକରୂପେ ଉପକୃତ ହୋଇଅଛି । ଯଦ୍ୟପି ଲୋକେ ଗଭର୍ଣ୍ଣମେଣ୍ଟଙ୍କ ଆଦେଶକୁ ମାନ୍ୟ କରି ସ୍ଥିରଭାବେ କାର୍ଯ୍ୟ କରିଥାନ୍ତେ ଉନ୍ନତି ଅଧିକ ଦ୍ରୁତଗତିରେ ସାଧିତ ହୋଇଥାନ୍ତା ମାତ୍ର ମନ୍ଦ ଲୋକେ ରୁଷ୍ଟ ହୋଇ ବର୍ଜ୍ଜନ ନୀତିର ସୂତ୍ରପାତ କଲେ । ସଭାରେ ପ୍ରସ୍ତାବ ହୋଇ ନ ଥିଲେ ସୁଦ୍ଧା ବରିଶାଲ, ମଇମନସିଂହ ଏବଂ ଫରିଦପୁରଠାରେ ସମ୍ମାନ ବନ୍ଦ କରିବାକାରଣ ଏହି ଯେ ତାହା ବିଶେଷ କଲିକତାରେ ବର୍ଜ୍ଜନ ନୀତିର ତଥା ଉଠି ଅଶାନ୍ତିର ସୂତ୍ରପାତ କରିଥାନ୍ତା । ସଭା ଯେଉଁ ଭଲ ଉଦ୍ଦେଶ୍ୟରେ ହେଉ ପଛକେ ଅନୁଚିତ ଦଳିତ ଜାଏ ବିଷଦ୍ୱାରା ଉତ୍ତେଜିତହେବା ଜମା ସାମାନ୍ୟ ଜଣାହୋଇ ମାତିଥିବା ପାଣି ନଷ୍ଟ ହେଲାପ୍ରାୟ ଅଳ୍ପ ମାତ୍ର ବର୍ଜ୍ଜନ କଥାଦ୍ୱାରା ତହିଁର ଉଦ୍ଦେଶ୍ୟ ଅନୁମାନ ହୋଇଯାନ୍ତା । ଯେଉଁ ଜମାର ଖଣ୍ଡ ଛଅର କରିବାର ଅଧୟନ ଲାଗି ହୋଇଅଛି ତାହାର ଫୋତାମରେ ଖଣ୍ଡ ଛଅର କରାଇବ ହେବା ଆଶାରେ ଦୋକାନ ବନ୍ଦ କରିଦେବା ନୀତି ମନ୍ଦ ନୁହେ । ସାଧାରଣ ସଭାରେ ବର୍ଜ୍ଜନ ନୀତି ସମର୍ଥନ କରିବାର ତଥା ପଢ଼ାଇବାଦ୍ୱାରା ମନ୍ଦ ଫଳ ଫଳିଅଛି । ଜମିଦାର ସୁବକ୍ଷ ଥିବା ମନ୍ଦ ପ୍ରକୃତିର ଲୋକେ ଏତଦ୍ୱାରା ଉତ୍ତେଜିତ ହୋଇ ଲୋକଙ୍କର ସ୍ୱାଧୀନତାରେ ବ୍ୟାଘାତ ଦେବ ଘୋର ଅଶାନ୍ତି ଘଟାଇଅଛନ୍ତି । ସମ୍ପ୍ରତି ସରକାର ଯୁବକ ସୁଦ୍ଧା ଆପଣାର ବୁଦ୍ଧି ଦୋଷରୁ ଦୁଃଖାବହ ଅପରାଧହେତୁ ପ୍ରାଣଦଣ୍ଡ ପାଇ ଆପଣାର ପିତା ମାତା ତଥା ଦେଶବାସୀଙ୍କି ଶୋକ ସାଗରରେ ଭସାଇଅଛନ୍ତି । ଏହିଲ

Split by PDF Splitter
Digitized by srujanika@gmail.com

ଅବସ୍ଥା ଦେଖି ଯୁବା ସମାଜର ନେତାମାନେ ବର୍ଜିତ ମାଲ ନେବାକୁ ବାରଣ କରୁଥାନ୍ତି ଏବଂ ଅଦ୍ୟାପି ଅଗଷ୍ଟ ମାସ ତା ୭ ରିଖରେ ବର୍ଜନ ବିଷୟକ ଚୁକ୍ତି ଏବଂ ଅକ୍ଟୋବର ମାସ ତା ୧୬ ରେ ବଙ୍ଗବିଭାଗ ଦିନ, ଅରନ୍ଧନ ଏବଂ ବର୍ଜିତ ମାଲର ଶପଥ ଚଳାଇବାରେ ସେମାନେ ପଶ୍ଚାତ୍ପଦ ହୋଇନାହାନ୍ତି । ମଧ୍ୟବିତ୍ତ ଭଦ୍ର ଶ୍ରେଣୀର ଲୋକମାନଙ୍କ ଅବସ୍ଥା ଉନ୍ନତ କରିବା ଉଦ୍ଦେଶ୍ୟରେ ସଭା କରି ସେହି ବର୍ଜିତ ମାଲ ଏବଂ ବଙ୍ଗବିଭାଗର ବିରୁଦ୍ଧ କଥା ଉତ୍ଥାପିତ ହେଉଅଛି । ସ୍ୱଦେଶୀ ବ୍ରତ ଅବଶ୍ୟ ଭଲ ମାତ୍ର ସ୍ୱଦେଶୀୟ ଦ୍ରବ୍ୟର ଉନ୍ନତିବିଧାନ ନ କରି ମନ୍ଦଦ୍ରବ୍ୟ ଚଳାଇଲେ ଅଥବା ଅଧିକା ମୂଲ୍ୟ-ଦେବା ଏବଂ ଉତ୍କୃଷ୍ଟତର ବିଦେଶୀ ଦ୍ରବ୍ୟ ନ କିଣିବାପାଇଁ ଲୋକଙ୍କୁ ବାଧ୍ୟ କରିବା ଭଲ ନୁହେ । ଭଲ ଭଲ ଲୁଗା ଆଣି ବଜାର ହାଟରେ ଶସ୍ତାରେ ବିକି ପାରିଲେ ତାହା କିଣିବାପାଇଁ କୌଣସି ସଭାରେ ପ୍ରସ୍ତାବ ଧାର୍ଯ୍ୟ କରିବା କିମ୍ବା ଚୁକ୍ତି କରିବାର ପ୍ରୟୋଜନ ହେବନାହିଁ । ବର୍ତ୍ତମାନ ଉପଯୁକ୍ତ ମୂଲଧନ ମିଳିବାର କଷ୍ଟ ସର୍ବତ୍ର ଅନୁଭୂତ ହେଉଅଛି । ମୂଲଧନ ଅଭାବରୁ ଶତ ଶତ କାର୍ଯ୍ୟର ଉନ୍ନତିରେ ବିସ୍ତର ବାଧା ଘଟୁଅଛି । ପ୍ରତ୍ୟେକ ଶିଳ୍ପର ଉନ୍ନତିସକାଶେ ସହଜରେ ପ୍ରଚୁର ମୂଲଧନ ଲଗାଇବା ଅପରିହାର୍ଯ୍ୟ । ସେଥିସକାଶେ ଧନାଗମର ଉପାୟରୁ ଭକ୍ତି-ଘୋଷଣାଦି ଅନ୍ୟ ପ୍ରଦାନ କରିବା ଅପରାଧସୂଚକ ଏବଂ ମୂଢ଼ତାର ପରିଚାୟକ । ଆଦାନ ପ୍ରଦାନ ବ୍ୟବସାୟର ମୂଳ ମନ୍ତ୍ର । ଯେ ବସ୍ତୁ ଦେଶ-ସାଧ୍ୟ ଅଥବା ବସ୍ତ୍ର ପଠାଇ ପାରେ ସେ ବସ୍ତୁ ନିର୍ମାଣ ନିମିତ୍ତ କଳ ବା ଫ୍ଲେଟ ସହିତେ ତାହାରେ ଟଙ୍କା ଲଗାଇ ପାରେ । ପରନ୍ତୁ ସାହାଯ୍ୟଦ୍ୱାରା ଯେଉଁ ଶିଳ୍ପର ଉନ୍ନତି ହୁଏ ତାହାକୁ ପରିତ୍ୟାଗ କରିବା ମାତ୍ର ମୂର୍ଖତା ନୁହେଁ । ଏ ସବୁ କଥା ନ କରି ଲୋକଙ୍କୁ ଉତ୍ତେଜିତ ଏବଂ ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧ ମାତିବା କଦାପି ସମୀଚୀନ ବୋଲି କହି ନ ପାରେ । ଆମ୍ଭେମାନେ ପୂର୍ବବଙ୍ଗ ଓ ଆସାମର ଛୋଟଲାଟ ମହୋଦୟଙ୍କର ଏହିମତ କଥା ଦେଶଲୋକଙ୍କ ନିକଟରେ ଚିନ୍ତା କରିବାକୁ ଅନୁରୋଧ କରୁଅଛୁଁ । ବର୍ଜନମାତ୍ର ଉଚିତ ସୀମା ଅତିକ୍ରମ କଲେ ସେ ଯାହା ଦେଖାଇ ଅଛନ୍ତି ତାହା ଅସଙ୍ଗତ ବୋଲି ଯାଇ ନ ପାରେ । ସ୍ୱଦେଶୀ ଦ୍ରବ୍ୟର ପ୍ରଚାର ଓ ଉନ୍ନତିସକାଶେ ବିଦେଶୀ ଦ୍ରବ୍ୟ ବର୍ଜନ ଯେ ପରିମାଣରେ ଆବଶ୍ୟକ ବୋଧ ହେବ ଅନେକସଙ୍ଗତରୂପେ ଲୋକଙ୍କୁ ବୁଝାଇ ଦେବାରେ ଦୋଷ ନାହିଁ । ମାତ୍ର ମାଡିବା ହେବେବେଳେ ଭଲ ନୁହେ । "ସର୍ବମତ୍ୟନ୍ତଗର୍ହିତଂ" ସାର ଉପଦେଶ ଅଟେ । ପରନ୍ତୁ ବଙ୍ଗ ଦେଶର ଦୁର୍ଲକ୍ଷଣ କହ ଲୋକଙ୍କର ବିଶେଷ ମନସ୍ତାପ ଜନ୍ମାଇବା ଏବଂ ସେମାନଙ୍କର ପ୍ରାର୍ଥନା ଅଗ୍ରାହ୍ୟ କରି ଏଡ଼ିଲେ ବାସ୍ତବରେ ଯୁବା ଗରମ ଦଳ ପ୍ରଦେଶ ଉପରେ ସେ ବୋଝ ଲଦି ଦେଇ ସେହି ବିଷୟକୁ ସ୍ଥିର ରଖିବାର ଯୁକ୍ତିମାନ ଯାହା ଛୋଟଲାଟ ମହୋଦୟ ଦର୍ଶାଇଅଛନ୍ତି ସେଥିରେ ମତ ଦ୍ୱୈଧ ନାହିଁ । ସେ ଖାଲି ବଙ୍ଗର କାର୍ଯ୍ୟ ଏକଜଣଙ୍କୁ ଚଳାଇବା କଥାଟା ସମ୍ଭବାତୀତ ନୁହେ ଏବଂ ଅମୂଳ ହୋଇବ କର୍ମଶାଳା ନ ରଖି ଅଳ୍ପ ବ୍ୟୟ ବଢ଼ାଇ ଶାସନକାର୍ଯ୍ୟର ବଳ ବଢ଼ାଇବାର ଯେ ସୁବିଧା ଅଛି ତାହା ପ୍ରଥମେ କରିବା ଉଚିତ ଥିଲା । ବର୍ତ୍ତମାନ ମଧ୍ୟ ତାହା କରିବା ଉଚିତ ।

—*—

କଲିକତା ବିଶ୍ୱବିଦ୍ୟାଳୟର ଏଥର ପ୍ରବେଶିକା-ପରୀକ୍ଷାରେ ଓଡ଼ିଶାର ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା:—

କଟକ ରେଭେନ୍ସା କଲେଜିଏଟ ସ୍କୁଲ ।

୧ ମ ଶ୍ରେଣୀ ।

ଭଗବତୀଚରଣ ଚଟ୍ଟୋପାଧ୍ୟାୟ, ବାସୁଦେବ-ଦାସ, ନାରାୟଣ ଦାସ ଦତ୍ତ, ଗଙ୍ଗାଧର ଦେଓ, ଦୁର୍ଗାଚରଣ ମହାନ୍ତି, ଭୁଜମଣି ମହାନ୍ତି, ଚିନ୍ତାମଣି ମହାନ୍ତି, ବାସୁଦେବ ମହାପାତ୍ର, ଭଗୀରଥି ମିଶ୍ର, ଗୋବିନ୍ଦଚନ୍ଦ୍ର ମିଶ୍ର, ବ୍ରଜମୋହନ ପଣ୍ଡା, ଚନ୍ଦ୍ରଶେଖର ପଟ୍ଟନାୟକ, କେଶବ ପ୍ରଧାନ, ଦାମୋଦର ରଥ, ବାଞ୍ଛାନିଧି ତ୍ରିପାଠୀ,

୨ ୟ ଶ୍ରେଣୀ ।

ଦ୍ୱିଜେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ, ଜଗନ୍ନାଥ ମହାନ୍ତି; ପୁଲିନଗୋପାଲ ବସୁ, ସୟଦ ହୋସେନ ମୁଦ୍ଦିନ ଅହମ୍ମଦ,

୩ ୟ ଶ୍ରେଣୀ ।

ଗିରିଧାରୀ ମହାନ୍ତି,

ପି, ଏମ୍, ଏକାଡେମି ସ୍କୁଲ ।

୧ ମ ଶ୍ରେଣୀ ।

ଧର୍ମାନନ୍ଦ ଆଚାର୍ଯ୍ୟ, କୃଷ୍ଣମୋହନ ବସୁ, ଦୟାନିଧି ଦାସ, ଲୋକନାଥ ଦାସ, ରାମଚନ୍ଦ୍ର ମହାନ୍ତି, ହରିହର ମହାପାତ୍ର, ଅଚ୍ୟୁତାନନ୍ଦ ମିଶ୍ର, ରତ୍ନାକର ପତି,

୨ ୟ ଶ୍ରେଣୀ ।

ଶରତଚନ୍ଦ୍ର ଦତ୍ତ,

୩ ୟ ଶ୍ରେଣୀ ।

ନବକିଶୋର ମହାପାତ୍ର, ନନ୍ଦକିଶୋରଚରଣ-ନାୟକ, ଗୋଲୋକବିହାରୀ ପଟ୍ଟନାୟକ,

କଟକ ଟାଉନ ଇନ୍‌ଷ୍ଟିଚ୍ୟୁଶନ ସ୍କୁଲ ।

୧ ମ ଶ୍ରେଣୀ ।

ବିଶ୍ୱନାଥ ଦାସ, ରାମବନ୍ଧୁ ମହାନ୍ତି, ଲକ୍ଷ୍ମୀ-ବିହାରୀ ମହାନ୍ତି, ଜନାର୍ଦ୍ଦନ ନନ୍ଦ, ଶ୍ରୀପତିନାଥ ଗୁପ୍ତ

୨ ୟ ଶ୍ରେଣୀ ।

ଲୋକନାଥ ଦାସ, ନଟବର ଦାସ,

୩ ୟ ଶ୍ରେଣୀ ।

ମହମ୍ମଦ ଅବଦୁଲ ଜବ୍ବର,

କଟକ ମିଶନ

୧ ମ ଶ୍ରେଣୀ ।

ଆଶୁତୋଷ ଦତ୍ତ, ଯେ, ଯୋଗନାଥ ମହାନ୍ତି, ଶାନ୍ତିଚରଣ ମହାନ୍ତି, ବ୍ରଜନାଥ ମିଶ୍ର, ଅନନ୍ତପ୍ରସାଦ-ନାୟକ, ଜୟକୃଷ୍ଣ ନନ୍ଦୀ, ଶଙ୍କର ତ୍ରିପାଠୀ,

୨ ୟ ଶ୍ରେଣୀ ।

ରଘୁନାଥ ମିଶ୍ର, ବୈଦ୍ୟନାଥ ନାୟକ,

କେନ୍ଦ୍ରାପଡ଼ା ସ୍କୁଲ ।

୧ ମ ଶ୍ରେଣୀ

ଦିଗମ୍ବର ଆଚାର୍ଯ୍ୟ, ସୁଧାକର ସେଠୀ, କୈଲାସନାଥ ପତି, ପୀତାମ୍ବର ଜଗଦେବ,

୨ ୟ ଶ୍ରେଣୀ

ସାନବନ୍ଧୁ ଦାସ, ଚଣ୍ଡୀଚରଣ ଦେ,

ଯାଜପୁର ସ୍କୁଲ ।

୧ ମ ଶ୍ରେଣୀ ।

ଜାନକୀ ପତି,

୨ ୟ ଶ୍ରେଣୀ

ଦୈତ୍ୟାରି ରାୟ,

ପୁରୀ ଜିଲ୍ଲା ସ୍କୁଲ

୧ ମ ଶ୍ରେଣୀ ।

ଦୟାନିଧି ଦାସ, ଗଗନବିହାରୀ ଦତ୍ତ, ହରେକୃଷ୍ଣ ମହାପାତ୍ର, ଦାମୋଦର ମିଶ୍ର, କୃଷ୍ଣପ୍ରସାଦ ପାଳ, ନାରାୟଣ ତ୍ରିପାଠୀ,

୨ ୟ ଶ୍ରେଣୀ ।

ଅଭିରାମ ଦାସ, ବୈଦ୍ୟନାଥ ମହାପାତ୍ର,

ଖୋର୍ଦ୍ଧା ।

୧ ମ ଶ୍ରେଣୀ

ଜଗନ୍ମୋହନ ପଟ୍ଟନାୟକ, ଭୁଜମଣି ପଟ୍ଟନାୟକ, ମଧୁସୂଦନ ପଟ୍ଟନାୟକ, ରଘୁନାଥ ପଟ୍ଟନାୟକ ରାମଚନ୍ଦ୍ର ପଟ୍ଟନାୟକ,

୨ ୟ ଶ୍ରେଣୀ

ମୋସାହେବ ଖାଁ,

ବାଲେଶ୍ୱର ଜିଲ୍ଲା ସ୍କୁଲ

୧ ମ ଶ୍ରେଣୀ

ଚୈତନ୍ୟଚରଣ ଦାସ, ଦୁର୍ଗାନନ୍ଦ ମହାନ୍ତି, ରାମନାଥ ମହାନ୍ତି, ଅଭିରାମ ମହାପାତ୍ର, ରାଧାମୋହନ ରଣା,

Split by PDF Splitter
Digitized by srujanika@gmail.com

୨ ୟ ଶ୍ରେଣୀ

ମଦନମୋହନ ସେନା, ରାମଚନ୍ଦ୍ର ପଟ୍ଟନାୟକ,

ବାଲେଶ୍ୱର ଖ୍ରୀଷ୍ଟିୟାନ ସ୍କୁଲ ।

୧ ମ ଶ୍ରେଣୀ ।

ଜ୍ଞାନେନ୍ଦ୍ର ମୋହନ ବସୁ,

୨ ୟ ଶ୍ରେଣୀ ।

ଶାରଦାପ୍ରସାଦ ଦାସ,

ଭଦ୍ରକ

୧ ମ ଶ୍ରେଣୀ

ଗୋପାଳପ୍ରସାଦ ଦାସ, ଜଗବନ୍ଧୁ ଦାସ,
କ୍ଷେତ୍ରମୋହନ ପଣ୍ଡା, ଅନ୍ନଦାପ୍ରସାଦ ସିଂହ,

୩ ୟ ଶ୍ରେଣୀ

ମକୁନ୍ଦ ଉପାଧ୍ୟାୟ, କୃଷ୍ଣଚନ୍ଦ୍ର ପଟ୍ଟନାୟକ,

[illegible]

୧ ମ ଶ୍ରେଣୀ

ବସନ୍ତକୁମାର ଦାସ, ଶମ୍ଭୁନାରାୟଣ ବସୁ,

୩ ୟ ଶ୍ରେଣୀ

ହରିହରଦାସ ପଣ୍ଡା,

ମୟୂରଭଞ୍ଜ

୧ ମ ଶ୍ରେଣୀ

ଉମାକାନ୍ତ ମିଶ୍ର, ସୁରେଶଚନ୍ଦ୍ର ଷଡ଼ଙ୍ଗୀ,
ଶ୍ୟାମଚନ୍ଦ୍ର ତ୍ରିପାଠୀ,

୨ ୟ ଶ୍ରେଣୀ ।

ଭବାନୀଚରଣ ଦାସ ଗୁପ୍ତ,

ଢେଙ୍କାନାଳ

୧ ମ ଶ୍ରେଣୀ

ସତୀଶଚନ୍ଦ୍ର ବସୁ, ଧରାଧର ପଟ୍ଟନାୟକ,
ଅମିୟକାନ୍ତ ସରକାର,

୨ ୟ ଶ୍ରେଣୀ ।

ଦେବେନ୍ଦ୍ର ଥମ୍,

ସମ୍ବଲପୁର

୧ ମ ଶ୍ରେଣୀ

ବାଳୁକେଶ୍ୱର ପଣ୍ଡା, ସତ୍ୟନାରାୟଣ ପଣ୍ଡା,
ମଦନମୋହନ ଷଡ଼ଙ୍ଗୀ,

—※—

# ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ୍ ।

ପଣ୍ଡିତାନନ୍ଦ ଡ଼ାଃ କଲେଜର ମିଃ ଏଚ, ଏସ, ବାଏଡ଼ ଛୁଟିରେ ଯିବାରୁ ଅଷ୍ଟମ ଶ୍ରେଣୀର ଡ଼ାଃ ମାଃ ଓ ଡ଼ାଃ କଲେଜର କାର୍ଯ୍ୟ ହୋଇ ଅଛନ୍ତି ଏବଂ ସେହି ପଦରେ ଅବଧାରିତ ହେଲେ ଓ ୩ ୟ ଶ୍ରେଣୀମାନଙ୍କର କ୍ଷମତା ପାଇଲେ ।

ମିଃ ଏଲେନ ଇନ୍ଦ୍ର ବ, ଏ ଅନ୍ୟ ଆଦେଶ ପର୍ଯ୍ୟନ୍ତ ମାର୍ଚ୍ଚ ୫ ୨ ୦ ବେତନରେ ଓଡ଼ିଶା ବିଭାଗର ସବଡ଼ିଭିଜନ ଇନସପେକ୍ଟର ନିଯୁକ୍ତ ହେଲେ ।

ଓଡ଼ିଶା ବିଭାଗର ସବଡ଼ିଭିଜନ ସ୍କୁଲ ଇନସପେକ୍ଟର ମିଶ୍ର ଅତିରିକ୍ତ କାର୍ଯ୍ୟ ତଦନ୍ତ ଛୁଟି ପାଇଲେ ।

ବାଲେଶ୍ୱରର ଡିଷ୍ଟ୍ରିକ୍ଟ ସବରେଜିଷ୍ଟ୍ରାର ବାବୁ ଅନନ୍ତ ଚିଃ ଦାସ ସନ ୧୯୧୦ ମାର୍ଚ୍ଚ ତା ୨୨ ଠାରୁ ତା ୩୦ ରେ ପର୍ଯ୍ୟନ୍ତ ଗୋପାଳ ସବରେଜିଷ୍ଟ୍ରାର କାର୍ଯ୍ୟ କରିଥିଲେ ।

ବାବୁ ଯାଦବଲାଲ ବସୁ ଏମ୍ ଏ, ବି ଏ, ଇନସପେକ୍ଟର ହୋଇ ଅନ୍ୟ ଆଦେଶ ପର୍ଯ୍ୟନ୍ତ କଟକରେ ସ୍ଥାପିତ ହେଲେ ।

କଟକର ମୁନସଫ ବାବୁ ଦେବେନ୍ଦ୍ରନାଥ ମୁଖର୍ଜୀ ସନ ୧୯୧୦ ସାଲର ତା ୨୨ ଠାରୁ ତିନି ମାସ ଛୁଟି ପାଇଲେ ।

ପୁରୀକଲେକ୍ଟର ଓ ଡ଼େପୁଟି ମାଜିଷ୍ଟ୍ରେଟ ଅନରେରି ମାଜିଷ୍ଟ୍ରେଟ ବାବୁ ରାଧାମୋହନ ଦାସ ଫୌଜଦାରି ମୋକଦ୍ଦମାରେ ଦଣ୍ଡାଜ୍ଞା ଦେବାରେ ସାକ୍ଷ୍ୟ ନେବାର ଭାର ପାଇଲେ ।

ଗତ ତା ୨୩ ରିଖ ଶେଷ ହେବା ସପ୍ତାହରେ କଟକର ଦର ଥିବ କହିଲେ ସେ ୧୪।୬ ବାଲେଶ୍ୱରରେ ସେ ୧୨( ଅନୁଗୁଳରେ ସେ ୧୭୩, ପୁରୀରେ ସେ ୧୩।୬, ଓ ସମ୍ବଲପୁରରେ ସେ ୧୭ ଓ ଗଡ଼ଜାତମାନଙ୍କରେ ସମ୍ବଲପୁର ଢେଙ୍କାନାଳରେ ସେ ୨୦ ଓ ସବୁ ଠାରୁ କମ୍ ଜଗିରଥରେ ସେ ୧୨ ର ।

———

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ଗତ ମଙ୍ଗଳବାର ସନ୍ଧ୍ୟା ବେଳେ ସାମାନ୍ୟ ଏକପଶଲା ବୃଷ୍ଟି ହୋଇଥିଲା, ତଦ୍ୱାରା ଗ୍ରୀଷ୍ମତାପର ସାମାନ୍ୟ ଉପକାର ହୋଇଅଛି ।

ଅନ୍ନମ ଜଲର କଟକ କମିଶନର ଶ୍ରୀ ଯୁକ୍ତ ପେ, ଏଚ୍, ଇ ଗାଲେଟ ଗତ ବୁଧବାର ପ୍ରାତଃକାଳରେ ଏଠାରେ ପହଞ୍ଚି କାର୍ଯ୍ୟ ଭାର ଗ୍ରହଣ କରିଅଛନ୍ତି ।

ଗତ ବୁଧବାର ଦିନରେ ଛାତ୍ରମାନଙ୍କର ଷାଣ୍ମାସିକ ପରୀକ୍ଷା ଆରମ୍ଭ ହୋଇ ଶୁକ୍ରବାରରେ ଶେଷ ହେଲା । ପରୀକ୍ଷା ସବୁରେ ରେଭେନସାକଲେଜ ସଂଶ୍ଲିଷ୍ଟ ନ ହୋଇ ସ୍କୁଲପାଠଶାଳା ହୋଇଅଛି ।

ଏଠା ମହାନଦୀ କୂଳରେ ମୃତଦେହ ମହାଜନମାନଙ୍କର ଥିବା ଗୋ ୨୩ ଟା ଗୋଦାମରେ ଗତ ରବିବାର ରାତି ସମୟରେ ଅଗ୍ନି ଲାଗି ତହିଁରେ ଥିବା ସୂତା, ଗୁଡ଼, ଚିନି ଓଗେର ଲକ୍ଷାଧିକ ଟଙ୍କାର ଦ୍ରବ୍ୟ ଦଗ୍ଧ ହୋଇଅଛି । ତହିଁ ନିକଟରେ ଥିବା କେତେକ ଘର ପୋଡ଼ି ଯାଇ, ଏ ବି ଏ ନୌକା ପୋଡ଼ିଯାଇଅଛି ।

ଏଠାର ଶ୍ରୀଯୁକ୍ତ କଲ ସାହେବ ଡିଷ୍ଟ୍ରିକ୍ଟ ଜଜ ଆସନ୍ତା ସୋମବାର ବାଲେଶ୍ୱର ଯାତ୍ରା କରିବେ ।

ଏଠା ଗୃହଲକ୍ଷ୍ମୀ ଦେଶ ହିନ୍ଦୁ ସଭାଗୃହ ମନ୍ଦ ଏଠାରେ ବନ୍ଦ୍ୟ ହେଉଥିବା ଅଭାବଗ୍ରସ୍ତ ଗତ ସୋମବାର ତା ମାଃ ଶ୍ରୀ ସ୍ମିଥ ସାହେବଙ୍କ ନିକଟରେ ୫ ୪୦ ଙ୍କା, କମଳା ଓ ଏକମାସ ସଶ୍ରମ ଦଣ୍ଡ ପାଇଅଛି ।

ଏଠା ରେଭେନ୍ସା କଲେଜ ପ୍ରଫେସର ପାଣିଗ୍ରାହୀ ଗୋଲମାଲସମ୍ବନ୍ଧେ ଯେଉଁ ଦେଖିଲେ ତା ମାଃ ଶ୍ରୀ ଶ୍ରୀରାମଚନ୍ଦ୍ର ବୋଷଙ୍କ ଫୌଜଦାରିରେ ଶ୍ରୀଯୁତ ମାଜିଷ୍ଟ୍ରେଟ ସାହେବ ଅଭିଯୋଗର ବିଚାର କରୁଅଛନ୍ତି ।

ଏଠା କଲେକ୍ଟରି ଚିଫ କ୍ଲାର୍କ ମହାନ୍ତି ଗୋଷ୍ଠଏ କୃତ୍ରିମ ମୁଦ୍ରା ପ୍ରସ୍ତୁତକାରୀ ଅପରାଧରେ ଦଣ୍ଡିତ ହୋଇଥିବା ଅପରାଧରେ ଗତ ସୋମବାର ତା ମା, ଡ଼ି ଏ ଜେ ସ୍ୱଙ୍କ ନିକଟରେ ୨ ସପ୍ତାହ କଠିନ ଦଣ୍ଡ ପାଇଅଛି ଓ ଉକ୍ତ ଗୋଷ୍ଠ ଥିବା ଅନ୍ୟ ଜଣେ ନିଷ୍ପନ୍ନ ଖଲାସ ହୋଇଅଛି ।

ତାଳଚେର ରାଜା ସାମନ୍ତ ରାଜକର୍ମଚାରୀ ଶ୍ରୀଯୁତ ତହସିଲ ଏହି ଗ୍ରାମରୁ ଗ୍ରାମାନ୍ତରକୁ ଯିବାର ଅସୁବିଧା ଘଟିଥିବାର ଅଛନ୍ତି । ପ୍ରଧାନ ଗ୍ରାମ ସମୂହରେ ଛୋଟା ଏବଂ ତାଳଚେର ନିର୍ମାଣ କରି ବସାଇ ଅଛନ୍ତି ପୂର୍ବ କରୁଅଛନ୍ତି । ଏହି ସ୍ଥାନରେ ବ୍ରାହ୍ମଣ ପୂଜାରି ରଖାଇ ଏବଂ ଭାତ ରନ୍ଧାଇବାର ଲୋକଙ୍କୁ ଦିଆଇଅଛନ୍ତି । ଗଃ ବାଃ

### କେନ୍ଦ୍ରାପଡ଼ା ସମ୍ବାଦ ।

ଏ ଅଞ୍ଚଳରେ ଏ ସପ୍ତାହର ପ୍ରାରମ୍ଭରୁ ପ୍ରଚଣ୍ଡ ଝଡ଼ ସମୟରେ ପ୍ରବଳ ବାତ୍ୟା ସହ କେବଳ ବୃଷ୍ଟି ହେଉଅଛି ତହିଁରୁ ଗରମ ପ୍ରଖରତା ଟିକିଏ ଉଣା ବୋଧ ହେଉଅଛି ।

କେନ୍ଦ୍ରାପଡ଼ା ଟ୍ରେଜେ ଏ ଅଞ୍ଚଳରେ ଯେ ଏକପଶଲା ଝାଡ଼ବୃଷ୍ଟି ହୋଇଥିଲା ତଦ୍ୱାରା ନଷ୍ଟବାର୍ତ୍ତାର ବିଶେଷ ଉପକାର ହୋଇଅଛି ଏବଂ ଗୃହିମାନେ ବର୍ତ୍ତମାନ ହଳକାର୍ଯ୍ୟରେ ବ୍ୟସ୍ତ ଅଛନ୍ତି ।

ଗତ ବରଷ ସପ୍ତାହର ଟାଉନର ଯୋଗୁଁ ଏଠାକାଛରେ ସାଧାରଣ ସ୍ଥାନରେ ବିଶେଷ ପରିବର୍ତ୍ତନ ଘଟିବାର ପରିଲକ୍ଷିତ ହେଉଅଛି ଏବଂ ଅନେକ ସ୍ଥାନରେ ଲୋକେ ଜ୍ୱରରୋଗରେ ଆକ୍ରାନ୍ତ ହେବାର ଦେଖାଯାଉଅଛି ।

ଅନନ୍ତ ପଟ୍ଟନାୟକ ଅବାଲତରେ ବର୍ତ୍ତମାନ କୁଲ୍ଡ଼ ଗୋଷ୍ଠି କଇବର୍ତ୍ତ ଅପରାଧର ମକଦ୍ଦମା ଉପସ୍ଥିତ ହୋଇଅଛି । ଉକ୍ତ ମକଦ୍ଦମାରେ ସାମାନ୍ୟକାରଣ ହେଉ ପ୍ରଥମେ ମାରପିଟ ଆରମ୍ଭ ହୋଇ ପରେ ଦୁଇଜଣ ଲୋକଙ୍କ ପ୍ରାଣ ହାନି ହୋଇଅଛି । ସମ୍ଭବତଃ ଉକ୍ତ ମକଦ୍ଦମା ସେସନ ସୋପର୍ଦ୍ଦ ହେବ ।

ଗତପୂର୍ବ ବୁଧବାର ଅସ୍ମାନଙ୍କର ଭଦ୍ରସ୍ ଶ୍ରଦ୍ଧେୟ ବାବୁ ବିଜୟକୃଷ୍ଣ ମର୍ଦ୍ଦରାଜ ସବଡ଼େପୁଟି କଲେକ୍ଟରଙ୍କ କେନ୍ଦ୍ରାପଡ଼ା ଉଦ୍ଘାଟନ ପାଟ୍ଟଗସ୍ତ ସବଡ଼ିଭିଜନ ଅନ୍ତର୍ଗତ କେଲପଡ଼ାର ନୂତନ ଜମିଦାର ଶ୍ରୀଯୁକ୍ତ ବାବୁ ଗୋପୀନାଥ ରଘୁନାଥ ସିଂହ ଜମାଦାର ସ୍ୱୟଂ ପଦଶସ୍ କାର୍ଯ୍ୟ ସଭାସମାଜରେ ସୁସମ୍ପନ୍ନ ହୋଇ ଯାଇଅଛି । ଏତଦୁପଲକ୍ଷେ ବାବୁ ମହେଶ୍ୱର ମଙ୍ଗଳପତ୍ରକ ସ୍ଥାନୀୟ ସମସ୍ତ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରି ପ୍ରସାଦ ସେବା କରାଇଲେ ଏବଂ ବୋଧହୁଏ ପଣ୍ଡିତ କାଳୀ ପ୍ରଭୃତି ଏବଂ ଗର ଜାଗାରେ ଭୋଜନ ସମୟରେ ନାଚ ତାମସା ଓ ସେଠାକାଳ ଉପସ୍ଥିତ ମଧ୍ୟ ଅଙ୍ଗ ହୋଇ ନାହିଁ ଶ୍ରୀଯୁକ୍ତ ନବଦମ୍ପତିଙ୍କର ସୁଖ ସମୃଦ୍ଧି ବୃଦ୍ଧି କରନ୍ତୁ ।

### କଣ୍ଟାଇ ପ୍ରଭୃତିର ସମ୍ବାଦ ।

ଶ୍ରୀ ଚନ୍ଦ୍ରମଣ୍ଡଳ ଜଗନ୍ନାଥଙ୍କ ଶ୍ରୀ ମାତା ସ୍ୱର୍ଗାରୋହଣ କରିଅଛନ୍ତି । ସେ ବୃଦ୍ଧା ଏବଂ ଧର୍ମପରାୟଣା ଥିଲେ । ତାହାଙ୍କ ଦେହାନ୍ତରେ ବଲରାମପୁରବାସୀଏ ବିଶେଷ ଦୁଃଖିତ ଅଛନ୍ତି । ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସୁସମ୍ପନ୍ନରେ ସମ୍ପାଦିତ ହୋଇଅଛି ।

କଣ୍ଟାଇ । ୩। ମାନ୍ୟବର ଗୁରୁଙ୍କର ବର୍ତ୍ତମାନ ଶ୍ରୀ ବାବୁ ଦୁର୍ଗାଚରଣ ନାୟକଙ୍କ ଅବସର ଗ୍ରହଣ କାର୍ଯ୍ୟ ନ୍ୟାସ୍ତ ବିଷୟରେ ପ୍ରଜାମାନେ ସନ୍ତୁଷ୍ଟ ହେବାର ଜଣାଯାଏ ।

ଗତ ପଣାସଂକ୍ରାନ୍ତି ଉତ୍ସବରେ ।୮। ଓଡ଼ିଶା ।୨।, ନଇଗାଁ ପ୍ରଭୃତି ସ୍ଥାନରେ ପୂର୍ବ ପ୍ରଥା ଅନୁସାରେ ୨ ଘଣ୍ଟା ପ୍ରଭୃତି ଜଗନ୍ନାଥ ଶଙ୍ଖନାଦ ଏବଂ ଉତ୍ସବ ହୋଇଥିଲା । ଯଥା ୨୧ ଦିନବ୍ୟାପୀ ମାନଙ୍କ ଅନୁକ୍ରମେ ଚାଲିଥିଲା । ଶ୍ରୀ ମନ୍ଦିରରେ ବାରମ୍ବାର ପାଠ କୀର୍ତ୍ତନ ସଂକୀର୍ତ୍ତନ ସମ୍ମିଳନ, ଫଳ ଚଢ଼ାଇ ପାନ ବଣ୍ଟନ ଓ ଶ୍ରୀ ମହାପ୍ରସାଦ ସେବନ ହୋଇଥିଲା ।

ଏ ଅଞ୍ଚଳରେ ଅନ୍ୟ ଅନ୍ୟ ଦେଖାଯାଏ ଜଳ ବୃଷ୍ଟିର ଟାଣ ୨୩ ଦିନ ପର୍ଯ୍ୟନ୍ତ ବିଶେଷ ବର୍ଷା ହୋଇଅଛି ଲୋକମାନେ ଜମି ଚାଷ କରିବାର ସୁବିଧା ପାଇଅଛନ୍ତି । ଆଉ ଗୃହଳ ଏକତ୍ରରେ ସୁଖୀରେ ମିଳୁଅଛି ।

## ଢେଙ୍କାନାଳ ସମାଦ ।

ଏଠା ଜେଲର ଭାରପ୍ରାପ୍ତ ଡାକ୍ତର ବାବୁ ଲକ୍ଷ୍ମୀଧର ମହାନ୍ତି ବର୍ତ୍ତମାନରେ ମେଡ଼ିକାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ Baboo B. N. Das. for Assist Superintendent. ଙ୍କ ପଦରେ ୨୦ ଟଙ୍କା ବେତନରେ (ଅସ୍ଥାୟୀ ଭାବରେ) ନିଯୁକ୍ତ ହୋଇଅଛନ୍ତି ।

ଏଠାରେ ୫ ବର୍ଷ ହେଲା ଗଡ଼ଜାତ ସ୍କୁଲ ହୋଇଅଛି ।

ଏ ବର୍ଷ ଗ୍ରୀଷ୍ମ ପ୍ରବଳ ପରିମାଣରେ ଅଛି, ମଧ୍ୟ ମଧ୍ୟ ଲୋକମାନଙ୍କ ପରିଶ୍ରମ କଷ୍ଟକର ହେଉଅଛି । ସାମାନ୍ୟ ପରିମାଣରେ ମେଘ ଦେଖାଯାଉଥିଲେ ମଧ୍ୟ ବୃଷ୍ଟି ହେଉନାହିଁ ।

ଗତ ମାସ ତାରିଖ ଏବଂ ମହମଦୀୟ ଶ୍ରୀ ଗୋବିନ୍ଦ ମହାପାତ୍ରଙ୍କ ସେବାରେ ନିଯୁକ୍ତ ହୋଇ ଗୋପାଳ ବେହେରାଙ୍କ ସହିତ ରହିଥିଲେ । ସେହି ସମୟରେ ସେ ଜଣେ ଲୋକ ଦୋକାନଠାରୁ ଅଫିମ ଗଳାରେ ଲଗାଇ ଆତ୍ମହତ୍ୟା କରିଥିବାର ଅନୁମାନ କରାଯାଉଅଛି ।

## ପୁରୀ-ସମାଦ ।

ଏ ବର୍ଷ ମଧ୍ୟ ଅଶୋକାଷ୍ଟମୀ ଭୁବନେଶ୍ୱର ଓ ମହାନଦୀ ମାନଙ୍କରେ ଯାତ୍ରୀ ଏବଂ ସମ୍ମିଳନୀ ଉତ୍ସବ ସମ୍ପନ୍ନ ହୋଇଥିଲା ।

ଶ୍ରୀଜଗନ୍ନାଥଙ୍କ ଚନ୍ଦନଯାତ୍ରା ଉପଲକ୍ଷେ ଆଠ ଆଠ ହଜାର ଲୋକ ଯାତ୍ରୀ ବାହାର ଦେଶରୁ ଆସିଅଛନ୍ତି । କୌଣସିଠାରୁ ଖାଦ୍ୟ ଦ୍ରବ୍ୟ ଯାହା ବାହାରୁ ନ ଆସେ । ଅଣ୍ଡା, ଜଳ ଓ ଏପରି ପଦାର୍ଥ ବିଶେଷତଃ ସରକାରଙ୍କ ସର୍ବ ସାଧାରଣ ସ୍ୱାସ୍ଥ୍ୟ ଜଣାପଡ଼ୁଅଛି ପାଣିର ଦାମ୍ଭିକ ଗ୍ରହଣ ସ୍ଥାନମାନଙ୍କରେ ଗାଡ଼ି ଚଳାଇବା କଠିନ ବୋଧ ହେଉଥିବାରୁ ଯାତ୍ରୀମାନଙ୍କୁ କଷ୍ଟ ଜଣା ପଡୁଅଛି ।

ବର୍ତ୍ତମାନ ଏଠାରେ ବସନ୍ତ ରୋଗ ମହାମାରୀ ରୂପରେ ଦେଖାଦେଇଅଛି ଏବଂ ଏ ରୋଗରେ ବହୁତ ଲୋକ ମରୁଅଛନ୍ତି । କେତେକ ଲୋକ ଟୀକା ନ ନେବାରୁ ଏହି ରୋଗ ପ୍ରବଳ ହେବାର ନାମରେ ସହରବାସୀ ମୋଟ ଆତଙ୍କିତ ହେଉଅଛନ୍ତି ।

ଅତଏବ ଶୀଘ୍ର ଓ ସାର୍ବଜନୀନ ଟୀକାମାନଙ୍କରେ ଲୋକମାନେ ଟୀକା ନେଇ ସାବଧାନ ହେଉଅଛନ୍ତି ।

ସବଡିଭିଜନାଲ ଅଫିସର ଶ୍ରୀଯୁକ୍ତ ମୁକୁନ୍ଦ ମିଶ୍ର ଖୋର୍ଦ୍ଧା ବଦଳି ହୋଇ ଯିବାରୁ ଖୋର୍ଦ୍ଧାର ଡେ: ମା: ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ମିଶ୍ର ଏଠାରେ ଯୋଗ ଦେଇଅଛନ୍ତି ।

ଏ ସପ୍ତାହରେ ବେଳେ ବେଳେ ମେଘ ଦେଖାଦେଇ ଗ୍ରୀଷ୍ମ ଉତ୍ତାପ ସାମାନ୍ୟ କମିଅଛି । ମଫସଲରେ ଦୀର୍ଘକାଳ ପରେ ବର୍ଷା ହେବାର ଶୁଣାଯାଏ ।

ସାଧାରଣ ସ୍ୱାସ୍ଥ୍ୟ ଭଲ ଅଛି । ଚିଲିକା ହ୍ରଦ, ଧାନ ଅଙ୍କୁର ବହୁତ ରହିଅଛି ।

## ସମ୍ବଲପୁର ସମାଦ ।

ଗୋଟିଏ ଗୋରୁ ଚୋରି ଅଭିଯୋଗରେ ଅଭିଯୁକ୍ତ ମୋକଦ୍ଦମାରେ ମାଜିଷ୍ଟ୍ରେଟ୍ ଜଣକ ସେଠାରେ ଆସାମୀକୁ ଜରିମାନା ଓ ୫ ଟଙ୍କା ଦଣ୍ଡ ଦେଇଥିଲେ ଏବଂ ତାକୁ ଉଚ୍ଚ ଆଦାଲତରେ ମୋକଦ୍ଦମା ହୋଇ ଚାଲିଅଛି ।

ବାହାରଠାରେ ସରକାରଙ୍କ ବେଳ ସହରର ଫାଟକ ସାଧାରଣ ଓ ଉତ୍ତର ସହାୟକ ମାନଙ୍କ ଯୋଗ ହେଉଅଛି । ଜିଲ୍ଲାର ମାସ ସ୍କୁଲ ଓ ସହାୟକ ମାସ ବେତନ ପାଉଅଛନ୍ତି । ଉପସ୍ଥାନୀୟ ବର୍ଗମାନେ ସାବଧାନ ।

ବଙ୍ଗଳାରେ ଏବଂ ତୁଳନାରେ ମଧ୍ୟ ଲୋକମାନଙ୍କ ସ୍ୱାସ୍ଥ୍ୟ ଭଲ ନାହିଁ ସେଠାରେ ଶୀତକାଳୀନ ଶଯ୍ୟା ଧରିବାରୁ ସେ ସୁସ୍ଥ ହୋଇଥିବା ବିଷୟରେ ଆପଣମାନଙ୍କୁ ଜଣାଉଅଛୁ । ଏଥି ସକାଶେ ପ୍ରକାଶ ହେଉଥିବା ଏବଂ ରୋଗ ପ୍ରଶମନ ହୋଇପାରେ ?

ଖୋର୍ଦ୍ଧା ବାର ବର୍ଷରୁ ଉର୍ଦ୍ଧ୍ୱ କାଳରୁ ହୋଇ ଆସିଅଛି ଯେ ଗୋଟିଏ ବର୍ଷ ଅନ୍ତର ହେବା ଦରକାର । ବର୍ତ୍ତମାନ ତହିଁର ମାନ୍ୟ ଅନୁଯାୟୀ ଉତ୍ତର ସାଧାରଣ ହେଉଅଛି । ଏହା କହିଲେ ସେଥିରେ କେମନ୍ତ ସୋଭା ଗ୍ରାମରୁ ଭାବ ସଫଳ ଅଟେ ୧୦ ବର୍ଷ ବିଷୟ ତାହା ଜାଣି ସାଧାରଣ ହେବେ । ବର୍ତ୍ତମାନ ଅନେକ ଦ୍ରବ୍ୟ ନିର୍ମିତ ହୋଇ ବଜାରରେ ଅଧିକ ଏମନ୍ତ କି କେଉଁଠା ଠାରୁ ଏବଂ କେଉଁଠା ଯିବା ବିଷୟ ଜାଣିବା କଠିନ ।

ନାଇଜେ ସମ୍ବାଦରେ ପ୍ରକାଶ ଅନେକ ଲକ୍ଷଣ ଜାଣିଲେ, ଶ୍ରୀ ଗୋପାଳ ଭାଗବତ ଏବଂ ବିଜ୍ଞାପନ ଅଫିସ ପୁଣ ସେଠାରେ ତାଙ୍କର ଚାକିରୀର ଚଳିତ ମାସ ତା ୧୯ ରିଖରେ ପାଠ ପାଇବାର ସମ୍ବାଦ ମିଳିଲା । କେବଳ ଉଚ୍ଚ ଶ୍ରେଣୀର ଛାତ୍ରମାନଙ୍କ ସ୍କୁଲ ଏବଂ କଲେଜର ପାଠ କେବଳ ଯୋଗ୍ୟ ହେବା ବିଷୟ ଉତ୍ତମ ଚିନ୍ତା କରନ୍ତୁ ।

ପ୍ରଦେଶର ପଣ୍ଡିତ ସ୍ୱର୍ଗତ ପ୍ରକାଶିତ ହୋଇଥିବା " ଏସ ମାସ ସହ୍ୟଗୀ " ନାମକ ବିଜ୍ଞାପନ ଛବି ବିକ୍ରୟର ଲେଖକ ହରେକୃଷ୍ଣ ଦାସ ମହାନ୍ତି ବେଗ୍ମେଣ୍ଟରଙ୍କ ହସ୍ତେ ସ୍ୱର୍ଗାରୋହଣ କରିବାର ସମ୍ବାଦ ମିଳିଲା ।

ଚୀନ ଦେଶର ମଫସଲରେ ଗୁରି ବର୍ଷାତ ଅନେକ ହୋଇଥିବାର ସମ୍ବାଦ ମିଳିଲା । ପଲ୍ଲୀମାନଙ୍କରେ ଜଳ ଭର ନଥିବାରୁ ୨ ୩୦ ଏକର ଜମିରେ ଧାନ ନଷ୍ଟ ହେଉଅଛି । ସେଠି ଲୋକଙ୍କର ବିଦେଶୀ ଲୋକମାନଙ୍କ ଉପରେ ଘୃଣା ଅଧିକ ହୋଇଥିବା ହେତୁ ତାହା ଆରମ୍ଭ କରାଯାଇ ପାଉ ପାଉ ଜିନିଷ ଲୁଟ ମାରିବାକୁ ଆରମ୍ଭ କରିଅଛନ୍ତି । ନିଜ ଲୋକ ମାନଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ ହୋଇଥିବା ଦେଖି ଚୀନର ସରକାର ମନୋଯୋଗ ଦେବାର ସମ୍ଭବ ହେବ ।

ଗତ ଅପ୍ରେଲ ମାସ ତା ୨୨ ରିଖରେ କୋଟକଟକର ଠିକେ ବଜାରରେ ହଠାତ୍ ଆଗ ଲାଗି ନଷ୍ଟ ହୋଇଥିଲେ । ଏଥିମଧ୍ୟରେ ଜଣେ ବୃଦ୍ଧା ସମସ୍ତେ ଯୋଗ ଦେଇ ସବୁ ଘର ଜଳିଗଲା ଓ ଲୋକଙ୍କର ଅନେକ ଜିନିଷ ନଷ୍ଟ ହୋଇଅଛି ।

ଅନେକଙ୍କୁ ଏ ଘର ଜମିଦାର ସାହି ସହର ଦମନ ଜେଲରେ ନେଇ ଏବଂ କେତେକ ସ୍ଥାନରେ ଯାତ୍ରା କରିବେ । ଅଙ୍ଗରେ ୧୫୦ ଜଣ ରୋଗୀଙ୍କ ଘର ଜଳିଯାଇଥିବା ଜଣାଯାଉଅଛି । ଏହା ଦେଖି ଗଭର୍ଣ୍ଣମେଣ୍ଟ ସାହାଯ୍ୟ ଦେବାର ଅଙ୍ଗୀକାର କରିଅଛନ୍ତି । ଏହା କଥାର ସତ୍ୟତା ଜଣାଯାଏ । ଏହା କାଳର ଅବସ୍ଥା ।

ଓଡ଼ିଆ ଓ ବଙ୍ଗାଳୀ ମଧ୍ୟରେ ବଡ଼ ବେଶୀ ବୋଲି ବିଚାର କରିଅଛି । ଅଥଚ ସେ ନୀତିର ମୂଳ ସ୍ୱଭାବର ଉନ୍ନତି ବାହାର କରିବେ । ବର୍ତ୍ତମାନ ସବୁ ନଷ୍ଟ କରିଅଛନ୍ତି । ଯାହାର ସେଥିରେ ଅନ୍ତର ତାହା ସେମାନେ ଧରି ବାହାରିବାକୁ ଆରମ୍ଭ କରନ୍ତି । ସହଯୋଗି-ଙ୍କ ସହିତ ଏମାନେ ଏକତ୍ର ହୋଇଅଛନ୍ତି ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ଗୋବିନ୍ଦ ଚନ୍ଦ୍ର ନାୟକ | ଚାନ୍ଦ | ୨ ୦ |
| „ ହରପ୍ରସାଦ ଦାସ | ବସ୍ତା | ୫ ୦ |
| „ କୃଷ୍ଣପ୍ରସାଦ ଦାସ | କଟକ ଝିଅ | ୫ ୦ |
| „ ନରହରି ଦାସ | ଅନୁଗୋଳ | ୫ ୦ |
| ମୁନ୍ସି ହେମନ୍ତ ଅଲଫ ଖାଁ | ଜଳେଶ୍ୱର | ୫ ୦ |
| ମହାଜନ ଚରଣ ନାୟକ | ଢେଙ୍କାନାଳ | ୫ ୦ |
| ବାବୁ ଶ୍ରୀ କୈଳାଶଚନ୍ଦ୍ର ଦାସ | ଅନନ୍ତପୁର | ୫ ୨ |
| „ ବନମାଳି ମିଶ୍ର | ଖୋର୍ଦ୍ଧା | ୫ ୦ |
| „ କୃଷ୍ଣଚନ୍ଦ୍ର ପାଠକ | ଖୋର୍ଦ୍ଧା | ୫ ୦ |
| „ ମହେଶ୍ୱର ମିଶ୍ର | ସମ୍ବଲପୁର | ୫ ୦ । |

## ନିଲାମୀ ଇସ୍ତାହାର ।

୦୩୨୯ ନମ୍ବର ଡିକ୍ରୀଜାରୀ ସନ ୧୯୦୯ ମସିହା । ର । ଦ୍ୱିତୀୟ ମୁନସିଫି ଅଦାଲତ କଟକ ସ୍ଥାନ । ସା । ବାଲେଶ୍ୱର । ପ୍ର । ଚନ୍ଦ୍ରପୁର ବାସୀ ଡିକ୍ରୀଦାର

ବନାମ ।

ଲକ୍ଷ୍ମୀଧର । ସା । ବୋଦା ମଣ୍ଡଳ । ପ୍ର । ସର-ସ୍ୱତୀ ପ୍ରଭୃତି

ଦେ:

ଏମୋକଦ୍ଦମାରେ ବାଦୀ ଡିକ୍ରୀଦାରଙ୍କର ମୋଟ ଜରିଡ଼କ୍ରୀ ୮୪୩୩/୧୧ ସକାଶେ ଦେନଦା-ରଙ୍କର ବନ୍ଧକ ଥିବା ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମସିହା ମଇମାସ ତା ୧୬ ରିଖ ନିଲାମ ହେବ ।

### ତପସିଲ ସମ୍ପତ୍ତି

କଟକ ଜିଲ୍ଲା ଅନ୍ତର୍ଗତ ପୁଲିସଷ୍ଟେସନ ସାଲେପୁର ଓ ସବରେଜିଷ୍ଟ୍ରି । ମୁ । କଟକ ଦାଲ ସବରେ-ଜିଷ୍ଟ୍ରି । ମୁ । ସାଲେପୁର ଇଲାକାଧୀନ । ପ୍ର । ସଦ୍ ପୁର । ତ । ବା । ଜଗତପୁର ତୌଜି ୪୦୪୪ ମୁ: ର: ଭୁକ୍ତ । ମୌ । ବିଶ୍ୱନାଥପୁର ଗଡ଼ବାଡ଼ିରେ ଥିବା । ଲା । ବା । ଦତ୍ତ ପ୍ରସାଦ ବୋଷ ଓଗେରେଙ୍କ ନାମରେ ୪୯୨ ନମ୍ବର ହି: ବା: ଏ ୨୨-୯୨ଡ:ରୁ ଜମା ୫ ୨୪।୦ ଅଟେ ତହିଁ ମଧ୍ୟରୁ ଡାଲୁସାହି ଓ ବାଲୁସାହି ଓ ସତ୍ୟଭାମାଙ୍କ ଓ ଦଣ୍ଡପାଟ ମୁକ୍ତିରମାନେ ସନ ୧୯୦୧ ମସିହା ଜାନୁୟାରି ମାସ ତା ୧୧ ରିଖ ଲିଖିତ ରେଜିଷ୍ଟ୍ରି ସଂଯୁକ୍ତ କବାଲାଦ୍ୱାରା ଖରିଦ କରିଥିବା ଏ ୧୧-୪୯ଡ: ରୁ ମୋଟ । ମୁ । ଜମା ୫ ୯୩/୬ ଅଟେ ଉକ୍ତ ବିଷୟ ମଧ୍ୟରୁ ବାଲୁସାହି ଓ ଚନ୍ଦ୍ରବିଷ୍ଣୁଙ୍କ । ତ । ୫ ୦୩ ରୁ ପ୍ରଭାବ ମଣ୍ଡଳର ସନ ୧୯-୦୨ ମସିହା ଅପ୍ରେଲମାସ ତା ୨ ରିଖ ଲିଖିତ ରେଜିଷ୍ଟ୍ରି ସଂଯୁକ୍ତ କବାଲାଦ୍ୱାରା ଖରିଦ କରିଥିବା ଏ ୫-୭୪ରୁ ମ: ମୁ: ଜମା ୯ ୪୩/ ୯୩ ସବୁ ଖରିଦସୂତ୍ରେ ମାଲିକ ଦଖଲକାର ଥାଇ ଖରିଦ ସମ୍ପତ୍ତିକୁ ଅମ୍ଭ ବାଦୀଙ୍କଠାରେ ବନ୍ଧକ ରଖିଥିବାରୁ ତାହା ଏମୋକଦ୍ଦମାରେ ନିଲାମ ହେବ ।

———

ହସ୍ତ ଅଛି ସ୍ୱତନ୍ତ୍ର, ଅଗ୍ରହଣାର୍ହ ଲୋକସମୂହ ଜଣାଯାଏ । ଏ ବୃଷ୍ଟି ସବଡ଼ିରେ ହୋଇଥିଲେ ସମ୍ପ୍ରତି ସମୟରେ ଭଲ ହୋଇଥାଆନ୍ତା ।

—*—*—

କୃଷ୍ଣ ଗଡ଼ର ନନ୍ଦୋତ୍ସବ କ୍ରମେ ସମାରୂଢ଼ ହୋଇ ଆସୁଅଛି । ବନ୍ଦ୍ୟୋପାଧ୍ୟାୟଙ୍କର ସଂଖ୍ୟା ୩୦ ହଜାର ହୋଇଅଛି । ଏମାନଙ୍କ ପକ୍ଷର ଚଳିବା ପାଇଁ ବସ୍ତ୍ର ସେବାଦଳ ନିଯୁକ୍ତ ହୋଇଥିବାର କଥିତ ହୁଏ ।

୬ ।

—o—

ଉଚ୍ଚ ନ୍ୟାୟପୀଠର ଅସିଷ୍ଟାଣ୍ଟ ଅସୋସିଏଟ କନ୍‌ଫ୍ରେନ୍ସ ଅଧିବେଶନ ଗତମାସ ତା ୩୦ ରିଖ ରେ ହୋଇ ଯାଇଅଛି । ସେଠାରେ ବୋର୍ଡ଼ ସ୍ଥାୟୀ ସାଧାରଣ ସ୍ଥାପନ କରିବା ସମ୍ବନ୍ଧରେ କ୍ରମେ ସ୍ଥିରୀକୃତ ହେଲା । ମୋପସଲସ୍ଥ ଡାକ୍ତରମାନଙ୍କର ଏଥି ପ୍ରତି ସହାନୁଭୂତି ବାଞ୍ଛନୀୟ । ସମସ୍ତେ ଏକମତ ହୋଇ କାର୍ଯ୍ୟ ନ କଲେ କିଛି ଫଳ ନାହିଁ ।

———

ଏଠାର ବସାୀର ଡାକ୍ତର ରାୟ ଅନନ୍ତଲାଲ ବୋଷ ବାହାଦୁର ଅନେକ ଦିନରୁ ଅସ୍ତ୍ରୋପଚାର ଓ ରୋଗବୃଦ୍ଧି ହେତୁ ବଡ଼ କଷ୍ଟ ପାଉଥିଲେ ତେଣୁ ଗତ କର୍ତ୍ତବ୍ୟ କାର୍ଯ୍ୟରେ ଛୁଟି ନେଇଥିଲେ । ଗତମାସ ତା ୨୫ ଦିନରେ ଡାକ୍ତର ସାହେବ ମହୋଦୟ ଅଳ୍ପ ଘଡ଼ି ଓ ସାବଧାନପୂର୍ବକ ଅସ୍ତ୍ର ଚିକିତ୍ସା କରିଥିଲେ ଅତଏବ ଶୀଘ୍ର ଆରୋଗ୍ୟ ହେଉଅଛନ୍ତି । ଈଶ୍ୱର ଅତଏବ ବାବୁଙ୍କ ଶୀଘ୍ର ସମ୍ପୂର୍ଣ୍ଣ ଆରୋଗ୍ୟ କରନ୍ତୁ ଏହାହିଁ କାମନା କରୁଅଛୁଁ ।

— —

ଉତ୍କଳର ଦଳାଇଲାମା ଗତ ଫେବୃୟାରୀ ମାସ ତା ୧୨ ଦିନ ରାତ୍ରରେ ଲାସାରୁ ପଳାଇ ଆସି ଭାରତ ଗବର୍ଣ୍ଣମେଣ୍ଟଙ୍କ ଶରଣାପନ୍ନ ହୋଇଥିବା ବିଷୟ ପାଠକେ ଜାଣିଅଛନ୍ତି । ସେହିମାସ ତା ୨୫ ଦିନ ଚୀନସମ୍ରାଟଙ୍କ ଆଦେଶ ଅନୁସାରେ ହୋଇ ତିବ୍ବତରେ ବିଜ୍ଞାପନ ଯୋଗେ ପଦଚ୍ୟୁତ ପ୍ରଚାରିତ ହେଉଅଛି । ତହିଁରୁ ଜଣାଯାଏ ଯେ ଦଳାଇଲାମା ସ୍ୱଦେଶର ଯୋଗ୍ୟତାରେ ଏବଂ ଧର୍ମସମ୍ବନ୍ଧୀୟ ପ୍ରଧାନ ଉପାଧି । ସେ ଦଳାଇଲାମା ଆପଣା ପଦର ମର୍ଯ୍ୟାଦା ରକ୍ଷା ନ କରି ଅତ୍ୟାଚାରୀ ହେବା କାର୍ଯ୍ୟ କରିବାରୁ ସମ୍ରାଟ ତାଙ୍କ ପଦଚ୍ୟୁତ କରି ତାଙ୍କ ସ୍ଥାନରେ ବର୍ତ୍ତମାନ ଅନ୍ୟ ଲୋକ ନିଯୁକ୍ତ କରିବାର ଆଦେଶ ଦେଇଅଛନ୍ତି । ପଦଚ୍ୟୁତ ଦଳାଇଲାମା ସ୍ୱଦେଶକୁ ଫେରିଲେ ସାଧାରଣ ଲୋକ ପ୍ରାୟ ତାଙ୍କ ଦଣ୍ଡ ଦେଇ ପାରନ୍ତେ ।

—o—

ବାଲେଶ୍ୱରଠାରେ ଓଲାଉଠା ରୋଗର ଉତ୍ପାତ କଣା ନ ହୋଇ ବରଂ ବୃଦ୍ଧି ଉପରେ ଅଛି ଏବଂ ସହରର ପ୍ରାୟ ସକଳ ସ୍ଥାନରେ ବ୍ୟାପି ଯାଇ ଏତେ ଘର ଶୂନ୍ୟ କରୁଦେଉଅଛି । ମିଉନିସିପାଲିଟି ରୋଗ ପ୍ରଶମନ ସହାୟେ ଯାହା ଉପାୟ କରୁଥିବା ସ୍ଥଲେ ରୋଗର ପ୍ରକୋପ ବୃଦ୍ଧି ହେବା ଦୁଃଖର ବିଷୟ । ବାଲେଶ୍ୱରବାସୀମାନେ ପ୍ରାୟ ପୋଖରୀର ଜଳ ପାନାର୍ଥ ବ୍ୟବହାର କରନ୍ତି ଏବଂ ପୋଖରୀର ଜଳମାନ ଓଲାଉଠା ରୋଗୀଙ୍କ ହେତୁ କଲୁଷିତ ହେବା ରୋଗ ବୃଦ୍ଧିର ପ୍ରଧାନ କାରଣ । ସେଠାରେ ପାନୀୟଜଳର ଅନ୍ୟରୂପ ବନ୍ଦୋବସ୍ତ ହେବା ଉଚିତ ଏବଂ କୂପାଦି ଖନନ ଓ ଅନ୍ୟରୂପେ ଲୋକେ ଯେପରି ସହଜରେ ବିଶୁଦ୍ଧଜଳ ପାଇ ପାରିବେ ଓ ପାନ ହେଉ ପାରିବ ସେଥିର ବ୍ୟବସ୍ଥା ମିଉନିସିପାଲିଟି କର୍ତ୍ତୃକ ଅଚିରେ ହେବା ବିଧେୟ ।

———

ବିଲାତରେ ଗତ ମାର୍ଚ୍ଚମାସ ଶେଷସପ୍ତାହରେ ବ୍ୟୋମଯାନର ପ୍ରଦର୍ଶନୀ ହୋଇଥିଲା । ଅମୃନା-ନଙ୍କର ସମ୍ରାଟ ସ୍ୱୟଂ ସେ ସ୍ଥାନରେ ଉପସ୍ଥିତ ହୋଇ ବ୍ୟୋମଯାନମାନ ଦେଖି ଦେଖି ଥିଲେ । ଯେଉଁ ବ୍ୟୋମଯାନ ଓ ସାହେବ ଫ୍ରାନ୍ସର ଉପକୂଳରୁ ବ୍ୟୋମଯାନ ଯୋଗେ ସାଗର ପାର ହୋଇ ଇଂଲଣ୍ଡର ଉପକୂଳରେ ପହୁଞ୍ଚିଥିଲେ ତାଙ୍କ ସମ୍ରାଟ ମହୋଦୟ ଉଡ଼ିବା କାରଣ କହି ବାରୁ ସେ ବ୍ୟୋମଯାନ ଯୋଗେ ଆକାଶରେ ବିଚରଣ କରି ସମ୍ରାଟଙ୍କ ପାଦ ଦେଶରେ ଭୂମିସ୍ଥ ହେଲେ । ସମସ୍ତ ବ୍ୟୋମଯାନ ପଣ୍ଡିତମାନଙ୍କର ଏହି ପ୍ରଦର୍ଶନୀରେ ସମ୍ମିଳନ ହୋଇଥିଲା । ପଣ୍ଡିତ ରେବାଜଙ୍କ ବ୍ୟୋମଯାନ ଗୋଟିଏ ଗଛରେ ଧକ୍କା ବାଜିବାରୁ ଭଗ୍ନ ହୋଇ ଗଲା । ପରନ୍ତୁ ପଣ୍ଡିତ ଲେଥମଙ୍କ ବ୍ୟୋମଯାନର ଯନ୍ତ୍ର ବିଗିଡ଼ି ଯିବାରୁ ସେ ସମୁଦ୍ରରେ ପଡ଼ି ଗଲେ ମାତ୍ର ତାଙ୍କର କିଛି କ୍ଷତି ହୋଇ ନାହିଁ । ଏହି ପ୍ରଦର୍ଶନୀରେ ଜଣେ ଫରାସୀ ବ୍ୟୋମଯାନ ପଣ୍ଡିତ ଉପସ୍ଥିତ ଥିଲେ ଏବଂ ସେମାନେ ଗଗନ ମାର୍ଗରେ ବିଚରଣ ପୂର୍ବକ ନାନାକ୍ରିୟା କୌଶଳ ଦେଖାଇଥିଲେ ।

———

ଭାରତ ଧର୍ମମହାମଣ୍ଡଳରୁ ସ୍କୁଲ ଓ ବିଦ୍ୟାଳୟମାନଙ୍କରେ ଧର୍ମ ଶିକ୍ଷା ଦିଆଯିବା ସମ୍ବନ୍ଧରେ ବଡ଼ଲାଟ ମହୋଦୟଙ୍କ ସମୀପକୁ ଖଣ୍ଡିଏ ଆବେଦନପତ୍ର ପଠାଯାଇଅଛି । ସେ ଆବେଦନପତ୍ରରେ ଲେଖାଅଛି ଯେ ଭାରତର ସ୍ୱାଭାବିକ ଜୀବନକୁ ଲୋକଙ୍କ ମଧ୍ୟକୁ ଚଳାଇବା ଅଭିପ୍ରାୟ ସ୍ୱଭାବ ନଷ୍ଟ ହୋଇ ଆସୁଅଛି ତାହା ଉଚିତ ନାହିଁ କାରଣ ଭାରତର ଲୋକଙ୍କ ବିଷୟ ଅର୍ଥ ଏବଂ ଶାରୀରିକ ଶିକ୍ଷାର ଅଭାବ ହେତୁ ଏରୂପ ଘଟିଅଛି । ଏଥିଯୋଗୁ ମହାମଣ୍ଡଳ ପ୍ରସ୍ତାବ କରୁଅଛନ୍ତି ଯେ ସମସ୍ତ କଲେଜ, ବିଦ୍ୟାଳୟ, ସଂସ୍କୃତ ଏବଂ ଦେଶୀୟ ଭାଷାର ପାଠଶାଳାମାନଙ୍କରେ ଶିକ୍ଷକ ଦ୍ୱାରା ଧର୍ମ-ଶିକ୍ଷା ଦିଆଯାଉ ଏବଂ ପ୍ରଧାନ ସ୍ଥାନମାନଙ୍କରେ ଉପଯୁକ୍ତ ଲୋକଙ୍କ ମଧ୍ୟରେ ଧର୍ମ ସମ୍ବନ୍ଧୀୟ ବକ୍ତୃତା ଦିଆଯିବା ମୂଲ୍ୟରେ ପ୍ରସ୍ତୁତ ହୋଇ ଈଶ୍ୱର ଏବଂ ସ୍କୁଲ ପ୍ରଚଳିତ ସଂସାର କର-ଣାର୍ଥ ଭାରତର ସମସ୍ତ ସ୍ଥାନକୁ ଶିକ୍ଷିତ ପ୍ରଚାରକ ପଠାଯାଉ । ଏହି କାର୍ଯ୍ୟରେ ଆବେଦନକାରୀ-ମାନେ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ଏବଂ ଡାଇରେ-କ୍ଟର ଜେନେରଲ ପ୍ରଭୃତି ଶିକ୍ଷା ବିଭାଗର କର୍ମଚାରୀମାନଙ୍କର ସହାନୁଭୂତି ପ୍ରାର୍ଥନା କରୁଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କ ଆଦେଶ ଅଦ୍ୟାପି ବାହାରି ନାହିଁ ।

—o—

କଲିକତା ହେବୁ ବାଙ୍ଗାଲୋର ଜିଲ୍ଲାରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭୟାନକ ଦଙ୍ଗା ହଙ୍ଗାମା ଲାଗିଥିବାର ସମ୍ବାଦ ମିଳିଲା । କଥିତ ହୁଏ ଗୋଟିଏ ହିନ୍ଦୁ ଗ୍ରାମର ମୁସଲମାନ ସ୍ତ୍ରୀଲୋକ ମାନେ ଅନ୍ୟ ଏକ ଗ୍ରାମର କେବଳ ଗୋଟିଏ କୂଅରେ ପାଣି ଥିବାରୁ ସେଠାକୁ ଯାଇ ଜଳ କାଢ଼ିଲା ପରେ ତହିଁରେ ଛେପ ପକାଇ ଦେଲେ ହିନ୍ଦୁ ସ୍ତ୍ରୀଲୋକମାନେ ଏଥିରେ ରାଗାନ୍ୱିତା ହୋଇ ତାଙ୍କୁ ଗାଳିଦେଲେ । ତନ୍ତୁ ମୁସଲମାନ ସ୍ତ୍ରୀଲୋକ ମାନେ ଆପଣା ମଠିଆ ଭାଙ୍ଗି କଷ୍ଟରେ ଜଳ ନେଇ ଗଲେ କରନ୍ତି ଆପଣାର ସ୍ୱାମିଙ୍କ ନିକଟରେ ହିନ୍ଦୁ ସ୍ତ୍ରୀଲୋକମାନେ ତାଙ୍କ ମାର-ପିଟ କରି ମାଠିଆ ଭାଙ୍ଗି ଥିବାର ଅଭିଯୋଗ କଲେ ଏଥିରେ କେତେ ମୁସଲମାନ ଏକତ୍ର ହୋଇ ସେ ଗ୍ରାମକୁ ଯାଇ ବଳପୂର୍ବକ ଘରେ ପଶି ସମ-ସ୍ତଙ୍କର ସ୍ତ୍ରୀଲୋକମାନଙ୍କ ଉପରେ ଅତ୍ୟାଚାର କରି ସ୍ତ୍ରୀମାନଙ୍କୁ ଉଲଗ୍ନ କରି ପୁରୁଷଙ୍କ ସଙ୍ଗ ବାନ୍ଧି ଅଦାଲତକୁ ନେଇ ସେଠାରେ ଆପଣା ମସଜିଦ କମିଟି ପ୍ରତ୍ୟେକଙ୍କଠାରୁ ଅର୍ଥଦଣ୍ଡ ଆଦାୟ କଲେ । କଥିତ ଏମନ୍ତ ଭୟାନକ ଯେ ଶୁଣିଲାପରି ଆହାରି ପର୍ଯ୍ୟନ୍ତ ଜଣାଯାଉଅଛି । ସବି-ଶେଷ ବିବରଣ କ୍ରମେ ଜଣାଯିବ ।

—o—

ବିଲାତରେ ସୁନା ରୂପାର ଦାମ ବଢ଼ିବା ବାଲି ବାହାରି ଅନେକ ଖରଚ ପଡ଼େ । ଷ୍ଟାମ୍ପ ଏବଂ ସରକାରୀ ଫିସ ଉତ୍ତାର ପଦ ସହାରେ ୮୦୫ ପାଉଣ୍ଡ ୧୬ ସିଲିଂ, ମାରକୁଇସ ପଦ ସହାରେ ୬୯୦ ପାଉଣ୍ଡ ୧୬ ସିଲିଂ, ଅର୍ଲ ପଦ ସହାରେ ୫୩୭ ପାଉଣ୍ଡ ୧୬ ସିଲିଂ, ଭାଇକାଉଣ୍ଟ ପଦ ସହାରେ ୫୬୭ ପାଉଣ୍ଡ ୫ ସିଲିଂ ୭ ପେନ୍ସ

ଏବଂ ବାଲକ ପଦ ସକାଶେ ୩୭° ପାଉଣ୍ଡ ୧୨ ଶିଲିଂ ଦେବାକୁ ପଡ଼େ । ପାର୍ଲିଆମେଣ୍ଟର ଭର୍ତ୍ତି ସୂତ୍ରରେ ଅଧିକ ଦେବା ପୂର୍ବେ ଅଗ୍ରିମ ବନ୍ଧ ଦେବାର ନିୟମ ଅଛି ଏବଂ ବଭିରେ ମୂଲ୍ୟରେ ଚଉ ଅଚିତ ହେବା ସକାଶେ ଅଧିକା ଦେବାକୁ ହୁଏ । ବାଉଚମାନେ ଅପଣା ନାମର ପୂର୍ବେ "ସର" ଏବଂ ଶେଷରେ "ବାର୍ଟ" ଲେଖିବା କାରଣ ୨୧୪ ପାଉଣ୍ଡ ୧ ଶିଲିଂ ୬ ପେନ୍ସ ଫିସ ଦିଅନ୍ତି । ଏ ଦେଶରେ ମଧ୍ୟ ସମ୍ମାନ୍ୟ ସବୁ ବାହାଦୁରଠାରୁ ମହାମହୋପାଧ୍ୟାୟ ପର୍ଯ୍ୟନ୍ତ ଉପାଧିର ଶିରତ ସକାଶେ ଯାହା ଖରଚ ପଡ଼େ ତାହା ବିଲାତ ତୁଳନାରେ ସାମାନ୍ୟ ଫଳରେ ମାନ ପାଇବା ସକାଶେ ଧନର ପ୍ରୟୋଜନ ଏବଂ ଧନ ଅର୍ଜନ ସକାଶେ ଗୁଣର ଆବଶ୍ୟକ । ଅତଏବ ସମସ୍ତର ମୂଳ ଏବଂ ଧନବାନ୍ ଓ ଗୁଣବାନ୍ ଉପାଧି ନ ପାଇଲେ ବୃଥା ସର୍ବଥା ପୂଜନୀୟ ।

---

ସାଧାରଣ ବିଜ୍ଞାନ ପତ୍ରିକା ନାମକ ଏକ ଇଂରାଜୀ ପତ୍ରିକାରେ ପ୍ରକାଶିତ ହୋଇଅଛି ଯେ କଳ ପ୍ରକାର ଚାଉଳ ଏବଂ ଶସ୍ୟ ଖାଇବାଦ୍ୱାରା 'ବେରିବେରି' ରୋଗର ଅରୂପ ପ୍ରାଦୁର୍ଭାବ ହୁଏ ତାହା ଡାକ୍ତର ସ୍ଥାନୀୟ ପରୀକ୍ଷାଦ୍ୱାରା ଦେଖିଥିଲେ । ଡାକ୍ତରମାନେ ମେଲୁଆ, ମାଙ୍କଡ଼ ବଲେଇ, କୁକୁର ଏବଂ ପାରକୁ କଳପ୍ରକାର ଚାଉଳ ଓ ଶସ୍ୟାଦି ଖାଇବାକୁ ଦେଇ ମୃତ୍ୟୁକାଳରେ ଦେଖିଲେ ଯେ ମନୁଷ୍ୟଦେହରେ ବେରି ବେରି ରୋଗ ପ୍ରାୟ ସେମାନଙ୍କ ଦେହରେ ଜନ୍ମିବା ଏବଂ ସମୁଦାୟ ଲକ୍ଷଣ ଜାତ ହୋଇଅଛି । ସାହେବ ମହୋଦୟ କହନ୍ତି ବେରୀ ରୋଗ କୌଣସି ସଂକ୍ରାମକ ବୀଜରୁ ଜାତ ହୁଏ ନାହିଁ ମାତ୍ର ପ୍ରାଣୀମାନଙ୍କ ଖାଦ୍ୟର ପ୍ରଧାନ ଉପାଦାନ ନାଇଟ୍ରୋଜେନ (Nitrozen) ବାଷ୍ପର ଅଭାବରୁ ସମ୍ଭବତଃ ତୁଳନାରୁ ଏହି ରୋଗ ଜାତ ହୁଏ । ଧାନ କୁଟି ଚାଉଳ ଅତ୍ୟନ୍ତରୂପେ ସଫା କଲେ ତହିଁରୁ ନାଇଟ୍ରୋଜେନ ଅଂଶ ବିଶେଷରୂପେ ବାହାରିଯାଏ । ଢେଙ୍କି ଚୁଟା ଚାଉଳର ଉପର ଅବରୋଧମାନଙ୍କ ମଧ୍ୟରେ ଦେଖାଯାଏ । ଡାକ୍ତରସାହେବଙ୍କ ମତ ମନକୁ ଲାଗୁଅଛି । ଆଗେ ସାଧାରଣ ଢେଙ୍କିଦ୍ୱାରା ଯେଉଁ ଚାଉଳ ପ୍ରସ୍ତୁତ ହେଉଥିଲା ତହିଁରୁ ସବୁ ଅଂଶ ଛେଚା ହୋଇ ଯାଉ ନ ଥିଲା । ବର୍ତ୍ତମାନ କାରଖାନାମାନଙ୍କରେ ପ୍ରସ୍ତୁତ ଚାଉଳ ଯେମନ୍ତ ସଫା ତେମନ୍ତ ତହିଁର ସାର ଅର୍ଥାତ୍ ନାଇଟ୍ରୋଜେନ ଅଂଶ ନିକାଲି ଦିଆ, ସେ ଚାଉଳ ଖାଇଲେ ସହଜରେ ଜୀର୍ଣ୍ଣ ମଧ୍ୟ ହୁଏ ନାହିଁ । ସାହେବମାନେ ସଫା ଚାଉଳ ଖାଆନ୍ତି ସତ୍ୟ ମାତ୍ର ତାଙ୍କର ପ୍ରଧାନ ଖାଦ୍ୟ ମାଂସ ଏବଂ ଅନ୍ନ ଭୋଜନ କରନ୍ତି ଅଳ୍ପ । ମାତ୍ର ଆମ୍ଭେମାନେ ତାଙ୍କ ଦେଖାଦେଖି କଳ ସଫାଚାଉଳର ଭାତ ଖାଇ ଦୁର୍ବଳ ହୋଇଯାଉଅଛୁଁ । ତଳକଥାରେ ଏହିପରି ଚାଉଳର ଗୁଣଖାଇ ଲୋକେ ରୋଗ ଆଣିଅଛନ୍ତି । ଏବଂ ଅଦ୍ୟ ପରିବାର ଏହିପରି ଚାଉଳ ଅଧିକ ବ୍ୟବହାର କରୁଥିବାରୁ ଏ ରୋଗ ଭାରତମଧ୍ୟରେ ଅଧିକ । ଆମ୍ଭେମାନେ ଅଧିକ ସଫାଚାଉଳର ଭାତ ଖାଇଲେ ଯେ ଏ ରୋଗ ନ ଆଣିବୁଁ କିଏ କହିପାରେ ?

—:०:—

## ଭାରତର ଜନ୍ମମୃତ୍ୟୁ ବିବରଣ ।

ଭାରତ ଗବର୍ଣ୍ଣମେଣ୍ଟର ସ୍ୱାସ୍ଥ୍ୟକମିଶନର ମହୋଦୟଙ୍କର ସନ ୧୯୦୮ ମସୀହାର ଯେଉଁ ଜନ୍ମମୃତ୍ୟୁ ରିପୋର୍ଟ ବାହାରିଅଛି ତହିଁରୁ ଦେଖାଯାଏ ଯେ ଭାରତବର୍ଷମଧ୍ୟରେ ଯେଉଁ ଯେଉଁ ସ୍ଥାନରେ ଜନ୍ମ ମୃତ୍ୟୁ ଲେଖାଯିବାର ରେଜେଷ୍ଟ୍ରୀଶୋଲା ଥିଲା ସେଠାର ମୋଟ ଜନସଂଖ୍ୟା ୨୨୭୪୦୯୭୦୦ ଅଟେ । କଥିତ ବର୍ଷରେ ସେହି ସ୍ଥାନରେ ଜନ୍ମ ୮୫୫୪୪୨୭ ହୋଇଥିଲା । ତହିଁ ପୂର୍ବବର୍ଷର ଜନ୍ମ ସଂଖ୍ୟା ୮୫୦୫୫୬୩ ଥିବାରୁ ଅନୁମାନ ପ୍ରାୟ ସମାନ ରହିଅଛି । ସର୍ବାପେକ୍ଷା ମଧ୍ୟପ୍ରଦେଶରେ ଜନ୍ମ ସଂଖ୍ୟା ଅଧିକ ଅର୍ଥାତ୍ ହଜାରକେ ୫୩ ଏବଂ କୁର୍ଗଠାରେ ସର୍ବାପେକ୍ଷା ଊଣା ଅର୍ଥାତ୍ ହଜାରକେ ୨୪ ଓ ସ୍ତ୍ରୀସଂଖ୍ୟାର ଅଧିକ୍ୟ ଜଣା । ଜନ୍ମର କାରଣ ନିର୍ଦ୍ଦିଷ୍ଟ ହୋଇଅଛି । ଅଜମିର, ମାରୱାଡ଼, ପୂର୍ବବଙ୍ଗ ଓ ଆସାମ ଏବଂ ପଞ୍ଜାବରେ ଜନ୍ମ ସଂଖ୍ୟା ହଜାରକେ ୪୦ ମାତ୍ର ମାନ୍ଦ୍ରାଜରେ ୩୨ ଅଟେ । କୁର୍ଗଠାରେ ସବୁଠାରୁ ଅଳ୍ପ ଜନ୍ମ ଅଧିକ । ୧୯୦୭ ମସୀହାରେ ମୃତ୍ୟୁ ସଂଖ୍ୟା ୮୩,୯୯,୭୨୩ ସ୍ଥଳେ କଥିତବର୍ଷରେ ୮୭,୫୩,୦୦୭ ମୃତ୍ୟୁ ଘଟିଥିଲା । ସୁତରାଂ ଅଧିକା ଜନ୍ମରୁ ମୃତ୍ୟୁ ଅଧିକ ବଢ଼ିଗଲା । ବୋମ୍ବାଇ, ପଞ୍ଜାବ, ମଧ୍ୟପ୍ରଦେଶ ଏବଂ କୁର୍ଗଛଡ଼ା ଅନ୍ୟସବୁ ପୂର୍ବବର୍ଷାପେକ୍ଷା ଅଧିକା ମୃତ୍ୟୁ ଘଟିଥିଲା ସେଥିଁମାନଙ୍କର ସମସ୍ତ ଏବଂ ଓଡ଼ିଶା ଓ ବର୍ମାର ଅଧିକାଂଶ ଜିଲ୍ଲାରେ ଜନ୍ମ ସଂଖ୍ୟା ଅପେକ୍ଷା ଊଣା ଏବଂ ମୃତ୍ୟୁ ସଂଖ୍ୟା ଅପେକ୍ଷା ଅଧିକ ଥିଲା । ମୁସଲମାନଙ୍କ ମୃତ୍ୟୁର ଅନୁପାତ ସାର୍ଦ୍ଧ ୩୦ ସ୍ଥଳେ ହିନ୍ଦୁଙ୍କର ୩୦, ଖ୍ରୀଷ୍ଟିୟାନ ୨୭ ଏବଂ ବୌଦ୍ଧ ୨୪ ଅଟେ । ୧୫ ଠାରୁ ୪୦ ବର୍ଷ ବୟସମଧ୍ୟରେ ପୁରୁଷଠାରୁ ସ୍ତ୍ରୀ ଅଧିକ ମରନ୍ତି ମାତ୍ର ଅନ୍ୟବୟସରେ ପୁରୁଷର ମୃତ୍ୟୁସଂଖ୍ୟା ଅଧିକ । ଦୁର୍ଭିକ୍ଷ ଏବଂ ଶସ୍ୟର ମୂଲ୍ୟ ବୃଦ୍ଧି ହେତୁ ପ୍ରାୟ ସର୍ବତ୍ର ଜନ୍ମସଂଖ୍ୟା ଊଣା ହୋଇଥିବାର କାରଣ ପ୍ରଦର୍ଶିତହୋଇଅଛି । ମାନ୍ଦ୍ରାଜପ୍ରଦେଶରେ ଏ ବର୍ଷମଧ୍ୟରେ ଜନ୍ମସଂଖ୍ୟା ଅନ୍ୟ ସମସ୍ତ ବର୍ଷଅପେକ୍ଷା ଅଧିକ । ଓଡ଼ିଶାଠାରେ ଗତବର୍ଷରେ ପୂର୍ବବର୍ଷାପେକ୍ଷା ଅଧିକ ମରିଥିଲେ । ଉପରୋକ୍ତ ବିବରଣକୁ ପାଠକେ ଦେଖିବେ ଯେ ଶସ୍ୟର ଦର ଉପରେ ଜନ୍ମ ମୃତ୍ୟୁ ସମ୍ପୂର୍ଣ୍ଣରୂପେ ନିର୍ଭର କରେ । ଯେଉଁ ବର୍ଷ ଦୁର୍ଭିକ୍ଷ ବା ଶସ୍ୟ ଦୁର୍ମୂଲ୍ୟ ହେବାଲୋକ ଲୋକଙ୍କର ବଳ କମି ହେଲା ସେ ବର୍ଷ ଯେମନ୍ତ ଜନ୍ମସଂଖ୍ୟା ଅଳ୍ପ ତେମନ୍ତ ମୃତ୍ୟୁସଂଖ୍ୟା ଅଧିକ ଘଟେ । ସ୍ୱାସ୍ଥ୍ୟରକ୍ଷା କର୍ତ୍ତବ୍ୟକାର୍ଯ୍ୟ ହେଲେହେଁ ଅତିବୃଷ୍ଟି ବା ଅନାବୃଷ୍ଟି ଉପରେ ତହିଁର ନିର୍ଭର ରହିଲା ଏବଂ ଶସ୍ୟର ସନ୍ତୋଷ ସୁଲାର୍ଯ୍ୟ ସାଧନ ଉପରେ ଅତିବୃଷ୍ଟି ଓ ଅନାବୃଷ୍ଟି ବିଶେଷ ନିର୍ଭର ରଖିବା ବେଦାନ୍ତ ଶାସ୍ତ୍ରରେ କଥିତଅଛି । ଲୋକେ ସ୍ୱଧର୍ମ ନିରତ ହେଲେ ପ୍ରକୃତିର ଅତ୍ୟାଗ୍ରହ ଦାଉରୁ ରକ୍ଷାପାଇବେ ଏ କଥା ଶାସ୍ତ୍ରକାର ବାରମ୍ବାର କହିଥିବାସ୍ଥଳେ ଲୋକେ ତହିଁର ଅନାସ୍ଥା ଦେଖାଇ ତହିଁର କୁଫଳ ଭୋଗ କରୁଅଛନ୍ତି । ଶିଳ୍ପବାଣିଜ୍ୟର ପ୍ରଭାବରୁ ଅତିବୃଷ୍ଟି ଓ ଅନାବୃଷ୍ଟିର ଦାଉ କଟି ଯାଇପାରେ । ମାତ୍ର କେତେଜଣ ଦେଶଲୋକ ଶିଳ୍ପବାଣିଜ୍ୟ ପ୍ରତି ମନ ବଳାଇଅଛନ୍ତି ? ଆମ୍ଭମାନଙ୍କର ନାନାପ୍ରକାର ଅଧର୍ମ ନିରୁଦ୍ୟମ ଓ ଆଳସ୍ୟ ଯୋଗୁଁ ସର୍ବଦା ଦାରିଦ୍ର୍ୟ ଦ୍ୱାରଦେଶରେ ଠିଆ ହୋଇ ରହିଅଛି । ତାହାକୁ ବାହାର କରିଦେବା କାରଣ ଯଦ୍ନ ନ କଲେ ଲୋକସଂଖ୍ୟା କ୍ରମାଗତ ଊଣା ହେଉଥିବ ।

---

## ଲବଣର ବ୍ୟବହାର ।

ଡାକ୍ତର ଅକଲି ମହୋଦୟ ଅଳ୍ପଦିନ ତଳେ ଲବଣର ବ୍ୟବହାର ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ପାଠ କରିଥିଲେ । ସେ କହନ୍ତି ଯେ ଲବଣର ବ୍ୟବହାର ସାଧାରଣ ହେଲେ ହେଁ ତାହା ଏକ ବ୍ୟାଧି ହେବ କାରଣ ଅନେକ ଦେଶର ଲୋକେ ଲୁଣ ଆଦୌ ବ୍ୟବହାର କରନ୍ତି ନାହିଁ ! କଥିତ ହୁଏ ଯେ ଅନେକ ଜନ୍ତୁ ସ୍ୱଭାବତଃ ଲୁଣକୁ ଭଲ ପାନ୍ତି ଏବଂ ତାହା ପାଇବାକାରଣ ବେଳେ ବହୁ ଦୂର ଯାଇ ତାହା ଅନ୍ୱେଷଣ କରନ୍ତି ମାତ୍ର ସେ ଏଥିର କୌଣସି ପ୍ରମାଣ ପାଇ ନାହାନ୍ତି । ବିଲାତର ଯେଉଁମାନେ ଜନ୍ତୁଦ୍ୱାରା ଖେଳ କରନ୍ତି ସେମାନେ କେହି ପାଳିତ ଜନ୍ତୁଙ୍କୁ ଲୁଣ ଦିଅନ୍ତି ନାହିଁ ଅବା ଆଦୌ ଦିଅନ୍ତି ନାହିଁ । ଯେଉଁ ଜୀବମାନେ ଘାସ ପତ୍ର ଖାଆନ୍ତି ତାଙ୍କର ଲୁଣ ପ୍ରୟୋଜନ ହୁଏନାହିଁ । ଶିଶୁମାନେ ଲୁଣକୁ ଭଲ ପାନ୍ତି ନାହିଁ ଏବଂ ସେମାନେ ଯେଉଁ ଦୁଧ ଖାଆନ୍ତି ତହିଁରେ ଲୁଣ ନ ଥାଏ ବୋଲିଲେ ହୁଏ । ସେମାନେ ବୟଃପ୍ରାପ୍ତ ହେଲେ ସ୍ୱଭାବତଃ ଲୁଣ ଖାଆନ୍ତି ନାହିଁ ଏବଂ ଦେଖାଦେଖି ଖାଇଲେହେଁ

ତାହା ଜାଣନ୍ତି ପ୍ରୟୋଜନୀୟ ବୋଲି ବୋଲାଯାଇ ନ ପାରେ । ମନୁଷ୍ୟ ଦେହର ପୂରଣର ସ୍ୱାଦ ସ୍ୱାଦ ନୁହେଁ । ତଥାପି ଲୋକ ସମସ୍ତରେ ପ୍ରାୟ ସାଧାରଣ ଓଜନର ଲୁଣ ଖାନ୍ତି ମାତ୍ର ତାହାର ସ୍ୱଭାବରୁ ଏବେ ଖାଇଲେ ଯଥେଷ୍ଟ ହେବ ଏବଂ ଅନ୍ୟମାନଙ୍କ ଖାଦ୍ୟ ପଦାର୍ଥରେ ପ୍ରାୟ ଏତେ ମାତ୍ର ଲୁଣ ଥାଏ । ଅଧିକ ଲୁଣ ମିଶାଇ ଖାଇଲେ କାହିଁ କିଛି ବଢ଼େ ନାହିଁ ମାତ୍ର ଲୁଣ ଅଧିକ ହେଲେ ହଜମ ହୁଏ ନାହିଁ । ଯେତେ ଲୁଣ ଖିଆଯାଏ ତାହା ମୂତ୍ରାଶୟରୁ ଚାଲିଯାଏ ଏବଂ ଖାଦ୍ୟର ଲବଣାଂଶ ୨୪ ଘଣ୍ଟା ମଧ୍ୟରେ ଶରୀରରୁ ବାହାରିଯାଏ । ଶରୀରରେ ଲୁଣ ଥିଲେ ସେହି ପରିମାଣ ପାଣି ରହିବା ଆବଶ୍ୟକ । ତହିଁରୁ ଶିରରେ ଜଳାଧିକ୍ୟ ହୋଇ ରୋଗ ଜାତ ହୁଏ । ଡାକ୍ତର ମହୋଦୟ କହନ୍ତି ଯେ ଯେ ଲୁଣ ଖାଇବା ହ୍ରାସ ଆଚରଣ କଲେ ଶରୀରର ଓଜନର ଭଣା ଅଧିକ ହୋଇ ପାରନ୍ତି । ସାଧାରଣତଃ ଲୋକଙ୍କର ବିଶ୍ୱାସ ଯେ ଲୁଣ ଅଧିକ ଖାଇଲେ କିଛି କ୍ଷତି ନାହିଁ ମାତ୍ର ଏହା ଭ୍ରମପୂର୍ଣ୍ଣ । ଅଧିକ ମାତ୍ରାରେ ଲୁଣ ଖାଇଲେ ମୂତ୍ରାଶୟର କାର୍ଯ୍ୟ ବଢ଼େ ଏବଂ ତହିଁରେ କ୍ଷତି ହୁଏ । ଯେଉଁମାନେ ଅଧିକ ଲୁଣ ଖାଆନ୍ତି ସେମାନେ ସ୍ୱାଭାବିକରେ ପୀଡ଼ିତ ହୋଇ ଥାଆନ୍ତି ନାହିଁ ଏବଂ ଅଧିକ ଲୁଣ ଖାଇଲେ ବାନ୍ତି ଓ ଶୋଥ ହୁଏ । ଡାକ୍ତରମାନେ ଏହା ପରୀକ୍ଷା କରି ଦେଖିଛନ୍ତି । ୪୦ ଠାରୁ ୫୦ ବର୍ଷ ବୟସ୍କ ଲୋକଙ୍କ ପକ୍ଷେ ଅଧିକା ଲୁଣ ଖାଇବା ଅନୁଚିତ ଅଟେ । ତହିଁରେ ରକ୍ତ ଉପରେ ବିଶେଷ ଜୋର ପଡ଼ିବାରୁ ଶରୀରର କ୍ଷତି ଜାତ ହୁଏ । ତହିଁ ସଙ୍ଗେ ସଙ୍ଗେ ଖାଦ୍ୟ ପଦାର୍ଥସଂରକ୍ଷଣ ଯଥା ଫଳ ଏବଂ ମାଛରେ ଅଧିକା ଲୁଣ ପ୍ରୟୋଜନୀୟ ଏବଂ ଅଧିକା ଲବଣ ସେବନଦ୍ୱାରା କେତେ ରୋଗ ଶରୀରର ଭିତରେ ଉତ୍ପନ୍ନ ହୁଏ । ତଥାପି ତାଙ୍କ ମତରେ ଏହା ସବୁ ମଧ୍ୟରେ ଗଣ୍ୟ ।—ଖାଦ୍ୟ ପଦାର୍ଥ ସହ ଉପଯୁକ୍ତ ଔଷଧ ଦ୍ରବ୍ୟର ପ୍ରସ୍ତୁତରେ ଲୁଣ ପ୍ରୟୋଜନୀୟ ଅଟେ । ଲୁଣକୁ ଡାକ୍ତର ମହୋଦୟ ବିଶେଷରେ କେବଳ ଦରକାର ମାତ୍ର ଦେଖନ୍ତି ଖାଇବାରୁ ଅଧିକ ସାଦା ହେବା ମାତ୍ରରେ ହୁଏ । ପ୍ରକୃତ କଥା ଏହି ଯାହା ଯେତିକି ଖାଇଲେ ଶରୀରର ପୁଷ୍ଟି ସାଧନ ହୁଏ ସେତିକି ପରିମାଣରେ ତାହା ଖାଇବା ଉଚିତ । ଅଧିକ ମାତ୍ରାରେ କିଛି ଖାଇଲେ ସୁଦ୍ଧା ଯେତେ ପୁଷ୍ଟିକର ବା ବାଦାମକୁ ହେବା ଅବଶ୍ୟ ମୂଲ୍ୟ ଯୋଗ୍ୟ ହୁଏ ମାତ୍ର ସେ ଦେହରୁ ବାହାରୁ ହୁଏ ବୋଲି ବୋଲାଯାଇ ନ ପାରେ । ଯେଉଁ ଦେଶର ଲୋକେ ଏହାକୁ ଲଘୁ ଲୁଣ ଖାନ୍ତି ତାହିଁ ସେ ଦେଶର କଥା ଅନୁମାନ କରା ନାହିଁ ଏବଂ ତାଙ୍କର ଶରୀରରେ ଯେତିକି ଲୁଣ ରହିବାର ଆବଶ୍ୟକ ସେଥିପାଇଁ ସେମାନେ କ ଦରକାର ତାହା ଦେଖିବା ଉଚିତ । ତଥାପି ଅଧିକନ୍ତୁ ଲବଣ ସେବନ ଯେ ଅନୁଚିତ ଏହା ସମସ୍ତେ ସ୍ୱୀକାର କରନ୍ତି ।

---

## ଓଡ଼ିଶା ଗଡ଼ଜାତ

ବଙ୍ଗ ପ୍ରଦେଶର ସନ ୧୯୦୮।୦୯ ସାଲର ବାର୍ଷିକ ଶାସନ ବିବରଣୀ ଏବେ ପ୍ରକାଶ ହେଲା ବାହାରିଅଛି । ତହିଁରେ ଓଡ଼ିଶା ଗଡ଼ଜାତ ବିଷୟରେ ଯାହା ଲେଖାଅଛି ତହିଁର ସଂକ୍ଷେପ ମର୍ମ ପ୍ରକାଶ କଲୁଁ । ଓଡ଼ିଶା ଗଡ଼ଜାତ ମାନଙ୍କର ସଂଖ୍ୟା ୨୪ ଟା । ଏ ସମସ୍ତର ସୁପରିଣ୍ଟେଣ୍ଡେଣ୍ଟ ଓଡ଼ିଶା କମିଶନରଙ୍କ ଅଧୀନରେ ଜଣେ ପୋଲିଟିକାଲ ଏଜେଣ୍ଟ ଅଛନ୍ତି । ବଣେଇ, ବାମଣ୍ଡା, କଳାହାଣ୍ଡି, ଗାଙ୍ଗପୁର, ରେଢ଼ାଖୋଲ ଓ ସୋନପୁର ରାଜାଙ୍କର ସମ୍ବଳପୁର ଜାର୍ଯ୍ୟ ସରକାରଙ୍କଦ୍ୱାରା ହୋଇଅଛି । ମୟୂରଭଞ୍ଜ, ଢେଙ୍କାନାଳ ଏବଂ ପାଟଣାର ରାଜାମାନେ ଏବଂ କେନ୍ଦୁଝରର ରାଜାଙ୍କ ଏବଂ ଗାଙ୍ଗପୁରର ପ୍ରଧାନ ଜମିଦାର ଜମିଦାରମାନେ ସମ୍ମାନୀ ମୋହନୀ ବର୍ଷର ଉପାଧି ପାଇଅଛନ୍ତି । ସମସ୍ତ ଗଡ଼ଜାତର ଭୂମି ହ୍ରାସ ବୃଦ୍ଧି ଉପରେ ଅଛି ଏବଂ ସଦଳରେ ଅଧିକ ହୁଅଇ । ଏଣୁ ବର୍ଷରେ ଫସଲ ହେବା ଯୋଗେ ଲୋକଙ୍କ ଅଭାବରେ ବହୁ କଷ୍ଟ ଥିଲା । କେବଳ ମୟୂରଭଞ୍ଜ, ଢେଙ୍କାନାଳ ଓ କେନ୍ଦୁଝରର ବର୍ଷର ପ୍ରଥମଭାଗରେ ଦେଶରେ ସ୍ଥାନରେ ଖୋଲାହେବା ଯୋଗେ ସାହାଯ୍ୟ ଦାନ କରିବା ଓ ଜଣା ପ୍ରକୃତ ଦେଖିବାର ବ୍ୟବସ୍ଥା ହୋଇଥିଲା ଲୋକଙ୍କର ଅବସ୍ଥା ଓ ସାଧାରଣ ସ୍ୱାସ୍ଥ୍ୟ ଭଲ ଥିଲା । କେବଳ କଳାହାଣ୍ଡି ଏବଂ ସୋନପୁରରେ କୋଟିଏ କୃଷି ଭାଣ୍ଡାରଖାନା ହୋଇଥିଲା ଏବଂ ଅନ୍ୟ ସମସ୍ତ ଭାଣ୍ଡାରଖାନାର ବହୁ ଉନ୍ନତି ହୋଇଥିଲା । ପୂର୍ତ୍ତକାର୍ଯ୍ୟ ଯଥା ସଡ଼କ ଇତ୍ୟାଦି ନିର୍ମାଣରେ ୮ ଲକ୍ଷ ୨୬ ହଜାର ଟଙ୍କା ବ୍ୟୟ ହୋଇଥିଲା । ଏହି ମଧ୍ୟରେ ମୟୂରଭଞ୍ଜର ଷ୍ଟେଟ୍ ରେଲ ନିର୍ମାଣ କାର୍ଯ୍ୟ ପ୍ରଧାନ । କେନ୍ଦୁଝରର ପ୍ରଧାନ ସଡ଼କ କାର୍ଯ୍ୟ ଚାଲୁଅଛି । ମୋଟରେ ଗତ ବର୍ଷଠାରୁ ପୂର୍ତ୍ତକାର୍ଯ୍ୟରେ ଖର୍ଚ୍ଚ ପ୍ରାୟ ୮ ୪୧ ହଜାର ଟଙ୍କା ବଢ଼ିବା ସନ୍ତୋଷଜନକ, ମୋଟ ଆୟ ଗତ ୮ ୧୨୪୦୦୦୧ ଟଙ୍କାରୁ ୮ ୧୯୯୨୪୮୧ ଟଙ୍କାକୁ ବଢ଼ିବା ସନ୍ତୋଷର ଅଟେ । ସ୍କୁଲ ଓ ଛାତ୍ର ସଂଖ୍ୟା ଯଥାକ୍ରମେ ୮୨୪ ରୁ ୧୯୫୮ ଓ ୩୮୧୯୨ ରୁ ୧୮୭୨୯ କୁ ବଢ଼ିଅଛି ଏହା ସନ୍ତୋଷଜନକ ଅଟେ । ମାତ୍ର ଫସଲ ଭଲ ନ ହେବା ଏବଂ ମଧ୍ୟ ପାଦଳ ଜ୍ୱର ରୋଗ ହେବାରୁ ମାନସିକ ଦୁଃଖ ଭୋଗ କରିଥିବା ଅନେକ ଅସ୍ୱସ୍ଥ ଅବସ୍ଥା ପଡ଼ିଥିଲେ । କଳାହାଣ୍ଡି ଓ ପାଟଣାର ଛଡ଼ା ଅନ୍ୟ ସମସ୍ତ ରାଜାଙ୍କର ଜେଲଖାନାର ଅବସ୍ଥା ଭଲ ଓ ନୂତନ ନିୟମରେ ପ୍ରଚଳିତ ହୋଇଥିବାର ଦେଖାଯାଏ । ପ୍ରାୟ ସକଳ ଜେଲରେ ଚରଖା ଚଳାଇ ଘଷୁଡ଼ା ହୋଇଅଛି ଓ ଜେଲର ସେବରେ ସାମଗ୍ରୀ ଅର୍ଥାତ୍ ଲୁଗା ବୁଣା ଯାଉଅଛି । ଉଦ୍ଦେଶ୍ୟ ଅପରାଧ ସହିତ ମୋକଦ୍ଦମା (ପ୍ରଧାନତଃ ଜେଲ ଦେଶ ଇତ୍ୟାଦି) ହୋଇଥିଲା । ଖାଦ୍ୟ ଦ୍ରବ୍ୟର ଦୁର୍ମୂଲ୍ୟତା ତହିଁର ଅଂଶତଃ କାରଣ ବୋଲି କଥିତ ହୁଅଇ ମାତ୍ର ସୁଖର ବିଷୟ ଯେ ବାମଣ୍ଡା, ବଣେଇ ଓ ଗାଙ୍ଗପୁରରେ ଗୋଟିଏ ସୁଦ୍ଧା ଡକାଏତି ହୋଇ ନାହିଁ । କେବଳ ଢେଙ୍କାନାଳ ଓ ଦଶପଲ୍ଲାରେ ଗୋଟିଏ ଗୋଟିଏ ଡକାଏତି ହୋଇଥିଲା । ସ୍କୁଲରେ ପୁଲିସ ଯୋଗାଯୋଗ ସହିତ କାର୍ଯ୍ୟ ଚଳାଉଅଛନ୍ତି । ଫୌଜଦାରୀ ଏବଂ ଦେୱାନୀ ମୋକଦ୍ଦମାମାନ ସାଧାରଣତଃ ଯଥାସମୟରେ ସୁବନ୍ଦୋବସ୍ତ ନିଷ୍ପତ୍ତି ହୋଇଥିଲା । ଏହି ସମସ୍ତ ସନ୍ତୋଷଜନକ କାର୍ଯ୍ୟ ଏବଂ ଉନ୍ନତ ଦେଖି ମାନ୍ୟବର ଲେଫ୍ଟେନାଣ୍ଟ ଗତ ବର୍ଷ ଓଡ଼ିଶା ଗଡ଼ଜାତ ରାଜାଙ୍କ ସମ୍ବଳପୁର କାର୍ଯ୍ୟରେ ଯାହା ଅଭିମତ ପ୍ରକାଶ କରିଅଛନ୍ତି ତହିଁରେ ସନ୍ଦେହ ନାହିଁ । ସମସ୍ତ ଗଡ଼ଜାତର କଥା ଏକାଠି ହେବା ଅପେକ୍ଷା ଏକ ଏକ ଗଡ଼ଜାତର ବିବରଣ ପୃଥକ୍ ରୂପେ ପ୍ରକାଶ ହେଉଥିଲେ ଭେଦ ତାହାର ବିଷୟରେ ଅଭିମତ ବା ଶାସ୍ତ୍ରୀୟ ଉତ୍ତରରୁ ଯେ କୌଣସି ଗଡ଼ଜାତ ବିବରଣୀ ଟା ବାହିରିବା ଦରକାର ସମ୍ଭବତଃ ଉଚିତ ହୋଇ ନାହିଁ । ପୋଲିଟିକାଲ ଏଜେଣ୍ଟଙ୍କ ବାର୍ଷିକ ବିବରଣୀ ଉତ୍କଳ ଗେଜେଟରେ ପ୍ରକାଶ ହେବାର ନିୟମ ହେଲେ ସେହି ତ୍ରୁଟି ଦୂର ହେବ ।

## ବ୍ରିଷ୍ଟଲ ବାଣିଜ୍ୟ ବିଦ୍ୟାଳୟ ।

ଇଂଲଣ୍ଡର ବ୍ରିଷ୍ଟଲ ନଗରୀ ବାଣିଜ୍ୟ ବିଦ୍ୟାଳୟର ପୁରସ୍କାର ବିତରଣ ସଭା ଗତ ମାର୍ଚ୍ଚମାସ ତା ୧୨ ରିଖରେ ହୋଇଥିଲା । ବଙ୍ଗ ଲେଫ୍ଟେନାଣ୍ଟ ଗଭର୍ଣ୍ଣରଙ୍କ ପତ୍ନୀ ମହୋଦୟା ସଭାସ୍ଥଳ ଅଳଙ୍କୃତ କରିଥିଲେ ଏବଂ ସେ ସ୍ୱର୍ଣ୍ଣ ଏବଂ ମହୋଦୟ ସଭାପତିର ଆସନ ଗ୍ରହଣ କରିଥିଲେ । ଅନେକ ସମ୍ଭ୍ରାନ୍ତ ଇଂରେଜ ଓ ଦେଶୀୟ ଭଦ୍ରଲୋକ ଏବଂ ମହିଳାମାନେ ସଭାସ୍ଥଳରେ ସମବେତ ହୋଇଥିଲେ । ବିଦ୍ୟାଳୟର ରିପୋର୍ଟରୁ ପ୍ରକାଶ ହେଉଅଛି ଯେ

ଗତ ପୂର୍ବବର୍ଷ ବଙ୍ଗାଳାରେ ମୋଟ ୧୧୩ ଜଣ ଛାତ୍ରୀସ୍କୁଲ ପରୀକ୍ଷା ୧୪୮ ଘଣ୍ଟା ହୋଇଥିଲେ ସେମାନଙ୍କ ମଧ୍ୟରେ ୨୭ ଜଣ ହିନ୍ଦୁ ଥିଲେ। ହିନ୍ଦୁ ଛାତ୍ରୀସଂଖ୍ୟା ଗତ ପୂର୍ବବର୍ଷ ୫୪ ଥିଲା। ସ୍କୁଲରେ ୧୭ ଜଣ ବାଳିକା, ଜଣେ ଇହୁଦୀ, ଜଣେ ପାର୍ଶୀ, ୬ ଜଣ ମୁସଲମାନ ଏବଂ ୭ ଜଣ ମଗ ଜାତୀୟା ପଢ଼ିବା ବଡ଼ ସୁଖର ବିଷୟ। ଗତବର୍ଷ ୬ ଜଣ ବାଳିକା ପ୍ରବେଶିକା ପରୀକ୍ଷା ଦେଇଥିଲେ ଏବଂ ସମସ୍ତେ ଉତ୍ତୀର୍ଣ୍ଣ ହୋଇଅଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ମୁସଲମାନବାଳିକା ଏବଂ ସେ ବଙ୍ଗପ୍ରଦେଶର ପ୍ରଥମ ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ହେବା ହେତୁ ସରକାରଙ୍କ ୪୧୦ ଟଙ୍କା ବୃତ୍ତି ପାଉଅଛନ୍ତି। ଅନ୍ୟ-ଜାତ ହିନ୍ଦୁବାଳିକା ମାନେ ସେ ବୃତ୍ତି ପାଇ-ଥିଲେହେଁ ଅଧିକ ନ ପଢ଼ିବା ହେତୁ ତାହା ଭୋଗର ପାଇଲେ ନାହିଁ। ଏ ଦେଶରେ ମୁସ-ଲମାନ ହିନ୍ଦୁଙ୍କୁ ଜିଣିଲେ। ସେ ବାଳିକା ତ ପରୀକ୍ଷା ଦେଇ ପଢ଼ିଲା ନାହିଁ ତାହା ଉଦ୍ୟୋଗରେ ଲେଖା ନ ଥିଲା। ଏହି ବିବାହ କରିବା ହେତୁ ଶିକ୍ଷା ବନ୍ଦ ହେଲା ତାହା ହେଲେ ବଡ଼ ଦୁଃଖର ବିଷୟ। ଉଦ୍ୟୋଗ ପାଠ ହେବା ପୂର୍ବେ ବାଳକାମାନେ ସୁସ୍ଥ ହୋଇ ଅଙ୍ଗରକ୍ଷା ଓ ଅଭ୍ୟାସ ଉତ୍ସବ ଗୀତ ଏବଂ ପାଠ୍ୟ କରୁଥିଲେ ଓ ତାହା ଦେଖିବାକୁ ଏବଂ ଶୁଣିବାକୁ ଅତୀବ ସୁନ୍ଦର ହୋଇଥିଲା। ଲେଫ୍ଟେନାଣ୍ଟ ଗଭର୍ଣ୍ଣର ପତ୍ନୀ ମହୋଦୟା ସ୍ୱହସ୍ତେ ପୁରସ୍କାର ବିତରଣ କରିଥିଲେ। ସଭାପତି ମହାଶୟ ସେବକର କାର୍ଯ୍ୟାବଳୀ ଏବଂ ବାଳିକାମାନଙ୍କର ପାଠ ଓ ଗୀତରେ ପରମ ତୃପ୍ତ ହୋଇଥିବାର ପ୍ରକାଶ କରି ବ୍ୟକ୍ତ କଲେ ଯେ କେବଳ ମହିଳାମାନଙ୍କଦ୍ୱାରା ସ୍କୁଲ ପରିଚାଳିତ ହେବା ତଥା ଜଣେ ମୁସଲମାନବାଳିକା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବଡ଼ ସୁଖର ବିଷୟ। ଏଥିରୁ ମୁସଲମାନ ସମ୍ପ୍ରଦାୟରେ ଶିକ୍ଷା ବିସ୍ତୃତ ହେଉଥିବାର ସ୍ପଷ୍ଟ ଜଣା ଯାଉଅଛି। ଅତଃପର ଲେଡ଼ି ଜେନକିନ୍ସ ମହୋଦୟା ପ୍ରଥମ ହୋଇ ଛାତ୍ରୀମାନଙ୍କୁ ପୁରସ୍କାର ଦେଲେ ଯେ ସ୍ୱୀକାର କରିବା କାରଣ ଅଛି ଓ ମୋତେ ଏବଂ ସଭା ସହିତ ହିନ୍ଦୁ ମହୋଦୟମାନେ ଯୋଗ ଦେଇ ବିଦ୍ୟାଳୟକୁ ଦେଉଥିବା ବିଷୟ ଶୁଣାଇଲେ ଏବଂ ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା। — ଏ ସଭାର କାର୍ଯ୍ୟାବଳୀରୁ ଭାରତର ନାରୀଜାତିର ଉନ୍ନତି ସ୍ତ୍ରୀଶିକ୍ଷା ସମ୍ବନ୍ଧରେ ପାଠକମାନଙ୍କ ମନରେ ଆଶାର ଉଦ୍ରେକ ହେବ ସନ୍ଦେହ ନାହିଁ। ବିଶେଷତଃ ମୁସଲମାନ ଓ ମାରୱାଡ଼ୀମାନଙ୍କର ପଢ଼ିବା ବଡ଼ ଆଶାପ୍ରଦ। ଏହିପରି ଦାୟିତ୍ୱଭାର ଏହାଙ୍କଠାରେ ଉଠାଇଦେଲେ ଏଥିରେ ସନ୍ଦେହ ନାହିଁ, ହେଲେ ଦେଶର ପ୍ରକୃତ ମଙ୍ଗଳ ହେବ। ବାଲ୍ୟ ବିବାହ ପ୍ରଥା ମଧ୍ୟ ଶିଥିଳ ହୋଇ ଆସୁଅଛି ଏହା ଦେଖାଯାଏ।

## ଧୂମକେତୁ।

ବିଜ୍ଞାନ ସମ୍ବନ୍ଧୀୟ ଏକ ଇଂରାଜୀ ପତ୍ରିକାରେ ପ୍ରକାଶିତ ହୋଇଅଛି ଯେ ଅନ୍ତରୀକ୍ଷରେ ଯେଉଁ ନକ୍ଷତ୍ର ଦେଖାଯାଏ ତହିଁମଧ୍ୟରୁ ଆମ୍ଭମାନଙ୍କଠାରୁ ସର୍ବାପେକ୍ଷା ଅଧିକ ନିକଟବର୍ତ୍ତୀ ନକ୍ଷତ୍ରରୁ ଏଠାକୁ ଆଲୋକ ଆସିବାକୁ ୪½ ବର୍ଷ ସମୟ ଲାଗିବ। ପୃଥିବୀର କେନ୍ଦ୍ରରେ ଯେଉଁ ନକ୍ଷତ୍ର ଆଉ ପ୍ରକାଶ ଆଲୋକ ପ୍ରକାଶ କରେ ତାହା ସେହି ନକ୍ଷତ୍ରରୁ ପୃଥିବୀରେ ପହୁଞ୍ଚିବାକୁ ୪½ ବର୍ଷ ସମୟ ଲାଗେ। ଏହି ନକ୍ଷତ୍ର ଅପେକ୍ଷା ଦଶଗୁଣ ଦୂର ହୋଇଗଲେ ପୁଣି ସେଠାରୁ ଆଲୋକ ଆସିବାକୁ ପ୍ରାୟ ସର୍ବଶତାଧିକ କାଳ ଲାଗିବ। ଏହି ନକ୍ଷତ୍ର ଆମ୍ଭମାନଙ୍କଠାରୁ ଏତେ ଦୂରରେ ଅବସ୍ଥିତ ଯେ ତହିଁର ଆଲୋକ ପ୍ରତି ସେକେଣ୍ଡରେ ୧୮୬୦୦୦ ମାଇଲ ବେଗରେ ଗତି କରୁଥିଲେହେଁ ଦଶହଜାର ବର୍ଷ ପୂର୍ବରେ ଆମ୍ଭମାନଙ୍କ ନିକଟରେ ପହୁଞ୍ଚି ପାରିବ ନାହିଁ। ଆକାଶର ଛାୟାପଥର ନକ୍ଷତ୍ରରୁ ଆଲୋକ ଆସିବାକୁ ୧୫ ହଜାର ବର୍ଷ ଲାଗେ ଏବଂ ସେହି ଛାୟାପଥରେ ନଗ୍ନ ଚକ୍ଷୁ ନକ୍ଷତ୍ର ଯାହା ଦୂରବୀକ୍ଷଣ ଯନ୍ତ୍ରରେ ସ୍ୱଚ୍ଛ ଧୂଳିକଣା ରୂପେ ଦେଖାଯାଏ ତହିଁରୁ ଆଲୋକ ଆସିବାକୁ ଅଧକୋଟି ବର୍ଷ ଲାଗିପାରେ। ସାଧାରଣ ଚକ୍ଷୁର ନକ୍ଷତ୍ରମାନେ ଏକସ୍ଥାନରେ ସ୍ଥିର ରହିଥିବାର ଦେଖାଯାଏ। ଧୀରଭାବରେ ଏକାକ୍ରମେ ବହୁକାଳ ପର୍ଯ୍ୟନ୍ତ ନିରୀକ୍ଷଣ ନ କଲେ ସ୍ୱୟଂ ଜ୍ୟୋତିଷମାନଙ୍କ ଏହା ଜଣାଯାଇ ପାରେ ନାହିଁ ଏବଂ କେବେ କେବେ ଉତ୍ତରଗୋଳାର୍ଦ୍ଧର ଜ୍ୟୋତିର୍ବେତ୍ତାମାନେ ନକ୍ଷତ୍ରର ଗତିବିଧି ନିର୍ଣ୍ଣୟ କରନ୍ତି ଅର୍ଥାତ୍ ଜଣେ ଜ୍ୟୋତିର୍ବେତ୍ତା ହେବେରଦୂର ନିରୀକ୍ଷଣ କରି ମରଣରେ ଅନ୍ୟଜଣେ ସେଠାରୁ ଆରମ୍ଭ କରି ତାହା ଶେଷ କରନ୍ତି। ପ୍ରକୃତ ଦେଖିବାକୁ ଗଲେ ପ୍ରତ୍ୟେକ ନକ୍ଷତ୍ର ଅତ୍ୟନ୍ତ ବେଗରେ ଭ୍ରମଣ କରୁଅଛି। ଦକ୍ଷିଣାକାଶର କୌଣସି ପଦାର୍ଥରେ ଅଲସ୍ୟର ଲେଶମାତ୍ର ଦେଖାଯାଏ ନାହିଁ। ଆକାଶ ପରିଷ୍କାର ଏବଂ ବାୟୁ ନିର୍ମଳ ଥିବା ସମୟରେ ନକ୍ଷତ୍ରମାନଙ୍କପ୍ରତି ଦୃଷ୍ଟି ନିକ୍ଷେପ କଲେ ଦୂର ଆକାଶର ଗମ୍ଭୀର ନିସ୍ତବ୍ଧତା ବିରାଜିତ ଥିବାର ଜଣାଯିବ ମାତ୍ର ଅନ୍ତରୀକ୍ଷର ଏହି ଅନନ୍ତ, ନକ୍ଷତ୍ରମାଳ ସକଳରେ କାର୍ଯ୍ୟ କରୁଅଛି ଏବଂ ସେମାନଙ୍କର ଗତିବିଧିର ସେହିପରି ଶୃଙ୍ଖଳା ଲାଗି ରହିଅଛି। ସୂର୍ଯ୍ୟ ସ୍ଥିରଭାବରେ ଥିବାର ଦେଖାଯାଏ ମାତ୍ର ଅନେକ ଜ୍ୟୋତିର୍ବେତ୍ତା ବିଶ୍ୱାସ କରନ୍ତି ଯେ ସେହି ସୂର୍ଯ୍ୟ ପୃଥିବୀ ଆଦି ଗ୍ରହ ଏବଂ ଧୂମକେତୁ ସହିତରେ ଦ୍ରୁତବେଗରେ ଅନନ୍ତ ଆକାଶରେ ଧାବମାନ ହେଉଅଛି, ଅଭିଜିତ୍ ନକ୍ଷତ୍ରକୁ ଧାବମାନ। ଯାହା ଦୃଶ୍ୟମାନ ବସ୍ତୁ ଦୂରବର୍ତ୍ତୀ ନକ୍ଷତ୍ର ସୂର୍ଯ୍ୟ ଚନ୍ଦ୍ର ଦର୍ଶନ କରୁଥିବାର ପ୍ରକାଶିତ ହେଉଅଛି।— ପାଠକେ, ବୁଦ୍ଧିରେ ଧାରଣା ପାଇ ଅନନ୍ତ ଈଶ୍ୱରଙ୍କ ଅନନ୍ତ ସୃଷ୍ଟି ଓ ଏହି ଅନନ୍ତ ମହିମାପୂର୍ଣ୍ଣ ସମସ୍ତ ଜଗତର ସ୍ତବ ! ଏହି ପୃଥିବୀ ନାହିଁ ପ୍ରତିପଦ ଅର୍ଥ ଜଗତର ଅଧୀନ ଭୂତ ସୂର୍ଯ୍ୟ ଚନ୍ଦ୍ରମଣ୍ଡଳରେ ଚଳନ୍ତି ଆମ୍ଭେ ଆମ୍ଭମାନେ ଶ୍ରେଷ୍ଠମାନଙ୍କରେ ଏକ ସ୍ଥାନରେ ବସି ତାହା ଜାଣିପାରନ୍ତି। ଯେଉଁମାନେ ବିଜ୍ଞାନ ପଢ଼ି ଅଛନ୍ତି ବା ଚର୍ଚ୍ଚା କରୁଅଛନ୍ତି ସେହିମାନଙ୍କ ଏହା ଜଣା। ଜଗତମୟ ଅନନ୍ତ ପୃଥିବୀର ବୃଦ୍ଧି ଅପର ଅନ୍ତଲୋକଙ୍କ ଜଣାଯାଏ ଏବଂ ମହୋତ୍ସବର ସ୍ୱନଶ୍ଚ ଓ ଅନନ୍ତମାଳପରି ଚନ୍ଦ୍ର ସୂର୍ଯ୍ୟାଦି ଗ୍ରହନକ୍ଷତ୍ର ପୃଥିବୀରେ ମଙ୍ଗଳକାରି କହିଲା ପ୍ରାୟ ଆମ୍ଭମାନଙ୍କୁ ସୁଖ ଲାଗିରହିଅଛି। ଯେଉଁମାନେ ବିଜ୍ଞାନ ପଢ଼ିଅଛନ୍ତି ସେହିମାନେ ଏଥିର ତତ୍ତ୍ୱ ଜାଣନ୍ତି ଏବଂ ଏତେ ନକ୍ଷତ୍ର କେତେ ଦୂରରେ ଥାଇ କାର୍ଯ୍ୟ କରୁଅଛି ଏବଂ ତହିଁର ଅନେକତତ୍ତ୍ୱ ଆମ୍ଭମାନଙ୍କର ଜ୍ଞାନଗୋଚର କରେଇବାକୁ ଯତ୍ନବାନ୍ ହେଉଅଛି ଏବଂ ସେହିମାନେ ଜ୍ୟୋତିର୍ବିଦ୍ୟାର ଉନ୍ନତି ଲାଗି କର୍ମଯୁକ୍ତ ପ୍ରକୃତ ଯୁଗ ଲୋକମାନଙ୍କରେ ବିସ୍ତାର କରୁଅଛନ୍ତି।

## ଉତ୍କଳସଭା।

ଗତ ଶନିବାର ସନ୍ଧ୍ୟା ସମୟରେ ଏଠା ଟାଉନ ହଲରେ ଉତ୍କଳ ସଭାର ନୂତନ କର୍ମଚାରୀ ନିର୍ବାଚନ ସଭା ହୋଇଥିଲା। ଅନେକ ସଭ୍ୟ ସଭା ବାହାରେ ଥିବାରୁ ଉପସ୍ଥିତ ହୋଇ ନ ପାରିବାରୁ କେବଳ ୨୧ ଜଣ ସଭ୍ୟ ଉପସ୍ଥିତ ହେବା ହେତୁ ଗୋଲମାଳ ହୋଇ ନ ଥିଲା। ସଭା ଆରମ୍ଭରେ ସମ୍ପାଦକ ମହାଶୟ ରିପୋର୍ଟ ପାଠ କଲେ, ତହିଁରୁ ଜଣାଗଲା ଯେ ସଭା ଗବର୍ଣ୍ଣମେଣ୍ଟର ଅନୁକୂଳ ହୋଇ ଅପର ସାମାଜିକ ଦିଗରେ ବହୁତ ଉନ୍ନତି କରାଇ ଅଛି। ବର୍ଷମଧ୍ୟରେ କଟକ ବାଳିକାବିଦ୍ୟାଳୟର ଏକଜଣ ଛାତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରୁ କୁମାରୀ କର୍ମଳାବାଲା ଦାସଙ୍କୁ ମାସିକ ୩ ଟଙ୍କା ଓ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କୁମାରୀ ଶର୍ମଦା ଦାସଙ୍କୁ ମାସିକ ୧୦ ଟଙ୍କାର ଗୋଟିଏ ବୃତ୍ତି ଗବର୍ଣ୍ଣମେଣ୍ଟ କେବଳ କଲେଜରେ ପଢ଼ିବାକାଳୀନ ଦେବାପାଇଁ ସଭାପକ୍ଷରୁ ପ୍ରାର୍ଥନା କରିଥିଲେ ଏବଂ ଗବର୍ଣ୍ଣମେଣ୍ଟ ଉକ୍ତ ବୃତ୍ତି ମଞ୍ଜୁର କରିଅଛନ୍ତି। କେବଳ କଟକରେ ଉଚ୍ଚଶ୍ରେଣୀର ଅଧ୍ୟାପକ ନିଯୁକ୍ତ କରିବା କାରଣ ସଭାରୁ ଗବର୍ଣ୍ଣମେଣ୍ଟକୁ ଆବେଦନ ହୋଇଥିଲା ଏବଂ ସେଥିର ସନ୍ତୋଷଜନକ ମୀମାଂସା ହୋଇଅଛି। ମାନ୍ୟବର ମଧୁସୂଦନ ଦାସ ସି. ଆଇ. ଇ. ମହାଶୟ କର୍ଣ୍ଣେଲୀ ବ୍ୟବସ୍ଥାପକ ସଭାରେ ଯେ ବିଷୟରେ ପ୍ରସ୍ତାବ କରିବାକୁ ତାହା ବାଧକ ହୋଇଅଛି। ଓଡ଼ିଶାର ସୁବର୍ଣ୍ଣ ଉତ୍ସବ କଟକରେ କରିବା କାରଣ

ସାହେବ ଏତ ହୋଇଥିବାରୁ ସଭା ସାଧାରଣ ଲୋକଙ୍କ ଭାବ ଜାଣି ଏହା କାର୍ଯ୍ୟର ସ୍ୱୟଂ ପ୍ରକାଶ ପୂର୍ବକ ସମସ୍ତ ବାଳକଙ୍କ ସହାନୁଭୂତି-ସୂଚକ ଭାବବାର୍ତ୍ତା ଦେଉଥିଲେ ମଧ୍ୟ ସାହେବ ମହୋଦୟଙ୍କର ପ୍ରାଣରକ୍ଷା କରିବାକୁ ଯାଇ ଭାଲୁକ ଲଜ୍ଜାଦ୍ୱାରା ମହାଶୟ ଆପଣାର ପ୍ରାଣ ହରାଇଥିବାରୁ ତାଙ୍କର ମହତ୍ କାର୍ଯ୍ୟ ସ୍ୱୀକାର-ପୂର୍ବକ ତାଙ୍କ ପରିବାରବର୍ଗଙ୍କ ପ୍ରତି ଶୋକ ସହାନୁଭୂତି ପ୍ରକାଶ କରିଥିଲେ । ଏଠା ରେଭେନ୍‌ସା କଲେଜର ଏଫ ଏ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ଅଧିକ ପଢ଼ିବା କାରଣ ଗୋ ୬ ଟି ବୃତ୍ତି ଗଭର୍ଣ୍ଣମେଣ୍ଟରେ ଗଟ ପ୍ରେଜେଣ୍ଟ ଯେଉଁ ଦର୍ଖାସ୍ତ ଦେଇଥିଲେ ତହିଁରେ ଥିବା ଏକଥ ସମ୍ବନ୍ଧ ଅର୍ଥ କରିବା କାରଣ ସଭା ପକ୍ଷରୁ ଅନୁରୋଧ ହୋଇଥିଲା ଏବଂ ତହିଁର ଫଳସ୍ୱରୂପ ଉକ୍ତ ଦର୍ଖାସ୍ତ ସଂଶୋଧିତ ହୋଇଥିବା ଓ ମଧ୍ୟ ସଭାର ସମ୍ପାଦକ ସଭାପତି ଓଡ଼ିଶାର ଛଅ ଜଣ ସଭ୍ୟଙ୍କୁ ସ୍କୁଲର କାର୍ଯ୍ୟ ଶିକ୍ଷା-ଦେବାକୁ ଗଭର୍ଣ୍ଣମେଣ୍ଟ ମାସିକ ଟଙ୍କା ଦେବା-କାରଣ ସ୍ୱୀକାର କରିଥିବା ଅତ ସପୋର୍ଟରୁ ଜଣାଗଲା । ସଭାର ସମ୍ପାଦକ ସଭାପତି ଅଟେ-ନ ବାଇଥିବା ଓ ଏହା ଅଦାୟ ହେଲେ ସଭାର ଯେ ଅଳ୍ପ ଦେଣା ଅଛି ତାହା ପରିଶୋଧ ଯାଇବା କଥା ରିପୋର୍ଟରେ ଉଲ୍ଲେଖଥିଲା । ରିପୋର୍ଟ ପାଠାନ୍ତେ ତାହା ଓ ହେସାବ ଧାର୍ଯ୍ୟ ହେଲାରୁ ସଭାର ସଭାପତି, ସହକାରୀ ସଭାପତି, ସମ୍ପାଦକ ଏବଂ ସହକାରୀ ସମ୍ପାଦକ ପୁନଃନିର୍ବାଚିତ ହେଲେ । ଶେଷରେ ଗାର୍ଡ଼ିନ ସାହେବ ସଭାରେ ଦେଶୀୟ ସାଧାରଣ ହୋଇ ସଭାର କାର୍ଯ୍ୟ ଶେଷ ହେଲା । ତେବେତ ଓଡ଼ିଆ ଲୋକମାନେ ସଭାରୁ ଅନୁପ-ସ୍ଥିତ ହେବା ସକାଶେ ପତ୍ର ପଠାଇଥିବା ଓ ସେମାନଙ୍କୁ ମିଳାଇ ନେବା କାରଣ ଚେଷ୍ଟା କରୁଥିବା-ର ସମ୍ପାଦକଙ୍କ ରିପୋର୍ଟରେ ଲେଖାଥିଲା ମାତ୍ର ସେମାନେ କେହି ସଭାରେ ଉପସ୍ଥିତ ନ ଥିଲେ । ମେଳ ହୋଇ ଯାଇଥିଲେ ଭଲ ହୁଅନ୍ତା ହୋଇ-ଥାନ୍ତା ତଥାପି ଆଶା ରହିଲା ନାହିଁ । ମୋଟରେ ସଭା ବର୍ତ୍ତମାନରେ ଅନେକ ଉତ୍ତମ କାର୍ଯ୍ୟ କରୁଅଛି ଏବଂ ସେହେତୁ ତହିଁର ସଭ୍ୟ ଓ ଶ୍ରୀର ପ୍ରାପ୍ତ କର୍ମଚାରୀମାନେ ଧନ୍ୟବାଦର ପାତ୍ର ଅଟନ୍ତି । ବିଶେଷତଃ ସଭାପତି ମହାଶୟ ପ୍ରବୀଣ ବୟସରେ ସୁଦ୍ଧା ଏଠାରୁ ବ୍ୟବସ୍ଥା ପଚ୍ଛ ସଭା ପର୍ଯ୍ୟନ୍ତ ସକଳ ସ୍ଥଳରେ କାର୍ଯ୍ୟ କରି ସଭାର ମର୍ଯ୍ୟାଦା ରକ୍ଷାପୂର୍ବକ ଦେଶର ଯେଉଁ ମଙ୍ଗଳ ସାଧନ କରୁଅଛନ୍ତି ତେହ ବଳୁଦ୍ଦମନା ତାହା ଜାଣିଲେସୁଦ୍ଧା ସମ୍ବାଦ ଦେଶଲୋକେ ଯେ ତହିଁପାଇଁ ଋଣୀ ଅଟନ୍ତି ଏହା ବୋଲିବା ବାହୁଲ୍ୟ ମାତ୍ର ।

---

# ସାପ୍ତାହିକ ସମ୍ବାଦ ।

## ଅଳିଡ଼ଟା ଗେଜେଟ୍ ।

ସମ୍ବଲପୁର ଜୋଲାର ଡେ: ମା: ଓ ଡେ: କଲେକ୍ଟର ବାବୁ ବୈଦ୍ୟନାଥ ମିଶ୍ର ଅସ୍ଥାୟୀରୂପେ ସେହି ଜିଲାର ସଦର ମହକୁମା ଦେବାନ ହେଲେ ।

ସମ୍ବଲପୁରଜିଲାର ବଡ଼ଗଡ଼ର ଡେ: ମା: ଓ ଡେ: କଲେକ୍ଟର ଏକ ଏକ୍‌ଷ୍ଟ୍ରା ଅସିଷ୍ଟାଣ୍ଟ କମିସନର ବାବୁ ମନ୍ମଥନାଥ ସେନ ସେହି ଜିଲାର ସଦର ସବଡିଭିଜନର ଭାର ପାଇଲେ ।

ଡେ: ମା: ଓ ଡେ: କଲେକ୍ଟର ବାବୁ ବଙ୍କବିହାରୀ ସିଂହ ସମ୍ବଲପୁରର ଏକ୍‌ଷ୍ଟ୍ରା ଅସିଷ୍ଟାଣ୍ଟ କମିସନର ନିଯୁକ୍ତ ହେଲେ ବଡ଼ଗଡ଼ ସବଡିଭିଜନର କାର୍ଯ୍ୟ ଚଳାଇବେ ।

ବାଲେଶ୍ୱରର ଡେ: ମା: ଓ ଡେ: କଲେକ୍ଟର ବାବୁ ମନମୋହନ ଦାସ ଅନ୍ୟ ଆଦେଶପର୍ଯ୍ୟନ୍ତ ସେହି ଜିଲାର ମା: ଓ କଲେକ୍ଟର ନିଯୁକ୍ତ ହେଲେ ।

ବାଲେଶ୍ୱର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ମି: ଏଲ୍‌ଡ, ଏ, ଏସ ୧୪ ଦ ଜୁଲାଇ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହେଲେ ।

ଛୁଟିରେ ଥିବା କଟକ ଡେ: ସୁପରିଣ୍ଟେଣ୍ଡେଣ୍ଟ ମି: ଏ: ଗୋ: ଏମ୍ ମାଥ୍ୟୁସ ଅନ୍ୟ ଆଦେଶପର୍ଯ୍ୟନ୍ତ ବାଲେଶ୍ୱରର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହେଲେ ।

ସମ୍ବଲପୁରର ଡେ: ମା: ଓ ଡେ: କଲେକ୍ଟର ମି: କୃଷ୍ଣ ଚନ୍ଦ୍ରଶେଖର ବ ୧୮.୧୨ ଦିନ ଛୁଟି ପାଇଲେ ।

ବାଲେଶ୍ୱରର ମା: ଓ କଲେକ୍ଟର ମି: ଷ୍ଟେଭନ୍‌ସନ ଏକମାସ ଛୁଟି ପାଇଲେ ।

ଡେ: କଲେକ୍ଟର ବାବୁ ବସନ୍ତକୁମାର ସରକାର କଟକର ଇନକମଟାକ୍ସ ଡେପୁଟି କଲେକ୍ଟର ନିଯୁକ୍ତ ହେଲେ ।

କଟକ ଜେଲ କୋର୍ଟର ସ୍ଥାୟୀ ଦେଓ୍ୱାନ ଅନୁପସ୍ଥିତ ବାବୁ ଜଗମୋହନ ଦାସ ୨ୟ ଶ୍ରେଣୀ ମାଜିଷ୍ଟ୍ରେଟର କ୍ଷମତା ପାଇଲେ ।

ପୁରୀ ବୈତରଣୀ ଉପକୂଳର ୨ୟ ଶ୍ରେଣୀ ସୁପର-ଭାଇଜର ବାବୁ ଜଗନ୍ନାଥ ଚୌଧୁରୀ ମହାନଦୀ ଉପକୂଳକୁ ବଦଳି ହେଲେ ।

ପୁରୀର ସବ: ଡେ: ଇନସ୍ପେକ୍ଟର ବାବୁ ଶ୍ରୀଧର ମିଶ୍ର ଅସ୍ଥାୟୀରୂପେ ସ୍କୁଲ ସବଇନସ୍ପେକ୍ଟର ହେଲେ ।

ନିମ୍ନଲିଖିତ ଛାତ୍ରମାନେ କଟକ ମେଡ଼ିକାଲ ସ୍କୁଲର ହାସ-ପିଟାଲ ଆସିଷ୍ଟାଣ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା-

୧ ମ ବିଭାଗ ।

| | |
|---|---|
| ଚକ୍ରଗୋପାଳ ବାନର୍ଜ୍ୟା | ଜଗନ୍ନାଥ ଦାସ ଗୁପ୍ତ |
| ଅନ୍ନଦାକୁମାର ଚକ୍ରବର୍ତ୍ତୀ | ସତୀଶଚନ୍ଦ୍ର ଦତ୍ତ |
| କୃଷ୍ଣପ୍ରସନ୍ନ ସେନ ଗୁପ୍ତ | ଲୋକନାଥ ପ୍ରଧାନ |

୨ ୟ ବିଭାଗ ।

| | |
|---|---|
| ଶୀତଳଚନ୍ଦ୍ର ଦେ | ମନମୋହନ ଦାସ |
| ବିଭୂତିଭୂଷଣ ଘୋଷ | ଉମାନାଥ ଦାସ |
| ସତ୍ୟରଞ୍ଜନ ସେନ ଗୁପ୍ତ | ଗୋପାଳ ଚକ୍ରବର୍ତ୍ତୀ |
| ନିତ୍ୟାନନ୍ଦ ତ୍ରିପାଠୀ | ସୁରେନ୍ଦ୍ରନାଥ ବାନର୍ଜ୍ୟା |

ବିପିନବିହାରୀ ମିତ୍ର

କଟକ ମେଡ଼ିକାଲ ସ୍କୁଲର ହେଡ଼ ମାଷ୍ଟର ବାବୁ ଅର୍ଦ୍ଧେନ୍ଦୁ ଦେ ୩ ତିନମାସ ଅବକାଶ ଛୁଟି ପାଇଲେ ।

ବାବୁ ବିଶ୍ୱନାଥ ସେନ ଓ ବାବୁ ବିନୋଦ ବିହାରୀ ମହାନ୍ତି ଯଥାକ୍ରମେ ଜାଜପୁର ଓ କେନ୍ଦ୍ରାପଡ଼ା ହୁଏଇ ଡେପୁଟି ସ୍କୁଲ ସବଇନସ୍ପେକ୍ଟର ପଦରେ ବାହାଲ ହେଲେ ।

ସମ୍ବଲପୁର ସଦର ସବଡିଭିଜନର ସ୍କୁଲ ସବଇନସ୍ପେକ୍ଟର ବାବୁ ଗୋବିନ୍ଦ ପ୍ରସାଦ ବହିଦାରଙ୍କ ସନ ୧୮୯୦ ମସିହା ସହିତ ତିନମାସ ଛୁଟି ପାଇଲେ ।

ପୁରୀବାସୀ ଧର୍ମ ଓ ଅଧର୍ମପରାୟଣ କଲେକ୍ଟର ବାବୁ ମୋହିନୀମୋହନ ଘୋଷ ଏକମାସ ଛୁଟି ପାଇଲେ ଓ ସେହି ଜିଲାର ସହକାରୀ ଡେପୁଟି କଲେକ୍ଟର ବାବୁ ନାରାୟଣ ମିଶ୍ର ତାଙ୍କର କାର୍ଯ୍ୟ କରିବେ ।

ଗଞ୍ଜାମର ସବଡିଭିଜନ ଅଫିସର ଗାଙ୍ଗୁଲି ମହାଶୟ ପାଟଣାର ରେଭେନ୍ୟୁ ନିଯୁକ୍ତ ହେଲେ ।

ଗତ ତା ୨ ରବିବାର ଶେଷ ହେବା ସପ୍ତାହରେ ଓଡ଼ିଶାର କଲେକ୍ଟର ସହରର ବଡ଼ ଦୂର ଓ ସପ୍ତାହରେ ଘଟିଅଛି ।

---

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଭାଲୁ ଯାତ୍ରା ପଥର ସମସ୍ତ ଦେଶ ବାହାର ଘରୁ କଟକର ସାମାନ୍ୟ କିଛି ପାତ ହୋଇଅଛି ।

ଅମ୍ମମାନଙ୍କର କମିଶନର ସାହେବ ଗତ ବୁଧବାର ଦାର୍ଜିଲିଂ ଯାତ୍ରା କରିଅଛନ୍ତି । ଏକ ସପ୍ତାହରେ ଫେରି ଆସିବେ ।

ଏଠା ବାଲିକା ସ୍କୁଲ ସମ୍ପର୍କରେ ଇନ୍‌ସ୍ପେକ୍ଟରେସ ମିସ୍ ଡିକ ଏବଂ ଚପରାସି ଅଠା ଟଙ୍କା ୧୦।୮ ର ଚୁରିଅଛି ବିବରଣ ଶାନ୍ତନା ବାବୁ ଟ ୧୮।୮ ନେଇ ଫେରାଇ ଦେବା ଅପରାଧରେ ଚପ ହୋଇ ହାଜତରେ ଅଛି ।

ଗାର୍ଡ଼ିନର ପରୀକ୍ଷା ହେବା ଅନ୍ତେ ସମ୍ବଲପୁରରୁ ଫେରି ଏବା ଜଣେ ଲୋକ ଟେନିସ ( tenis ) ଖେଳୁଥିବା ଗୋଲ ଉପରେ ପଡ଼ିବାରୁ ତାଙ୍କ ବାମହସ୍ତର ଦୁଇଗୋଟି ହାଡ଼ ଭାଙ୍ଗି ଯାଇଅଛି । ଏଠା ହସ୍ପିଟାଲରେ ଚିକିତ୍ସା ଚାଲିଅଛି ଯେ ସମ୍ବଲପୁରକୁ ଫେରି ଯାଇଅଛନ୍ତି ।

ବଡ଼ଗ୍ରେଡ଼ର ଟେଲିଗ୍ରାଫ ଜଣ୍ଟେଲ ପତ୍ରମଦ ଖାଁ ରେଲ ସାହିମାନଙ୍କୁ ଧମକାଇ ପଇସା ନେଇଥିବା ଅପରାଧରେ ମୋକଦ୍ଦମା ଦାଏର ହୋଇଅଛି । ବର୍ତ୍ତମାନ ଜାମିନରେ ମୁକ୍ତି ପାଇଅଛି ।

ଢେଙ୍କାନାଳ ହାଡ଼ଗଡ଼ ଶେଖ ରହିମ ଦାରୀ ଏଠାରେ ରକ୍ଷିତ ହେଲେ ପରପୁଅରେ ପୁଲିସ ଗିରଫ ଅଟକାଇ ୦ ୧୧୦ ଘା ମଦ ଜବତ ହୋଇଥିବାରୁ ଢାଇଟରେ ଆଉ ମୋକଦ୍ଦମା ଦାଏର ହୋଇଅଛି ।

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ମହନ୍ତ ରଘୁବର ଦାସ | ରଘୁନାଥ ମଠ | ଟ ୧ |
| ବାବୁ ଶ୍ରୀ ଚନ୍ଦ୍ର ପଣ୍ଡା | ତାଳା | ଟ ୩ |
| „ ଲକ୍ଷ୍ମୀ ମହାନ୍ତି | ବାଲିପଡ଼ା | ୧ ୩ |
| „ ଅନ୍ନଦାଚରଣ ଦାସ | ଚୁଡ଼ଙ୍ଗପାଳ | ଟ ୩ |
| „ ବାଳଧର ଚୌଧୁରୀ | ବରମୁଣ୍ଡା | ଟ ୧ ୩ |
| „ ରଘୁନାଥ ଘୋଷ | କାଣପୁର | ଟ ୩ |
| „ ମହେଶଚନ୍ଦ୍ର ସାମନ୍ତ | ଧମ୍ମ | ଟ ୩ |
| „ ରାଧାକୃଷ୍ଣ ମହାନ୍ତି | କେନ୍ଦୁପୁର | ଟ ୧ |
| „ ନଟବର ମଙ୍ଗରାଜ | ସୁନାଗଡ଼ା | ଟ ୧ |
| ମୁନସି ଶେଖ ଇବ୍ରାହିମ | କୃଷ୍ଣାନନ୍ଦପୁର | ଟ ୩ |
| ବାବୁ ଶ୍ରୀ ଲୋକନାଥ ପଟ୍ଟନାୟକ | ରସୁଲପୁର | ଟ ୩ |
| ସଭା । ବ । କଟକ | | ଟ ୩ |
| ବାବୁ ଶ୍ରୀ ରାଧାବଲ୍ଲଭ ଘୋଷ | ବିରଞ୍ଚି | ଟ ୩ |
| „ ରଜନୀକାନ୍ତ ପାଣିଗ୍ରାହୀ | ବନ୍ଦାଳୋ | ଟ ୩ |
| „ ରାମଚନ୍ଦ୍ର ଦାସ କୃଷ୍ଣମଣି | ଜଙ୍ଗଲୀ | ଟ ୨ |
| „ ଦାମୋଦର ଦାସ | କଟକ | ଟ ୩ |
| „ ମହେଶ୍ୱର ମିଶ୍ର | ଭଞ୍ଜନଗର | ଟ ୨ ୩ |
| „ ରାଧାମୋହନ ଦାସ | କଟକ | ଟ ୩ |
| „ ଦିବ୍ୟସିଂହ ପଟ୍ଟନାୟକ | ଗଞ୍ଜାମପୁର | ଟ ୩ |
| „ ପରମାନନ୍ଦ ଦାସ | କଟକ | ଟ ୩ |
| „ ଜଗନ୍ନାଥ ସିଂହ | କଟକ | ଟ ୧ |
| „ ଗୋପାଳ ରଥ | ଅଠଗଡ଼ | ଟ ୩ |
| „ ଗୁର୍ଜର ମହାପାତ୍ର | ବାଲିପାଟଣା | ଟ ୧ |

Split by PDF Splitter



ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଅମ୍ଭମାନଙ୍କର ଶ୍ରଦ୍ଧାସ୍ପଦ ଭକ୍ତିଭାଜନ ମାନନୀୟ ଶ୍ରୀଯୁକ୍ତ ମୟୂରଭଞ୍ଜାଧିପତି ମହାରାଜା ଶ୍ରୀ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବଙ୍କ ସ୍ୱାସ୍ଥ୍ୟୋନ୍ନତି ହେତୁ ବିଦେଶ ଭ୍ରମଣ ଉପଲକ୍ଷରେ ବିଦାୟ ଦେବା ନିମନ୍ତେ ଗତ ପହିଲା ରବିବାରଦିନ ଅପରାହ୍ନ ୫ ଘଣ୍ଟା ସମୟରେ ବାରିପଦା ରାଜପ୍ରାସାଦରେ ଗୋଟିଏ ସଭା ହୋଇଥିଲା । ରାଜପରିବାର ସ୍ଥାନୀୟ ରାଜକର୍ମଚାରୀ, ସର୍ଦ୍ଦାର, ଖଣ୍ଡାୟତ ଓ ସାଧାରଣ ପ୍ରଜା ପ୍ରଭୃତି ସର୍ବଶ୍ରେଣୀର ଲୋକେ ବହୁତ ଉତ୍ସାହର ସହିତ ଯୋଗ ଦେଇଥିଲେ । ପ୍ରାୟ ୨୦୦୦ରୁ ଅଧିକ ଲୋକ ଉପସ୍ଥିତ ହୋଇଥିଲେ । ସଭାର କାର୍ଯ୍ୟ ନିର୍ଦ୍ଦିଷ୍ଟ ଅନୁସାରେ ପ୍ରଥମେ ବେଦପାଠ ହସ୍ତରେ ଉକ୍ତ ଘଟନା ଉପଲକ୍ଷରେ ରଚିତ କେତୋଟି ସଂସ୍କୃତ ଶ୍ଳୋକ ପଢା ହୋଇଥିଲା । ତହିଁ ଉତ୍ତାରୁ ଗୋଟିଏ ମର୍ମ୍ମସ୍ପର୍ଶୀ ସଙ୍ଗୀତ ଗାନପରେ ଯଥାକ୍ରମରେ ରାଜପରିବାର, ଖଣ୍ଡାୟତ, ରାଜକର୍ମ୍ମଚାରୀ ଓ ପ୍ରଜାମାନଙ୍କ ପକ୍ଷରୁ ଜଣେ ପ୍ରତିନିଧି ନିଜ ନିଜର ବକ୍ତବ୍ୟ ପ୍ରକାଶ କରିଥିଲେ । ସମସ୍ତେ ମହାରାଜାଙ୍କର ଏହି ସାଧୁ ଉଦ୍ୟମକୁ ଅନ୍ତରର ଅନୁମୋଦନ କରି ମହାରାଜାଙ୍କର ଉଦ୍ଦେଶ୍ୟ ସିଦ୍ଧି ଓ ଶୁଭ ପ୍ରତ୍ୟାବର୍ତ୍ତନର କାମନା କରିଥିଲେ । ପରିଶେଷରେ ଷ୍ଟେଟ ଓକିଲ ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ ବି: ଏଲ ମହାଶୟ ମୟୂରଭଞ୍ଜର ପ୍ରଜା ସାଧାରଣ, ରାଜକର୍ମ୍ମଚାରୀ ତଥା ସମସ୍ତ ଉତ୍କଳୀୟମାନଙ୍କପକ୍ଷରୁ ସାଧାରଣ ଭାବରେ ସୁଲଳିତ ଓ ପ୍ରାଣସ୍ପର୍ଶୀ ଭାଷାରେ ଗୋଟିଏ ଦୀର୍ଘ ବକ୍ତୃତା ପ୍ରଦାନ କଲାଉତ୍ତାରୁ ମହାରାଜା ନିଜର ବକ୍ତବ୍ୟ ଆରମ୍ଭ କଲେ । ମହାରାଜା ଗମ୍ଭୀର ଓ ହୃଦୟସ୍ପର୍ଶୀ ଭାଷାରେ ପ୍ରଜାସାଧାରଣଙ୍କ ପ୍ରତି ନିଜର କୃତଜ୍ଞତା ପ୍ରକାଶ କରି ସଭାର କାର୍ଯ୍ୟାବଳୀରେ ଓ ସାଧାରଣ ଉତ୍ସାହ ଓ ଅନୁମୋଦନରେ ଅତିଶୟ ପ୍ରୀତ ହେବାର ବ୍ୟକ୍ତ କଲେ । ସେଥିରେ ସେ ନିଜ କର୍ତ୍ତବ୍ୟ ଓ ପ୍ରଜାମାନଙ୍କ ପ୍ରତି କେତେକ ଉପଦେଶ ତଥା ମଧ୍ୟ କହିଥିଲେ । ପ୍ରଜା ମଙ୍ଗଳସାଧନହିଁ ତାହାଙ୍କର ବ୍ରତ ଏବଂ ସେଥିରେ ସେ କେତେଦୂର କୃତକାର୍ଯ୍ୟ ହୋଇ ଅଛନ୍ତି ତାହା ସେ ଜାଣନ୍ତି ନାହିଁ । ତେବେ ତାହାଙ୍କର ଯେ କେତେକ ତ୍ରୁଟି ଥିବ ସେଥିରେ ସନ୍ଦେହ ନାହିଁ । କେବଳ ପ୍ରଜାମାନେ ଯେ ସେ ସବୁ ତ୍ରୁଟି ନ ଦେଖି କେବଳ ଶାସନର ଭଲଭାଗ ଦେଖିଥିବାରୁ ସେହି ସେମାନଙ୍କର ମହାରାଜାଙ୍କ ପ୍ରତି ଭକ୍ତି ଓ ଅନୁରାଗ ବ୍ୟକ୍ତ କରୁଅଛନ୍ତି ନୁହେ । ସେ ପ୍ରଜାଙ୍କର ବସ୍ତୁତ ମଙ୍ଗଳ କରିବାର ମନରେ ରଖିଅଛନ୍ତି ତାହା ସବୁ କାର୍ଯ୍ୟରେ ପରିଣତ କରି ପାରିବାକୁ ଇଚ୍ଛା କରନ୍ତି । ଅନନ୍ତର ବ୍ରାହ୍ମଣମାନଙ୍କର ଆଶୀର୍ବାଦ ଓ ପ୍ରଜାମାନଙ୍କ ଜୟଧ୍ୱନି ମଧ୍ୟରେ ମହାରାଜା ଗାତ୍ରୋତ୍ଥାନ କରନ୍ତେ ସଭା ଭଙ୍ଗ ହୋଇଥିଲା ।

ଆପଣଙ୍କର ଆଜ୍ଞାଧୀନ
ଶ୍ରୀକେଶବଚନ୍ଦ୍ର ପଟ୍ଟନାୟକ

---

# NOTICE

Wanted a Time Keeper for the Nagra Estate on Rs. 15 (fifteen) per month. Applications with testimonials will be received by the undersigned up to 15th May 1910.

*P. O. Panposh*
*B. N. Ry*

*Anirudha Patel*
*Manager Nagra Estate*

---

## NOTICE.

The next session of the Orissa Medical School, Cuttack, will open on the 16th June 1910.

Candidates for admission must apply personally to the undersigned between the 1st and the 15th June.

Ordinarily certificates of having passed the Matriculation Examination or any higher examination in Arts or Science of the Calcutta University or the school Final examination are accepted.

Candidates who cannot produce the above certificates shall be examined by the Superintendent who may admit them at his discretion if he is satisfied that they are sufficiently educated and intelligent to study Medicine efficiently.

Every candidate for admission is required to produce certificates of character and respectability from a Government Officer not below the rank of a Deputy Magistrate

Candidates shall not be under 16 or over 23 years of age.

Six scholarships of Rs 10 each and six free studentships are available for male students. These are awarded to the Uriya and domiciled Bengali students according to their merits in general education.

Female candidates should not be less than 18 years of age and must hold certificates of having passed the Primary Examination held at the end of Standard VI under the Vernacular scheme of education, and of being qualified in English up to that stage. They must also produce certificates of character and respectability as stated above. Govt. scholarships of Rs 10 are available for these students.

CUTTACK,
The 4th May 1910

R. P. Wilson,
Major I.M.S.,
Supdt., Medical School
CUTTACK.

---

# NOTICE

In the matter of the Indian Companies Act 1882 and in the matter of the Sree Radha Krishna Vilas Provident Company Limited, Puri.

Is hereby given that an extra ordinary General meeting of the Shareholders of the Sree Radha Krishna Vilas Provident Company Limited, Puri held at the Registered office of the Company No. 43 Dandimal Sahi, Puri on Tuesday the 28th day of April 1910 at 4 P. M. The following resolutions were duly passed.

That it has been proved to the satisfaction of the Company that the Company by reason of its lax collections and by reason of its liabilities, the Company can not continue its business and it is advisable to wind up the same and that the Company be wound up voluntarily.

It was further resolved that Mr. P. Balakrishnama Pantalu, B. A. B. L, Madras High Court Vakil, of Dolmandap sahi, Puri be and he is hereby appointed, the sole liquidator for the purpose of winding up.

Dated, Puri
The 28th day
of April 1910

K. C. Ray.
Chairman

## ବିଜ୍ଞାପନ

ସନ ୧୮୮୨ ମସୀହା ଇଣ୍ଡିଅନ କୋମ୍ପାନୀ ଆକ୍ଟ ଓ ଶ୍ରୀ ରାଧାକୃଷ୍ଣବିଳାସ ପ୍ରୋଭିଡେଣ୍ଟ କୋମ୍ପାନୀ ଲିମିଟେଡ ପୁରୀ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଶ୍ରୀ ରାଧାକୃଷ୍ଣବିଳାସ ପ୍ରୋଭିଡେଣ୍ଟ କୋମ୍ପାନୀ. ଲିମିଟେଡ଼ ପୁରୀର ଗତ ତା ୨୮ ରଖ ଅପ୍ରେଲ ସନ ୧୯୧୦ ମସୀହା ବେଳା ସ ୪ ଘ ସମୟରେ କୋମ୍ପାନୀଙ୍କ ରେଜି-

Digitized by srujanika@gmail.com

ବାସ୍ତୁ ଅଫିସରେ ନିଶ୍ଚିନ୍ତ ହୋଇ ଏହା ଧାର୍ଯ୍ୟ କଲେ ଯେ କୋମ୍ପାନୀର ଅଚଳ ଅଳ୍ପ ଆଦାୟ ଏବଂ କୋମ୍ପାନୀଙ୍କ ଅସ୍ଥ ଅପେକ୍ଷା ବ୍ୟୟ ଅଧିକ ହେଉଥିବାରୁ ଓ ଆଦାୟ ଅପେକ୍ଷା ଦେୟ ବୃଦ୍ଧି ପାଉଥିବାରୁ ଅନ୍ୟ କୋମ୍ପାନୀକୁ ବିଶେଷ ହର ଉଣା ନ ଯାଉଥିବେ ଅତଏବ କୋମ୍ପାନୀକୁ ଉଠାଇ ଭଙ୍ଗି ଦିଆଯାଉ ।

ଏହା ମଧ୍ୟ ଧାର୍ଯ୍ୟ ହେଲା ଯେ ଶ୍ରୀଯୁକ୍ତ, ପି, ବାଲକୃଷ୍ଣମା ପାନ୍ତୁଲୁ, ବି, ଏ. ବି ଏଲ, ସାକିନ ହାଲକେଟ ଓଲେ ଦୋଲମଣ୍ଡପସାହି ପୁରୀ, ଲିକୁଇଡେଟର ( Liquidator ) ମୁକରର ହେଲେ । ସେ ସମସ୍ତଙ୍କର ଦାବୀ ଓ କୋମ୍ପାନୀଙ୍କର ସାହାଯ୍ୟରେ ଯାହା ଦେଣା ପାଉଣା ଅଛି ତାହା ସବୁ ନିଷ୍ପତ୍ତି କରିବେ । ଇତି ।

ପୁରୀ } କେ, ସି, ରାଏ
ତା ୨୮।୪।୧୯୧୦ } ଚେୟାରମେନ

# NOTICE

In the Matter of the Indian Companies Act 1882 and in the matter of the Sree Radha Krishna Vilas Provident Company Limited, Puri.

( In liquidation )

Notice is hereby given that the creditors of the above named Company are required on or before the 31st day of May 1910 to send their name and addresses and the particulars of their debts or claims to the undersigned, P. Balakrishnama, Pantalu, B. A. B. L. Dolmandapsahi, Puri, the duly appointed liquidator of the said Company and if so required by notice in writing from the said liquidator are to come in and prove their debts or claims at such time and place as shall be specified in such notice or in default thereof, they will be excluded from the benefit or any distribution of the assests made before such debts are proved.

And notice is hereby given that any person having any property of the above named Company must hand it over to me forthwith and all debts due to the said Company must be paid at once.

Puri } P. Balakrishnama Pantalu
The 28th April 1910 } Liquidator

## ବିଜ୍ଞାପନ ।

ସନ ୧୮୮୨ ମସିହା ଇଣ୍ଡିଅନ କୋମ୍ପାନୀ ଆଇନାନୁସାରେ ଶ୍ରୀ ରାଧାକୃଷ୍ଣବିଳାସ ପ୍ରୋଭିଡେଣ୍ଟ କୋମ୍ପାନୀ ଲିମିଟେଡ, ପୁରୀ ।

( In liquidation )

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଏହି ଉପରୋକ୍ତ କୋମ୍ପାନୀଙ୍କଠାରେ ଯାହାଙ୍କର ପାଉଣା ଓ ଦେଣା ଅଛି ସେମାନେ ଅଦ୍ୟ ତାରିଖଠାରୁ ଆଗାମୀ ମଇମାସ ତା ୩୧ ତାରିଖ ସୁଦ୍ଧା ସେମାନଙ୍କ ନାମ, ଧାମ ଏବଂ ସେମାନଙ୍କର ଦାବୀ ବା କରଜର ପରିମାଣ ନିମ୍ନଲିଖିତ ସ୍ୱାକ୍ଷରକାରୀ ଶ୍ରୀ ପି, ବାଲକୃଷ୍ଣମା ପାନ୍ତୁଲୁ, ବି, ଏ, ବି, ଏଲ ଦୋଲମଣ୍ଡପସାହି ପୁରୀ ଯେ କି ଏହି କୋମ୍ପାନୀର ଲିକୁଇଡେଟର ମୁକରର ହୋଇଅଛନ୍ତି, ସ୍ପଷ୍ଟରୂପେ ଲେଖି ପଠାଇବେ । ଯଦି ଦରକାର ହୁଏ ଏହି ଲିକୁଇଡେଟରଙ୍କଠାରୁ ଲିଖିତ ନୋଟିସ ଲେଖିଲେ ତାହାଙ୍କର ଧାର୍ଯ୍ୟ ତାରିଖ ମୁତାବକ ଆସି ତାହାଙ୍କର ଦାବୀ ବା କରଜ ପ୍ରମାଣ ଦର୍ଶାଇବାକୁ ହେବ ।

ଯଦି ଏହି ତାରିଖ ମଧ୍ୟରେ କେହି ସେପରି ନ କରେ ତାହାହେଲେ ସେ ତାହାଙ୍କର କୌଣସି ଲାଭ ବା କରଜ ଟଙ୍କା କୋମ୍ପାନୀଙ୍କ ଥିବା ସମ୍ପତ୍ତିରୁ ପାଇ ପାରିବେ ନାହିଁ ।

ଅପର ମଧ୍ୟ ଜଣାଇ ଦିଆଯାଉଅଛି କି ଯେ ଏହି କୋମ୍ପାନୀଙ୍କର ଯେବେ କୌଣସି ବ୍ୟକ୍ତିଙ୍କଠାରେ କୌଣସି ପଦାର୍ଥ ଥାଏ ତାହା ହେଲେ ଉକ୍ତ ବ୍ୟକ୍ତି ଉକ୍ତ ପଦାର୍ଥ ଅତି ଶୀଘ୍ର ଆମ୍ଭ ନିକଟରେ ଦାଖଲ କରିବେ ଏବଂ ଏହି କୋମ୍ପାନୀରୁ ଯେଉଁମାନେ କରଜ ନେଇଅଛନ୍ତି ଉକ୍ତ କରଜ ଟଙ୍କା ଅତି ଶୀଘ୍ର ଦାଖଲ କରିବା ଆବଶ୍ୟକ । ଇତି ।

ପୁରୀ } ପି, ବାଲକୃଷ୍ଣମା ପାନ୍ତୁଲୁ ବିଏ, ବିଏଲ
ତା ୨୮।୪।୧୯୧୦ } ଦୋଲମଣ୍ଡପସାହି ପୁରୀ

## NOTICE.

I own a Pucca and cutcha house with a large compound which includes 3 main houses in the street of Churangasahi, Puri; the three main houses bear separate Municipal numbers Viz; Nos. 113, 114 and 115 respectively.

2. The land in which these houses are now situated were purchased in or about 1904 when I was in Government service.

3. Owing to some unfortunate circumstances between myself and my father Lachhaman Sinha, I and my father have been separate in messing and I am put up in a separate house for the last 15 days.

4. I now hear that my father taking advantage of my absence from the house intends to sell away the whole compound including the main buildings so as to cause loss, injury and damage to me, so I hereby notify to the public and to such intending purchasers as may go in for the houses that any sale, transfer and assignment of the above houses and these premises do not affect my interest therein.

Puri } Baidya Nath Sinha
2-5-1910 }

## ବିଜ୍ଞାପନ ।

ପୁରୀ ସହର ଚୁଡଙ୍ଗ ସାହିରେ ଆମ୍ଭର ବଡ ଅଗଣା ଥାଇ ପକ୍କା ଓ କଚ୍ଚା ଘର ଅଛି । ଏହି ସମସ୍ତ ପକ୍କା ଓ କଚ୍ଚାଘର ଗୋ ୩ ଟି ଘରରେ ବିଭକ୍ତ ଓ ଏହି ତିନିଗୋଟି ଘରର ଭିନ୍ନ ମ୍ୟୁନିସିପାଲିଟି ନମ୍ବର ଅଛି ଯଥା; ନ ୧୧୩, ୧୧୪ ଏବଂ ୧୧୫ ।

ଏହି ଘରର ଜମି ପ୍ରାୟ ସନ ୧୯୦୪ ମସିହାରେ ଆମ୍ଭେ ସରକାରୀ ଚାକିରି କରୁଥିବା ସମୟରେ କିଣା ହୋଇଅଛି ।

ଦୁର୍ଭାଗ୍ୟବଶତଃ ଆମ୍ଭେ ଓ ଆମ୍ଭର ପିତା ଶ୍ରୀ ଲଛମନ ସିଂହଙ୍କ ମଧ୍ୟରେ କେତେକ କାରଣ ବଶତଃ ମନୋମାଳିନ୍ୟ ଉପସ୍ଥିତ ହେବାରୁ, ଆମ୍ଭେ ଏବଂ ଆମ୍ଭର ପିତା ଭୋଜନପାକାଦି ଭିନ୍ନ କରୁଅଛୁ ଏବଂ ଆମ୍ଭେ ଆଜକୁ ଦି ୧୫ ଦିନ ହେବ ଅନ୍ୟତ୍ର ବସା କରୁଅଛୁଁ ।

ଆମ୍ଭେ ବର୍ତ୍ତମାନ ଶୁଣୁଅଛୁଁ ଯେ ଆମ୍ଭର ପିତା, ଆମ୍ଭର ଏହି ଅନୁପସ୍ଥିତିରେ ସୁଯୋଗପ୍ରାପ୍ତ ହୋଇ ପକ୍କା କଚ୍ଚା ସମସ୍ତ ଘରମାନଙ୍କୁ ଅନ୍ୟକୁ ବିକ୍ରି କରିଦେଇ, ଆମ୍ଭଙ୍କୁ ନଷ୍ଟ ଓ କ୍ଷତିଗ୍ରସ୍ତ କରିବାକୁ ଇଚ୍ଛା କରୁଅଛନ୍ତି ସେଥିଯୋଗୁଁ ଆମ୍ଭେ ସର୍ବସାଧାରଣଙ୍କୁ ଓ ଉକ୍ତ ଗୃହ ଖରିଦ କରିବା ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଜଣାଇ ଦେଉଅଛୁଁ ଯେ, ଏହି ଉପରୋକ୍ତ ଘର ବିକ୍ରୀ, ଅନ୍ୟ ନାମରେ ବଦଳ ଇତ୍ୟାଦି ହେଲେ ସେଥିଦ୍ୱାରା ଆମ୍ଭର ସ୍ୱତ୍ୱ ବିନଷ୍ଟ ହେବ ନାହିଁ, ଇତି ।

ତା ୨।୫।୧୯୧୦ } ଶ୍ରୀ ବୈଦ୍ୟନାଥ ସିଂହ ।
ପୁରୀ }

Split by PDF Splitter

Digitized by srujanika@gmail.com

ଘଣ୍ଟ ସ ୧ ଟାଠାରୁ ଦଶଘଣ୍ଟା ପର୍ଯ୍ୟନ୍ତ ସଜ୍ଞାନରେ ଥିଲେ । କେତେବେଳେ ସମ୍ରାଜ୍ଞୀ ଓ ସନ୍ତାନମାନଙ୍କୁ ଚିହ୍ନପାରୁଥିଲେ । ସେମାନେ ଅନ୍ତିକେ ଏବଂ ପୁରୋହିତ ଡାକ୍ତରବର୍ଗର ଅର୍ଦ୍ଧବୃତ୍ତ ମଧ୍ୟ ଉପସ୍ଥିତ ହେଲେ । ସନ୍ତାନମାନଙ୍କ ମଧ୍ୟରୁ କେବଳ ନରୱେର ରାଣୀ ଆସିପାରିଲେ ନାହିଁ । ସେ ରବିବାରଦିନ ପହୁଞ୍ଚିବାର ସମ୍ବାଦ ଦେଇଥିଲେ । ସ୍ତ୍ରୀ ଶ୍ରୀ ରାଜା ସଜ୍ଞାନ ଅବସ୍ଥାରେ ସମସ୍ତେ ଉତ୍କଣ୍ଠିତ ହୃଦୟରେ ଦେଖୁଁ ସମ୍ରାଟ ପାଲଙ୍କର ଚଉକଡ଼ାର ଷ୍ଟେରେ ଚାହାଁରିବ ଅପେକ୍ଷା କରି ରହିଲେ । ମଙ୍ଗଳମୟ ପରମେଶ୍ୱରଙ୍କ ପୂର୍ଣ୍ଣ ମଙ୍ଗଳ ଇଚ୍ଛାରେ ଯାହା ହେବାର ଥିଲା ତାହା ହୋଇଗଲା । ଇଂଲଣ୍ଡର ସିଂହାସନର ଏତେ ଶୀଘ୍ର ଏ ଦାରୁଣ ଶୋକଦ୍ୱାର ଉଦ୍‌ଘାଟନ ହେବ ବୋଲି ସ୍ୱପ୍ନରେ ଜାଣି ନ ଥିଲେ । ଯେତେବେଳେ ରାତ୍ର ସ ୧୧ । ୧୫ ମିନିଟ ସମୟରେ ଯୁବରାଜ ସ୍ୱହସ୍ତେ ସମୟଘଣ୍ଟାରେ ପ୍ରାସାଦ ଛାଡ଼ିଗଲେ ଲୋକେ ଯେତେବେଳେ ପ୍ରଥମେ ଏ ଦାରୁଣ ଶୋକସମ୍ବାଦ ଅନୁମାନ କଲେ ସେତେବେଳେ ରାତ୍ରି ବାରି ପ୍ରାୟ ଏ ଶୋକସମ୍ବାଦ ସହର ବ୍ୟାପିଯିବା ସଙ୍ଗେ ସଙ୍ଗେ ଦୁର୍ଭାଗ୍ୟ ବ୍ୟାପାର ସମସ୍ତ ଅନ୍ଧକାରବୃତ ହେଲା । ବିଶାଳ ବ୍ରିଟିସ ସାମ୍ରାଜ୍ୟ ଅତି ଶୋକାନ୍ଧକାରରେ ନିମଗ୍ନ । ସନ ୧୮୭୫ ମସୀହାରେ ସମ୍ରାଟମହୋଦୟ ଯୁବରାଜରୂପେ ଭାରତକୁ ଆସି ସମସ୍ତଙ୍କର ଚିତ୍ତ ଆକର୍ଷଣ କରିଥିଲେ । ସିଂହାସନ ସେବନ କରିବାର ଅଳ୍ପକାଳ ପରେ ଭାରତରୁ ଯେଉଁ ସହାନୁଭୂତି ଦ୍ୱାରା ଭାରତର ମହେନ୍ଦ୍ର ଓ ପ୍ରଜାବର୍ଗଙ୍କ ନିକଟରୁ ଅସିଥିଲା ତାହା କେହି କାଳରେ ଭୁଲିବେ ନାହିଁ । ଭାରତରେ ପ୍ରଜାଙ୍କ ମଙ୍ଗଳକାମନା ତାଙ୍କ ହୃଦୟରେ ସର୍ବଦା ଜାଗରୂକ ଥିଲା ଏବଂ ଏହିର ନିଦର୍ଶନସ୍ୱରୂପ ସେ ଦୂରଦେଶରୁ ଆପଣାର ପୁତ୍ର ଓ ପୁତ୍ରବଧୂଙ୍କୁ ଏଠାକୁ ପଠାଇ ଦେଇଥିଲେ । ତାହାଙ୍କୁ ଦେଖି ଭାରତବାସୀ ଲୋକେ ଆପଣାର ଦେଶ ଶୀତଳ କରିଥିଲେ ଏବଂ ସେ ବର୍ତ୍ତମାନ ଇଂଲଣ୍ଡର ସିଂହାସନରେ ଆସୀନ ହୋଇ ଭାରତର ସମ୍ରାଟ ହେଲେ । ଜଗଦୀଶ୍ୱର ଏହାଙ୍କୁ ଦୀର୍ଘଜୀବନ ପ୍ରଦାନପୂର୍ବକ ଅସ୍ମାକଙ୍କର ମଙ୍ଗଳ ବିଧାନ କରନ୍ତୁ ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏ ଦାରୁଣ ଦୁଃଖସମୟରେ ଧୈର୍ଯ୍ୟ ପ୍ରଦାନପୂର୍ବକ ଆପଣାର ମଙ୍ଗଳେଚ୍ଛା ସାଧନ କରନ୍ତୁ ଏହାହିଁ ଅସ୍ମାକଙ୍କର ଏକାନ୍ତ ପ୍ରାର୍ଥନା । ସ୍ୱର୍ଗୀୟ ସମ୍ରାଟ ସନ ୧୮୪୧ ସାଲ ନଭେମ୍ବରମାସରେ ଜନ୍ମଗ୍ରହଣ କରିଥିଲେ ସୁତରାଂ ତାହାଙ୍କର ବୟସ ବ ୬୮ ବର୍ଷ ହୋଇଥିଲା ଓ କେବଳ ବ ୯ ବର୍ଷ ରାଜତ୍ୱ ଭୋଗ କରିଥିଲେ ।

ଏ ନଗରରେ ଏ ଶୋକବାର୍ତ୍ତା ଗତ ଶନିବାର ଦିନ ତାରଯୋଗର ବାର୍ତ୍ତା ଅପରାହ୍ନକାଳରେ ଜନସାଧାରଣରେ ପ୍ରଚାରିତ ହେଲା । ସେହିଦିନ ଅପରାହ୍ନକାଳରେ ଟାଉନ ଇନଷ୍ଟିଚ୍ୟୁସନରେ ବାବୁ ଯୋଗେଶଚନ୍ଦ୍ର ରାୟ ଏମ୍, ଏ ବିଦ୍ୟାନିଧିମହାଶୟ ଧୂମକେତୁ ସମ୍ବନ୍ଧରେ ବକ୍ତୃତା ଦେବାକାରଣ ବିଜ୍ଞାପନ ବାହାରିଥିବାରୁ ବହୁ ଏବଂ ଶ୍ରୋତୃବୃନ୍ଦରେ ଟାଉନହଲ ପୂର୍ଣ୍ଣହୋଇଥିଲା ମାତ୍ର ବକ୍ତୃତା ପୂର୍ବେ ଏ ଶୋକସମ୍ବାଦ ପହଞ୍ଚିବାରୁ ବକ୍ତୃତା ବନ୍ଦ ହେଲା ଓ ଶ୍ରୋତୃବର୍ଗ ଦୁଃଖସାଗରରେ ନିମଗ୍ନହୋଇ ଘରକୁ ଫେରମନରେ ବାହୁଡ଼ିଲେ । ସନ୍ଧ୍ୟାସମୟରେ କୁମାରଙ୍କ ସଭା ସେହି ଟାଉନ ଇନଷ୍ଟିଚ୍ୟୁସନରେ ହେବାର ଥିଲା ତାହା ମଧ୍ୟ ସେହିହେତୁ ବନ୍ଦ ହେଲା, ଗତ ସୋମବାରଦିନ କଲେକ୍ଟରୀ ଅଫିସ ଓ କମିଶନରଙ୍କ ଅଫିସମାନ ଏବଂ ଅନ୍ୟାନ୍ୟ କଚେରୀ ଓ ସ୍କୁଲପ୍ରଭୃତି ସହିତ ପ୍ରିଣ୍ଟିଂକମ୍ପାନିଙ୍କ ଅଫିସ ବନ୍ଦ ହୋଇଥିଲା ।

---

ଆଗାମୀ ମେଟ୍ରିକୁଲେସନ ପରୀକ୍ଷା ତା ୧ ଲା ମାର୍ଚ୍ଚ ଇଣ୍ଟରମିଡିଏଟ; ବି, ଏ, ବି, ଏସ, ସି ତା ୧୩ ରଖ ମାର୍ଚ୍ଚ; ୨ୟ ଏମ୍, ବି ଓ ପ୍ରିଲିମିନେରୀ ସାଇଣ୍ଟିଫିକ ଏମ୍ ବି ତା ୭ ରଖ ମାର୍ଚ୍ଚ ଏବଂ ଦ୍ୱିତୀୟ ଏଲ, ଏମ୍, ଏସ ପରୀକ୍ଷା ତା ୧୦ ରଖ ଅପ୍ରେଲରେ ଆରମ୍ଭ ହେବ ।

---

ଗତ ତା ୫ ରଖରେ ଶେଷ ହେବା ସପ୍ତାହରେ ଉତ୍ତର ଭାରତ, ମଧ୍ୟପ୍ରଦେଶ, ବ୍ରହ୍ମ ଆସାମ ଏବଂ ଦକ୍ଷିଣ ଦେଶର ସ୍ଥାନରେ ବର୍ଷା ହୋଇଥିଲା । ମାତ୍ର ଜଳର ପରିମାଣ ଅଳ୍ପ ଥିଲା । କେବଳ ମଲବାର, ବର୍ଦ୍ଧମାନ, ମଇମନସିଂହ, ସିଲହଟ ଏବଂ ତାଞ୍ଜୋରଗଞ୍ଜରେ ଏକ ଇଞ୍ଚର ଉର୍ଦ୍ଧ୍ୱ ଏବଂ ଚେରାପୁଞ୍ଜିରେ ୫ ଇଞ୍ଚ ଜଳ ପଡ଼ିଥିଲା ।

---

ଅସ୍ମେମାନେ ଡାକ୍ତର ଅର୍, ଏମ୍, ଦାସଙ୍କ ଦ୍ୱାରା ସୌରଭମୟ କେଶତୈଳ ବ୍ୟବହାର ପାଇଁ ଅଧିକାର ସ୍ୱୀକାର କରୁଅଛୁଁ । ଏହା ଶିରରୋଗ ଓ ମାନସିକ ଅବସାଦ ଦୂରକରଣାର୍ଥେ ଓ କେଶ ଓ ମୁଖମଣ୍ଡଳର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ନିମନ୍ତେ ବ୍ୟବହୃତ ହୁଏ । ପ୍ରତିଶିଶିର ମୂଲ୍ୟ ୫ ୧୧ ଧାର୍ଯ୍ୟ ହୋଇଅଛି । ଏହା କଟକ; ବାଲୁବଜାରର ଡାକ୍ତର କୁଞ୍ଜବିହାରୀ ଗୁହଙ୍କ ନିକଟ ଓ ଅନ୍ୟାନ୍ୟ ଦୋକାନରେ ପ୍ରାପ୍ତବ୍ୟ ।

—※—

ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଏ ଜିଲ୍ଲା ଦନଦରପୁର ଗ୍ରାମନିବାସୀ ବାବୁ ଶ୍ୟାମସୁନ୍ଦର ମହାନ୍ତି ଗତ ମାସ ତା ୨୦ ରଖ ରାତ୍ରିରେ ପରଲୋକ ପ୍ରାପ୍ତ ହୋଇଅଛନ୍ତି । ଶ୍ୟାମସୁନ୍ଦର ବାବୁ ଜଣେ ଉତ୍କୃଷ୍ଟ ଗାୟକ ଏବଂ କବି ବୋଲି ସୁପରିଚିତ । ସେ କେତେଗୁଡ଼ିଏ ସ୍ୱରଚିତ ସଙ୍ଗୀତ ପୁସ୍ତକ ପ୍ରକାଶ କରିଅଛନ୍ତି ଏବଂ ଅନେକ ଗଡ଼ଜାତ ରାଜା ଓ ମୋଗଲବନ୍ଦିର ବଡ଼ ବଡ଼ ଲୋକଙ୍କ ସହିତ ଆଳାପ ପରିଚୟ କରି ଆଦର ପାଇ ହୋଇଥିଲେ । ମାତ୍ର ତାହାଙ୍କର ସାଂସାରିକ ଅବସ୍ଥା ଭଲ ନ ଥିଲା ଏବଂ ଋଣଜାଲରେ ପଡ଼ି ରହିଥିଲେ । ସେହି ଚିନ୍ତା ତାହାଙ୍କର ଅକାଳ ମୃତ୍ୟୁର ପ୍ରଧାନ କାରଣ ଥିବାର ଅନୁମାନ ହୁଏ । ଈଶ୍ୱରଙ୍କଠାରେ ତାହାଙ୍କର ଆତ୍ମାର ମଙ୍ଗଳ ଓ ତାହାଙ୍କର ଏକମାତ୍ର ପୁତ୍ର ଓ ପରିବାରର ଏ ଦାରୁଣଦୁଃଖ ସମୟରେ ସାନ୍ତ୍ୱନା ବିଧାନ କରନ୍ତୁ । ଭରସାକରୁଁ ତାହାଙ୍କୁ ସ୍ନେହ କରୁଥିବା ରାଜା ଓ ବନ୍ଧୁବର୍ଗ ତାହାଙ୍କ ପୁତ୍ରପ୍ରତି ସଦୟ ହେବେ ।

—※—

କଟକ ରେଭେନସାକଲେଜର ପ୍ରିନ୍ସିପାଲ କଲିକତା ଗେଜେଟରେ ବିଜ୍ଞାପନ ଦେଇଅଛନ୍ତି ଯେ ରେଭେନସାକଲେଜ ଅସନ୍ତା ଜୁଲାଇମାସ ତା ୪ ରିଖରେ ଖୋଲିବ । କଲେଜରେ ଭରତି ହେବାକୁ ଯେଉଁମାନେ ଇଚ୍ଛା କରନ୍ତି ସେମାନେ ଅସନ୍ତା ଜୁନମାସ ତା ୨୦ ରଖରେ ଆବେଦନ କରିବେ ଏହି ଛାତ୍ରସଂଖ୍ୟା ସୀମାବଦ୍ଧ ଥିବାହେତୁ ଓଡ଼ିଆ ଛାତ୍ରଗଣ ଏବଂ ଯେଉଁମାନେ ଜୁନମାସ ତା ୧ ରଖ ପୂର୍ବେ ଆବେଦନ କରିବେ ସେମାନେ ଅଗ୍ରଗଣ୍ୟ ହେବେ । ବିଶେଷ କାରଣ ବିନା କାହାର ଆବେଦନପତ୍ର ତା ୨୪ ରଖ ଜୁଲାଇ ଉତ୍ତାରୁ ଗୃହୀତ ହେବ ନାହିଁ । ପ୍ରତ୍ୟେକ ଆବେଦନ ଛପା ଫାରମରେ ହେବ ।

---

ଗତ ତା ୩୦ ରଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗ ମୃତ୍ୟୁ ୧୫୪୭୭ ହୋଇଥିଲା ଯେ ତହିଁ ମଧ୍ୟରେ ପଞ୍ଜାବ ପ୍ରଦେଶ ୮୯୮୨, ଯୁକ୍ତପ୍ରଦେଶ ୨୭୦୫, ରାଜପୁତାନା ୨୪୩୦, ବମ୍ବେ ୪୯୨, ବଙ୍ଗ ୪୭୫ ଏବଂ ବ୍ରହ୍ମ ୨୩୭ ଏହି ଅଙ୍କମାନ ଉକ୍ତ ଥିଲା । ରାଜପୁତାନା ଓ ବ୍ରହ୍ମ ଏହି ଦୁଇ ପ୍ରଦେଶରେ ପୂର୍ବ ସପ୍ତାହରୁ ବଢ଼ିବାର ଓ ଅନ୍ୟ ସକଳ ପ୍ରଦେଶରେ ଊଣା ପଡ଼ିବାର ଦେଖାଯାଏ । ଗତ ସପ୍ତାହର ମୋଟ ମୃତ୍ୟୁ ୧୯୭୭୨ ଥିଲା । ଗତ ୨ ସପ୍ତାହରୁ କ୍ରମେ ଊଣା ହେଉଅଛି ସୁଖର ବିଷୟ ଅଟେ ।

---

Split by PDF Splitter

Digitized by srujanika@gmail.com

## SALES FOR ARREARS OF REVENUE.

### III.

True it is that there was an increase in the quantity of nijjote and nijchas land but we shall show later on that regard being had to (a) the small increase in the nijjote land (b) the classification into nijjote and nijchas and the consequences flowing there from as evidenced by the proceedings of what is known as revision of settlement such as commutation of paddy into money rents, etc. the advantages from this increase are of little consequence.

Now out of the increased assets of Rs 17,38,000, over Rs 9,00,000 were constituted by the rents of the culturable lands brought under the plough since the conclusion of the settlement of 1837 and the rest by enhancements effected by the Zemindars before the last settlement and those effected by the settlement operation itself.

The following table shows the rental at the time of the old settlement, that existing immediately before the last settlement and that settled in course of the latter.

Assets.

| | Last settlement | Existing | Settled |
|---|---|---|---|
| Tanki bahal | 13,700 | 13,600 | 13,500 |
| Kharida Jamabandi | 43,800 | 41,400 | 65,800 |
| Other Tenure-holders | 200 | 2,800 | 6,200 |
| Kamil bajyafti | 68,800 | 40,300 | 61,600 |
| Nisli bajyafti | 94,600 | 91,700 | 2,38,500 |
| Thani Rayats | 7,65,300 | 1,98,400 | 2,11,400 |
| Tnani Pahi Raiyats | „ | 5,10,900 | 5,39,900 |
| Pahi settled and occupancy rayats | 8,95,700 | 19,83,500 | 21,07,800 |
| Pahi Non-occupancy raiyats | „ | 33,200 | 45,100 |
| Chandina non-occupancy raiyat | 78,000 | 41,000 | 41,700 |
| Chaukidari jagir resumed | „ | „ | 43,000 |
| Other | „ | „ | 16,700 |
| tenancies now fully assessed to rent | 600 | 4,700 | 12,800 |
| Tenancies valued for revenue | 200 | 29,700 | 46,200 |
| Nijjot and nijchas | 1,47,300 | 3,84,500 | 3,84,500 |
| Culturable waste | 6,200 | „ | 100 |
| Tanki Tenure now included in bajyafti | 1,400 | „ | „ |
| Sairat | 23,400 | 34,000 | 34,000 |
| Total | 21,38,2000 | 34,09,600 | 38,67,700 |

From this it would be seen that excluding the assessment due to the increased cultivation, the rest consists mainly of the assessment on nijchas and nijjote lands (Rs. 384,500), and the increased rents of Bajiafti and kharida holdings (Rs 192,400) and that of Pahi settled and occupancy rayats (Rs 124,300). The total of these three heads comes up to (Rs 701200). Now the assessment on nijjote and nijchas lands, that is, the private lands of the Zemindars, is not an item falling within the category of actual collection from rayats the assessment having been made simply for calculation of land-revenue. As regards the Lakhraj Bajiafti and kharida holdings the enhancement is more than 200 p. c. and it can be safely stated that these rents are not capable of full realization as in the majority of cases the holdings are petty and the outturn insufficient to cover the costs of subsistence of the holders who have had to pay again increased Road cess.

---

ହେଲି ଧୂମକେତୁ ( ଲଞ୍ଜାତାରା ) ବର୍ତ୍ତମାନ ରାତ୍ରି ଅଢ଼ାଇ ଘଣ୍ଟା ସମୟରୁ ଉଦୟ ହେଉଅଛି ଏବଂ ଏହା ପ୍ରତ୍ୟହ ତାହାର ଲଞ୍ଜ ବିସ୍ତାର ଲମ୍ବ ଏବଂ ଅଧିକ ସ୍ପଷ୍ଟ ଦେଖାଯାଏ । ତାହାଟି ମଧ୍ୟ ବିଶେଷ ଉଜ୍ଜ୍ୱଳ ହୋଇଅଛି । ଯାହା ଜ୍ୟୋତିଷ ଶାସ୍ତ୍ରୀ କହନ୍ତି ଯେ ଏହି ମାସ ତା ୧୬ ରଖ ପର୍ଯ୍ୟନ୍ତ ଏହାପର ଓ ତା ୧୭ ଦିନରେ ଅତି ଅଳ୍ପକ୍ଷଣ ମାତ୍ର ଦେଖା ଯିବ । ପରେ ସୂର୍ଯ୍ୟଙ୍କ ଅଦୃଶ୍ୟ ହୋଇ ଏବଂ ତା ୨୦ ରିଖ ସନ୍ଧ୍ୟା ସ ୭ ଘ ସମୟରେ ସମ୍ଭବତଃ ପଶ୍ଚିମ ଦିଗରେ ଦେଖା ଯିବ । ଏହି ମାସ ଶେଷ ଭାଗରେ ସନ୍ଧ୍ୟା ସମୟରୁ ଅର୍ଦ୍ଧରାତ୍ର ଯାଏ ଦେଖିବ ।

—✻✻—

ବିଲାତଠାରେ ଲଣ୍ଡନରୁ ମାଞ୍ଚେଷ୍ଟର ପର୍ଯ୍ୟନ୍ତ ଆକାଶମାର୍ଗରେ ଗଲେ ସେଠା ସମ୍ବାଦପତ୍ର ଡେଲିମେଲ ଦଶହଜାର ପାଉଣ୍ଡ ପୁରସ୍କାର ଦେଉଥିବାରୁ ତାହା ପାଇବା କାରଣ ଇଂରେଜ ଓ ଫରାସି ବ୍ୟୋମଯାନାରୋହୀଙ୍କ ମଧ୍ୟରେ ଲଢ଼ାଇ ହୋଇଥିଲା । ଫରାସି ପଣ୍ଡିତ ପଲହାନ ମହୋଦୟ ଘଣ୍ଟାକେ ୫୦ ମାଇଲ ବେଗରେ ଯାଇଁ ୧୨ ଘଣ୍ଟା ମଧ୍ୟରେ ଲଣ୍ଡନରୁ ମାଞ୍ଚେଷ୍ଟରରେ ପହଞ୍ଚି ପୁରସ୍କାର ପାଇଲେ । ମାଞ୍ଚେଷ୍ଟରର ଗୋଟିଏ ପଡ଼ିଆରେ ପଣ୍ଡିତ ପଲହାନ ମହୋଦୟ ଅବତରଣ କଲାବେଳେ ସେ ସ୍ଥାନ ଜନାକୀର୍ଣ୍ଣ ହୋଇଥିଲା । ଇଂରେଜ ଗ୍ରେହାମ ହ୍ୱାଇଟସାହେବଙ୍କ ଯନ୍ତ୍ର ଟିକିଏ ବିଗିଡ଼ି ଯିବାରୁ ହାରିଗଲେହେଁ ଇଂରେଜର ପଣ୍ଡିତ ଏ ବିଦ୍ୟାରେ ଏବେଶୀଘ୍ର ଏବେଶରତ ଅଗ୍ରସର ହେବା ସୁଯୋଗର ବିଷୟ ଅଟେ । ଏହାଙ୍କ ସାହାଯ୍ୟ ସହାଶେ ବୃଦ୍ଧା ଉଠିଅଛି ।

---

ଏ ଭଲ ଟାଙ୍ଗିମଠସାହେବ ଖ ଅନ୍ତର୍ଗତ ଲେଖିଅଛନ୍ତି ଗତମାସ ତା ୧୬ ରଖରେ ନିକଟବର୍ତ୍ତୀ ଗ୍ରାମର ଜଣେ ଅନାଥା ବିଧବାକୁ ସର୍ପଦଂଶନ ହେବାର ସମ୍ବାଦ ଜଣେ ଗ୍ରାମବାସୀ ଟାଙ୍ଗିପାଣ୍ଡିର ସଃ ଇନସେକ୍ଟରଙ୍କୁ ଜଣାନ୍ତେ ସେ ତତ୍କ୍ଷଣାତ୍ ତାଙ୍କର ଡାକ୍ତର ବିଷଠାକୁ ସଙ୍ଗେ ନେଇଥିବି ସୁଚିକିତ୍ସାଦ୍ୱାରା ସେହି ବିଧବାକୁ ମୃତ୍ୟୁମୁଖରୁ ରକ୍ଷାକର ସମସ୍ତଙ୍କର ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ବାସ୍ତବରେ ସବଇନସ୍ପେକ୍ଟର ଓ ଡାକ୍ତର ମହାଶୟମାନଙ୍କର ଏହି କାର୍ଯ୍ୟ ପ୍ରଶଂସନୀୟ ଅଟେ । ଯେଉଁମାନେ ସର୍ପଦଂଶନରେ ଡାକ୍ତରର ସାହାଯ୍ୟ ନ ନେଇ କେବଳ ଗୁଣିଆଁ ଡାକ ଝାଡ଼ଫୁଙ୍କ କରନ୍ତି ଓ ତାହାକୁ ଏକମାତ୍ର ଉପାୟ ମନେକରନ୍ତି ଆଶା କରୁଁ ସେମାନଙ୍କର ଭ୍ରମ ଦୂର ହେବ ।

—୦✻୦—

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଜେଲ୍ଲା-ନାଳର ସ୍ମୃତିରଥ ଟୋଲ ଗୋଟିଏ ଉତ୍କୃଷ୍ଟ ସଂସ୍କୃତ ବିଦ୍ୟାଳୟ । ସେଠାରେ ଏହା ସ୍ଥାନୀୟ ଛାତ୍ର ପଢ଼ନ୍ତି ଏମନ୍ତ ନୁହେ ଓଡ଼ିଶାର ନାନା ସ୍ଥାନର ଏବଂ ମେଦିନୀପୁର ବଙ୍ଗଳାର ଛାତ୍ର ମଧ୍ୟ ପଢ଼ନ୍ତି । ପତ୍ରପ୍ରେରକ ଜଣେ ସେଠାରେ ପଢ଼ି ଅନୁଭବ ହୋଇ ସେହି ଟୋଲର ଶାସ୍ତ୍ରୀଶାଳା ଭଲଥିବାର ବୁଝିଥିଲେ । ବଡ଼ ଦୁଃଖର ବିଷୟ ଯେ ଏପରି ବିଦ୍ୟାଳୟ ସଙ୍ଗେ ଗୋଟିଏ ଛାତ୍ରାବାସ ନାହିଁ । ପୂର୍ବେ ଯେ ସାମାନ୍ୟ କୁଡ଼ିଆଘର ଥିଲା ତାହା ଭୁଶ୍ଶୁଡ଼ି ଯାଇଅଛି । ଏହିହେତୁ ସେ ଟୋଲଦ୍ୱାରା ସ୍ଥାନ ଗୋଟିଏ ଉପଯୁକ୍ତ ଛାତ୍ରାବାସ ନିର୍ମାଣ ହେବା କାରଣ ଅନୁରୋଧ କରିଅଛନ୍ତି । ଆମ୍ଭେମାନେ ଏକାନ୍ତ ଇଚ୍ଛା କରୁ ଟୋଲମାନର ସଭା ଏହି ଯୁକ୍ତିସଙ୍ଗତ ଅନୁରୋଧ ରକ୍ଷା ବିଷୟରେ ଶୀଘ୍ର ମନୋଯୋଗୀ ହେବେ । ଯେଉଁ ବିଦ୍ୟାଳୟ ପ୍ରାତଃସ୍ମରଣୀୟ ସ୍ମୃତିରଥ ମହେନ୍ଦ୍ରଦେବଙ୍କ ନାମରେ ଅଭିହିତ ତାହାର ଅବସ୍ଥା ଖରାପ ହେବା ଏବଂ ତାହାର କିଛି ଅଭାବ ରହିବା ଓଡ଼ିଶାର ଲୋକମାନଙ୍କର ଅର୍ଥର ଅଭାବ ନାହିଁ ସେଥିର କତ ଗଡ଼ଜାତ ମହାରାଜାମାନଙ୍କ ସହାୟରେ ଏହା ଅନାୟାସରେ ଅର୍ଥ ହେବାର ଆମ୍ଭେମାନେ ଆଶାକରୁଁ ।

—•—✻—

ପୁରୀ ନରେନ୍ଦ୍ର ପୁଷ୍କରିଣୀ ଖୋଳା ହେବାଠାରୁ ତାହାର ପରୋଦ୍ଧାର ହୋଇ ନାହିଁ । ତହିଁର ପୂର୍ଣ୍ଣିହେବାକୁ ଜଳ ବନ୍ଦ ଅପ୍ରିତ ହେଉଅଛି । ବିଶେଷତଃ ଲକ୍ଷ ଲୋକ ଯାହାର ଜଳକୁ ସ୍ନାନପାନାଦିରେ ବ୍ୟବହାର କରୁଅଛନ୍ତି ଏବଂ ଯାହାର ଜଳ ଉଦ୍ଧାର ଯାତ୍ରା ଅମୋଦର ପ୍ରଧାନ ଉପକରଣ ତାହାର ସ୍ୱାସ୍ଥ୍ୟର ଅବସ୍ଥା ବିଶେଷ ଅର୍ଥ ସାପେକ୍ଷ ହେଲେହେଁ ଅମ୍ଭମାନଙ୍କର ସୁଯୋଗ୍ୟ ମେଜେଷ୍ଟର ମହୋଦୟ ଚେଷ୍ଟା କଲେ ତାହାର ସୁଫଳ ହେବ ନାହିଁ ଏହା ଆଶାଲକ୍ଷର ବିଷୟ । ସୁତରାଂ ତାହାକୁ ପଙ୍କା ମହାରାଜା ଦର୍ଶନାର୍ଥ ଅଛି ତାହାରୁ ସେ ଗର୍ଭୋଦର ବିଷୟ

ହର ସାହୁଅଛନ୍ତି ସେମାନେ ଏହି ପୁଣ୍ୟକାର୍ଯ୍ୟରେ ଯଥାଶକ୍ତି ସାହାଯ୍ୟ କେବାକୁ କଦାଚ କୁଣ୍ଠିତ ହେବେ ନାହିଁ । ଅମ୍ଭମାନଙ୍କ ବିବେଚନାରେ କାର୍ଯ୍ୟାରମ୍ଭ ହେଲେ ଅସମ୍ପୂର୍ତ୍ତି ଘଟିବ ନାହିଁ । ଯୁଗଳକିଶୋର ବାବୁଙ୍କ ପରି କର୍ମକୁଶଳ ମେନେଜରଙ୍କ କାର୍ଯ୍ୟକାଳରେ ଏହି ପ୍ରଧାନ ଅଭାବ ଦୂର ହେବାର ସମ୍ଭବ ଆଶା କରନ୍ତୁ । ନରେ ନୂତନ କୀର୍ତ୍ତି ସଂସ୍କାର ଓ ପରୋପକାର ହୋଇଗଲେ ମେନେଜର ମହୋଦୟଙ୍କର ଯେ ଅକ୍ଷୟ ପୁଣ୍ୟ ଓ କୀର୍ତ୍ତି ଚିରକାଳ ଜାଗରୂକ ରହିଥିବ ଏହା କହିବା ବାହୁଲ୍ୟ ମାତ୍ର ।

———

ଅମ୍ଭେମାନେ ଅତୀବ ସନ୍ତୋଷରେ ଅବଗତ ହେଲୁଁ ଯେ ମୟୂରଭଞ୍ଜରେ ଗୋଟିଏ କାଗଜ କଳ ସ୍ଥାପିତ ହେବାର ସ୍ଥିର ହେଉଅଛି । ମାନ୍ୟବର ଭୂପେନ୍ଦ୍ରନାଥ ବସୁ ବାରିଷ୍ଟର ଷ୍ଟେପଲ୍ଟନ ସାହେବ, ଶ୍ରୀଯୁକ୍ତ ଜେ ଘୋଷ, ରାୟ ଶ୍ରୀନାଥପାଲ ବାହାଦୁର ପ୍ରଭୃତି ବୈଦ୍ୟୁତିକ କାରଖାନାର ସେପ୍ଟାକ୍ ସାହେବ ଓ ମହାରାଜାଙ୍କ ସହିତ ଗତ ପୂର୍ବ ଶନିବାର ମୟୂରଭଞ୍ଜକୁ ସ୍ଥାନ ନିର୍ବାଚନ ସକାଶେ ଆସିଥିଲେ । ଏହି କାରଖାନା ଜର୍ମାନୀରେ ରହିଥିବା ବୈଦ୍ୟୁତିକ କଳ ସଂଯୋଗରେ ସ୍ଥାପିତ ହେବ । ଏମାନଙ୍କର ପରିଦର୍ଶନର ଫଳ ଏ ପକ୍ଷେ ଜଣା ଯିବ । ଅସୁସ୍ଥତା ନିବନ୍ଧନ ମହାରାଜା ବିଲାତ ଯାଇଅଛନ୍ତି । ସମ୍ଭବତଃ ଜର୍ମାନୀରେ କୁଳ ଏକର କାଗଜ କାରଖାନା ଦେଖି ଆସିବେ । ଗଭର୍ଣ୍ଣମେଣ୍ଟରୁ ୩୦ ଲକ୍ଷ ଟଙ୍କା ଓ ତହିଁ ପୂର୍ବବର୍ଷ ୩୧ ଲକ୍ଷ ଟଙ୍କାର କେବଳ ଛପିବା କାଗଜ ଆମଦାନୀ ହୋଇଥିଲା । ଏଥିରୁ ଦେଖା ଯାଏ ଯେ ଏ ଦେଶରେ କାଗଜ ପ୍ରସ୍ତୁତ ହୋଇ ବିଦେଶୀ କାଗଜର ସମାନ ବା ଊଣା ମୂଲ୍ୟରେ ବିକ୍ରୟ ହୋଇ ପାରିଲେ ଅନେକ କାଗଜ କାରଖାନା ଲାଭଜନକରୂପେ ଚଳି ପାରିବ । ମୟୂରଭଞ୍ଜର ପ୍ରସ୍ତାବିତ କାଗଜ କଳ ସ୍ଥାପିତ ହେଲେ ଓଡ଼ିଶାରେ ଗୋଟିଏ ନୂଆ ବ୍ୟବସାୟର ବାଟ ଫିଟିବ ଓ ଏ ପ୍ରଦେଶର ଶ୍ରୀବୃଦ୍ଧି ହେବ ।

—※—

ଗତ ବୃହସ୍ପତିବାର ସନ୍ଧ୍ୟାସମୟରେ ଏଠା ଟାଉନହଲରେ ଦଳରେ ସ୍ୱର୍ଗଗତ ସମ୍ରାଟଙ୍କ ସକାଶେ ଶୋକପ୍ରକାଶ କରିବା କାରଣ ଗୋଟିଏ ସାଧାରଣ ସଭାର ଅଧିବେଶନ ହୋଇଥିଲା । ଦେଶୀୟ ଜମିଦାର, ଡାକ୍ତର, ଉକିଲ, ଅମଲା, ବେପାରୀ, ଦୋକାନଦାର ପ୍ରଭୃତି ସହିତ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ବର୍ଣ୍ଣ ସାହେବ, ଜଏଣ୍ଟ-ମାଜିଷ୍ଟ୍ରେଟ ହମଣ୍ଡ ସାହେବ, ପାଦ୍ରୀ ଯଂ ସାହେବ, କଲେଜର ଅଧ୍ୟକ୍ଷ ସାହେବ ପ୍ରଭୃତି ଅନେକ ଭଦ୍ରଲୋକ ସମୁପସ୍ଥିତ ଥିଲେ । ସଭାଗୃହ ପୂର୍ଣ୍ଣ ହୋଇ ଅନେକେ ସ୍ଥାନାଭାବେ ବାରଣ୍ଡାରେ ବସିଥିଲେ । ସର୍ବସମ୍ମତି କ୍ରମେ ମାନ୍ୟବର ମଧୁସୂଦନ ଦାସ ସି, ଆଇ, ଇ ସଭାପତିର ଆସନ ଗ୍ରହଣ କରିବା ପରେ ସ୍ୱରଲୋକଗତ ମହାତ୍ମାଙ୍କର କଠୋର ମୃତ୍ୟୁରେ ସମଗ୍ର ସାମ୍ରାଜ୍ୟ ଲୋକଙ୍କ ସହିତ ଅମ୍ଭେମାନେ ଶୋକାକୁଳ ହୋଇ ଥିବାର ପ୍ରକାଶକଲା ଉକ୍ତିରୁ ବାବୁ ଜାନକୀନାଥ ବସୁ ସମ୍ରାଟ ଏଡ୍‌ୱାର୍ଡଙ୍କ କଠୋର ବିୟୋଗରେ ଅମ୍ଭେମାନେ ଉପଯୁକ୍ତ ନ୍ୟାୟପର ରାଜା, ଦୟାଳୁ ପିତା ଏବଂ ସହାନୁଭୂତି ପୂର୍ଣ୍ଣ ବନ୍ଧୁ ହରାଇ ଅପାର ଦୁଃଖଗ୍ରସ୍ତ ହୋଇଥିବାର ପ୍ରସ୍ତାବ ଉପସ୍ଥିତ କଲେ । ରାୟ ମୌଲବୀ ରଫିଉଦ୍ଦିନ ମହମ୍ମଦ ଅନୁମୋଦନ କରନ୍ତେ ସଭ୍ୟମାନେ ଅବନତ ମସ୍ତକରେ ଦଣ୍ଡାୟମାନ ହୋଇ ସେ ପ୍ରସ୍ତାବ ଧାର୍ଯ୍ୟକଲେ । ତଦନନ୍ତର ସାମ୍ରାଜ୍ଞୀ ଓ ରାଜପରିବାରଙ୍କୁ ସହାନୁଭୂତି ଜଣାଇବା ଓ ସାମ୍ରାଜ୍ୟରେ ଶୋକପ୍ରକାଶ ନିମିତ୍ତ ଧାର୍ଯ୍ୟହେବା ଦିନ ସ୍ମାରକପ୍ରଚଳନ ପ୍ରଥାନୁଯାୟୀ ରଖିବ ଦୋକାନି ବନ୍ଦରଖିବା କାରଣ ଗୋଟିଏ କମିଟି ସଂଗଠନ ଏବଂ ଉକ୍ତ ପ୍ରସ୍ତାବମାନଙ୍କର ପ୍ରତିଲିପି ଶୋକସହାନୁଭୂତି ବାର୍ତ୍ତା ରାଜପରିବାରଙ୍କୁ ଜଣାଇବା କାରଣ ଷ୍ଟେଟ ସେକ୍ରେଟେରୀ ମହୋଦୟଙ୍କ ସମୀପକୁ ପଠାଇବାର ଧାର୍ଯ୍ୟ ହୋଇ ସଭା ଭଙ୍ଗ ହେଲା ।

ଏଥିଉତ୍ତାରୁ ଉତ୍କଳସଭା ଓ ଭୂମ୍ୟଧିକାରୀଙ୍କ ସଭାର ଅଧିବେଶନ ହୋଇ ଦୁଃଖପ୍ରକାଶ ସୂଚକ ପ୍ରସ୍ତାବ ଧାର୍ଯ୍ୟ ହୋଇଥିଲା ।

—୦※୦—

ଓଡ଼ିଶା ଷଠଗଡ଼ଜାତର ରାଣୀ ଏବଂ ରାଜାଙ୍କର ଶ୍ରେଷ୍ଠଦାନ ବିଷୟରେ ଗଣ୍ଡିଏ ପତ୍ର ସମ୍ବାଦବାହିକାରେ ପ୍ରକାଶ ହୋଇଅଛି । ତହିଁର ମର୍ମ ଏହିକି ରାଣୀମହୋଦୟା ଯେଉଁ ୫୨ ହଜାର ଟଙ୍କା ଦାନ କରିଅଛନ୍ତି ତାହା ସ୍ଥାୟୀ ବୃତ୍ତିର ଉପଯୁକ୍ତ ଟଙ୍କା ଅଟେ । ଏଥିର ବାର୍ଷିକ ସୁଧ ଦୁଇହଜାର ଟଙ୍କା ଯେପରି ଓଡ଼ିଶାର ରାଜାଙ୍କ-କୁଳରେ ଜଳଦାନରେ ବ୍ୟୟ ହେବ ତାହା ପାଠକମାନେ ଅବଗତ ଅଛନ୍ତି । ରତ୍ନଶୋଭା ଲକ୍ଷ ଉତ୍କର୍ଷ ଟଙ୍କା ସ୍ଥାୟୀ ସର୍ତ୍ତରେ ଦାନ ଅନୁପମ ଉଦାରତା ସନ୍ଦେହ ନାହିଁ । ରାଜାବାହାଦୂର ନଜସତ୍ୟର ଦେବୋତ୍ତର ଫଣ୍ଡରେ ସ୍ଥିତ ଥିବା ଏକଲକ୍ଷ ବାରହଜାର ଟଙ୍କା ଗବର୍ଣ୍ଣମେଣ୍ଟ ପ୍ରମିସରି ନୋଟ୍‌ଦ୍ୱାରା ଜମାକରି ତହିଁର ଦୈନିକ ସୁଧ ୫ ୧୧୮ ଟଙ୍କା ମଧ୍ୟରୁ ଶ୍ରୀ ରାଧାମୋହନ ଓ ଗୋପାଳଜୀଉଙ୍କ ଭୋଗରେ ୮ ୨୮ ଟଙ୍କା ଓ ଶ୍ରୀ ଜଗନ୍ନାଥଦେବଙ୍କ ଭୋଗରେ ୮ ୨୮ ଟଙ୍କା ଗାଏ ୮ ୧୮ ଟଙ୍କା ଭୋଗକର ବ୍ରାହ୍ମଣ, ବୈଷ୍ଣବ, ଅନ୍ଧ, ଖଞ୍ଜ ପ୍ରଭୃତି ଅସମର୍ଥଲୋକଙ୍କ ଭରଣ କରିବା ଓ ଅବଶିଷ୍ଟ ଦୈନିକ ୫ ୨୮ଟଙ୍କା ଲେଖାଏ ବାର୍ଷିକ ୮ ୭୨୦ ୮ ଟଙ୍କା ମନ୍ଦିରର ମରାମତିରେ ବ୍ୟୟ ହେବାର ଓ ସମସ୍ତ କାର୍ଯ୍ୟର ତତ୍ତ୍ୱାବଧାନାର୍ଥ ଗବର୍ଣ୍ଣମେଣ୍ଟ କର୍ତ୍ତୃକ ଗୃହୀତ ଟ୍ରଷ୍ଟି ନିଯୁକ୍ତ ହେବାର ବ୍ୟବସ୍ଥା କରିଅଛନ୍ତି । ରାଜା ଓ ପ୍ରଜାବର୍ଗ ଏହାଦ୍ୱାରା ବୃଦ୍ଧିର ମନୋରଥ ଲାଭ ଆଶାରେ ଦେବତାଙ୍କ ଭେଟରେ ଯେ ସମସ୍ତ ଭେଟି ଉତ୍ପାଦ କରନ୍ତି ତଦାସ ଦେବୋତ୍ତର ଫଣ୍ଡ କ୍ରମାଗତ ବୃଦ୍ଧି ହୁଅଇ । ତହିଁର ସୁବ୍ୟବସ୍ଥା ନ କଲେ କୌଣସି ସମୟରେ କେହି ରାଜା ଅପବ୍ୟୟରେ ସେ ଟଙ୍କା ଲଗାଇବା ଅସମ୍ଭବ ନୁହେ । ତେଣୁ ଏ ବ୍ୟବସ୍ଥା ଯେ ଉତ୍ତମ ହୋଇଅଛି ସନ୍ଦେହ ନାହିଁ । ଅଯୋଗ୍ୟପାତ୍ରରେ ଲୋକ ଭରଣଦ୍ୱାରା ଅଳସୁଆଙ୍କ ସଂଖ୍ୟା ବଢ଼ାଇବା ପ୍ରତି ଟ୍ରଷ୍ଟିମାନେ ଦୃଷ୍ଟି ରଖିବେ । ଅନ୍ୟାନ୍ୟ ଗଡ଼ଜାତ ରାଜାମାନେ ଉକ୍ତ ୧ ରଜାଙ୍କର ଦେବୋତ୍ତର ଅର୍ଥ ରକ୍ଷଣାବେକ୍ଷଣର ଏହି ଅନୁକରଣରେ ବ୍ୟବସ୍ଥା କଲେ ଭଲ ହେବ ।

—ঃ—ঃ—

ଭୁବନେଶ୍ୱରର ଅଗ୍ନିକାଣ୍ଡରେ ଯେତେ ଲୋକର ଘର ପୋଡ଼ି ଯାଇଅଛି ସେମାନଙ୍କ ମଧ୍ୟରୁ ଯାହାଙ୍କର ଅନ୍ୟ କୌଣସି ଉପାୟରେ ଘର ନିର୍ମାଣ କରିବାର ଶକ୍ତି ନାହିଁ ସେମାନଙ୍କ ସାହାଯ୍ୟର ବ୍ୟବସ୍ଥା କରିବା କାରଣ ଗୋଟିଏ କମିଟୀ ଗଠିତ ହୋଇ ଭେକାଦ୍ୱାରା ଚନ୍ଦା ଅର୍ଥ ସଂଗ୍ରହ କରି ଯୋଗ୍ୟପାତ୍ରରେ ବିତରଣ କରିବାର ଓ ଅନ୍ୟ ଯେତେକ ବ୍ୟକ୍ତି ସ୍ୱେଚ୍ଛାରେ ଦେବାର ଏଥି ପୂର୍ବେ ପ୍ରକାଶ କରିଅଛୁଁ । ମାତ୍ର ଯେତେ ଘର ପୋଡ଼ି ଯାଇଅଛି ଓ ଯେତେଜଣ ସାହାଯ୍ୟ ପାଇବାର ଯୋଗ୍ୟ ଏପର୍ଯ୍ୟନ୍ତ ସେମାନେ ପ୍ରକାଶ ହୋଇ ନାହାନ୍ତି ବରଂ ଏଣିକି ଆଉ ଭିକ୍ଷା ହେବାଦ୍ୱାରା ଅନୁମାନ ହେଉଅଛି ଯେମନ୍ତ ଆଉ ସାହାଯ୍ୟର ପ୍ରୟୋଜନ ନାହିଁ । ଅନ୍ୟାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ବଙ୍ଗଳା ରାମକୃଷ୍ଣ ମଠର ଜ ୨ ଣ ବ୍ରହ୍ମଚାରୀ ସାହାଯ୍ୟ ବାଣ୍ଟିବା କାରଣ ଭୁବନେଶ୍ୱରକୁ ଆସିଥିଲେ । ସେମାନଙ୍କର ରିପୋର୍ଟ ଅନୁସାରେ ମଠର ସମ୍ପାଦକ କଲିକତାର ସଞ୍ଜୀବନୀ ପତ୍ରିକାରେ ଏକ ପତ୍ର ପ୍ରକାଶ କରିଅଛନ୍ତି ତହିଁରେ ଲେଖାଅଛି ଯେ ଭୁବନେଶ୍ୱରରେ ୫୮୭ ଗୃହସ୍ଥର ୧୮୨୦ ଖଣ୍ଡ ଘର ଏବଂ କପିଳେଶ୍ୱରରେ ୧୩୭ ଗୃହସ୍ଥର ପ୍ରାୟ ୫୦୦ ଖଣ୍ଡ ଘର ପୋଡ଼ି ଯାଇଅଛି । ଏହି ଗୃହସ୍ଥମାନେ ୧୧ଟା ଭାଗ ୨ ଜାଗାରେ ବସନ୍ତି । ସେମା-

Split by PDF Splitter



ନଦୀମଧ୍ୟରେ ପଶୁ, ପକ୍ଷୀ, ଶୁଦ୍ର ପ୍ରଭୃତି ଜଳୀୟ ଦୁର୍ଦ୍ଦଶାର ପ୍ରତିକାର କରିବାକୁ ସକ୍ଷମ । ଅନ୍ୟଜାତିମାନଙ୍କ ସାହାଯ୍ୟ ବିନା ରକ୍ଷା ହେବାର ଉପାୟ ନାହିଁ । ଏମାନଙ୍କ ସାହାଯ୍ୟ ନିମନ୍ତେ ଅନେକ ଟଙ୍କା ପ୍ରୟୋଜନ । ଅତଏବ ମଠର ସମ୍ପାଦକ ପ୍ରାର୍ଥନା କରୁଅଛନ୍ତି କି ବଦାନ୍ୟବ୍ୟକ୍ତିମାନେ ଯଥୋପଯୁକ୍ତ ଅର୍ଥ ସାହାଯ୍ୟଦ୍ୱାରା ସେମାନଙ୍କୁ ରକ୍ଷା କରନ୍ତୁ । ଯେ ଯାହା ଦେବାକୁ ଇଚ୍ଛା କରନ୍ତି ସେ ତାହା ରାମକୃଷ୍ଣ ସମିତିର ହାବଡ଼ାଜିଲ୍ଲା ବେଲୁଡ଼ ମଠ ଠିକଣାରେ ସମିତିର ସମ୍ପାଦକଙ୍କ ନାମରେ ଶୀଘ୍ର ପଠାଇ ଦେବେ କର୍ତ୍ତୃପକ୍ଷ ଅର୍ଥର ପ୍ରାପ୍ତି ସ୍ୱୀକାର କଲମରେ ହସ୍ତ କରିବ ।

---

ବ୍ୟବସାୟ ସମ୍ବନ୍ଧୀୟ ଡାଇରେକ୍ଟର ନାମକ ପତ୍ରିକା ଲେଖିଅଛନ୍ତି ଭାରତବର୍ଷରେ ପ୍ରାଚ୍ୟଭାବରେ ଶିକ୍ଷା ହୁଏ ନ ଯାଇ ପାଶ୍ଚାତ୍ୟଭାବରେ ଇଂରାଜୀ ଶିକ୍ଷା ହେଉ ଅଛି, ଏବଂ ଏ ଉପାୟରେ ଭୂଷିତ ହୋଇ ଉଦ୍ଧପଯୁକ୍ତ ବୃତ୍ତି ତାଙ୍କୁ ନ ମିଳିଲେ ସେ ଶିକ୍ଷା ପ୍ରକୃତ ଶିକ୍ଷା ନୁହେଁ ବୋଲି ଅଭାବ ବୋଲିବାକୁ ହେବ ଚାଷୀ ବା କାରିଗରର ପୁଅ ପିତାର ବ୍ୟବସାୟ କରିବାକୁ ଲଜ୍ଜା ବୋଧ କଲେ ଉଚ୍ଚଶିକ୍ଷା ତାହାକୁ ତହିଁର ଅନୁପଯୁକ୍ତ କରେ ଏବଂ ସେ ପରଦେଶରେ କାର୍ଯ୍ୟ ଅଭାବେ ଅସନ୍ତୁଷ୍ଟ ହୋଇ ବିଦ୍ରୋହୀ ହୁଏ ; ସୁତରାଂ ଜଳ ପରିଶ୍ରମରେ ସହାୟତାଦ୍ୱାରା ଜୀବନ ନିର୍ବାହର ମାର୍ଗ ଜାତଠାରୁ ନିମ୍ନଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଭାରତବାସିଙ୍କ ତାଙ୍କରେ କରନ୍ତୁ ଲଗାଇବାକୁ ହେବ । ପିତାର ସମ୍ପତ୍ତି ଉପରେ ନିର୍ଭର ନ କରି ନିଜ ପରିଶ୍ରମଦ୍ୱାରା ଅପଣା ଜୀବିକା ନିର୍ବାହ କରିବା ଏବଂ ଅପଣା ଅର୍ଥରେ ନିଜ ପ୍ରୟୋଜନୀୟ ଦ୍ରବ୍ୟ କିଣିବାର ଶିକ୍ଷାପ୍ରଦାନ ସାମାନ୍ୟ କଥା ନୁହେ ! ଘରଠାରୁ ଭାଷାର ପର୍ଯ୍ୟନ୍ତ ଦେହ ଅନୁଭବଲୋକର ପୃଥିବୀରେ ପ୍ରୟୋଜନ ନାହିଁ । ସ୍ୱୟଂ ଜର୍ମାନର ସମ୍ରାଟଙ୍କର ପୁତ୍ରମାନଙ୍କୁ ହାତରେ ଶିଳ୍ପକାର୍ଯ୍ୟ କରିବାର ଶିକ୍ଷା ଦିଆଯାଏ, ଜୀବନ ମୁକ୍ତି ସହାସେ ସହ ଏବଂ କଠିନ ପରିଶ୍ରମ ଅପରିହାର୍ଯ୍ୟ । ଗତ ପଞ୍ଚାଶବର୍ଷ ମଧ୍ୟରେ ଅନେକ ସ୍ଥାନରେ ଲୋକ ଦେଖିଅଛନ୍ତି ଯେ ପିତାଙ୍କର୍ତ୍ତୃକ ସଞ୍ଚିତ ବିପୁଳ ଅର୍ଥ ପରିଶ୍ରମର ଶିକ୍ଷା ଅଭାବରୁ ପୁତ୍ର ଉଡ଼ାଇ ଦେଉଅଛୁ ଏବଂ ଯେଉଁଠାରେ ପିତା ପୁତ୍ରକୁ କଠିନ ପରିଶ୍ରମର ଶିକ୍ଷା ଦେଇଅଛନ୍ତି ସେଠାରେ ସଞ୍ଚିତ ଅର୍ଥର ସଦ୍‌ବ୍ୟବହାର ହୋଇଅଛୁ ।—ପାଠକେ ! ପ୍ରଶଂସନୀୟର ଏ ବଚନ ଉକ୍ତି ଅତିବ ବହୁମୂଲ୍ୟ ଅଟଇ । ଅବଶ୍ୟ ଚାଷୀ ବା କାରିଗରର ପୁଅ ହେଲା ବୋଲି ଯେ ସେ ଉଚ୍ଚଶିକ୍ଷା ପାଇବ ନାହିଁ ଏମନ୍ତ ନୁହେ ମାତ୍ର ଯାହାର ଯେଉଁପରି ଯୋଗ୍ୟତା ହୋଇ ପାରିବ ତାହାକୁ ଶିକ୍ଷାଦେବା କର୍ତ୍ତବ୍ୟ ଏବଂ ଶିକ୍ଷା ଦେଲେହେଁବା ତାହାକୁ ଉପଯୁକ୍ତ କାର୍ଯ୍ୟ ନ ଦେଲେ ଚଳିବ ନାହିଁ । ଅନ୍ୟପକ୍ଷରେ ଜଣ ହାତରେ ପରିଶ୍ରମପୂର୍ବକ କାର୍ଯ୍ୟ କରିବାର ଶିକ୍ଷା ସମସ୍ତଙ୍କୁ ଦେବା ଉଚିତ । ଏହି ଶିକ୍ଷା ବିନା ପିତାର ବିପୁଳ ସଞ୍ଚିତ ଅର୍ଥ ପୁତ୍ରକର୍ତ୍ତୃକ ନଷ୍ଟ ହେଉଥିବାର ଅନେକ ଦେଖାଯାଏ । ପୁତ୍ର ଉପଯୁକ୍ତ ହେଲେ ପିତା ସଞ୍ଚୟ କରିବାର ପ୍ରୟୋଜନ ନାହିଁ ଏବଂ ପୁତ୍ର ଉପଯୁକ୍ତ ନ ହେଲେ ପିତାର ସଞ୍ଚିତ ଅର୍ଥ ରହେ ନାହିଁ । ସୁତରାଂ ପୁତ୍ରକୁ ଉପଯୁକ୍ତ ଶିକ୍ଷା ଦେବାହିଁ ପ୍ରଧାନ ଧର୍ମ ଏବଂ ତାହାହିଁ ବେଦାନ୍ତ ଶାସ୍ତ୍ରର ମତ ।

---

କଲିକତା ଠାରେ ପ୍ରତିଷ୍ଠିତ ଥିବା ଦାତବ୍ୟ ସମିତିର ବାର୍ଷିକ ଅଧିବେଶନରେ କମିଟିରୁ ଜଣେ ସଭ୍ୟ କର୍ମଚାରୀ ମାସିକ ଟ ୫୦୦ କା ବେତନରେ ଅଣି କାର୍ଯ୍ୟ ଚଳାଇବାର ପ୍ରସ୍ତାବ ହୁଅନ୍ତେ ବ୍ୟବସାୟ ସମ୍ବନ୍ଧୀୟ ‘କାପିଟାଲ’ ନାମକ ସମ୍ବାଦପତ୍ରରେ ପ୍ରବୀଣ ମାର୍ଷ ମହୋଦୟ ତାହା ସମର୍ଥନ ପୂର୍ବକ ପ୍ରକାଶ କରୁଅଛନ୍ତି ଯେ ଉପଯୁକ୍ତ କର୍ମଚାରୀ ନିଯୁକ୍ତ ହେଲେ ଅନ୍ୟାନ୍ୟ ବ୍ୟୟ କମାଇବାରୁ ସମିତି ରକ୍ଷାକରିବାଦ୍ୱାରା ଉପକାର ଅଛୁ । ସେ କହନ୍ତି ଯେ କଲିକତାରେ ଇଂରେଜମାନେ ଇଚ୍ଛାର ଏକପ୍ରକାର ବ୍ୟବସାୟ ଚଳାନ୍ତି । ସାଧାରଣ ଭିକ୍ଷୁକମାନେ ଦୈନିକ ଦୁଇଟଙ୍କା ବା ମାସିକ ୬୦ଟଙ୍କାର ଅଧିକୁ ପସନ୍ଦ କରନ୍ତି ନାହିଁ । କୋମଳହୃଦୟର ଲୋକମାନେ ବାହାରେ ଶସ୍ତାବ ଦେଖି ଭିକ୍ଷୁକ ଅର୍ଥଦାନ କରିବାକୁ ଦୟାର କାର୍ଯ୍ୟ ମନେ କରନ୍ତି ଏବଂ ସେହିମାନଙ୍କଠାରୁ ଏମାନଙ୍କ ଆୟ ଅଧିକ ହୁଏ । ମାତ୍ର ଏ ଭଳି ଦସ୍ତୁର କଷ୍ଟଳ ଦାନଦ୍ୱାରା ମନ୍ଦଫଳ ଫଳେ ଏବଂ ଅସତ୍ ପାତ୍ରରେ ଦାନଦ୍ୱାରା ଭିକ୍ଷାବୃତ୍ତିର ଉତ୍ସାହ ଦିଆଯାଏ । ପ୍ରକୃତ ଦୁଃଖୀ ବଳୁଚ ପେଟରେ ମଠାଏ ଖାଇପାରିବା କଳ ବା ସାମାନ୍ୟ ବସ୍ତ୍ରଦ୍ୱାରା ଲଜ୍ଜା ନିବାରଣ କରୁ ସବୁ ଦାନ ଉପଯୁକ୍ତ ହୋଇଥାରେ ଏବଂ ଉପଯୁକ୍ତ ଲୋକ ରଖି ସ୍ୱବସ୍ଥା ପୂର୍ବକ ଉପଯୁକ୍ତ ପାତ୍ରରେ ଯଥୋପଯୁକ୍ତ ଦାନହିଁ ପ୍ରଶସ୍ତ ଅଟେ । ଏହିହେତୁରୁ ସେ ଏଥିରେ କାହାରି ବ୍ୟୟାଧିକ୍ୟକୁ ଅନ୍ୟାୟ ମଣନ୍ତି ନାହିଁ ।-ବହୁଦର୍ଶୀ ମାର୍ଷଙ୍କ କଥାର ସାରବତ୍ତାରେ ସନ୍ଦେହ ନାହିଁ, ଦାଣ୍ଡରେ ଭିକ୍ଷା ମାଗି କୋମଳହୃଦୟର ଲୋକଙ୍କ ଠାରୁ ବହୁ ପାଇ ଯେ ଭିକାରମାନେ ବେଶି ମହାଜନୀ କରନ୍ତି ତହିଁର ଦୃଷ୍ଟାନ୍ତର ଅଭାବ ଏ ଦେଶରେ ନାହିଁ । ଏଥିର ଫଳ ସ୍ୱରୂପ ଅନେକ ବ୍ରାହ୍ମଣ ଏବଂ ଯୋଗୀ ତଥା ଅପରଲୋକ କେବଳ ଭିକ୍ଷାଉପରେ ନିର୍ଭର କରି ଅପଣାର ଜୀବନ ଆଳସ୍ୟରେ ନଷ୍ଟ କରନ୍ତି ଏବଂ ଅନେକ ସମୟରେ ଏମାନଙ୍କୁ ଦେବାଦ୍ୱାରା ପ୍ରକୃତ ଦୁଃଖୀ ଲୋକ ନ ପାଇ କଷ୍ଟରେ କାଳଯାପନ କରେ ! ଦାତବ୍ୟ ସମିତିର କାର୍ଯ୍ୟରେ ପ୍ରକୃତ ଲାଭ ଅଛୁ କାରଣ ତହିଁରେ ପ୍ରକୃତ ଦୁଃଖୀଲୋକଙ୍କୁ ଦାନ ଦିଆଯାଏ ଏବଂ ତାଙ୍କମଧ୍ୟରୁ ଯେଉଁମାନେ କର୍ମକ୍ଷମ ସେମାନଙ୍କଠାରୁ କାର୍ଯ୍ୟ ନିଆଯାଏ । ଏଥିରେ ଆଳସ୍ୟ ଦୋଷ ଏହାବେଳକେ ନିବାରିତ ହୋଇ ସମ୍ମାନରେ ଦାନ ଦେବା ବିଷୟରେ ସନ୍ଦେହ ରହେ ନାହିଁ ଏବଂ ପରିଶ୍ରମ କରାଇବାଦ୍ୱାରା ଯେମନ୍ତ ଭିକ୍ଷାପ୍ରାପ୍ତ ଲୋକର ଶରୀରର ଯଥାର୍ଥ ପୁଷ୍ଟି ହେବା ହେତୁ ଉପକାର ହୁଏ ତେମନ୍ତ ସମିତି ମଧ୍ୟ ତହିଁର ଫଳ ଲାଭ ଅଧିକ ଦାନ କରିବାକୁ ସମର୍ଥ ହେବା ହେତୁ ଉପକୃତ ହୁଏ । ଫଳତଃ ବଳୁର ପୂର୍ବକ ଦାନହିଁ ପ୍ରକୃତ ଦାନ ଏବଂ ଦ୍ୱାରେ ଭିକ୍ଷା ଦେବାଠାରୁ ସମସ୍ତଙ୍କ ଭିକ୍ଷାର୍ଥ ଏକତ୍ରିତ ହୋଇ କୌଣସି ସମିତିଦ୍ୱାରା ଦାନହିଁ ପ୍ରଶସ୍ତ ଅଟେ । କେବେ ଯେତେଥର ଦ୍ୱାରେ ଭିକ୍ଷା ନ ଦେଇ ଏକଳ ସମିତି ସ୍ଥାପନ ପ୍ରତି ଯତ୍ନବାନ୍ ହେବେ ସେତେ ମଙ୍ଗଳ ।

---

ଶସ୍ୟ ଦୁର୍ମୂଲ୍ୟ ହେବାର କାରଣ ଅନୁସନ୍ଧାନ କରିବା ସକାଶେ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଶ୍ରୀଯୁକ୍ତ ଦତ୍ତଙ୍କ ମହାଶୟ ଶୀଘ୍ର ଉତ୍କଳକୁ ଆସିବେବୋଲି ଅନୁମାନ ହୁଏ ସମ୍ପୋକ୍ତି ଉତ୍କଳଖଣ୍ଡର ପ୍ରଧାନ ଚାଉଳ, ଚିନି, ଡାଲି, କିରାସିନି, ଦୁଧ, ମାଛ ମାଂସ, ଗୁଡ଼ୀ, ମସଲା ପ୍ରଭୃତର ଦର ୧୮୬୧, ୧୮୮୧ ଓ ୧୯୦୧ ସାଲରେ କିରୂପ ଥିଲା ତାହା ଦେଖାଇ ଅଛନ୍ତି ଏ ଦେଶ ପୂର୍ବେ ବହୁକାଳଠାରୁ ଏତେ ପ୍ରକାର ଦୁର୍ଲଭ ଥିବା ହେତୁ ଦେଶଜାତ ଚାଉଳ, ଡାଲି, ଦୁଧ, ମାଛ ପ୍ରଭୃତି ଅତ୍ୟନ୍ତ ସୁଲଭ ଥିଲା । ସୁତରାଂ ପୂର୍ବକାଳର ଭାଗ ସଙ୍ଗେ ବର୍ତ୍ତମାନ ଭାଗର ଅନେକ ପାର୍ଥକ୍ୟ ପ୍ରଭେଦ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ବର୍ତ୍ତମାନ ପଦାର୍ଥର ମୂଲ୍ୟ ଅଧିକ ହେବାରୁ କୃଷକ ଶ୍ରମଜୀବୀଙ୍କ ପ୍ରାପ୍ୟ ଅବଶ୍ୟ ବଢ଼ିଥିବାର ବୋଲାଯିବ ମାତ୍ର ସେମାନଙ୍କ ଅବସ୍ଥା ଯେ ପୂର୍ବଠାରୁ ଭଲ ହୋଇଥିବାର ସବୁ ଲୋକ ଲେଖିଅଛନ୍ତି ତହିଁରେ ଅମ୍ଭେମାନେ ଐକ୍ୟ ହୋଇ ପାରୁ ନାହିଁ । ସବୁ ଉପରକୁ ଲଗା ପିନ୍ଧା ବାହାରକୁ ଦେଖାଉଥିବା ଦେଖାଇବା ଉନ୍ନତ ଅବସ୍ଥାର ପରିଚୟକ ହୁଏ ତେବେ ସହଯୋଗିଙ୍କ ଲେଖା ଅଯଥାର୍ଥ ନୁହେ । ମାତ୍ର

ତାଙ୍କ ସରଭଙ୍ଗରକୁ ସ୍ନାନ ଅବସ୍ଥାରେ ଦେଖିଲେ ଉତ୍ତମରୂପେ ବୁଝାଯିବ ଯେ ସେମାନେ ପୂର୍ବଠାରୁ ମନ୍ଦ ଖାଇ ସେମାନଙ୍କ ଶରୀରର ବାଳ ବଢ଼ୁଅଛନ୍ତି ତେଣୁ ଅଥବା ଅଳ୍ପ ଦିନର ବଳାଦିଭାବରେ ତଳେ ଦେଉଅଛନ୍ତି । ଅଣଚାଳର ବାଉଁଶ ଚୁଣ ବା ତାଙ୍କ କଳ ସୂତାରେ ବଣ୍ଟୁଣା ମୋଟଲୁଗା ଏବେ ତାଙ୍କୁ ରୁଚୁ ନାହିଁ । ସେ ଲୁଗା, ଯେମନ୍ତ ସସ୍ତା ତେମନ୍ତ ଅଧିକଦିନ ଟେକୁଥିଲା । ସୁଷମଣିଥିବା ତାଳପତ୍ର ଛତା ଧରିବାକୁ ଲଜ୍ଜା ବାରୁ ବାଉଁଶିଆ ବା ବିଲାତର କପଡ଼ାଛତା ସବୁଠି ଦେଖାଯିବ । ଗାଁରେ ଖଗବର୍ଷାରୁ ଉତ୍ତମରୂପେ ରକ୍ଷା ନ ପାଇବା ହେତୁ ଲୋକ ବହୁତ । ମାଣ୍ଡିଆ ପ୍ରାୟ ବାହାରକୁ ଯାଏ ଆଉ ହାରଣ ନଦେଶରେ ତହିଁର ଆଦର ନାହିଁ । ଡୋଲଥ ଏଣିକି ବାହାରକୁ ଅଳ୍ପ ପରିମାଣରେ ଯାଉଅଛି । ଏହି ମାଣ୍ଡିଆ, ଡୋଲଥ ସେମାନେ ଖାଇ ଧାନଗଣ୍ଡି ବା ଖୋଟ ଦିନ ଯାହା ଅର୍ଜନ୍ତି ତାହା ଚଳୁଣ ଲୁଗା, କପଡ଼ାଛତା ପୁଣି ତହିଁରପରେ ଲୁଗା ମଡ଼ାଇବା ଏବଂ ଯାହା ଆସେ ପାନ ଟାଙ୍କ ନ ଥିଲେ ଏବେ ତାହା ଖାଇ ତଦୁପରି ଅଷାଢରେ ବର୍ଷା ଝୁଲିବା ଇତ୍ୟାଦିରେ ଖର୍ଚ୍ଚହୋଇ ଯାଉଅଛି । ତେଣେ ଅକାଳର ଦିନ ହେଲେ ତାଙ୍କର ଦୁର୍ଦ୍ଦଶା କହିଲେ ନ ସରେ । ଆଗେ ଅବସ୍ଥା ଭଲ ଏବେଠାରୁ ଅଧିକ ଦିନ ଖାଉଥିଲେ ଏବଂ ଶରୀରରେ ଯେତେକ ବଳଥାଇବ ତେବେ ମାଣ୍ଡିଆ ବା ଡୋଲଥର ଅଧିକ ସେବୁଥିଲେ । ଆଗେ ଦେହ ହୃଷ୍ଟପୁଷ୍ଟ ଥିଲା ଏବେ ହାଡ଼ ହେଲେ ଗଣ୍ଡି ଗଣା ଯିବ । ମାଟି କାଠାରେ ମେଟ ତେଲ ଦେଇ ଦିଆ ହେଲେ ଯାହା ଘରର ଦିନ ଯାଉଥିଲା ଏବେ ଟିଣ ଡିବିରେ ତାହା ଅଧିକର ଜଳିତ ତେଲ ଜଳା ଯାଉଅଛି । ଏହି କିରାସିନ ଧୂଆଁ ମଧ୍ୟ ଶରୀର ପକ୍ଷେ ଅହିତକର ଏବଂ ଖାଦ୍ୟ ସଙ୍ଗେ ତହିଁରୁ ବହେ [illegible] ପେଟକୁ ଏବଂ ନାକବାଟେ ମସ୍ତିଷ୍କକୁ ଯାଉଅଛି । କୌଣସି ଠାରେ ଚଷା ପ୍ରଭୃତି ଶ୍ରମଜୀବିମାନେ ଚୁଡ଼ା ଖାଇବାକୁ ଆରମ୍ଭ କରିଅଛନ୍ତି ଚୁଡ଼ା ସୁବେଶ ପ୍ରଭୃତି ଶୀତପ୍ରଧାନ ଦେଶର ଲୋକଙ୍କପକ୍ଷେ ହିତକର ହେଲେହେଁ ଏଦେଶ ପ୍ରତି ଅନୁପଯୁକ୍ତ । ଆମ୍ଭେମାନେ ଅତିରଞ୍ଜିତ କରି କୌଣସି କଥା କହିବାକୁ କଦାପି ଇଚ୍ଛୁକ ନୋହୁଁ ମାତ୍ର ନିରପେକ୍ଷ ଭାବରେ ଚିନ୍ତା କଲେ ଏମାନଙ୍କର ସବୁ ଅବସ୍ଥା ପୂର୍ବେ ଉପର ଥିଲା ଏବେ ତଳକୁ ହୋଇଅଛି ଦେଖାଗଲେ ସ୍ପଷ୍ଟଜଣାଯିବ । ଗ୍ରାମ୍ୟ ପଶୁ ଦୁର୍ଦ୍ଦଶା ହେବାର ମୁଖ୍ୟକାରଣ ଏବଂ ଦୁସ୍ଥମ ମାତ୍ର ବଢ଼ାଇ ତାହା ଦେଖିକରି ରହିତ କରିବା ଭଲ । ଅବାନ୍ତିସ୍ତି ଏବଂ ଅରଣ୍ୟଣ୍ଣି ହେତୁ ସେତେବେଳେ ମୂଲ୍ୟ ବଢ଼ିଅଛି ତାହା ଅସ୍ୱୀକାର କରିବା ସହଜ ନୁହେଁ । ଗୋଚରି ହୋମ ଏବଂ ଶିଳ୍ପକାର୍ଯ୍ୟ ତଥା ଅମାନ ସରସ ଜଳମାନଙ୍କର ଚାଷକ ବଢ଼ାଇବାଦ୍ୱାରା ଅନେକ ପରିମାଣରେ ଏଥିର ଦାନ୍ତ ନିବାରଣ ହେବ ଏବଂ ଦେଉଅଛି । ବିଦ୍ୱାନ୍ ପାଠକମାନେ ଏଥିପ୍ରତି ମନୋନିବେଶ କରି ଦେଶ ଲୋକଙ୍କ ପ୍ରକୃତ କାର୍ଯ୍ୟରେ ଲଗାଇବାର ବାଟ କଲେ ଆମ୍ଭମାନଙ୍କ ଦୁର୍ଦ୍ଦଶା ଅନେକରେ କମିଯିବ ।

### ନବ ସମ୍ରାଟ ଓ ସାମ୍ରାଜ୍ଞୀ ।

ସମ୍ରାଟ ସପ୍ତମ ଏଡୱାର୍ଡ଼ଙ୍କ ପରଲୋକଗମନରେ ଇଂଲଣ୍ଡର ତଥା ଇଂରାଜ ସାମ୍ରାଜ୍ୟର ସିଂହାସନରେ ତାଙ୍କ ଯୋଗ୍ୟ ପୁତ୍ର ଯୁବରାଜଜର୍ଜ ମହୋଦୟ ପଞ୍ଚମ ଜର୍ଜ ଉପାଧି ଗ୍ରହଣ ପୂର୍ବକ ଆରୋହଣ କଲେ । ଷ୍ଟେଟ ସେକ୍ରେଟରୀଙ୍କ ଆଦେଶାନୁଯାୟୀ ବଙ୍ଗଳାଟ ମହୋଦୟ ଗତ ତା ୯ ରଖର ଅତିରିକ୍ତ ଗେଜେଟଦ୍ୱାରା ଏ ବିଷୟ ସର୍ବସାଧାରଣଙ୍କୁ ଜଣାଇ ଦେଇଅଛନ୍ତି । ନବ ସମ୍ରାଟଙ୍କର ସିଂହାସନ ଆରୋହଣର ଦଣ୍ଡପତ୍ର ଏବଂ ତାହାଙ୍କର ସେ ସମୟର ବକ୍ତୃତା ଓ ଘୋଷଣାପତ୍ର ଇଂରାଜୀ ସ୍ତମ୍ଭରେ ପ୍ରକାଶ କଲୁଁ ।

ଡାକ୍ତରଙ୍କ ଦ୍ୱାରା ପରେ ମୃତ ଏବଂ ମୃତ ପରେ ଦୁଃଖ ଲଗାଇ ରଖିଅଛୁ । ଶାନ୍ତି-ସେବକ ପରଦୁଃଖ-କାତର ପ୍ରଜାରଞ୍ଜନ ସପ୍ତମ ଏଡୱାର୍ଡ଼ଙ୍କୁ ହରାଇ ଆମ୍ଭେମାନେ ତାଙ୍କର ପରମାରାଧ୍ୟା ଭିକ୍ଟୋରିଆ ଦେବୀଙ୍କ ଭୁଲିଥିଲୁଁ । ତାଙ୍କ ସହକାରେ ଯେ ମଧ୍ୟ ଦେହ ତ୍ୟାଗ କଲାରୁ ଯେ ଦୁଃଖ ହେଲା ତାହା ଅଗାଧ ଅଟଇ କାରଣ ନୂତନ ସମ୍ରାଟ ନୂତନ ଆଶା ଘେନ ଆମ୍ଭମାନଙ୍କ ସମୀପରେ ଉପସ୍ଥିତ । ପିଲାଟି ଦିନ ଏହାଙ୍କ ଶିକ୍ଷକ ସାମୁଦ୍ରିକ କର୍ମମାନ କରି ସମୁଦ୍ର ଯାତ୍ରା ପ୍ରତି ଏହାଙ୍କ ମନ ପ୍ରବର୍ତ୍ତାଇ ରଖିଲେ । ଯେ ଇଂରାଜ୍ୟ ସାମୁଦ୍ରିକ ବଳରେ ପୃଥିବୀରେ ସର୍ବଶ୍ରେଷ୍ଠ ବୋଲି ପରିଚିତ ସେ ରାଜବଂଶରେ ସମୁଦ୍ର ଯାତ୍ରା କାହାଣି ପିଲାଟି ଦିନରୁ ହେବା ସ୍ୱାଭାବିକ ଏବଂ ତାହାହିଁ ପରେ ଉପକାରରେ ଲାଗିବ । ଦେଶର କାହାଣି ଏହିରୂପରେ ସୃଷ୍ଟି ହେବାହିଁ ବାଞ୍ଛନୀୟ । ଯୁବକ ନୌଚାଳ ଶିକ୍ଷା କରି ବାହାରେ ସେ ୧୮୭୯ ମସିହାରେ ବୃଟାନିଆ ଜାହାଜକୁ ଯାଇଥିଲେ । ସେଠାରେ ଶିକ୍ଷା ସଙ୍ଗେ ସଙ୍ଗୀ ବର୍ଗଙ୍କ ସହିତ ଏମନ୍ତ ମିଶି ଗଲେ ଯେ ସଙ୍ଗିମାନେ ତାଙ୍କୁ 'ପ୍ରିନ୍ସ ଜର୍ଜ' ବୋଲି ଡାକିବାକୁ ମନା କରିଲେ ସେମାନେ ପିଠି ଆଡ଼ିସି 'ହୁଆମାନ' ବୋଲି ଡାକିଲେ ଏବଂ ତହିଁରେ ତାଙ୍କର ଅଭିମାନ ଶକ୍ତ ନ ହୋଇ ଆନନ୍ଦ ବୃଦ୍ଧି ହେଲା । ସେ ଜାହାଜରେ କାର୍ଯ୍ୟ କରିତର ଗଟ୍ଟ ଜାହାଜକୁ ବଦଳ ହେଲେ । ତାହାଜମାନଙ୍କ ଶିଙ୍ଗ ବାଦ୍ୟରେ ସେ ନିପୁଣ ଥିଲେ ଏବଂ ତହିଁସଙ୍ଗେ ଦାଉବାକୁ ଭଲ ପାଉଥିଲେ । ଜ୍ୟେଷ୍ଠଭ୍ରାତାଙ୍କ ମୃତ୍ୟୁ ଉପରୁ ସେ ଯୁବରାଜ ପଦରେ ଅଭିଷିକ୍ତ ହେଲେ । ରାଜକୁମାରୀ ମେରିଙ୍କସଙ୍ଗେ ତାଙ୍କ ଜ୍ୟେଷ୍ଠ ଭ୍ରାତାଙ୍କ ବିବାହ ସମ୍ବନ୍ଧ ହୋଇଥିଲା ମାତ୍ର ସେ ଅକାଳେ କାଳ ଗ୍ରାସରେ ପତିତ ହେବାରୁ ମେରି ମହୋଦୟା ତାହାଙ୍କୁ ବିବାହ କରି ବର୍ତ୍ତମାନ ଆମ୍ଭମାନଙ୍କର ସାମ୍ରାଜ୍ଞୀ ହୋଇଅଛନ୍ତି । ଏ ମହୋଦୟା ଯଥାର୍ଥ ସୁନ୍ଦରୀ ଏବଂ ଏହାଙ୍କ କଣ୍ଠସ୍ୱର ସଙ୍ଗୀତ ସୁଲଳିତ ଏବଂ ସେ ପିଆନୋ ସହିତ ଉତ୍ତମରୂପେ ଗାଇ ଜାଣନ୍ତି । ଏହାଙ୍କୁ ଗୋ ୪ ଟି ଭଷା ଭଲରୂପେ ଜଣାଅଛି ଏବଂ ସ୍ୱଚ୍ଛଳଭାବରେ ତହିଁରେ କଥାବାର୍ତ୍ତା କରିପାରନ୍ତି । ଏପରି ଉପଯୁକ୍ତ ସହଧର୍ମିଣୀ ପାଇବା ସହଜ ନୁହେ । ନବସମ୍ରାଟଙ୍କ ପିତୃଭକ୍ତି ଓ ମାତୃସେବା ଯେମନ୍ତ ଅତୁଳନୀୟ ପ୍ରିୟାପ୍ରତି ଅନୁରାଗ ଏବଂ ପୁତ୍ରକନ୍ୟାଙ୍କ ପ୍ରତି ସ୍ନେହ ମଧ୍ୟ ତେମନ୍ତ ଅନୁପମ । ଏଥିଉପରେ ଭାରତକୁ ଆସି ସେ ଓ ତାଙ୍କ ପତ୍ନୀ ପ୍ରଜାପୁଞ୍ଜ ପ୍ରତି ଯେମନ୍ତ ସ୍ନେହ ସହାନୁଭୂତି ଦେଖାଇ ଗଲେ ତାହା ପାଠକଙ୍କ ମନରେ ଅଦ୍ୟାପି ଜାଜ୍ୱଲ୍ୟମାନ ଅଛି । ସେ ସ୍ୱୀୟ ପିତାମହ ଏବଂ ପିତାଙ୍କର ଭାରତକୁ ପ୍ରୀତିବତ୍ସଳ ଓ ସହାନୁଭୂତି ସହିତ ପାଳିବେ ଏଥିରେ ସନ୍ଦେହ ନାହିଁ । ସମ୍ରାଟ ସନ ୧୮୬୫ ସାଲ ଜୁନମାସ ତା ୩ ରିଖରେ ଜନ୍ମ ଓ ସନ ୧୮୯୩ ସାଲରେ ବିବାହ ହୋଇଥିଲେ । ତାହାଙ୍କର ପୁତ୍ର କନ୍ୟା ଗୋ ୬ ଟି ହୋଇଅଛନ୍ତି । ପ୍ରୌଢ଼ା ବୟସରେ ସିଂହାସନ ଆରୋହଣ କରିବା ହେତୁ ନ୍ୟାୟ ଓ ଧର୍ମରେ ପ୍ରଜା ପାଳିବାର ଅଧିକ ଆଶା ଦେଉଅଛି । ପରମେଶ୍ୱରଙ୍କଠାରେ ଏହାନ୍ତ ପ୍ରାର୍ଥନା ଯେ ସମ୍ରାଟ ଓ ସାମ୍ରାଜ୍ଞୀଙ୍କୁ ଦୀର୍ଘାୟୁ ଏବଂ ବଳ ପ୍ରଦାନ କରନ୍ତୁ ଓ ତାହାଙ୍କର ରାଜତ୍ୱକାଳ ନିରବଚ୍ଛିନ୍ନ ସୁଖରେ ଅତିବାହିତ ହେଉ ।

---

### Irrigation Department.
### NOTICE.

In supersession of this office notice dated the 31st December 1909, so far as the closure of Range IV B of Orissa Coast Canal is concerned, notice is hereby given, for general information, that the Range in question from Nulcool to Sulpatta will remain closed to traffic till the 15th June 1910 for silt clearance.

Balasore
12th May 1910.

Triloke Nath
Executive Engineer,
Balasore Division.

Split by PDF Splitter



# NOTICE.

## THE LATE KING-EMPEROR EDWARD VII.

A Memorial Service [ in English ] will be held in the Baptist Church, Cuttack, on Sunday, May 15th, at 6·30 P.M. Preacher—Rev. R. J. Grundy. All cordially invited

---

বিজ্ঞাপন।

চলিত মইমাস তা ২৯ রিখ রবিবার সন্ধ্যা ৭॥ টীকা সময়ে শ্রীযুক্ত বাবু গৌরীশঙ্কর রায় মহাশয়ের চৌধুরীবাজারস্থ বাসাগৃহে উড়িষ্যাস্থ দক্ষিণরাঢ়ী কায়স্থ সভার বার্ষিক অধিবেশন হইবেক। কায়স্থ মহোদয়গণের উপস্থিতি প্রার্থনা করিতেছি।

কটক ১৩-৫-১৯১০ } শ্রী অক্ষয়কুমার ঘোষ অঃ সম্পাদক

ବିଜ୍ଞାପନ ।

ଚଳିତ ମଇମାସ ତା ୨୯ ରଖ ରବିବାର ସନ୍ଧ୍ୟା ସ ୭॥ ଘଣ୍ଟା ସମୟରେ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ଚୌଧୁରୀବଜାରସ୍ଥ ବସାଗୃହରେ ଉଡ଼ିଷ୍ୟାସ୍ଥ ଦକ୍ଷିଣରାଢ଼ୀ କାୟସ୍ଥ ସଭାର ବାର୍ଷିକ ଅଧିବେଶନ ହେବ । କାୟସ୍ଥ ମହୋଦୟମାନଙ୍କର ଉପସ୍ଥିତି ପ୍ରାର୍ଥନା କରୁଅଛୁଁ ।

କଟକ ୧୩।୫।୧୯୧୦ } ଶ୍ରୀ ଅକ୍ଷୟକୁମାର ଘୋଷ ଅବୈତନିକ ସମ୍ପାଦକ

---

# ସାପ୍ତାହିକସମ୍ବାଦ ।

## ଜୁଡ଼ିସିଆଲ ଗେଜେଟ୍ ।

ଶ୍ରୀଯୁତ ଅଫିସିଏଟିଂ ଡିଭିଜନାଲ ଜାଜ ଏମ୍, ମାକ୍‌ଫର୍ଲେନ ଦରଭଙ୍ଗାର ଡିଭିଜନାଲ ଜଜ୍ ନିଯୁକ୍ତ ହେଲେ ।

ଜଷ୍ଟିସ ସିଭିଲିୟନଙ୍କ ଜାନ୍ସନ ଅର, ଏଲେଓ, ମୁଜ-ଫର ପୁରର ଡିଭିଜନାଲ ନିଯୁକ୍ତ ହେଲେ ।

ବାବୁ ନରେନ୍ଦ୍ରନାଥ ଦେ ଡବ୍ଲୁଷ୍ଟ ସବଡିଭ ୨ୟ ଶ୍ରେଣୀର ମାଜେଷ୍ଟ୍ରେଟ ପୁନର୍ନିଯୁକ୍ତ ହୋଇ ବାଲେଶ୍ୱର ନଗର ଉତ୍ତର ଶାଖାର ବେଞ୍ଚର ସଭ୍ୟ ନିଯୁକ୍ତ ହେଲେ ।

ବାବୁ ଗୋକୁଳାନନ୍ଦ ଚୌଧୁରୀ କଟକ ଜେଲଖାନାର ବେସରକାରୀ ଦର୍ଶକ ନିଯୁକ୍ତ ହେଲେ ।

ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ କଟକ ଜେଲଖାନାର ବେସରକାରୀ ଦର୍ଶକ ପୁନର୍ନିଯୁକ୍ତ ହେଲେ ଯଥା—

ଅନରେବଲ ମିଃ ମଧୁସୂଦନ ଦାସ ସି, ଆଇ, ଇ,

ବାବୁ ଜାନକୀନାଥ ବୋଷ

" ହେମେନ୍ଦ୍ରନାଥ ସିଂହ

ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ ବାଲେଶ୍ୱର ଜେଲଖାନାର ବେସରକାରୀ ଦର୍ଶକ ପୁନର୍ନିଯୁକ୍ତ ହେଲେ ଯଥା—

ରାଜା ବୈକୁଣ୍ଠନାଥ ଦେ ବାହାଦୁର

ବାବୁ ରାଧାଚରଣ ଦାସ

ମୌଲବୀ ଲୁତ୍‌ଫୁର ରହମାନ

ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ ପୁରୀ ଜେଲଖାନାର ବେସରକାରୀ ଦର୍ଶକ ନିଯୁକ୍ତ ହେଲେ ଯଥା—

ବାବୁ ବିଧୁଭୂଷଣ ବାନର୍ଜ୍ଜୀ

ରେଭରେଣ୍ଡ ଜବଲଡ଼ ଟେଲର

ବାବୁ ଘନଶ୍ୟାମ ଦାସ ପୁରୀ ଜେଲଖାନାର ବେସରକାରୀ ଦର୍ଶକ ନିଯୁକ୍ତ ହେଲେ ।

ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ ସମ୍ବଲପୁର ଜେଲଖାନାର ବେସରକାରୀ ଦର୍ଶକ ପୁନର୍ନିଯୁକ୍ତ ହୋଇଲେ ଯଥା—

ବାବୁ ଗୋପେଶ୍ୱର ନାଥ ସେନ

" ଗଜାନନ୍ଦ ମିଶ୍ର

ଗତ ତା ୯ ରଖ ଶେଷ ହେବା ସପ୍ତାହରେ ମୃତ୍ୟୁର ହାର ପ୍ରତି ହଜାରରେ କଟକରେ ଶେ ୧୩, ବାଲେଶ୍ୱର ଓ ସମ୍ବଲପୁରରେ ଶେ ୧୭, ଅନୁଗୁଳ ଶେ ୧୭୫, ଓ ପୁରୀ ଶେ ୧୮।୫, ଗଡ଼ଜାତମହଲରେ ସର୍ବୋଚ୍ଚ ହାରରେ ଓ ବାଙ୍ଗାଲାରେ ଶେ ୩୦ ଓ ୧୮ ହିସାବରେ ଶେ ୧୭

—

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଗରମ ଖୁବ ଓ ଗ୍ରୀଷ୍ମ ହୋଇଥିଲା । ବେଳେ ବେଳେ ସାମାନ୍ୟ ମେଘ ଦେଖାଯାଇ ବର୍ଷା ପାଇଲେ ଶେଷ ହୋଇଥିଲା ।

ଏଠା ହେଡ଼ିଙ୍ଗ୍‌ସାହୁ ଏଲ୍ୟ ସମ୍ବାଦାତା କ୍ରିଷ୍ଟିୟାନ ଅଣ୍ଡରସନ ସାହେବଙ୍କ ଭାଇପୋ ମୋଟରକାର ଚଳାଇ ବାଗ ଓ ଚୌଦ୍ଦଜଣଙ୍କ ଯମଣା ଡମ ଦେଖିବା ଅବସ୍ଥାରେ ଦୂର ହୋଇ ଦୁଃଖ ପାଉଛନ୍ତି ।

ମୁଣ୍ଡାଳର ଅତ୍ୟାଚାରୀ ଚପରାଶୀ ଖଜଣାଖାନାରୁ ୫୪୦୧ ଟଙ୍କା ଗୋଲମାଲ କରି ନେଇଥିବାର ଏହାପୂର୍ବେ ଲେଖିଥିଲୁଁ । ଜୋଃ ମାଃ ବାବୁ ଶଶୀଭୂଷଣ ସରକାରଙ୍କ କୋର୍ଟରେ ତାର ବିଚାରରେ ମା ୧ ସ କଠୋର ଦଣ୍ଡ ପାଇଅଛି ।

ଉଦୟପଡ଼ାର ଗୁରୁଦାସ ଗୋସ୍ୱାମୀ ପିତଳର ହାରକୁ ସୁନା ହାର କହି ପଠାଣ ଶଉକତ ଅଲି ୫ ୪୮ ଟଙ୍କାରେ ବନ୍ଧକ ରଖିଥିବା ଅପରାଧରେ ଦୋଷୀ ହୋଇ ପୁଲିସ ହେପାଜତରେ ଅଛି ।

ଗତ ମଙ୍ଗଳବାର ଷୋଳଘରା ପାଟଣାରେ ଭଲ ବର୍ଷା ଓ ଝଡ଼ପବନ ହୋଇଥିଲା । ସେଥିରେ କେତେ ଘର ଭାଙ୍ଗି ଓ ଗଛ ଭାଙ୍ଗି ପଡ଼ିଅଛି ।

ବାଲେଶ୍ୱରରେ ଓଲଉଠା ଦମନ ହୋଇ ନାହିଁ ବରଂ ବୃଦ୍ଧି ହେଉଅଛି । ଜମିଦାରମାନେ ୫ ଜଣକ ଏକ ସେପରେ ମଲେ ପଡ଼ୁଅଛନ୍ତି ; ଗତ ମଙ୍ଗଳବାରଠାରୁ ଶ୍ରୀଶୁକ୍ରବାର ପର୍ଯ୍ୟନ୍ତ ସେହି ସ୍ଥଳ ମା ୧୫ ସ ମୃତ ହୋଇଅଛି ।— ବାଃ ସଃ ବାଃ

ବାଲେଶ୍ୱରରେ ଓଲୋଉଠା ରୋଗ ବୃଦ୍ଧି ହେବାରୁ ସେଠାରେ ଅନେକ ସେଠାରେ ଲୋକ ଅନେକ କଷ୍ଟ ପାଉଅଛନ୍ତି । ରଙ୍ଗାଗୋବିନ୍ଦ ସାହେବ ଯେତେ କାଳ ବରି ଅଛନ୍ତି ତାହା କେବଳ କାଠଗଡ଼ା ପ୍ରତ୍ୟାଶା ଉପାୟ କାର୍ଯ୍ୟ ହେଉଅଛି । ସହର ଦୁଇଟି ଭାଗ କରି ଚିକିତ୍ସାଳୟ ସ୍ଥାପିତ ହୋଇ ରୋଗୀ ଓ ସେବିକାଙ୍କ ସୁବିଧାରେ ବରଂ ପାଇବାର ସୁବିଧା ହୋଇଅଛି ।—ସଂ ପ୍ରଃ

କେନ୍ଦ୍ରାପଡ଼ା ମିଉନିସିପାଲିଟିର ବର୍ଷରେ ଗୋଟିଏ ମିଉନିସିପାଲ ହାଟ ବସିବା ଜାଗା ରେଭେନ୍ସାରେ ପ୍ରାୟ କେତେକ ଜେଷିମେଲ ଜମି ଖରିଦ ହେବାର ହେବ କଲେକ୍ଟର ସାହେବଙ୍କ ଗେଜେଟରେ ବାହାରିଅଛି ।

ସମ୍ବଲପୁରଠାରୁ ଦକ୍ଷିଣ ସମ୍ବଲପୁରର ବରଗଡ଼ ମୌଜାରେ ମୁସଲମାନ ସମ୍ପ୍ରଦାୟ ସନ ୧୮୭୨ ସାଲରେ ଅ ୧୩ ଜଣ ୭୪ ଧାର ଜାତି ହେବାର ବନ୍ଦୋବସ୍ତ ମଞ୍ଜୁର ହୋଇଅଛନ୍ତି ।

ଭାଲଡେରା ରୋଗାକ୍ରାନ୍ତ ବଳଦେବେଶ୍ୱର ଗ୍ରାମରୁ ଗତ ଦେଢ଼ମାସ ହେବ ସେଠାରୁ ଯେଉଁ ସ୍ଥାନକୁ ଯାତ୍ରୀ ଗଲେ ତାଙ୍କୁ ଓଲାଉଠା ରୋଗ ଲୋକମାନଙ୍କ ମଧ୍ୟରେ ହେଉଅଛି ।—ସଂ ବାଃ

ଭାଲଡେରା ବେଲିଆମ୍ବା ମୌଜା ପ୍ରାନ୍ତରେ ହେମ୍ବା-ଯ ଗାର ସାନ୍ତୀ ସମ୍ପ୍ରଦାୟ ବସନ୍ତି । ସେଠାରେ କରଣ କଟାଉ ଅଛନ୍ତି ସେ ମୌଜାର, ସରକାରଙ୍କ ଜମିଦାରୀରେ ଏଠି ଗୋଟିଏ ବଡ଼ ପୁରୁଣା ପୋଖରୀ ଦେଇ ଜଳଯୋଗାଣର ଅଭାବ ଦୂର କରୁଅଛନ୍ତି । ଏହାଙ୍କ ଏହି ଧର୍ମକାର୍ଯ୍ୟ ଅନୁକରଣୀୟ ।—ସଂ ବାଃ

ଏହି ଅଞ୍ଚଳର ସର୍ବସାଧାରଣ ପାଇବାର ହେତୁ ଦର୍ଶନୀୟ ସଭାରେ କଟକରେ ଗଲା ନବେଶ୍ୱରଙ୍କ ପ୍ରତି ମେଡିକାଲ ପୁରୁଷ ମାନଙ୍କୁ ସଦେଶ ପ୍ରେମର ଦେଉଅଛନ୍ତି ।

## ପୁରୀ-ସମ୍ବାଦ ।

ସମ୍ବଲପୁରର ପରେ ଏମାନେ ସମ୍ପନ୍ନ ଏଡ଼ୱାର୍ଡଙ୍କର ଦେହାନ୍ତର ସମ୍ବାଦ ଗତ ତା ୭ ରଖ ଅପରାହ୍ନରେ ସହର ଏଠାରେ ପ୍ରଚାରିତ ହେବାରୁ ସାଧାରଣ ପ୍ରମିତ ଓ ସେ ଦରବାରରେ ମୃତ ସମ୍ରାଟଙ୍କ ଆତ୍ମାର ସଦ୍‌ଗତି କାମନା ଏବଂ ସକଳ ସମ୍ପଦବାରବର୍ଗର ଶୋକାପନୋଦନାର୍ଥ ଶ୍ରୀ ଜଗନ୍ନାଥ ଦେବଙ୍କଠାରେ ପ୍ରାର୍ଥନା କରାଗଲେ । ମାନନୀୟ ମାଜେଷ୍ଟ୍ରେଟ ସାହେବଙ୍କ ଆଦେଶରେ ସରକାରୀ କାର୍ଯ୍ୟାଳୟମାନ ଗତ ସୋମବାର ବନ୍ଦ ରହିଥିଲା । ପ୍ରଧାନ କର୍ମଚାରୀମାନେ ଶୋକଚିହ୍ନ ଧାରଣ କରୁଅଛନ୍ତି ।

ଗତ ମାସ ପରସ୍ପର ପ୍ରତି ଦିନ ପ୍ରାୟ ୧ ° ଘଣ୍ଟାରେ ମୁଦ୍ରାଣ ଦଣ୍ଡ ଧରଣରେ ଅନୁଷ୍ଠାନରୁ ସୂତ୍ରଧାରପଥେ ଲେଖା-ଯାଇ ୧ ୪ ଘଣ୍ଟା ପରେ ପହଞ୍ଚା ହେଉଅଛି , ଏଥର ଉତ୍ପନ୍ନ ସ୍ଥାନରୀର ସମ୍ପୂର୍ଣ୍ଣ ଲେଖାପୁସ୍ତ ଦିନ୍ୟ ବୃଦ୍ଧି ହେଉଅଛି । ଏ ମନ୍ଦିରର ଦଶାସ ଏହା ପୂର୍ଣ୍ଣିମା ହେବ ।

ଶ୍ରୀମତୀ ମହାରାଣୀ ଅନ୍ନପୂର୍ଣ୍ଣା ଦାସିଙ୍କ ଚରଣୀବନ୍ଦ ସ୍ମର-ଣବ୍ୟାପାରର ଶ୍ରୀମନ୍ଦିର ଦର୍ଶନାର୍ଥ ଗମନ କରିବାକୁ "ଗତ ସେ" କହନ୍ତି । ଅଟ୍ଟବରେ ଚନ୍ଦନ ପତଣରେ ହେଉ ନ ଥିଲା । ଏ ଶେଷତଃ ଆମମାନଙ୍କ ମାନନୀୟ ମହାରାଣୀ ମହୋଦୟା ଅନେକ ଥର ଦର୍ଶନ କରି ନ ଥିବାରୁ ତାହାଙ୍କର ଅନୁଗ୍ରହାଦେଶଯୋଗୁଁ ଗତ ତା ୬ ରଖ ସୋମବାର ଦର୍ଶନରେ ହୋଇଥିଲା । ଦ୍ୱାରାନ୍ତରୁ ବେତ୍ରଧର ଗତିମାନ ଶୀଘ୍ର ସଜ୍ଜିତ ହୋଇ "ହୋଷ" ଅର୍ଥାତ୍ ମନ୍ଦିର ନିର୍ଜନ ହେବା ପରେ ଅପରାହ୍ନରେ ମହାରାଣୀ ଏବ ପରିବାରବର୍ଗ ଦର୍ଶନାର୍ଥ ଗମନ କରିଥିଲେ । ପୂର୍ବର ୧୫।୨୦ ବର୍ଷ ପୂର୍ବରୁ ଶୁଣି ନଥିଲୁ । ଏହି ଶ୍ରୀମନ୍ଦିର ରାଜବେଶ ବା ସୁନାବେଶ ହୋଇଥିଲା ।

ଅତ ଅକ୍ଷୟତୃତୀୟାଠାରୁ ଶ୍ରୀଚନ୍ଦନର ଚନ୍ଦନଯାତ୍ରା ଆରମ୍ଭ ହୋଇଅଛି । ଦ ୭ ଓଡ଼ିଶା ମେଲେରିଆରୁ ଅତିରିକ୍ତ ଚନ୍ଦନଯାତ୍ରାର ଯୋଗେ କଟିକି ହେଉ ଅଛି ଏବଂ ମଧ୍ୟ ଏଥିପାଇଁ ହେଉଥିବାରୁ କାର୍ଯ୍ୟଟି ଗାଡ଼ା ପର୍ଯ୍ୟନ୍ତ ସମସ୍ତ ଗ୍ରହଣ ହୋଇଅଛି । ମୃତ ଓ ଜଳନ୍ତର ମୁକ୍ତି ଓ ଅନ୍ତଃକୃତ ହୋଇଅଛି କରୁ ପ୍ରଧାନ କାର୍ଯ୍ୟ ସୁସ୍ଥାପନ କରିବାର ଏ ପର୍ଯ୍ୟନ୍ତ ହୋଇପାରି ନାହିଁ ।

ପୂର୍ବପଶ୍ଚିମ ଭୂପାଟିକୁ ମହାନ୍ତ ଝରଣା ଉପର ଓ ଦିଶ ନେଇ ରେଲୱେ ୬ ଦିନ ଅବସାନ କରିବା ଅବସ୍ଥାରେ ବାବୁ ଚଇତନ୍ୟ ଦାସ ଡେପୁଟୀ ମାଜେଷ୍ଟ୍ରେଟ ଦେଖରେ ଚିଲମାସ ଜାମିନ ଏବଂ ୫ ୩୦ (ଜା ଅର୍ଥଦଣ୍ଡ ପାଇଅଛି ।

ଏହି ସହରରେ ଅନ୍ୟ ଜ ଷ୍ଟେସନରୁ ଜାହାଜଗୁଡ଼ିକ ଦି ବନ୍ଦରରୁ ମିଳୁଅଛି । ବହୁ ମୂଲ୍ୟ ଟଙ୍କା ହୋଇ ହୋଇଅଛି ।

ଗତ ସପ୍ତାହରେ ଅତି ଗାଢ଼ ଏକ ଅଳ୍ପ ବୃଷ୍ଟି ହୋଇ-ଥିଲା ବରୁ ମଫସଲର ଅନେକ ସ୍ଥାନରେ ଜଳାଭାବଯୋଗୁଁ ଏପର୍ଯ୍ୟନ୍ତ କୃଷିକାର୍ଯ୍ୟ ହୋଇପାରୁ ନାହିଁ । ଉଦ୍ଭିଦ ଗଛ ହେଉଅଛି ମାତ୍ର ପ୍ରବଳ ପବନଯୋଗୁଁ ସ୍ଥାୟୀ ପ୍ରସରତା ନାହିଁ ।

Digitized by srujanika@gmail.com